# ଅଭୁଲା ଅତୀତ

[illegible]
ପ.ଠାଗାର
ସଂ ... 73635
ତା ... 18.2.76

ଶ୍ରୀ କୈଳାସଚନ୍ଦ୍ର ସାହୁ

: ପ୍ରକାଶକ :
ଧର୍ମଗ୍ରନ୍ଥ ଷ୍ଟୋର
ଅଲିଶା ବଜାର, କଟକ-୨
ଫୋନ ନମ୍ବର—୨୪୨୯୨

ଲୁଘାସୂନେ—

ଲେଖକ ଶ୍ରୀ କୈଳାସଚନ୍ଦ୍ର ସାହୁ
ସା: ପୋ: ଶୈଳଙ୍ଗ
ଜି. କେନ୍ଦୁଝର

ପ୍ରକାଶକ—ଧର୍ମଗ୍ରନ୍ଥ ଷ୍ଟୋର
ପ୍ରୋପାଇଟର ଶ୍ରୀ ବିଦ୍ୟାଧର ସାହୁ
ଅଲିଶାବଜାର, କଟକ-୨
ଫୋନ ନମ୍ବର-୨୪୭୯୬

ପ୍ରଥମ ମୁଦ୍ରଣ
ସନ୍-୧୯୭୬

ମୁଦ୍ରାକର—ଶ୍ରୀ ବ୍ରଜେନ୍ଦ୍ରନନ୍ଦନ ବିଶ୍ୱାଳ
ଶ୍ରୀ ଗୋବିନ୍ଦ ପ୍ରେସ
ତୁଳସୀପୁର, କଟକ-୭୫୩୦୦

ମୂଲ୍ୟ—ଦୁଇ ଟଙ୍କା ପଚାଶ ପଇସା

# ଉତ୍ସର୍ଗ

ପୂଜ୍ୟାସ୍ପଦ ବୁଢ଼ାବାପା ଶ୍ରୀ କାହ୍ନୁଚରଣ ସାହୁଙ୍କ

କରକମଳେଷୁ ।

ବୁଢ଼ାବାପା !

ଜୀବନର ମିଆଦ ପୂରି ଆସିଲା । ସଂସାରର ସୁଆଦ ବୁଝି ସାରିଛ । ଆଉ ବା କେତେଦିନ ? ଚର୍ମ ତ ଚେମିଣିଆ ପରି, ହାଡ଼ ହେଲଣି ଦଣି । ହେଲେ ସଂସାର କ୍ଷେତ୍ରରେ ତୁମେ ଅନେକ ଠକିଛ, ଆଉ ଶିଖିଛ ମଧ୍ୟ । ତେଣୁ ତୁମର ଅନୁରୂପରେ ଗଢ଼ି ଆଣିଲ ବାପା ଓ ଦାଦାମାନଙ୍କୁ । କିନ୍ତୁ ମୁଁ ...?

ପାରିଲି ନାହିଁ, ତୁମର ନୀତି ଓ ଆଦର୍ଶକୁ ରକ୍ଷା କରି । ଅନେକ ଠକି ମଧ୍ୟ ଶିଖି ପାରିଲି ନାହିଁ । ତୁମଙ୍କୁ ସୁଖ ବଦଳରେ ନିରାଶ କରିଛି । ମୁଁ ବା କଣ କରିପାରେ ? "ପ୍ରାଣୀ କମିଶ୍ଚ ମାସ୍, ଭଗବାନ ନ ଦେଲେ ତୃଣ ଗଛଟିଏ ବି ପ୍ରାଣୀ ଛିନ୍ନ କରି ନ ପାରେ ।"

ହେଲେ ତୋତେ ଠିକ ନାତି ଉପରେ ବିଶ୍ୱାସ ରଖି ଭବିଷ୍ୟତ ସୁଖ ଦେଖିବାକୁ ଅନେକ ସ୍ୱପ୍ନ, ସୁହାଗରେ ଏତିକିରୁ ଏତିକିଏ କରିଥିଲ, ସେ ସୁଖ ଦେଖିପାରିବା ତୁମ ଭାଗ୍ୟରେ ବୋଧେ ଜୁଟୁ ନାହିଁ । ଜାଣେନା ଜୀବନଟା କଣ ହେବ ? ଜୀବନର ମିଆଦ ପୂରି ନାହିଁ ସତ; କିନ୍ତୁ ସୁଆଦ ନାହିଁ । ଆଉ କେତେଦିନ ବା ଏସବୁ ସହିତ ଯୁଦ୍ଧ କରି ଯନ୍ତ୍ରଣାରେ ପଡ଼ି ରହିବ ? ସବୁ ତ ସରିଛି । ଅପେକ୍ଷା ଖାଲି ଗାଡ଼ିକୁ । ତେଣୁ ଏଇ ଶେଷ ସମୟକୁ ହତଭାଗା ଏଇ ତୁମର ହାତରେ ଟେକି ଦେଉଛି ତା ଖଣ୍ଡିଆ ଜୀବନର "ଅଜ୍ଞାତ ଅତୀତ"କୁ ଶେଷ ଆଶୀର୍ବାଦ ଆଶାରେ । ଇତି ।

ତୁମର ଠିକ ନାତି

[illegible]

# ମୋ କଥା

## 'ମା' ଭରସା

ଆଧୁନିକ ସଭ୍ୟ ସମାଜଠାରୁ ମୁଁ ଅନେକ ଦୂରରେ । ଶିକ୍ଷା କରିବାର ଇଚ୍ଛା ଥିଲେ ସୁଦ୍ଧା ଉପାୟ ନଥିଲା । ବାପାଙ୍କର ଉଦ୍ଦେଶ୍ୟ ଥିଲା, ମୋତେ ସେ ତାଙ୍କର ପରି ଜଣେ ସଫୋଟ ବ୍ୟବସାୟୀ କରିବେ । ଏଣୁ ଅଳ୍ପ ବୟସରୁ ମୋତେ ପାଠୁଆ ବଦଳରେ ଧାନ୍ଦୁଆ ହେବାକୁ ପଡ଼ିଲା । ମୋତେ ଗୋଟିଏ ଦୁଃଖ ଓ ଦାରିଦ୍ର୍ୟର ଗଢ଼ ତୋଳିବା ଥିଲା ଭଗବାନଙ୍କର ଆଶୀର୍ବାଦ ।

"ଈଶ୍ୱରଙ୍କ ଇଚ୍ଛା ବନ୍ଧୁଘରେ ବା ହାତ କାହାର ?" ଘଟଣାର ପରିବର୍ତ୍ତନରେ ଦାରିଦ୍ର୍ୟ ମୋତେ ଜାବୁଡ଼ି ଧରିଲା । ଯେତେବେଳେ ଛତ୍ର ହୋଇ ବିଭିନ୍ନ ସ୍ଥାନରେ ଘୂରି ବୁଲେ । ଭୋକରେ ପେଟ ପୂରେ ଭୋକ ମରେନା । ଯେତେବେଳେ ଆଖି ଫଟାଇ ଆସେ ଲୁହ, ଠିକ୍ ସେତିକବେଳେ ବୁକୁ ଫଟାଇ ଆସେ କଥା । ଇଚ୍ଛା ହୁଏ ସାହିତ୍ୟ ଲେଖିବାକୁ । ଲେଖି ବସେ । ଆନନ୍ଦ ଆସେ ମନରେ । ପୁଣି ଉଠେ ଭୋକିଲା ପେଟଟା । ନିଭିଯାଏ ବୁଜୁଳା ! ସତେ ଉପରର ସାହିତ୍ୟ ଲେଖିବା ପାଇଁ କେଉଁ ଅଜଣା ଦେବତା ମୋତେ ଏହି କଲମଟି ଧରାଇ ଦେଇଛନ୍ତି ।

—ଲେଖକ

# କୃତଜ୍ଞତା

ଆଜି ଯେଉଁ ମହତ ବ୍ୟକ୍ତିମାନଙ୍କର ସାହାଯ୍ୟ ଓ ଉତ୍ସାହ ପ୍ରଦାନରେ "ଅମୂଲ୍ୟ ଅଙ୍ଗ"ଟି ଲୋକଲୋଚନକୁ ଆସିପାରିଛି ଆଉ ଯେଉଁମାନେ ମୋତେ ଟଙ୍କାରୁ ପଇସାଟିଏ ପର୍ଯ୍ୟନ୍ତ ସାହାଯ୍ୟ କରିଛନ୍ତି, ବିଶେଷତ ଶ୍ରୀ ବିଦ୍ୟାଧର ସାହୁ ପ୍ରୋପ୍ରାଇଟର, ଧର୍ମଗ୍ରନ୍ଥ ଷ୍ଟୋରଙ୍କଠାରେ ମୁଁ ବିଶେଷ କୃତଜ୍ଞତା ଜଣାଉଛି । ଆଜି ମୁଁ ମନ ଖୋଲି ହସୁନାହିଁ, ଆଖି ମଳି କାନ୍ଦୁଛି ମଧ୍ୟ । ହାଇରେ ଅଭାବ ବୁଦ୍ଧିହୀ ଅଭ୍ରାନ୍ତ ମାନବକୁ ଚେତନା ଦେଉ । ତୁ ମାନବକୁ ବିବ୍ରତ କରୁ ପଛ, କିନ୍ତୁ ବିଧ୍ୱାନ୍ତ କରି ପାରୁନା । ତୁ ମାନବ ଜୀବନକୁ ଜଟିଳ କରୁ, କିନ୍ତୁ ଗରଳ ଦେଇ ପାରୁନା । ତୁ ମଧ୍ୟ ତ ମାନବକୁ ସରଳ କରୁ କିନ୍ତୁ ତରଳାଇ ପାରୁନା ।

ଶ୍ରୀ କୈଳାସଚନ୍ଦ୍ର ସାହୁ
ଗ୍ରା: ପୋ: ଅ. ଶୈଳଙ୍ଗ
ଜି: କେନ୍ଦୁଝର

ସତେ ଉତ୍କଳ ସଂଘ, ସକ
ପାଠାଗାର
ନଂ ....................
ତା ....................

# ଆଶୀର୍ବାଦ

ଆରେ,

ଭଗୁ, ଭଜୁ, ମଦନ

ବଡ଼ଭାଇ ହିସାବରେ ତୁମେମାନେ ମୋତେ ଯେତେ ଭକ୍ତି କର, ମୁଁ ତୁମକୁ ସେତିକି ସ୍ନେହ ଦେଇ ପାରେନାହିଁ । ବିଧାତା ଶିଶୁବେଳୁ ଆମମାନଙ୍କୁ ଅନେକ ସୁଖ, ସମ୍ପଦରୁ ବଞ୍ଚିତ ହେବାକୁ ଦେଇଛି । ଆହୁରି କେତେ ସୁଖରୁ ବଞ୍ଚିତ ହେବା କଥା କହିହେଉନାହିଁ । ତଥାପି ତୁମେମାନେ ଭାଙ୍ଗି ନ ପଡ଼ି ମୁଣ୍ଡ ଝୋଲ ଭୁଣ୍ଡରେ ଦେଇ ବାପାଙ୍କୁ ଯଥାଶକ୍ତି ସାହାଯ୍ୟ କର ବୋଲି । ହଁ, "ଜନ୍ମ ଓ ଧନ ନୁହେଁ, ଜ୍ଞାନହିଁ ଆତ୍ମାର ସ୍ୱରୂପ ପ୍ରକାଶ କରେ । ତୁମେମାନେ ଦୁଃଖରେ ଭାଙ୍ଗି ନ ପଡ଼, ଜୀବନରେ ବଡ଼ ଆଶା ନ କର, ଭଲ ହେବାକୁ ଚେଷ୍ଟା କର । ଏ ଦୁନିଆରେ ଆମେ ବଡ଼ ନ ହେଲେ ବି ଆମଠାରୁ ଶ୍ରେଷ୍ଠ ଲୋକ ଅନେକ ଅଛନ୍ତି । "ପ୍ରତ୍ୟେକ ବଡ଼ଲୋକ ଯେ ଭଲ, ତାହା କୁହା ହେବନାହିଁ, କିନ୍ତୁ ପ୍ରତ୍ୟେକ ଭଲ ଲୋକ ହେଉଛନ୍ତି ବଡ଼ ଓ ପୂଜ୍ୟ ।" ଭଲ ଓ ଭଦ୍ର ହେବାକୁ ତ ପଇସା ଲାଗିବ ନାହିଁ । ତେଣୁ ମୁଁ ଆଶୀର୍ବାଦ କରୁଛି ଏ ଦୁନିଆ ବଗିଚାରେ ତୁମେମାନେ ଫୁଲପରି ଫୁଟିଉଠ, କିନ୍ତୁ ମୋଉଳି ପଡ଼ନାହିଁ ।

— ବଡ଼ଭାଇ

ଫଟେଡ ଭଲ୍ଲ ସଂଘ, ସବଲ
ପାଠାଗାର
ନଂ ...୮୨୬୨୫......
ତା ...୧୫.୨.୭୫.....

ସନ୍ଧ୍ୟାର ସ୍ନିଗ୍ଧ ପରିବେଶ ମଧ୍ୟରେ ଆତ୍ମଗୋପନ କରୁଥିଲା ଧରିତ୍ରୀ ବର୍ଣ୍ଣା । ଜ୍ୟୋସ୍ନାଭରା ନୀଳ ଆକାଶର ମୁକୁଳା ବୁକୁରେ ଆଖି ମାରୁଥିଲେ କେଇପୁଞ୍ଜା ତାରା । ଭାସି ବୁଲୁଥିଲେ ଖଣ୍ଡେ ଖଣ୍ଡେ ବାଦଲ । ଫୁଟନ୍ତା କେତକୀର ମଦଭରସ ବାସ୍ନା ଗୋଟେ ବୁଲୁଥିଲେ ଜହ୍ନ ମଉଳ ପରେ । ଶାନ୍ତ ବୃକ୍ଷର ପ୍ରଶାନ୍ତ ଶାଖା, ଦୋଳାଉ ଥିଲେ ପ୍ରାକୃତିକ ଘଣ୍ଟା । ଆନ୍ଦୋଳନ କରୁଥିଲେ ପଲ୍ଲବ ସମୂହ । ନମିତ ଶାଖ, କୃଷ୍ଣ ପକ୍ଷର ଦ୍ୱିତୀୟା ରାତ୍ରି । ପ୍ରଭାତ ଉଷାକାଳ ଆଘ୍ରାଣ ଭେଦକରି ଉଙ୍କି ମାରୁଥିଲେ ଚଞ୍ଚଳ ଶଶୀ । ଅପସର ଯାଉଥିଲା ଯବନିକା । ମୃଦୁବାତ ବହୁଥିଲା ବସନ୍ତ ବାଉଳ ।

ବାତାୟନ ପାଖରେ ବସି ଭାବୁଥିଲା ସୁରେଶ । ଅବସାଦ ଶରୀରଟାକୁ ବିଛଣା ଦେଇଥିଲା ସ୍ପନ୍ଦନମୟ ଦେହ ଖୋଲି ଉପରେ ବହି ଯାଉଥିଲା ଉଦ୍ବେଗ ମଧ୍ୟରେ । ହାଲୁକା ମନଟା ଢୋଳେଇ ଆସିଥିଲା ଉଜାଣି ଭଳି ଚିନ୍ତାରେ......

ତରୁଣ ସେ ଧର୍ମ ବୁଝେ ନାହିଁ । ନୈରାଶ୍ୟର ଶାନ୍ତ ଛାଇତଳରେ ସୁଖର ସ୍ୱପ୍ନ ସ୍ପର୍ଶ କରିବାକୁ ଆସିଥିଲା । ବୁଡ଼ି ରହିଲା ଅତୃପ୍ତି ଭାବନା ମଧ୍ୟରେ । ଉପାୟ ନାହିଁ । ଶାନ୍ତନାରୁ ବା ମିଳୁଛି କଅଣ ? ତଥାପି ସେ ଭାବୁଥିଲା—

ଦୁଃଖ, ନୈରାଶ୍ୟ, ଲାଞ୍ଛନା, ନିର୍ଯ୍ୟାତନା ମଧ୍ୟରେ କଷେଇକ ବଞ୍ଚି ରହିବା ଅପେକ୍ଷା ଦୁଃଖ, ଆତ୍ମ ଶାନ୍ତିରେ ଗୋଟିଏ ମୁଦ୍ରା ଭୁଇଁ ବସି ରହିବା ଶତ ଗୁଣରେ ଭଲ । ଦୁଃଖ ଆଉ ନୈରାଶ୍ୟ ମନୁଷ୍ୟର କର୍ମମୟ ଜୀବନରେ ଠିକ ଚୋଟ ଉପରେ ମଳିତା ଘଷା ପରି । ଏପରି ଗୁରୁ ବୋଝ ବହନ କରି ମନୁଷ୍ୟ ଦୁନିଆ ରଙ୍ଗ ମଞ୍ଚରେ ଅଭିନୟ କରିବାକୁ ବୁଝେଁନା ।

ତେବେ ସେ ଚାହେଁ କଣ ?

ଭୋଗ ଆଉ ବିଳାସ ।

ଭୋଗ ଆଉ ବିଳାସର ନେସୁରା ତାଳରେ, ତାଳ ମିଳାଇ ଦୁନିଆଟାକୁ ବଦାପୁ ଉଅନ୍ତା ଝୁଲା ଝୁଲ । କିନ୍ତୁ ମୂର୍ଖ ମନୁଷ୍ୟ ସୀମା ଭିତରେ ବାନ୍ଧି ସେ ଦୁନିଆ ଦାଣ୍ଡର ଅଧୀନ । ଭୋଗ, ଆଉ ବିଳାସରେ ମାତି ହୁଏ ବାଟ ବଣା । ସେ ବୁଝେନା ଯେ ଭୋଗ ଆଉ ବିଳାସ କେବଳ, ଅକର୍ମ ଓ ନର୍କ । ଏହା ମାନବ ଧର୍ମର ବାସ୍ତବତାକୁ ହରଣ କରି ମନୁଷ୍ୟକୁ ଟାଣି ନଏ, ନରକ ଆଡ଼କୁ । ବାସ୍ତବରେ ଦୋଷ ମନୁଷ୍ୟ, ଅନ୍ଧକାର ନରକ ପଥ ଭୁଲେ ମୁଁ ପାଉଛି ନରକ ଜୀବନର ପାଶ୍ଚାତାପ । ସବୁରେ ମନୁଷ୍ୟ···

ଅଛୁ ! ସଂସାର ତ୍ୟାଗୀ ସନ୍ନ୍ୟାସୀ ହେବେ ?

ସନ୍ନ୍ୟାସୀ ଧର୍ମରେ ମନୁଷ୍ୟର ପୂର୍ଣ୍ଣାଙ୍ଗ ବାସ୍ତବତା ନାହିଁ ।

ତାହେଲେ କଣ ସାର୍ଥକ ହେବ ? ନା···, ତା'ବି ନୁହେଁ ।

ସେ ଭାବେ କହନ୍ତି, ଗୃହସ୍ଥ ଧର୍ମହିଁ ଶ୍ରେଷ୍ଠ ଧର୍ମ । ଆଦୁରି ମଧ୍ୟ କହନ୍ତି—

# ଅଭୁଲ ଅତୀତ

"ଗୃହସ୍ଥ ଧର୍ମ କ୍ଷି ସାର ସଂସାର ମଧ୍ୟରେ,
ଗୃହସ୍ଥରେ ସାର ଯେହୁଁ ବ୍ରହ୍ମଚର୍ଯ୍ୟ କରେ"

ତେବେ ମନୁଷ୍ୟର ଜନ୍ମ ?
ଈଶ୍ୱରଙ୍କର ଆଶୀର୍ବାଦ, ନା ଅଭିଶାପ ?
ଜଗନ୍ନାଥ ଦାସଙ୍କ ଭାଗବତ ପଦ କଣ ମିଥ୍ୟା ?

ପୂର୍ବ ଜନ୍ମର କର୍ମଫଳେ ।
ମନୁଷ୍ୟ ଜନ୍ମ ମିଳେ ଭଲେ ।

ନା, ତା ହୋଇ ପାରେନା । ପୂର୍ବଜନ୍ମର ଅଶେଷ ସାଧନାର ପ୍ରତିଫଳ ମନୁଷ୍ୟର ଜନ୍ମ । ପ୍ରାଣୀ ମହାପୁଣ୍ୟର ଫଳ ନେଇ ମନୁଷ୍ୟ ରୂପ ଧରେ କେବଳ ନରକରେ ଝାସ ଦେବାକୁ । ତାପରେ ଚରମ ଦାଖଲ କରିବାକୁ କାହିଁ ? ସୁଖର ସ୍ୱପନ ସ୍ୱର୍ଗ ତ ସେଇଁଠି ଦେଖା ଯାଉନାହିଁ ।

ତେବେ ମୁଁ ?
ମୁଁ ତ ଗୋଟିଏ ରକ୍ତ ମାଂସ ଗଢ଼ା ପିତୁଳା ?
ମୁଁ କଣ କରିବ ?

ଦୁଶ୍ଚିନ୍ତା ପରେ ଦୁଶ୍ଚିନ୍ତା କମ୍ପାଘାତ କରୁଥିଲା ମାନସପଟରେ [illegible]ଚାଶିପା ଆସି ଯୋଗାଉଥିଲା ଦୁର୍ବିପାକ ଦେଇ ନକୁ ଭରେ । [illegible] [illegible]ାହିଁ କାହିଁ ଉତ୍ତର । ସମାଧାନ ହେଉ ନାହିଁ ସମସ୍ୟା । [illegible] [illegible]ଲକାରୀ ମଧ୍ୟରେ, ଦୁର୍ଗନ୍ଧ ବିଛଣା ଟେବୁଲ ଉପରକୁ । [illegible] [illegible]ଚାହାଁଏ ଛାତ । ତାହାର ଠିକଣାରେ ଉଠାଇନେଇ, [illegible] [illegible]ହିଁ ଦେଖିଲ, ଭବମା ପଠାଇଥିଲା, ସେଇଁ ଅବାଦ [illegible] ।

ଯେତେବେଳେ ସେ ଜାଣି ନଥିଲା ଭଲ ପାଇବାର ଜଣାଟା କଣ ? ତାହାର ମଧ୍ୟରେ ପୁଣି ଲୁଚି ରହିଛି ଏତେ ଗୋପନୀୟତା ?

ପ୍ରଥମେ ଉତ୍ତମା ସୁରେଶ ଭାଇଙ୍କୁ ଏଇ ପତ୍ର ଖଣ୍ଡିଏ ଦେଇ ଅନୁରୋଧ କରିଥିଲା ଖଣ୍ଡେ ପତ୍ର ଦେବାକୁ । ତା ପରେ ଅନେକ ପତ୍ର ସୁରେଶ ପଠାଇଛି ଉତ୍ତମା ଭାଇଙ୍କୁ, ପାଇଛି ମଧ୍ୟ; ତଥାପି ଏହି ପତ୍ର ଖଣ୍ଡିକ ତାକୁ ଅତି ଆନନ୍ଦ ଦେଇଛି କାରଣ ଏହି ପତ୍ର ଖଣ୍ଡିକ ତାର ଶୁଷ୍କ ହୃଦୟରେ ଉନ୍ମାଦନାର ସୃଷ୍ଟି କରିବା ସଙ୍ଗେ ସଙ୍ଗେ ତାକୁ ଜାଣି ଦେଇଥିଲା ଭଲ ପାଇବାର ଗୋପନୀୟତା ଆଡ଼କୁ, ବାସ୍ତବରେ ଭଲ ପାଇବା ମଧ୍ୟରେ ପୁଣି ଏତେ ଆନନ୍ଦ ।

ଅବସାଦ ମନରେ ଅବସାଦର ଅଣାହଣ୍ଡି ଭରି ସେହି ଅତୀତ କାଳର ଅପନ୍ତ ଚରିତ୍ରକୁ ପୁନରାବୃତ୍ତି କରି ସୁରେଶ ଲେଖିଥିଲା—

ଆଦରର ... ...

ମୁଁ ଯେତେବେଳେ ପ୍ରେମର ପିଚ୍ଛିଳ ପାହାଚରେ ପଦାର୍ପଣ କଲି, ମୋତେ ଏକ, ଦୁଇ, ତିନି ତେରଟି ବସନ୍ତର ପରଶ ପାଇଥିଲି ମୁକୁଳା ଅନୁଭବରେ । ପଢୁଥିଲି ସପ୍ତମ ଶ୍ରେଣୀରେ । ଅନେକ ସହପାଠିଙ୍କ ମଧ୍ୟରୁ ବାଛି ନେଇଥିଲି ବୁଲୁ ଗାମର ଛବିକୁ । ସେ ଥିଲେ ମୋର ଅନ୍ତରଙ୍ଗ । ମୁଁ ତାଙ୍କୁ ଅତି ଭଲ ପାଉଥିଲି । ଉଭୟଙ୍କର ଭଲ ପାଇବା ମଧ୍ୟରେ ଜମିଯାଇ ଥିଲା ଘନିଷ୍ଠତା । ସେହି ଘନିଷ୍ଠତାକୁ ଅନୁକରଣ କରି ତାଙ୍କୁ ସଙ୍ଗାତ ବୋଲି ସମ୍ବୋଧନ କରୁଥିଲି । ଦୁହେଁ ଦୁହିଁଙ୍କ ପାଇଁ ପାଗଳ । ଜଣେ ଜଣଙ୍କର ଅଭାବରେ ଅନୁଭବ କରେ ଦାରୁଣ ଦୁଃଖ । ଏଣୁ ଅନେକ ସମୟରେ ମୁଁ ସଙ୍ଗାତଙ୍କ ଘରକୁ ଯାଏ ଓ ସଙ୍ଗାତଙ୍କୁ ଆମ ଘରେ ରହିବାକୁ ଅନୁରୋଧ କରେ । ଏଥିରେ ଉଭୟଙ୍କର ପିତା, ମାତା

ଅମ୍ଭ ଉପରେ ଯେଉଁ ବୃକ୍ଷଲତା ସ୍ନେହ ସୁଆଗ ଅଜାଡ଼ି ଦେଉଥିଲେ, ସେଥିରେ ଭଲପାଇବାର ସୁଯୋଗଟା ଅତୁଳ ବଢ଼ି ଯାଉଥିଲା ।

ଏଣିକର ଘଟଣା, ଖଣ୍ଡିଏ ବହି ପଢ଼ିବା ପାଇଁ ମାଗି ନେଇଥିଲି ସଙ୍ଗୀତ ଦାଙ୍କଠୁ । ବହି ମଧ୍ୟରେ ଲେଖାଥିଲା (ଶ୍ରୀ ସୁରେଶ ଚନ୍ଦ୍ର ସାହୁ ) ଲୁହର ନାମ । ସେହି ନାମଟି ଉଚ୍ଚାରଣ କଲାମାତ୍ରେ ମୋର ସର୍ବାଙ୍ଗରେ କେଜାଣି ଶିହରଣ ଖେଳିଗଲା । ନାଁଟି ଜଣାଇ ମୁକୁଳା ଅବସ୍ଥାରେ ସତେ ଯେପରି ଖାଉଁସ ଭରଣ କରାଇ ଦେଲା ସେହି ନାମଟା । ଥର ଉଠିଲା ଗୁଳଟା । ପଛେ ପଛେ ଉଙ୍କି ମାରିଲା ଗୋଟାଏ ଅଜଣା ଆଶା । ଚମକ ଲାଗିଲା ଚକ୍ଷୁରେ । ଅନେକ ଅସ୍ମିତା ମଧ୍ୟରେ ଗୋଟାଏ ଅଜଣା ଆନନ୍ଦ ମିଳିଗଲା କ୍ଷଣକ ପାଇଁ । ଭାବିଲି କେଜାଣି ସତେ ସେହି କେଉଁ ଅଜଣା ଲୋକରୁ ଏହି ନାମ ଶବ୍ଦ ଭରି ରହିଛି କେବେ ଜଣାଗଲା । ସତେ ଯେପରି ସୁରେଶ ନାମଟା ସୁନା । ଏହି ସ୍ମୃତିରେ ଶୋଇ ପାରିଲି ନାହିଁ । ମନ ଗହନରୁ ଗୋଟିଏ ଉଙ୍କି ମାରିଲା ଆଶାର କଳିକା । ଭାବିଥିଲି ଶରତର ସକାଳ ପରିଚିତ ସୁରେଶ କିଏ ? ଜାଣୁ ପାରିଲି ନାହିଁ, ସକାଳେ ଶରଦା ତଳେ ଆଶାର ଆଲୋକଟି ଲିଭିଗଲା ଅପେ ଅପେ ।

ତଥାପି ବେଳେ ବେଳେ ଅଜଣା ପୁଲକରେ ଶିହରି ଉଠେ ଗୁଣ । ଉଙ୍କିମାରେ ଗୋଟାଏ ମୋହ । ଅଶରନ୍ତ ସ୍ୱପ୍ନରେ ହୁଏତ । ମାନସ ପଟରେ ଜାଗିଉଠେ ହୁଏ କେତେ ନୂଆ ଭାବନା ? ସୁରେଶ ନାମରେ ଏପରି କି ମହାତ୍ମ୍ୟ ଅଛି । ସେହି ନାମଟାକୁ ଉଚ୍ଚାରଣ କଲା ଦିନଠାରୁ ବ୍ୟକ୍ତିତ୍ୱ ଭରିଛି ମୋ ମନରେ । ଭାବୁଛି ନୂଆ ଭରଣ, ଜାଗିଛି ନୂଆ ଆଶା, କେବେ କଣ ସୁରେଶ ---- ? ଏହି ଭାବରେ

ଯାହେ ନାହିଁ ଦୃଷ୍ଟିଚ୍ଛେଦ ପଡ଼େ ଭାବନାରେ, ଆଶା ତୁମ, ସୁରେଶ ସତ୍ୟତ ଦେଖାଦେଲେ ସବୁ କଳ୍ପିତ ।

ତୁମ୍ଭେ ଯେ ସୁରେଶ, ଏକଥା ମୁଁ ସୁନିଶ୍ଚିତ ହେଲି, ଯେଉଁ ଦିନ ତୁମ୍ଭେ ବାପାଙ୍କର ଅନୁରୋଧ ରକ୍ଷାକରି ଆସିଲ ଆମ୍ଭ ଘରକୁ ଯେଉଁଦିନ ଆମ୍ଭ ଗାଁରେ ହେଉଥିଲା ବାର୍ଷିକ ଉତ୍ସବ ( ନାମଯଜ୍ଞ ) ଆଜି ତୁମ୍ଭ ବାପାଙ୍କ ସହିତ ଯେ ମୋ ବାପାଙ୍କର ବିଶେଷ ଘନିଷ୍ଠତା ଅଛି ସେ କଥା ମଧ୍ୟ ଜଣାଥିଲା । କାରଣ ବାପା ପ୍ରତ୍ୟେକ କାର୍ଯ୍ୟରେ ତାଙ୍କର ପରାମର୍ଶ କରନ୍ତି, ସତେ ଯେପରି ତାଙ୍କ କଥା ଗୁଡ଼ାକ ଗୋଟିଏ ପୁରାଣ । ( ବେଦବ୍ୟାସ ପୋଥି ) ।

ସେଦିନ ତାଙ୍କୁ ଦେଖି ମୋର ସମସ୍ତ ସ୍ନେହ, ସୁହାଗ ଅଜାଣତ ହୋଇଥିଲା ତୁମ୍ଭର ଉପରେ । ଅମାବାସ୍ୟା ମନ. ପକ୍ଷୀଟି ଉଡ଼ି ବୁଲିଲା କଳ୍ପନା ରାଜ୍ୟରେ । ଝଲଝଲିଲା ସନ୍ଧ୍ୟାର ସେଇ । ଅଜଣା କୋଣରେ ଜାଗି ଉଠିଲା, ଦୁଷ୍ଟାମୀ ଆଶା, ତୁମ୍ଭ ତୁଣ୍ଡରୁ ପଦେ କଥା ଶୁଣିବାକୁ ଦୀର୍ଘ ଦିନର ପିପାସା ପ୍ରାଆତ୍ମା ନିଅରୂପ । ଖୋଜି ବୁଲୁଥାଏ ସୁଯୋଗ । ହଜାରେ କାମ ମଝିରେ ମନଟା ଧାଇଁଯାଏ ତୁମ୍ଭର ନିକଟକୁ । ସଫଳ ହେଲାନି ଆଶା ମୋର । ସେ ଦିନ ତୁମ୍ଭେ ରହିଲ ଆମ୍ଭର ଘରେ । ପଦେ କଥା କହିଲେ ଶୁଣିଲି ଅନେକ କଥା । କଥାର କାଇଁଚ କାଟି, ଫୁଟିଲେ ନଡ଼ୁଲ ଚମ୍ପାର ପତ୍ରର କହନ୍ତରେ ଜାଗିଲା ନଡ଼ୁଲ ଶିହରଣ ହେଲା । ଲହରରେ ଅଜାଣି ସ୍ରୋତରେ ଭାସିଗଲା ବାଲୁକା ମନଟା । ସେଦିନ କଥା ମାଧ୍ୟମରେ ମୁଁ ପହେଲି ଧରେଇ ବସିଥିଲି ନିଜ ଖାତା ।

ସ୍ୱର୍ଗର ସ୍ୱପ୍ନ ଭାଙ୍ଗିଗଲା । ଅଶାନ୍ତ ବାତାବରଣରେ ହଜାଇ ଦେଇ ତୁମ୍ଭେ ଚାଲିଗଲ ଘରକୁ ସେ ଦିନ ଯେବେ ଦୁଃଖ ହୋଇ

ଥିଲା ମୁଁ ଜାଣେ । ଜାଣି ପରେ ଅଜାଣି ହୋଇଥିବ । ଅଶ୍ରୁ । ଚାପରେ ତୁମଙ୍କୁ ସ୍କୁଲରେ ଦେଖି ଆନନ୍ଦ ହୁଏ ; ମାତ୍ର ତୁମକୁ ଦର୍ଶନରେ, ପ୍ରାଣରେ ଯେଉଁ ପ୍ରତିକ୍ରିୟା ସୃଷ୍ଟି ହୁଏ, ତାର ସମାପ୍ତି ହୁଏ ନାହିଁ । ଅନୁପମାର ଉଦ୍ଦୀପନା ତେଲ ଫେରେ ସବୁ । [illegible] ହୁଏ ନାହିଁ ତୁମର ସ୍ୱପ୍ନନାହିଁ । ତୁମର ସ୍ନେହ ଭୋଳା ଭାଷା ଆନ୍ଦୋଳିତ ହୁଏ ବୁକୁତଳେ । ଅଣାଇ ପରିକଳ୍ପନା ଭଳେ ଆଖି ଆଗରେ ।

ଏବେ ସ୍କୁଲରେ ଛାତ୍ରଙ୍କୁ ତୁମର କଥା ପଚାରିଲି । ସେ ତୁମର ବିଷୟରେ ଯେଉଁ ସୂଚନା ଶୁଣି ଦେଲେ, ତୁମ [illegible] ମନଟା ମୋର ହୋଇ ଅସିବା ଅନୁଭବ କଲା, ତେଣୁ ମୁଁ ତୁମଙ୍କୁ ଅତି ଭଲ ପାଇଲି । ଇଚ୍ଛା ହେଲା ତୁମର ବୁଦ୍ଧିର ସ୍ନେହରେ ବାନ୍ଧିହୋଇ ଯିବାକୁ ।

ବିତିଗଲା ଅନେକ ଦିନ । ବଞ୍ଚିତ ହୋଇ ପାରିଲି [illegible] ତୁମର ସ୍ନେହରୁ । ଅସ୍ଥିର ହୋଇ ଉଠିଲା ଅମାବସ୍ୟା ମନଟା । ବୁକୁରେ ଜାଗିଲା ବ୍ୟାକୁଳତା । ହାହାକାର ମଧ୍ୟରେ ଅଣ୍ଡ [illegible] କଲା ପ୍ରାଣଟା । ଶେଷରେ ଲଜ୍ୟା ସରମକୁ ଛାଡ଼ି ଦେଇ [illegible] ମନକୁ । ଦୁଃଖ କାହାଣୀ ଜଣାଇ ଲେଖିଦେଲି ଏହି ପତ୍ର ଖଣ୍ଡି [illegible] ତୁମର ଉପରେ ସ୍ୱର୍ଗ ଅଛନ୍ତି । ପତ୍ର ଦେଇ ଅବଗାହ ଦୁଃଖ ଲାଘବ କରିବ । ତୁମକୁ ମୁଁ ସବୁକଥା ଖୋଲି କହିବା [illegible] ତୁମେ...

ଶେଷରେ ନମସ୍କାର ଦେଇ ରହିଲି । ଇତି ।

ତୁମର......

ସୁରେଶ ଏବେ ନୁହେଁ, ଅନେକ ଥର ପଢ଼ିଛି ଚିଠିକୁ । ଯେଉଁ ଅଜଣା କୋଣରୁ ଝର ଅନୁଥାଏ ଆନନ୍ଦ, [illegible]

କାଲରେ । ଚିଠିକୁ ଉତ୍ତର ଦେଇ ସୁରେଶ ଲେଖିଲା, ଉତ୍ତମା ସହିତ ପ୍ରଥମ ପରିଚୟ ହୋଇଥିଲା ତାଙ୍କର ଘରେ । ତାର କେଇଦିନ ପରେ ଉତ୍ତମା ପଠାଇଥିଲା ଏହି ଚିଠି ଖଣ୍ଡିକ । ଅନୁରୋଧ କରିଥିଲା ଖଣ୍ଡେ ପତ୍ର ପାଇଁ । କିନ୍ତୁ ଉତ୍ତମାର ଏପରି ଢଙ୍ଗରେ ଆକୁଳ ପ୍ରାଣ ମୋର ହୋଇଥିଲା ବ୍ୟାକୁଳ । ଆନନ୍ଦ ମଧ୍ୟରେ ମୁଁ ଅନୁଭବ କରିଥିଲି ଗୋଟାଏ ସାଙ୍ଘାତିକ ଭୟ । ମୁଁ ପ୍ରତିବାଦ କରି ଛବିକୁ ପତ୍ର ଦେବାକୁ ମନା କରିଥିଲି । କିନ୍ତୁ ପାରିଲି ନାହିଁ, ଲୁଚି ରହିଲା ମୋର ଜଡ଼ତା ମନ ଉପରି, ଶେଷରେ ବାଧ୍ୟ ହୋଇ ଲେଖିଥିଲି କେଇଧାଡ଼ି ।

ତାପରେ ଉତ୍ତମା ନିକଟକୁ ଅନେକ ପତ୍ର ଦେଇଛି, ପାଇଛି ନିରୋଳାରେ କେତେଥର ମିଳନ ହୋଇଛି ଦୁଇ ବର୍ଷର । ହଜି ଯାଇଛି ଦୁଇଟି ଆତ୍ମା ସେହି ସୁମେରୁର ଦିଗବଳୟ ତଳେ । ଲିଭି ଯାଇଛି ବୁକୁରେ ଅସୁମାରି ଜ୍ୱାଳା, ଉଠି ଯାଇଛି ହାହାକାରର ବିରହ ବେଦନା । ତଥାପି ଉତ୍ତମାର ଏହି ପ୍ରଥମ ଆବେଦନଭରା ପତ୍ର ଖଣ୍ଡିକ, ମୋ ଶୁଷ୍କ ହୃଦୟରେ ଯେଉଁ ଅପାର ଆନନ୍ଦ ଭରି ଦେଇଥିଲା ସେ କଥା ମୁଁ ଜାଣେ ।

କିନ୍ତୁ କାହିଁକି ? ଉତ୍ତମା ଆଜି ମୋ ମଧ୍ୟରେ ପ୍ରଭେଦ ଆକାଶ ପାତାଳ, ବାପା ତାର ବଡ଼ ବ୍ୟବସାୟୀ, ଆଭିଜାତ୍ୟ ପରିବାର । ହାୟ ! ମୋ ବାପା— ମୋ ବାପା ତାଙ୍କଠାରୁ ଅନେକ ସାହାଯ୍ୟ ପାଇ ପାରୁଛନ୍ତି । କିନ୍ତୁ ଏକଥା ଯଦି ତାଙ୍କ କର୍ଣ୍ଣ-ଗୋଚର ହୁଏ ? ତେବେ ହେବ ସର୍ବନାଶ । ଏ ବିଷୟ ନେଇ ଉତ୍ତମାକୁ ମୁଁ ପ୍ରତିବାଦ କରିଛି ଅନେକ ଥର । ପତ୍ର ନ ଦେବାକୁ କେତେ ଅନୁରୋଧ କରିଛି । କିନ୍ତୁ ସେ ମୋର ଅନୁରୋଧ ରକ୍ଷା ନକରି କାହିଁକି, ମୁଁ ତୁମ୍ଭଙ୍କୁ ପତ୍ର ଦେବ, ଆଜି ପାଇବ, ଏଥିରେ

ବାପା ମା' କାହିଁକି ? କାହିଁକି ସେ ମୋତେ ଏତେ ଆଗ୍ରହାର କଲା, ଭଲ ପାଇ ବସିଲା ? ସେ ମୋଠାରୁ କଣ ଚାହେଁ ?

ଯଦି ସେ କିଛି ଚାହେଁ ତା ହେଲେ ...... ସେ କଣ ପୂର୍ଣ୍ଣ ହେବ । ମୁଁ କଣ ଦେଇ ପାରିବ ଭଲ ପାଇବାର ମୂଲ୍ୟ ? ଅସମ୍ଭବ, ଏହି ଅସମ୍ଭବର ମୂଳ କାରଣ ହେବେ, ତାହାର ଜନ୍ମ ଜଗ୍ ପିତା ମାତା, ଯାହାଙ୍କର ପୂଜା ଚରଣରେ ସେ ପାଦ ଦେଇଛି କସ୍ତୁମଣି ବୁକୁରେ । ଯାହାଙ୍କର ବୁକୁତଳ ସ୍ନେହରେ ନାମ ଲେଖା ଯାଇଛି ଦୁନିଆ ଖାତାରେ, କାରଣ ସେ ଉଚ୍ଚମନା, ଅଭିଳାଷ ତାଙ୍କର ଅତି ଉଚ୍ଚରେ ମୁଁ ବା କଣ କରିବ ? ନ ଜାଣି ପାଦ ଦେଲା ଜଟିଳ ପଥରେ, ପଥ ହୁଡ଼ି ହେଲା ବାଟବଣା ଶେଷରେ ମୋତେ...

ଅସହନୀୟ ହୋଇ ଉଠିଲା ସୁରେଶ, ସହି ପାରିଲା ନାହିଁ ଆଗକୁ, ସେ ମହଲରୁ ଆସି ପଡ଼ିଲା କାନ୍ଥାରେ । ପତାତଳେ ଲୁଚି ଗଲେ ଜ୍ୟୋତ୍ସ୍ନା ତୋଳା ଯୋଡ଼ାକ । ଜାଗ୍ରତାନ୍ତ ମୁଣ୍ଡଫାନ୍ତ ମୁଣ୍ଡ ଠାଉ ଲୋଟାଇ ଦେବ ଟେବୁଲ ଉପରେ ।

ସୁରେଶ ଆଜ ସ୍ଥିର ହୋଇ ରହି ପାରୁ ନାହିଁ, ପାଗଳ ହୋଇଛି ଉତ୍ତମାର ଉଗଠିଆ ଯୌବନରେ । ଉଛାଟିଆ ରୂପର ସ୍ୱପ୍ନିଳ ସ୍ୱପ୍ନ, ଚଳଚ୍ଚିତ୍ର ପରି ଧାଇଁ ବୁଲୁଛି ତାହାର ଆଖି ଆଗରେ ସେ ଭୁଲୁଛି ରୂପର ସରସତା ଯୌବନର ଆସ୍ୱାଦନ, ସବୁ ଯେଉଁର ଉତ୍ତମା ନିକଟରେ ପୂର୍ଣ୍ଣ ରହିଛି ।

ଉତ୍ତମାର ଶୋଭିଷ ଫୁଲିଆ ଦେହ, ଆଧୁନିକ ପରିଧାନ; ଅଜନ୍ତା କାଇଦାରେ ଗଣ୍ଡ, କଟି ହଲା ଚୁଳା, ଚମକ ଭରା ଚକ୍ଷୁ, ମୋହକ ଭରା ଚାହାଣି, ଶୁଭ୍ର ଦନ୍ତ, ଲୋଭନିଆ ହସ, ମଧୁ ବୋଳା ଭାଷା, ଏହାରି ମଧ୍ୟରେ ଉତ୍ତମା ଯେତେବେଳେ ଆବେଦନ ଭରି

କଣ୍ଠରେ ପ୍ରେମ ନିମନ୍ତ୍ରଣ କଲେ ଯେତେବେଳେ ସୁରେଶ ନିଜ ସତ୍ତ୍ୱ ଭୁଲିଯାଏ ଦୁନିଆକୁ । ନହେବ କାହିଁକି, ନିଆଁ ପାଖରେ ଘିଅ କଣ ଜମାଟ ବାନ୍ଧି ପାରେ ?

ଏଣୁ ଅନେକ ସମୟରେ ସୁରେଶ ଆସେ ଉତ୍ତମା ଘରକୁ । ସେଥିରେ ଆପତ୍ତି ନଥାଏ କାହାରି । ଉତ୍ତମାର ବାପା ଉମାକାନ୍ତ ବାବୁ ଭଲ ପାଉଥିଲେ । ସୁରେଶଙ୍କୁ ତାଙ୍କ ସ୍ତ୍ରୀ ସୁକାନ୍ତି ଦେବୀ, ସୁରେଶର ଭକ୍ତିରେ ବନ୍ଧା । ସେମାନେ ସ୍ନେହରେ କହନ୍ତି ଆରେ ସୁରୁ, କମିତି ମଝିରେ ମଝିରେ ଟିକେ ଆସୁଥିବ । ଏଥିରେ ସୁରେଶର ମନଟା ହାଲୁକା ହୋଇ ଯାଉଥିଲା ଅଧିକ । ସେ ତାଙ୍କରି ଜାଣିବାରେ ଯେତିକି ପାଉଥିଲା, ତାଙ୍କରି ଅଜଣାରେ ସୁଯୋଗ ନେଇ ସାକ୍ଷାତ କରୁଥିଲା, ଉତ୍ତମା ସହିତ । ଉଭୟଙ୍କର ଅଭେଦ୍ୟ ମିଳାମିଶାରେ ଜମାଟ ବାନ୍ଧିଥିଲା ଘନିଷ୍ଠତା, ଉଭୟଙ୍କ ପ୍ରାଣରେ ଜାଗିଥିଲା, ତୋଟାଏ ନୂଆ ଆଶା, ଏକ ନୂତନ ଉନ୍ମାଦନା, ସେମାନଙ୍କ ନିକଟରେ ସିଂହଦ୍ୱାର ପରି ଦଣ୍ଡାୟମାନ ହେଉଥିଲା, ସମାଜର ନଢ୍ୟ ପାଚେରିଟା ।

ସୁରେଶର ଅପେକ୍ଷା ଉତ୍ତମା ଆହୁରି ଟିକେ ଟସି ଯାଉଥିଲା ତାକୁ । ସୁରେଶର ଚୁଟିଲା ଚେହେରା । ଲମ୍ବା ଛଇସାଢ଼ ଜ୍ୟୋତି ବଳିଷ୍ଠ ବାହୁ; ପ୍ରଶସ୍ତ ବକ୍ଷ, ଘନକଳ କେଶ, ଲୋଭନୀୟ ଚକ୍ଷୁ ତାକୁ ଏକାନ୍ତରେ ସଜାଇଥିଲା ପ୍ରେମ ପ୍ରତିମା । ସେ ସବୁବେଳେ ଚାହୁଁଥିଲା ସୁରେଶ ସହିତ ନିରୋଳାରେ ମନଖୋଲି କଥାହୋଇ ସମୟ କଟାଇବା । ଅଥଚ ଅନେକ ଥର ..... ।

ଦିନକର ଘଟଣା । ସେଦିନ ଉମାକାନ୍ତ ବାବୁ ବ୍ୟବସାୟ ସମ୍ବନ୍ଧରେ କଣ ବୁଝା ସୁଝା କରିବା ପାଇଁ କଟକ ଚାଲିଗଲେ । ତାର ଦୁଇଦିନ ପୂର୍ବରୁ ସୁକାନ୍ତି ଦେବୀ, ଛୁଆ ପିଲା ସହିତ

ପିଶାଳପୁକୁ ଯାଉଥିଲେ । ଶ୍ରୀକାନ୍ତର ହଷ୍ଟେଲରେ ରହେ । ସ୍କୁଲର ପିଲା କେଇଟା । ସନ୍ଧ୍ୟା ହେଲେ ବୁଲିଯିବ । ଘରେ କେବଳ ନିଜର ବୋଲି ବୁଢ଼ିମା । ଆଉ ନଥିଲେ ପର । ବୁଢ଼ା ବୟସରେ ଭଲ ଶୁଭୁ ନାହିଁକି ଦିଶୁ ନାହିଁ ସ୍କୁଲରୁ ଆସି ଉତ୍ତମା ଖାଇସାରି କରିଥାଏ । ମନଟା ତାର କେମିତି କେମିତି । କାହିଁକି କେଜାଣି ଶୁଣିଲା ବାପା ଆସିବେ ନାହିଁ । ବୁକୁତଳେ ଅସ୍ତୁଳନ କଲା ଆନନ୍ଦ ଢେଉ । ମଦନ ଭଣ୍ଟ ଆସିଲା ଓଷ୍ଠରେ । ଅଧର ଫାଙ୍କରେ ମିଳାଇ ଗଲା ହସ ଟିକକ । ସତେ ଯେମିତି ପାର୍ଶ୍ୱ ବନର ପିପାସାକୁ ଘରି ସନ୍ତୃପ୍ତି କରିବା ପାଇଁ ଭଗବାନ ଦେବୁ ସୁଯୋଗକୁ ଅଜାଡ଼ି ଦେଇଛନ୍ତି । ଉଠିଯାଇ ପୁଜାରୀ ପିଲାଟିକୁ ଡାକିଲା । ଚୁପରେ କହିଲା—ସାହିବ ଘର ଭାଇଙ୍କୁ କହିଦେବୁ ଆସିବେ । କହିବୁ ତାଙ୍କ ଘରେ କେହି ନାହାନ୍ତି । ତାର ମୁଣ୍ଡଟା କଣ ହୋଇ ଯାଉଛି । ନିର୍ବିଘ୍ନରେ ପିଲାଟି ଆଦେଶ ପାଳନ କଲା ।

ମନ୍ଥର ଗତି ହୋଇ ଉଠିଲା ଚଞ୍ଚଳ । ଯଉବନରେ ରଖିପାରିଲା ନାହିଁ ଉତ୍ତମା । ମୁଣ୍ଡରେ ତେଲମାଖି ବୁଲେଇ କଲା ଜୋସମାର ମାଙ୍ଗିଆଟାକୁ ଚୋରା ମୁଖରେ ଭରିଦେଲା ବସନ୍ତ ମାଳତୀର ଶୁଭ୍ର ସୁଗନ୍ଧ । ମାଳତୀ ଦେଲା ନଖରେ । କୁଙ୍କୁମ ଟିକାଟିକୁ ଧରି ଧାଇଁ-ଗଲା ଅଇନା ନିକଟକୁ । ବସାଇଲା ସୀମନ୍ତରେ । ଅଞ୍ଜନ ବୋଳିଦେଲା କଳା କଳା ଡୋଳା ତଳେ । ଅଳକ କେଶ ଗୁଚ୍ଛକ ଉଠାଇ ଦେଲା ଗଣ୍ଡ ଦେଶରୁ । ପଣତ ଟାକୁ ପୁଣିଥରେ ଉଠାଇ ରଖିଲା ଯଥା ସ୍ଥାନରେ । ଆଖି ଫେରାଇଲା ମସୃଣ ଦର୍ପଣକୁ । ଚମକି ପଡ଼ିଲା, ନିଜର ପ୍ରତିବିମ୍ବକୁ ଦେଖି ।

ହସ ଟିକିଏ ଫୁଟି ଉଠିଲା ଅଧର ଫାଙ୍କରେ ଅଦ୍ଭୁତ ସୁନ୍ଦର । ଏଥର ଗର୍ବରେ ଫାଟି ପଡ଼ିଲା । ମନେ ମନେ ଭାବିଲା କେତେ

ସୁନ୍ଦର । ଆନନ୍ଦଟା ସୀମାରୁ ହେଲା ବହିର୍ଗତ । ଯା ମଧ୍ୟରେ ବୁଡ଼ି ରହିଲା, ରତ୍ନମା ଗଣ୍ଡ ଦେଶରେ ସ୍ପଷ୍ଟ ହେଲା ଲଜ୍ଜା । ଠିଆ ହୋଇ ପାରିଲା ନାହିଁ । ଚଞ୍ଚଳ ମନରେ ଅରନା ନିକଟରୁ ପଳାଇ ଆସିଲା ଦରଜା ପର୍ଯ୍ୟନ୍ତ । ଏ ପର୍ଯ୍ୟନ୍ତ ସୁଖ ଭାଇ ଆସି ନାହାଁନ୍ତି । ସେ ପୁଣି ଫେରିଆସି ଅରନା ମଧ୍ୟରେ ନିଜର ଛବିକୁ ଚାହିଁ ଗର୍ବରେ ଫାଟି ପଡୁଥାଏ । ସତେ ମୁଁ କେତେ ସୁନ୍ଦର । ଆଜି ଏଇ ସୁନ୍ଦରକୁ ସଜସଜା କରିବା ପାଇଁ ସୁଖ ଭାଇ ଆସିବେ । ଘରେ କେହି ନାହାଁନ୍ତି ପାର୍ଶ୍ୱ ଦାନଘରେ ଆଜି ଦୁଇଟି ଦୀପ ଶାନ୍ତ ହେବ । ମନରେ ଅସରନ୍ତି ଭାବନା ନେଇ ଦେଖୁଥାଏ ଆଜି କେଉଁଠି ତ୍ରୁଟି ଅଛି କି । ହୁଏତ ସୁଖ ଭାଇ ମନରେ·······

ରତ୍ନମା ଆଉ ଆଗକୁ ଭାବି ପାରିଲା ନାହିଁ । ବୁଢ଼ିମାର କର୍କଶ ଡାକରେ ଭାବନାରେ ପୂର୍ଣ୍ଣଚ୍ଛେଦ ପଡ଼ିଲା । ସେ ବୁଢ଼ି ଉପରେ ସମସ୍ତ ରାଗକୁ ଠୁଳକରି ବଡ଼କଡ଼ା ଭଗ କଣ୍ଠରେ କହିଲା—

କଣ କଲୋ ?

—ଏଁ କଣ ? ଖାଲି ସଜ ହେଲେ ହେବନା ଆଉ କିଛି ॥ ଧୂଚନ୍ଦଆ ଗଡ଼ି ଗଲାଣି ନା ?

—ନା ଏ ପର୍ଯ୍ୟନ୍ତ ବାକି ଅଛି । ତତେତ ଆଉ କିଛି ଦିଶୁ ନାହିଁ । ତୁ କଣ ଜାଣିବୁ ?

—ହଁ ଲୋ, ତୋଠାରୁ ଅଧିକେ ତ ସବୁ ଜାଣୁଚି, ହେଲେ ଏ ଢଙ୍ଗ ସୁହାଗ ଲଗିବ ନାହିଁ ଯେ । ଆମ୍ଭେ ମଧ୍ୟ ଦିନେ ସେହିପରି ଥିଲୁ ।

—ତୋର ବାହାଘର ପଡ଼ିଲା, ସୁହାଗ, ଲୁ ଗଲୁ ।

—ଆଲୋ, ସେ ପିଲାଟିକୁ କୁଆଡେ ପଠାଇଛୁ ? ବେଳେଇ ହେବ ଯେ ।

—ହଁ ସେ ଆସିଲେ କରିବ ।

—ହଉ ମୋର କଣ ଅଛି ? ସମୟରେ ଖାଇଲେ ହେଲା, ନ ଖାଇଲେ ବି ଚଳିବ । ତୋ କଥାକୁ ବୁଝିବୁ, ଏତକ କହି କହି ବୁଢ଼ି ଭିତର ଆଡ଼େ ପଳାଇଲେ ।

ରକ୍ତିମା ବୁଢ଼ି ଜଗତୁ ଆଖି ଫେରାଇ ନେଇ ଅଇନାକୁ ଚାହିଁଲା । ସୁରେଶ ଭିତରକୁ ପଶି ଆସି ଥାଇ ରକ୍ତିମାକୁ ଏପରି ଅବସ୍ଥାରେ ଦେଖି ଲୁଚିଗଲା, ରକ୍ତିମା ପିଲାଟିକୁ ଦେଖି ପ୍ରଶ୍ନ କଲା ।

—କବେ ଏତେ ଡେରି କଣ ହେଲା, ସେ ଆସିଲେ ନାହିଁକି ?

ସରଳ ଆଜ୍ଞ ସଂକ୍ଷେପରେ ହଁ କହିଦେଇ ପିଲାଟି ବେଗରେ ଘର ଆଡ଼େ ପଳାଇଲା, ରକ୍ତିମା କାତର ଆଉ ଚଞ୍ଚଳ ନୟନରେ ଆଖି ବୁଲାଇ ଆଖି ସୁରେଶକୁ ନ ଦେଖି ବାହାରକୁ ଆସୁଥିଲା ସୁରେଶ ଆଉ ଥିପୁ ଧରି ରହି ପାରିଲା ନାହିଁ । ଅଧରରେ ସରଳ ହସ ଫୁଟାଇ କହିଲା—

—କଣ କ୍ଷୁଦ୍ର ମୁଣ୍ଡ ଘର ଖରାପ ହୋଇଥିଲା ? କଣ ଏହି ଅଳସ କେଶ ଗୁଡ଼ିକୁ ସଜାଇ ଦେବା ପାଇଁ ଡାକୁଥିଲ ?

ସୁରେଶର କଥାରେ ରକ୍ତିମା ଏକାବେଳକେ ଲାଜରେ ସରି-ଗଲା, ସେ ସୁରେଶଠାରୁ ହଠାତ୍ ଏପରି କଥା ଶୁଣିବ ବୋଲି ବିଶ୍ୱାସ କରି ନ ଥିଲା । ସେ ଘଣ୍ଟାକଟିକୁ ମୁହଁରେ ଜାକି ଧରି ହସର ଭାବକୁ ଲୁଚାଇ ରଖି କୋମଳ କଥାରେ କଥାକୁ ଲମ୍ବାଇ କହିଲା ।

ହଁ ଘର ··· ···, ରକ୍ତିମା ଭିତରକୁ ପଳାଇଲା । ସୁରେଶ ତାର ଅନୁଧାବନ କଲା ।

ରକ୍ତିମାର ମହୁଲିଆ କଥା ପଦକ ସୁରେଶ ଶୁଷ୍କ ହୃଦୟରେ ଶୀତଳ ବାତାବରଣ ସୃଷ୍ଟି କରିଥିଲା, ସେ ନି ସନ୍ଦେହ ହେଲା ଯେ

ରତିମାର ମୁଣ୍ଡ ଖରାପ ହୋଇନାହିଁ । ସେ ଛଳନା କରି ସୁଯୋଗ ପାଇ ଡକାଇଛି କେବଳ ମନର ଦୁର୍ବଳତାକୁ ଦୂର କରିବା ପାଇଁ, ତେଣୁ ସୁରେଶ ଅଭିରଞ୍ଜିତ କରି କହିଲା ।

—ହେ ତୁମର ସାମାନ୍ୟ ଛଳନାଟାରେ ମୋର କେତେ ମୂଲ୍ୟ-ବାନ ସମୟ ଅପବ୍ୟୟ କଲ, ତୁମେ ଭାରି ଠକ ହେଲଣି ମୁଁ ଯାଉଛି ।

ସୁରେଶଠାରୁ ରତିମା ଏପରି କଥା ଶୁଣି ଜିଭ କାମୁଡ଼ି ପକାଇଲା । ଆକାଶ ପାତାଳ ଭାବିଗଲା, ସେ ସୁରେଶ ନିକଟରୁ ଏତେ ଶୀଘ୍ର ବିଦାୟ କଥାଶୁଣି ନିଜକୁ ମଧ୍ୟ ବିଶ୍ୱାସ କରି ପାରିଲା ନାହିଁ, ତାର ଶରୀର ଶିଥିଳ ହୋଇଗଲା । ମୁହଁ ଲାଲ ପଡ଼ିଗଲା, ଦୁନିଆ ଯାକର ଅଭିମାନ ଆସି ତାହାର ମୁହଁରେ ଠୁଳ ହେଲା, ସେ ସୁରେଶର ହାତ ଧରି ପକାଇ ଅଶ୍ରୁ ଛଳ ଛଳ ନୟନରେ କହିଲା ।

—ତା ହେଲେ କଣ ମୋ ଡାକିବାଟା ବୃଥା ହେଲା ?

ସୁରେଶ ଦେଖିଲା ରତିମାର କଥା ଆଉ ମୁହଁରେ ଅଭି-ମାନର ମାଦକତା ପୂର୍ଣ୍ଣ ଭରି ରହିଛି, ଅର୍ଥାତ୍ ରତିମା ତା ଉପରେ ରାଗି ଯାଇଛି । ସେ କଣ କହି ରତିମାର ଅଭିମାନ ଦୂର କରିବ କିଛି ସ୍ଥିର କରି ପାରିଲା ନାହିଁ, ଖାଲି ଅନିମେଷ ନୟନରେ ଚାହିଁ ରହିଲା ରତିମା ମୁହଁକୁ । ସୁରେଶ ମୁଖରୁ ଉତ୍ତର ନପାଇ ରତିମାର ହୃଦୟ ହାହାକାରରେ ଆର୍ତ୍ତନାଦ କଲା, ସେ ସୁରେଶ ହାତଟିକୁ ଛାଡ଼ିଦେଇ କର୍କଶ ସ୍ୱରରେ କହିଲା ।

—ମୋ ପାଇଁ ଯଦି ଆପଣଙ୍କର ମୂଲ୍ୟବାନ ସମୟର ଅପବ୍ୟୟ ଘଟୁଛି, ତା ହେଲେ ଯାଇ ପାରନ୍ତି, ରତିମା ଆଉ ଠିଆ ହୋଇ ପାରିଲା ନାହିଁ । ଏତକ କହି ସାରିଲା ପରେ ଆଉ

ସୁରେଶର କଥାକୁ ଅପେକ୍ଷା ନକରି ପଳାଇଲା । ମାତ୍ର ବୁଢ଼ୀର ବେଦନା ଆଖିର ଅଶ୍ରୁ ତାକୁ ଅସମ୍ଭାଳ କରି ପକାଇଲେ । ତାର ଅଜାଣତରେ ଦୁଇଧାର ଲୁହ ବୋହି ଗଲା । ପ୍ରତ୍ୟେକ ଶିରା ପ୍ରଶିରାରେ ଗୋଟିଏ ଅଜଣା ନିଆଁ ଜଳି ଉଠିଲା । ସେ କହିଁ କହିଁ କ୍ରୋଧ ବାନ୍ଧି ପକାଇଲା । କ୍ରୋଧଟାକୁ ସମ୍ଭାଳି ନେବାପାଇଁ ଝଟ ଖଟ ଉପରେ ମୁହଁ ମାଡ଼ି ଶୋଇ ପଡ଼ିଲା ।

ଉତ୍ତମାର ଏପରି ଘଟଣାରେ ସୁରେଶର ହୃଦୟ ହୁତାଶ ଅଗ୍ନିରେ ପୋଡ଼ିଗଲା । ଉତ୍ତମାର ସଂସ୍ପର୍ଶରେ ତାର ଶୁଷ୍କ ହୃଦୟରେ ଯେଉଁ ଉନ୍ମାଦନାର ଢେଉ ଖେଳୁଥିଲା, ତାହା ଆପେ ଆପେ ମିଳାଇ ଗଲା । ସେ ଦୁଃଖ ଆଜ ନୈରାଶ୍ୟର ଅନ୍ଧକାର ମଧ୍ୟରେ ଲୁଚି ରହି ଉତ୍ତମାର ଅଜସ୍ର ଶବ୍ଦରେ ଆଉ ସ୍ମୃତି ରହି ଯାଉଥିଲା । ବାସ୍ତବିକ ଉତ୍ତମାକୁ କଥାଟା ବାଧୁଛି । ସୁରେଶ ଆଖିରେ ଅଶ୍ରୁ ମଧ୍ୟ ଶୁଖିଲା ହୋଇ ଆସୁଥିଲା । ସେ ଆଉ ଆଗକୁ କଣ ଭାବିବାକୁ ଯାଉଥିଲା, ମାତ୍ର ପାରିଲା ନାହିଁ, ବୁଢ଼ି ମା'ଙ୍କର ଔଦାର୍ଯ୍ୟ କଥା ତାର ମୁଖ ମଣ୍ଡଳରୁ କୁଟିଳତା ଦୂର କରିବାକୁ ବାଧ୍ୟ କରିଥିଲା । ବୁଢ଼ି ମା ହସି ହସି ଆସି କହିଲେ :

—ଜାଣୁ, ବୁଢ଼ି ଘରେ ଲୋକକୁ କଣେ ? ତୋର ତ ଟିକେ ଅକଲ ନାହିଁ, ଘରର ଯାଇ ଶୋଇଲ ହେଲ, ତଥାପି ଶିଖିଲୁ ନାହିଁ । ଆଜ କେଉଁଦିନ ଶାଶୁଘରକୁ ଯିବୁ, ତୁ ଏତେକ ଜାଣିଲୁ ନାହିଁ, ନାତି ହେଉ ବା ନାହା ହେଉ ଭଦ୍ରଲୋକତ, କେତେ ବେଳୁ ଆସିବଣି, ଟିକେ ବସିବାକୁ ଖଣ୍ଡେ ଆସନ ଦେଉ ନାହୁଁ, ନ ଦେଖିଲା ପରି ଶୋଇ ରହିଛୁ ।

—ବୁଢ଼ି କଥାରେ ସୁରେଶର କ୍ରୋଧ ପାଣିରେ ମିଳାଇ ଗଲା । ସେ ହସି ହସି କହିଲା :

ସତେ ବୁଢ଼ିମା ତୁମ କଥା ଶୁଣିବାକୁ ଭାରି ଭଲ ଲାଗେ ।

ଏଥର ରତିମା ଅନୁଭବ କରିଲା, ତା ମନରେ ଯେ ଦରଦ ଜମୁଛି ସେ କଥା ବା ବୁଝି ପାରିବ କିଏ ? ରତିମା କୋପ ଆଉ ଅଭିମାନ ସ୍ୱରରେ କହିଲା :

—ତାଙ୍କୁ ଯାହା କାହା ଶୁଣିବାକୁ ଭଲଲାଗେନା ସେ ବସିବାକୁ କହନ୍ତୁ ।

—କି ଆଉ କଣ ହେଲା କି ? ଏ ରାଗ ନା ଛଳନା ? ହସରେ ଠୋକା ଟିକେ କମିପଡ଼ିଲା ।

କିନ୍ତୁ ସୁରେଶ ବସିଲା ନାହିଁ । ରତିମାର କଥା ଗୁଡ଼ାକ ତାକୁ ଅତି ବ୍ୟତିବ୍ୟସ୍ତ କରି ପକାଇଲା, ତାର କପାଳ କୁଞ୍ଚିତ ହେଲା । ସେ ସେହିପରି ଠିଆ ହୋଇ ରତିମାକୁ ଚାହିଁ ରହିଥାଏ, ଆଉ ଭାବୁଥାଏ, ଆଉ କଣ ହେଲା ? ସାମାନ୍ୟ ଅଭିମାନଟା କାହିଁକି ଉଭୟଙ୍କ ମଧ୍ୟରେ ଯେଉଁ ବ୍ୟବଧାନ ସୃଷ୍ଟି କଲା ଏଥିପାଇଁ ଦାୟୀ କିଏ ? ରତିମା ନିକଟରୁ ଏଡ଼େ ଅପ୍ରିୟ କଥା ଶୁଣି ସେ ଦମ୍ଭର ସହିତ ଠିଆ ହୋଇ ରହିଥାଏ, କେବଳ ରତିମା ଯଦି ତାର ମୁହଁ ଖୋଲି ଡାକନ୍ତା ତାହାହେଲେ ସେ ସବୁ ଭୁଲି, ଅଭିମାନକୁ ପଛରେ ପକାଇ ଦେଇ ଯାଆନ୍ତା । ତେଣୁ ସେ ଏ ପର୍ଯ୍ୟନ୍ତ ଅପେକ୍ଷା କରି ଛିଡ଼ା ହୋଇଛି ଆଉ ମନ୍ଦିରର ଗାଳି ବୁଢ଼ିମାକୁ ବାହାନା କରି କଥା କହୁଛି ।

ନାରୀ ଜାତିର ଅଭିମାନଟା ଗୋଟେ ଅଳଙ୍କାର । ଅଭିମାନ ନକଲେ ତାଙ୍କୁ ଭଲ ଲାଗେନା । ସୁରେଶ ଏଥର ଭଦ୍ର ଭଦ୍ର ବୁଢ଼ୀମାର ନିର୍ଦ୍ଦେଶିତ ଚୌକିରେ ବସିଲା ।

ସୁରେଶ ଭାବୁଥାଏ କଥା ପ୍ରସଙ୍ଗରେ ରତିମାକୁ କଥା କହିବା ପାଇଁ । ମାତ୍ର ସେ ସୁଯୋଗ ମିଳୁନାହିଁ । ରତିମା ମଧ୍ୟ ସେଇଆ ଭାବୁ

ଥିବ । ଦୁଇଜଣଙ୍କର ମନ ମଧ୍ୟରେ ଯେଉଁ ଅଜଣା ଆଶା ଥିଲା, ତା ଉପାସ୍ତୁ ଶୂନ୍ୟ ମିଳେଇ ଯାଉଥିଲା । ସୁରେଶ ବସିଲା ନାହିଁ । ଉମା ଦେଖିବା ପାଇଁ କାନ୍ଦେଇ ବୁଲିଲା । ସୁରେଶ ଦେଖିଲା ଉମାର ଆଖିରେ ଏ ପର୍ଯ୍ୟନ୍ତ ଅଶ୍ରୁର ଶୀତଳୀ ଧାର ଛୁଟିଛି । ହେଲେ ସୁରେଶ ଆଉ ସହ୍ୟ କରି ହୋଇ ପାରିଲା ନାହିଁ । କହିଲା—

—ଭଉଣୀ ମା ମୁଁ ଯାଉଛି । ସମୟ ଢେର ହେଲାଣି । ଏଇକ୍ଷଣି ନଈଆ ସମୟ ଆଉ ନଷ୍ଟ କରି ଆସି ହେବ ନାହିଁ ଭଳି ଆସିଥିଲା ସୁରେଶ ଚୌକିରୁ ଉଠିଲା ।

ଭଉଣୀ । ସୁରେଶର ଏପରି କଥାଗୁଡ଼ି ଶୁଣିଲେ, ଜଣେ ଲୋକରୁ ଧକ୍କା ପରି ମିଳୁ ଯାମା । ରାତ ତ ଅନେକ ହେଲାଣି । ପୁଣି ମନରେ ଭବୁ ମିହାରେ ।

ସୁରେଶର ଇଚ୍ଛାଥିଲା ଆଜ୍ଞା ବସିବା ପାଇଁ । ମାତ୍ର ଉମାର ଅନୁମାନ, ଏଣ୍ଣ ବୁଝି ପାରୁ ନେଇଥିବ କଥାରେ ସେହା ଭିତର ଜାଣ ଖୋଲି ରହିବ । ସେହି ପାଇ ଚଞ୍ଚଳ ହୋଇ ଉଠିଲା, ତାରବା ଆଉ ଅପେକ୍ଷା କରି ନ ପାରି ଖୁବ୍ ଜୋରରେ ଚାଲି ଆସିଲା ଦରଜା ପାଖ ହେବା ପରେ ତାର ପାଦ ଦୁଇଟି ସେଠାରେ ଶିଥିଳ ହୋଇଗଲା ସେ ଧାଇଁଲା ପରି ଅସି ଅଟ ଅନ୍ଧକାରରେ ଲୁଚି ରହିଗଲା ।

ଏଥର ଉମାର ଅନୁମାନ ପାଣିରେ ମିଳାଇଗଲା । ସେ ଉଠି ଚାହିଁ ଦେଖିଲା ତାହାଙ୍କ ଆଖି ଆଗରେ ସୁରେଶ ନାହିଁ, ଅନୁମାନରେ ଚାଲିଗଲେ । ସେ ଉଠି ଅସି ଦରଜା ନିକଟରେ ରାସ୍ତା ଅନ୍ଧ ବୁଲିଲା ମାତ୍ର ସୁରେଶଙ୍କ ଗୁଳି ଧୂଆଁ ଦେଖିବାକୁ ମିଳିଲା ନାହିଁ । ସେ ତଳର ନମ୍ବରରେ ରାସ୍ତା ଅନ୍ଧାରେ ବୁଡ଼ି ରହିଲା । ତାର ଅଜଣାରେ କେଉଁ ଧାର ଲୁହ ଝୋଷ୍ଟିଲା । ସେ ମନେମନେ ଭାବିଲା ମୁଁ ଅଲକ୍ଷଣୀ ଭଣ ଭଲ । ସାମାନ୍ୟ ଅନୁମାନରେ ଆଜ ନିଜର ସର୍ବନାଶ କରି

ବେଦନା ମଧ୍ୟରେ ହୃଦୟ ଚିରି ଦାଉ ଦାଉ ଜଳି ଉଠିଲା ସେ ଆସି ବସି ବୁଢ଼ିଙ୍କ ପାଖରେ ଘରଘରିଆ ବାପାଙ୍କୁ ଖୁବ କୋଧ୍ୟାନରେ କଣ୍ଠରେ କହିଲା ।

—ବୁଢ଼ିମା, ଜଣେ ଭଦ୍ରଲୋକ ଆସିଥିଲେ, ଅଥଚ ତୁ ତାଙ୍କୁ ଟିକେ ସମ୍ମାନ ଦେଇ ପାରିଲୁ ନାହିଁ । ତୁମ ବୁଢ଼ୀଗୁଡ଼ା ମରିଯିବା ଦରକାର । ରତିମାର କଣ୍ଠରୁ କଥା ପଡୁଥିଲା, ଯେପରି ବୁଢ଼ି ଉପରେ ଶୋଳଣା ଗଢ଼ିଛି ।

ବୁଢ଼ି ଆଶ୍ଚର୍ଯ୍ୟ ହୋଇଯାଇ କହିଲା ।

—ହଁ ତୁମମାନେ ସବୁ ମୁହଁ ମାରି ଯାଅ । ଆମେ ବୁଢ଼ି ବୟସରେ ସବୁ କରୁଁ । ନୁହେଁ ।

—ହଁ ତୁ ଯେଉଁ ବୁଢ଼ି । ଏମିତି, ଆଜି ଦିଏ ଆସି, ଦୁଇଟି ମୋର ଗୋଡ଼ ତଳେ ଲାଗୁ ନଥାନ୍ତା । ମୁଁ ତାଙ୍କୁ ଡାକିଲି ଥିଲି ବୋଲି......

—ତୁ ତ ଡାକୁଥିଲୁ, ମୁହଁକୁ ଲୁଚାଇ ରଖିଥିଲୁ କାହିଁକି ?

ରତିମା କଥାର ମାନେ ବାଧି ନପାରି କହିଲା । ଦୁଇଟି ମନରେ ସେ କେତେ ଦୁଃଖ କରିଥିବ ? ଏତେବଡ଼ ଭଲଲୋକ ଅପମାନିତ ହବା କଥା ।

—କିଏ ମନା କରୁଥିଲା କି ? ନା ସେଇ ଭଲଲୋକ ଥିବା ପାଇଁ କଣ ଅସୁବିଧା ଥିଲା ? ତୁମକୁ ତ ସମ୍ମାନ ଦେବ ନାହିଁ । ଅନ୍ୟଙ୍କୁ କଣ ଉଦ୍ୟାମୀ ଦେବ । ତୁ ଯାଇ ପାଠ ପଢ଼ିବୁ । କଣ ଏଥିପାଇଁ ନା ।

ସତରେ ଭୁଲ ହୋଇଛି । ରତିମା ଅଭୁ କ୍ରୋଧ ସମ୍ଭାଳି ନପାରି ଖାଲି ବୁଢ଼ି ଉପରେ ବର ବର ହେଲେ ଲାଭ କଣ ? ବଞ୍ଚ

ଚଲା ପାଣି, ଆଉ ଉଡ଼ିଗଲା ସ୍ନେହ ଆଉ ଫେରି ଆସିବ ନାହିଁ । ମନ ମନଟିରେ ଅଶାନ୍ତି ଆଉ କ୍ରୋଧ ଉଭୟ ଏକ ସାଥିରେ ଲୁହ ହୋଇ ମୋଳୁ ପାଇ ଖଟ ଉପରେ ବସି ପଡ଼ିଲା ସେତେ ବେଳକୁ ଆଖି ଲୁହରେ ତାର ପଣତ ଓଦା ହୋଇ ଯାଇଥିଲା । ସେ ରାତିରେ ଖାଇବ ନାହିଁ ବୋଲି ମନା କରି ଖଟ ଉପରେ ଢଳି ପଡ଼ିଲା । ହୃଦୟର ଦୁର୍ଭାଗିନୀ ଅଶ୍ରୁ ଆଖିର ପ୍ରଳୟ ହେଉଥିଲା ।

ସେ ଖଟ ଉପରେ ଶୋଇରହି ଅତୀତ ଘଟଣାଟିକୁ ପୁନରାବୃତ୍ତି କରୁଥିଲା । ବର୍ତ୍ତମାନ ଯେଉଁ ଘଟଣାଟି ଘଟିଗଲା ଏଥିପାଇଁ ଦାୟୀ କିଏ ? ସେ ଅଜା ସୁନା ଭାଇକୁ ସାମାନ୍ୟ ଅଭିମାନରେ ତାଙ୍କ ପ୍ରତି ଯେଉଁ ଅପମାନ କରି ବସିଲା । ଏହା ଯଦି କଣ୍ଟ ଆକାର ଧାରଣ କରେ ସତେଲେ……

ସୁଷମା କିଛି ସ୍ଥିର କରି ପାରିଲା ନାହିଁ । ହୋଇଥାଉ ନିଜର ଭାଇକୁ ନା ଜଣେ ଅଜଣାକୁ ? ମନେ ମନେ ଭାବୁଥିଲା ଲୁଲୁର ପଣ ହେଉଥାଏ । ତାର ହୃଦୟ ସ୍ପନ୍ଦନ ସେଦିନ ଥର ଥରିତ ହେଉଥିଲା

ସୁନେଲି ଅତୀତ ସ୍ମୃତିର ରେଖା ସବୁ ଶୁଣୁଥାଏ । ତାହାର ପାଇଁ ସେ ଆଜି ଏତେ ଅଶାନ୍ତିର କଥା ଟା ଜଳି ଉଠିଲା । ଆଜି ତାର ସ୍ୱପ୍ନମୟ ଜୀବନରେ ଅନେକ ଆଶା ସେଇ ଅଶାନ୍ତି କଥାରେ ପୋଡ଼ି ପାଉଁଶ ହୋଇଗଲା ସାମାନ୍ୟ ଅଭିମାନରେ ? ସେ ମନେ ମନେ ଭାବିଲା ବାସ୍ତବରେ ଅଭିମାନ ଟା ମନୁଷ୍ୟର ବଡ଼ ଶତ୍ରୁ । ସେ ମନରେ କହୁଥିଲା ସୁଷମା ଏଥର ଜଣ ଭୁଲ ବୁଝି ପାରୁଛୁ । ମୋତେ ଦେଖିଲେ ଆଦର କରି ଓ ଜଣା । କାଲି ମୁଁ ତ ଘୋଡ଼ ଖସାଇ ଚାଲି ଆସିଛୁ । କାଲି ବା ଅଳ୍ପ ମୁହଁରେ ଦେଖା ଭେଟ । ନା ନାଷ୍ଟ କଷ୍ଟରେ ଏତେ ଧରନ ହେଲେ । ହୋଇ ପାରିବ ନାହିଁ । ପୁଷ୍କରର ଅନିବାର୍ଯ୍ୟ ପାଣିରେ ମିଶାଇ ଦିବ ।

ସୁରେଶ ଏଥର ଗୋଡ଼ି କାନ୍ଦି ପକାଇଲା ସେ ଅନେକ । ବିଗତ ସ୍ମୃତି ଗୁଡ଼ିକୁ ମନେ ପକାଇ ଦୁଃଖ ଅଶ୍ରୁର ଉଚ୍ଛୁଳା ସ୍ରୋତରେ ଅମାନିଆ ମନଟି ତାର ଭାସି ଆସି କେତେବେଳେ ଘର ପାଖରେ ପହଞ୍ଚିଥିଲା ସେ କଥା ସେ ଜାଣେ ନାହିଁ । ମନୁଷ୍ୟର ମନ ନଦୀ ପରି ଚଞ୍ଚଳ । ସେ ଏହି ଚଞ୍ଚଳତା ମଧ୍ୟରେ କେତେବେଳେ କଣ କରିବାକୁ ଚାହେଁ, କେହି ମଧ୍ୟ ଜାଣିପାରେନା । ସୀମାହୀନ ଭାବନା ମଧ୍ୟରେ ବୁଡ଼ି ରହି ମନୁଷ୍ୟ କେତେବେଳେ କେତେବେଳେ ଏପରି ମାରାତ୍ମକ ଅସୁବିଧାର ସୃଷ୍ଟି କରେ, ଯାହାଫଳରେ ମନୁଷ୍ୟ ସମାଜରେ ମୁଣ୍ଡ ଟେକି ଆଉ ଚାଲି ପାରେନା । ତଥାପି ସେ ଭାବନାରୁ ବିରତ ନ ହୋଇ ଆକାଶ କୁସୁମକୁ ଧରିବାକୁ ଇଚ୍ଛାକରେ ।

ଉତ୍ତମା, ସେଇ ଗୋଟିଏ ଝିଅ, ମାଂସ ଗଡ଼ା ପିଲୁଆ । ତାଙ୍କ ସେ ଛୁଆ ଥିଲା । ଆଜି ବଡ଼ ହୋଇଛି, ଗୋଟି ଗୋଟି କରି ଷୋଳଟି ବସନ୍ତକୁ ବିଦାୟ ଦେଇଛି । ମେଞ୍ଚ, ଫୁଲ ଛିଟ ଶାଢ଼ି ପିନ୍ଧୁ । ରୂପର ସମ୍ଭାର ତାର ପ୍ରତ୍ୟେକ ଅଙ୍ଗରେ ଫୁଟି ଉଠିଛି । ସେ କେଶ ତାର ଯୌବନ ଫୁଲଝୁରା ଦେହଟିକୁ ଘୋଡ଼ିଦେବ ତଳେ ନ ଅନାଇଁ ରହି ପାରେନା । ଗଣ୍ଡେଶ ଦେଇଥିବ ବଳୟ, ଆଉ ଲାଲିମାର ଗାଢ଼ ଦାଗ ଗଣ୍ଡକୁ ଏକ ନୂଆ ମହିମାରେ ଫୁଟି ଉଠିଛି । ଏଥିକୁ ସୀମାନ୍ତରେ କୁଙ୍କୁମ ଅଧ ଆଖି ର କଜ୍ଜଳ ରେଖା ମୋଟ ଉପରେ ଦେଖିବାକୁ ଗୋଟେ ଅଭିନବ ଛବି ଫୁଟାଉଛି । ଏମିତି ଯୁବତୀକୁ ମୁଗ୍ଧ ଦୃଷ୍ଟି ଦେଖିଲେ ଯେ କେହି ଜୀବନ ସଂସାର ଗଢ଼ିବାକୁ ମନ ବଳାଇବ ।

ସେ ଯୁବତୀ ଜୀବନରେ ସମସ୍ତ ଭାବନା ଚେତନାକୁ ହାସଲ କରିଛି । କାରଣ ସେ ସବୁ ହାସଲ କରିବାକୁ ତାକୁ ବହୁତ ଦୂରେଇ

ଯାଉଥିଲା । ନାରୀର ଜନ୍ମ ଦେଇ ମୃତ୍ୟୁ ପୁରୁଷର ଉପଭୋଗ ପାଇଁ ଏକଥା ମଧ୍ୟ ଜାଣିବାକୁ ଭୁଲି ନଥିଲା ।

ସୁରେଶ ଯେଉଁ ଦିନଠାରୁ ଅଭିମାନରେ ତାଙ୍କ ଘରୁ ପଳାଇ ଗଲେ । ସେହି ଦିନଠାରୁ ସେ ଆଉ ସ୍ଥିର ହୋଇ ରହିପାରୁ ନାହିଁ । ଏଥି ମଧ୍ୟରେ ସେ ନିଜର ଅପରାଧ ପାଇଁ ସୁରେଶ ନିକଟରେ କ୍ଷମା ମାଗିଛି ପତ୍ର ମାଧ୍ୟମରେ । କିନ୍ତୁ ସେଣୁ ନିପୁଣ ଦେଇ ଅନୁରୋଧ କରିଛି ଫେରିବା ପାଇଁ ମାତ୍ର, ସବୁ ଆପତ୍ତି ଅନୁରୋଧ ତାର ବୃଥା ହୋଇଛି । ସବୁବେଳେ, ତାର ମନରେ ଅଜଣା ଭୟ ଉଙ୍କି ମାରୁଛି ।

ଅନେକ ଅସ୍ଥିରତା ମଧ୍ୟରେ ପ୍ରାଣ ତାର ହାହାକାର ହେଉଛି ସୁରେଶର ଛପାଛବିଟା ତାକୁ ଏକାନ୍ତରେ ପ୍ରେମ ପାଗଳୀ କରି ଦେଉଛି ।

ଖାଇବା, ପିଇବାକୁ ଇଚ୍ଛା କରୁନାହିଁ । ନିଜର ଦେହ ମୁଣ୍ଡକୁ ଖିଆଲ ନାହିଁ । ପାଠ ପଢ଼ାରେ ମଧ୍ୟ ମନ ଲାଗୁନାହିଁ । ସବୁବେଳେ ଏକୁଟିଆ ବସିରହି କଣ ଭାବୁଛି । କାହାକୁ ଦରଦ ପଦରେ କଥା କହୁ ନାହିଁ । କାହାକୁ ବା ପଦେ କଥାରେ ଭଣ ଭଣ ହୋଇ ଉଠୁଛି କହି ଦେଉଛି ।

ସେଦିନ ସନ୍ଧ୍ୟାବେଳେ ରତ୍ନମା ଏକୁଟିଆ ବସିରହି ସୁରେଶ କଥା ଭାବୁଥିଲା । ଭାବୁଥିଲା ସେ ମୋ ପ୍ରତି ଏତେ ନିଷ୍ଠୁର ହେଲେ । ମୋର ସାମାନ୍ୟ ଅଭିମାନରେ ମନରେ ଏତେ ରାଗ ରଖି ଆଜି ମୋତେ ବି ଚିଠି ଫେରାଇ ସୁଦ୍ଧା ନାହାନ୍ତି । ସଂସାରରେ କେତେ ନର୍ତ୍ତକୀ ଭଳି ଅଛନ୍ତି । ସେଥିରେ ପୁରୁଷ ଜାତିଟା ବଡ଼ ନିଷ୍ଠୁର । ନାରୀର ଅନ୍ତର କଥା ସେମାନେ ଜାଣନ୍ତି ନାହିଁ । ସେଥିରେ କେତେକେ ୯ ସୀମିତ କଥା କହି ଭଲ ପାଇବାର ବାସନାଟିକୁ ଦଳାଇ ଦେଇ

ଶେଷରେ ଦାରୁଣ ଆଘାତ ଦିଅନ୍ତି । ଏହିପରି ନାନାଦି ଭାବନାରେ ମୁଣ୍ଡ ତାର ବିଗିଡ଼ି ଗଲା । ଆଖିରେ ଅଶ୍ରୁ ଛଳ ଛଳ ହୋଇ ଆସିଲା ଅଶ୍ରୁପୂର୍ଣ୍ଣ ଆଖି ମଧ୍ୟରେ ସୁରେଶର ସୁନ୍ଦର ସୁଗୋଲ ଚେହେରାଟି ନାଚି ଉଠିଲା । ସେ ମନେ ମନେ ସ୍ଥିର କଲା ଆଜ ଖଣ୍ଡେ ଚିଠି ଲେଖି ଜାଣି ଦେବ । ଏପଟେ ଯଦି ସୁରେଶ ତାକୁ ଅନାଦର କରେ ତାହେଲେ..... ।

ରମା ଅଧିକ ଆଗକୁ ଭାବି ପାରିଲା ନାହିଁ । ନିଜର ଦୁଃଖ ଜଣାଇ ଭଗବାନଙ୍କୁ ଡାକିଲା । ଦେଖିବେଳକୁ ରାତି ଅନେକ ହୋଇ ଯାଇଥାଏ । ସମସ୍ତେ ଖାଇ ସାରିଲେଣି । ମାଆଙ୍କର ଡାକରା ଡାକରେ ରମା ଖାଇବା ପାଇଁ ଗଲା ସିନା କିନ୍ତୁ ଖାଇବାରେ ମନ ଲାଗିଲା ନାହିଁ । ସବୁ ଯେପରି ସୁରେଶ ବିନା, ଦୁଃଖଭରା ଅନ୍ଧକାର ଅମୃତ ପିତା ଆଜି ସବୁ ତୁଚ୍ଛ ।

ଦୀପ ନିଭାଇ ସମସ୍ତେ ନିଦ୍ରା ଦେବୀଙ୍କ ର ଶାନ୍ତ କୋଳରେ ଆଶ୍ରୟ ନେଲେ । ମାତ୍ର ରମା ଆଖିରେ ନିଦ ନାହିଁ । ସେ ଖଟ ଉପରେ ପଡ଼ିରହି ସୁରେଶ ଭାବନାରେ ବୁଡ଼ି ରହିଥାଏ । ସେ କୌଣସି ପ୍ରକାରେ ନିଜକୁ ଧୋଇ ପାରିଲା ନାହିଁ । ନିଜର ଦୁଃଖ କାହାଣୀ ସୁରେଶକୁ ଜଣାଇବା ନିମନ୍ତେ କାଗଜ କଲମ ଆଣି ଲେଖି ବସିଲା ।

ହେ ହୃଦୟର ଦେବତା ......

ତୁମେ କେବଳ ମୋତେ ଭଲ ପାଇବ ଭଲ ପାଇଥିଲ ! କେତେଦିନ କେତେ ଆଶା, ଆକାଂକ୍ଷା ମନରେ ମୋର ମଉଳି ଗଲ । ମୁଁ ସେ ତୁମକୁ ଦେଖିପାରୁ ନ ଥାଏ କିନ୍ତୁ ନାହିଁ । ଏଇଟା କଣ ମୋର ଭୁଲ ? ତୁମ ନିକଟରେ ଅଜଣାରେ

ନିଜର ଆଉ ଭାହାଣଙ୍କ ଠାରେ ଅଭିମାନ କରିବ । ସେଥିପାଇଁ ତୁମେ ଯଦି ମନରେ ଘର ଧରି ବସିବ ତାହେଲେ ମୁଁ ସିନା ଦୁଃଖ ସାଗରରେ ଭାସିବି । ତୁମେ ଯଦି ମନରେ ଭାବୁଥାଅ ଯେ ଅଭିମାନ ମୋର ଭୁଲ ହୋଇଛି, ତାହେଲେ ତୁମର ଚରଣ କମଳରେ ମୁଁ କରଯୋଡ଼ି କ୍ଷମା ମାଗି ନେଉଛି । ତୁମେ ଆଜ ମୋ ଉପରେ ଏତେ ରାଗଧରି ବସିବାକୁ ତୁମଠାରୁ ସବୁ ଅଭିମାନ ସବୁ ଭୁଲ ।

ତୁମର ସୁନ୍ଦର ରୂପଟି ସବୁବେଳେ ମୋର ଆଖିରେ ନାଚୁ ଥାଉଛି । ତୁମ ମଧୁରବାଣୀ ଭାଷା ଗୁଞ୍ଜନ ସବୁବେଳେ ମୋର କର୍ଣ୍ଣ କୁହରରେ ପ୍ରତିଧ୍ୱନିତ ହେଉଛି । ତୁମର ସୁମଧୁର କଥା ସବୁକୁ ମନେ ପଡ଼ିଲେ ଆଖିରେ ଲୁହ ଆସେ, ଆଉ ତୁମ କଥା ନଲେଖି ମୁଁ କେବଳ ରହି ପାରେନା । ତୁମକୁ ଚିଠି ନ ଲେଖିଲେ ମୋତେ ପାଗଳ ପରି ଲାଗେ ମୁଁ ମନ ମଧ୍ୟରେ କେତେ କଣ ଭାବେ ଭଲ୍ଲା ହୁଏ ସବୁ ଅଭିମାନକୁ ପଛରେ ପକାଇ ତୁମ ନିକଟକୁ ଧାଇଁ ଯାଇ ତୁମ ସୁକୋମଳ ବାହୁ ବନ୍ଧନରେ ରହି ଗୋପନ କଥା କହିବାକୁ । ସମାଜର ଲାଜ ଭୟକୁ ଛାଡ଼ି ମନ କଥାକୁ ମନମଧ୍ୟରେ ଚାପିଛି ଦିଏଁ ।

କନ୍ ସାମାନ୍ୟ ଅଭିମାନରେ ତୁମର ମୋ ପ୍ରତି ସେଇଁ ନିଷ୍ଠୁର ବ୍ୟବହାର ଏଇଟା କଣ ଠିକ ହୋଇଛି ? ହୃଦୟ ମଧ୍ୟରେ ଭାବ ଦେଖିଲ ତୁମ୍ ଅଞ୍ଚଳରେ ଗୋଟିଏ ନିଃସହା, ସରଳାବାଳିକାର ଜୀବନ କଣ ହେଉଛି ? ହାହାକାରର ଆର୍ତ୍ତନାଦକୁ ବୁକୁରେ ଚାପି ରଖି ଆଖି ଲୁହକୁ ପଣତରେ ପୋଛା କରୁଛି ଏଇଟା କଣ ତୁମକୁ ଭଲ ଲାଗୁଛି ? ଯଦି ଭଲ ଲାଗୁଛି ବୋଲି ମନ ମଧ୍ୟରେ ଭାବୁଛ, ତାହେଲେ ମୋତେ ଶେଷକଥା ଜଣାଇଦିଅ, ମୁଁ ମୋର ପଥ ପରିଷ୍କାର କରିନେବି ।

କିନ୍ତୁ ତୁମ୍ଭଙ୍କୁ ଦେଖିଲେ ମୁଁ ଯେତେ ଆନନ୍ଦ ହୁଏ, ସେକଥା ଲେଖନୀ ମୁନରେ ପ୍ରକାଶ କରି ହେବ ନାହିଁ । ତୁମ୍ଭେ ଯେ ମୋତେ ଦେଖିଲେ ମୁହଁ ବୁଲାଇ ଚାଲି ଯାଉଛ । ତୁମ୍ଭର ସେହି ବ୍ୟବହାର ମୋ ହୃଦୟରେ ଯେଉଁ ଆଘାତ ଦିଏ, ଆଖିର ଅଶ୍ରୁ ପ୍ରମାଣ ହୋଇ ଅପେ ଆପେ ବାହାରି ଆସେ, ତାହାର [illegible] । ତୁମ୍ଭେ ମନ୍ଦ କହୁଥିଲ ମୁଁ ତୁମ୍ଭଙ୍କୁ ଅଳ୍ପ ଭଲ ପାଏ, ତାର ପ୍ରତିବାଦ କରି ଏବେ ? କେତେ ଦିନରୁ ତୁମ୍ଭର ସ୍ନେହ-ଭରା ପଦ ବା ମଧୁରବାଣୀ ଶୁଣି ନ ପାଇ ହୃଦୟ ମୋର ଫାଟିଯିବା ପରି ମନେ ହେଉଛି ।

ତୁମ୍ଭ ଆଜି ମୋ ମଧ୍ୟରେ କ୍ଷୀର ଓ ନୀରର ସଂପର୍କ, କ୍ଷୀର ଆଉ ନୀରର ପ୍ରେମରେ କେଣେ କେବେ ଅଗ୍ନିକର ଦାରୁଣ ଆଘାତ ପାଏ । ନୀର କ୍ଷୀରକୁ ବା କ୍ଷୀର ନୀରକୁ ଛାଡ଼ି ରହି ପାରେନା । ସେହିପରି ତୁମ୍ଭ ବିଚ୍ଛେଦରେ ମୋର ପ୍ରାଣ କଣ କଣ ହେଉଥିବ ଅନୁମାନ କର । ତୁମ୍ଭେ ହୁଏତ ମୋତେ ଅନ୍ୟକରି ଭଲ ପାଉଥିବ କିନ୍ତୁ ମୁଁ ତୁମ୍ଭଙ୍କୁ ପ୍ରାଣ ଦେଇ ଭଲ ପାଉଛି, ଆଉ ତୁମ୍ଭର ସେହି ମୋହନ ରୂପଟିକୁ ମୋର ହୃଦୟ ମଧ୍ୟରେ ଆଙ୍କି ରଖିଛି, ତେଣୁ ମୋ ପ୍ରତି ଆଉ ଏତେ ନିଷ୍ଠୁର ହୁଅ ନାହିଁ । ତୁମେ ସବୁ ସଗ ଅଭିମାନକୁ ଭୁଲିଯାଇ ମୋତେ କଥା କୁହ । ତୁମ୍ଭ ତୁଣ୍ଡର ପଦେ କଥା ଶୁଣିଲେ ମୋର ପାଞ୍ଚ ଦିନର ବିଚ୍ଛେଦ ବେଦନା ଦୂର ହେବ, ତପ୍ତ ହୃଦୟ ମୋର ଶୀତଳ ସମୀରଣରେ ଶାନ୍ତ ହୋଇ ଯିବ । ତୁମ୍ଭର ତୁଣ୍ଡରୁ ପଦେ କଥା ଶୁଣିବା ପାଇଁ ଏ ଅଭାଗିନୀ ଚରଣ ସେବିକା ଚାତକ ପକ୍ଷୀ ସମ ବସି ରହିଛି ।

ଆଉ ତୁମ୍ଭେ ମୋତେ ଭୁଲିବାକୁ ଚେଷ୍ଟା କରନା । ମୁଁ ମୋର ସର୍ବସ୍ୱ ତୁମ୍ଭର ଚରଣ ତଳେ ସମର୍ପଣ କରିଛି । ତୁମ୍ଭର ସେବା

ମୋ ଜୀବନର ବ୍ରତ । ତୁମ୍ଭର ପାଦଧୂଳି ମୋ ସୀମନ୍ତର ସିନ୍ଦୂର । ତୁମର ଆଦେଶ ମୋ ଭବିଷ୍ୟତ ଜୀବନର ପଥ ପ୍ରଦର୍ଶକ । ତୁମ୍ଭଙ୍କୁ ଶାନ୍ତି ଦେବା ମୋର ଧର୍ମ । ଏହା ମୋର ଶେଷ କଥା, ତୁମ୍ଭଙ୍କୁ ଆଜି ମୁଁ ଖୋଲି ଜଣାଇ ଦେଲି । ତୁମ ବିନା ଏ ଦୁନିଆରେ ମୁଁ କାହାକୁ ବୁଝେନା, ତୁମଙ୍କୁ ନେଇ ମୁଁ ଦୁନିଆରେ ଆଜି ମୋ ଜୀବନ ଧନ୍ୟ ହୋଇ ଉଠିଆ ହେବ । ତୁମେହିଁ ମୋର ଆରାଧ୍ୟ ଦେବତା ।

ମୁଁ ନାରୀ, ନାରୀ ଜୀବନରେ ଯେତିକି କରିବା କଥା କରିଛି, ମୁଁ ନାରୀ ଧର୍ମ ରକ୍ଷା କରିବା ନିମନ୍ତେ ସମାଜର ଶତ ଲାଞ୍ଛନା, ଅନ୍ୟ ଅତ୍ୟାଚାରକୁ ମୁଣ୍ଡରେ ମୁଣ୍ଡାଇବି, ସେଥିରେ ଯେତେ ଅପବାଦ ଆସିଲେ ସୁଦ୍ଧା ଚୂପ୍ ରହିବି । ଦୁନିଆ ଲୋକେ ମୋତେ କଳଙ୍କିନୀ ବୋଲି କହି ଗାଳି ପାରିବେ, ତଥାପି ତୁମର ମୂର୍ତ୍ତିକୁ ସ୍ମରି ମୁଁ ସବୁ ସହି ଯିବି । ତୁମ ବିନା ଧନ ମୋତେ ସବୁ ସମ ଲାଗୁଛି, ତମ ବିନା ମୁଁ ସୁଖୀ ହୋଇ ପାରିବି ନାହିଁ । ତୁମେ ଯେ ଆମ ସନ୍ତ ଦୁନିଆରୁ ଶାନ୍ତିରେ ରହି ପାରୁଥିବ, ଏକଥା ମୁଁ ବିଶ୍ୱାସ କରୁନାହିଁ, କାରଣ ଅଭିମାନରେ ତୁମେ ବାଧ୍ୟ ହୋଇ ଏଠାରେ ରହିଛ । କିନ୍ତୁ ମୁଁ ତୁମ୍ଭଙ୍କୁ ଅନୁରୋଧ କରୁଛି, ହେ ଦେବତା ତୁମେ ସେ ଅଭିମାନ ମନରୁ ପାଶୋରି ଦିଅ, ଆଉ ପୁଣି ଥରେ ତୁମେ ଆମ ଘରକୁ ଫେରି ଆସିବ ।

ମୁଁ ଆଉ ଅଧିକ କିଛି ଲେଖିପାରୁ ନାହିଁ, ଶେଷରେ ଏ ଅଭାଗିନୀ ତରଫରୁ ଶୋଭନାର ପୋଡ଼ା ନମସ୍କାରଟିକୁ ସସ୍ନେହ ହୃଦୟରେ ଗ୍ରହଣ କର । ଶେଷରେ ତୁମ ପାଇଁ ଭେଟିଛି ଲେଖିଲି, ଭାବିଲି, ତେବେ ଦେବାକୁ ବାକି ନାହିଁ ।

ପାଠାଗାର

ଆସିଲ ଦେବତା ଚାଲିଗଲ ତୁମ୍ଭେ
ପୂଜା ଫୁଲ ନେଲ ନାହିଁ
ସଜଫୁଟା ଫୁଲ ବାସି ହୋଇଯାଏ
ତୁମ୍ଭ ପଥ ଚାହିଁ ଚାହିଁ ।
ଅମାନିଆ ମନ ପକ୍ଷୀ ଧାଇଁ ବୁଲେ
ରଖ ହୃଦ ପିଞ୍ଜରାରେ ।
ଭରା ବସନ୍ତର ମୋହିଆ ପବନ
ମନକୁ ବାଉଳା କରେ
ତୁମ୍ଭେ କାମଦେବ ମୁହିଁ ରତି ଦେବୀ
ରଖ ତୁମ୍ଭ ପାଦତଳେ ।
ଭରା ଯଉବନେ ଚାଲି ନ ପାରଇ
ଏକାକିନୀ ବସି ଘରେ ।
ସ୍ୱପ୍ନ ଭଳେ ଧୀର ଚେତନ ଶାବନ
ନାହିଁ ଆଉଠାରେ ଆଶା
ପଦ୍ମିନି ଦେଖାଇବ ଦେଇ ମନ ପ୍ରାଣ
ରଖିଅଛି ମୁଁ ଭରସା ।

ଉତ୍ତମା କବିତାଟି ଲେଖିଥିବା ପତ୍ରଟିକୁ ଆମୂଳଚୂଳ ପାଠ କଲା । ଖୁବ୍ ଭଲ ହୋଇଛି । ମନ ମଧ୍ୟରେ ଗର୍ବ ଭରି ଫାଟି ପଡୁଥାଏ, ସେ ଆଜି ଅନେକ ଦିନରୁ ଲୁକାୟିତ ଗୋପନୀୟତାକୁ ଖୋଲି ସୁରେଶଙ୍କୁ ପତ୍ର ଲେଖି ଜଣାଇ ଦେଇଛି । ସୁରେଶ ନିଶ୍ଚୟ ଆନନ୍ଦ ହେବ ମନରୁ ଅଭିମାନ ତେଜି ନିଶ୍ଚୟ ଆମ ଘରକୁ ଆସିବେ । ମୋତେ ଆଦର କରିବେ । ଏକତ୍ରେ ଅଜଣା କଥାରେ ଦୁହେଁ ନିରୋଳାରେ ବସି ଆନନ୍ଦ ଅନୁଭବ କରିବୁ ।

ଏହିପରି ଅନେକ ଭାବନାରେ ରଶ୍ମିମାର ମୁଣ୍ଡ ଓଜନ ହୋଇଗଲା । ପତ୍ରଟିକୁ ଯତ୍ନରେ ରଖିଦେଇ ନିଜର ଖଟ ଉପରେ ଢଳି ପଡ଼ିଲା । ତାର ଅଜାଣତରେ କେତେବେଳେ ନିଦ୍ରାଦେବୀ ତାକୁ ଗ୍ରାସ କରି ନେଲେ ସେ ଜାଣେନା ।

ଦୂର ପାହାଡ଼ ମଧ୍ୟରେ ସୂର୍ଯ୍ୟଦେବ ମୁହଁ ଲୁଚାଉଥିଲେ । ତାଙ୍କର ରଙ୍ଗିନ ରଶ୍ମିରେ ପୃଥିବୀ ପ୍ଲାବିତ ହେଉଥିଲା । କଳରବ ମୁଖର ପକ୍ଷୀଗୁଡ଼ିକ ନିଜ ନିଜ କୋଠରୀ ଗୃହକୁ ଫେରି ଆସୁଥିଲେ, ଅଦୂରରେ ଥିବା ଦେବ ମନ୍ଦିରରୁ ଶଙ୍ଖ ଘଣ୍ଟାର ବେଦଧ୍ୱନି ଭାସି ଆସୁଥିଲା । ସନ୍ଧ୍ୟା ହେବାକୁ ମୁହୂର୍ତ୍ତେ ବାକି ।

ଧୀରେ ଧୀରେ ସୂର୍ଯ୍ୟଦେବ ଲୁଚିଗଲେ । କଳାଶାଢ଼ୀ ପିନ୍ଧି ସନ୍ଧ୍ୟାରାଣୀ ଓହ୍ଲାଇ ଆସିଲେ । ପୃଥିବୀ ଅନ୍ଧକାର ମଧ୍ୟରେ ଆତ୍ମଗୋପନ କଲା । ନୀଳ ଆକାଶର ପ୍ରତ୍ୟେକ କୋଣରେ ନିଜର ମିଟି ମିଟି ଆଲୋକ ନେଇ ତାରାପୁଞ୍ଜ ଝୁଲୁଥିବା ଆସ୍ତେ ଉଙ୍କିଥିଲେ । ସୁନ୍ଦର ତରଳ ନିର୍ମଳ ଆକାଶରେ ଖଣ୍ଡେ ଖଣ୍ଡେ ଧଳା ବାଦଲ ଭାସି ଯାଉଥିଲେ । ଅଦୂରର କେତକୀ ଫୁଲର ସୁଗନ୍ଧ ଦକ୍ଷିଣର ଶୀତଳ ସମୀରଣରେ ଭାସିଆସି ମନରେ ଅପୂର୍ବ ଆନନ୍ଦ ଭରି ଦେଉଥିଲା । ପଞ୍ଚମୀ ଜହ୍ନ ଆସିବାକୁ ଡେରି ଅଛି ??

ସୁରେଶ ନିଜର ବାରଣ୍ଡାରେ ବସି ଝରକା ପଥ ଦେଇ ପ୍ରକୃତିର ସୌନ୍ଦର୍ଯ୍ୟ ଉପଭୋଗ କରୁଥିଲା । ଶୀତଳ ସମୀରଣକୁ କେତକୀର ସୁରଭି ମନୁଷ୍ୟ ପ୍ରାଣରେ ଯେଉଁ ଉନ୍ମାଦନା ଉତ୍ପାଦେ । ହୃଦୟରେ ଜାଗ୍ରତ ହୁଏ । ସୁରେଶ ଏକାବେଳକେ ଉନ୍ମାଦ । ରଶ୍ମିମାର ପ୍ରତ୍ୟେକ କଥା ଗୁଡ଼ିକ ତା ପ୍ରାଣରେ ଉନ୍ମାଦନା ଆଣିଥିଲା । ସେ ବସିରହି ଅତୀତର ପୁରୁଣା ଇତିହାସକୁ ପୁନରାବୃତ୍ତି କରୁଥିଲା । ଯେଉଁ ଦିନଠାରୁ ସେ ଅଭିମାନ ନେଇ ରଶ୍ମିମା ଘରୁ ପଳାଇ ଆସି

ଲାଣି ତା ମନରେ ମଧ୍ୟ ସୁଖ ନାହିଁ । ରଶ୍ମା କଥା ମନେ ପଡ଼ିଲେ ସେ ସବୁ କାମ ପଛରେ ପକାଇ ଭାବନା ରାଜ୍ୟରେ ଭାସି ବୁଲୁଛି ।

ଏହା ମଧ୍ୟରେ ରଶ୍ମା ତାର ଅନ୍ୟାୟ ପାଇଁ କ୍ଷମା ପ୍ରାର୍ଥନା କରି ଅନେକ ପତ୍ର ପଠାଇଲାଣି । ଟେଲିଗ୍ରାମ ଖବର ଦେଲାଣି । ଅନେକ ଥର, ନମ୍ର ଦେଇ ଅନୁରୋଧ କରିଛି । ଥରେ ସାକ୍ଷାତ କରିବା ପାଇଁ ; ମାତ୍ର ମୁଁ ତାର କୌଣସି ଅନୁରୋଧ ରଖିନାହିଁ । ତାର ପତ୍ର ବଦଳରେ ମଧ୍ୟ ଖଣ୍ଡେ ପତ୍ର ଦେଇନାହିଁ । ତାହାର ଦୁଃଖରେ ଭାଙ୍ଗି ପଡ଼ିବଣି । ଏହିପରି ଅନେକ ଭାବନା ମଧ୍ୟରେ ବୁଡ଼ିଯାଇ ସୁରେଶ ନିଜର ଚୌକି ଉପରେ ବସିଥିଲା । ସେ କାହାର ପାଦ ଶବ୍ଦରେ ଫେରି ଚାହିଁଲା ।

ଛବି କବାଟ ଆଉଜେଇ ଭିତରକୁ ପଶୁଛି । ହାତରେ ଗୋଟିଏ କଳା ଧରିଛି । ଛବି ଭିତରକୁ ପଶିଆସି କହୁ କହୁ ଅପଲକ ନୟନରେ ସୁରେଶଙ୍କୁ ଚାହିଁ ରହିଲା । ସୁରେଶ ଛବିର ଏପରି ଭାବ ଦେଖି ଉଦ୍‌ବେଗ ହୋଇ ପଚାରିଲେ ।

—କଣ, କିଛି କାମ ଅଛି ?

—ବିନା କାର୍ଯ୍ୟରେ ମୂଲ୍ୟବାନ ସମୟର ଅପଚୟ ହେବ ନାହିଁ ? ଛବି ଅଭିମାନ ଭରା କଣ୍ଠରେ ଥମ ଥମ ହୋଇ କହିଲା । ସୁରେଶ ଛବି ନିକଟରୁ ଏପରି ଅଭିମାନଭରା କଥା କେବେ ଶୁଣି ନଥିଲା । ସେ ଛବିର କଥା ଆଉ ତାକୁ ଲକ୍ଷ୍ୟକରି ମନେ ମନେ ଭାବିଲା—ଛବି ଏ ମଧ୍ୟରେ ଅନେକ ଆଗେଇ ଯାଇଛି । ଆଜି ଅଭିମାନର ଛଳନାକୁ ହାସଲ କଲାଣି । ମୋର ଅଜ୍ଞାତରେ କେବଳ ରଶ୍ମା ନୁହେଁ ଛବି ମଧ୍ୟ ତାର ସଙ୍ଗାତ ପାଇଁ ଆଜି ସେହି କଥା ପଢ଼ିଛି କହିଲା, ଯେଉଁଥିରେ ସେ ରାଗ ଶୋଷଣା ଅଛି ମୋ ଉପରେ । ସୁରେଶ କଣ ଉତ୍ତର ଦେବ ମନ ମଧ୍ୟରେ

ସ୍ଥିର କରି ପାରିଲା ନାହିଁ । ଖାଲି ଅପଲକ ନୟନରେ ସ୍ଥିର ରହିଲା ଛବିର ତନୁଲତାଟିକୁ । ସୁରେଶର ନୀରସ ମୁଖରେ ଉତ୍ତରର ଆଗ୍ରହ ନପାଇ ଛବିର ଅଭିମାନ ଆହୁରି ବଢ଼ି ଯାଇଥିଲା । ସେ ସୁରେଶ ସହିତ ତାଙ୍କ ସାଥିବାକୁ ଯାଇ କହିଲା ।

— ତୁମର ତ ମୂଲ୍ୟବାନ ସମୟର ଅଭାବ ନଥିଲା, ଆଉ ଆଜି କାହାର ପୁଣି ସମୟ ଅଛି ନା ନାହିଁ ?

ସୁରେଶ ଛବିଠାରୁ ଏପରି କଥା ଶୁଣି ସତି ପାଇଥିଲା । ମାତ୍ର ଛବିକୁ ସେ କେବେ ରାଗ ବା କଟୂକ୍ତି କରି ତା ମନରେ ଦୁଃଖ ଦିଏ ନାହିଁ । ତାହାର ଅନ୍ତରରେ ଛବି ଆଜି ସ୍ଥୂଳରେ ସ୍ଥାନ ନେଇଛି । ସୁକାନ୍ତ ନହେଲେ ସୁଧା ଛବିକୁ ଭଉଣୀ ଛଡ଼ା ଅନ୍ୟ କିଛି ସ୍ଥିର କରି ପାରିଲା ନାହିଁ । ସବୁ ରାଗ ତାର ପାଣିରେ ମିଳାଇ ଗଲା । ସେ ମନ ମଧ୍ୟରେ କିଛି ସ୍ଥିର କରି ପାରିଲା ନାହିଁ । ଛବିର କଥା ତା ପ୍ରାଣରେ ଯେଉଁ ପ୍ରତିକ୍ରିୟା ସୃଷ୍ଟି କରିଥିଲା । ସେ ନିଜକୁ ମଧ୍ୟ ଭୁଲି ଯାଇଥିଲା । ଏପରିକି ସେ ଛବିକୁ ବସିବାକୁ ନ କହି ସେହିପରି ଚାହିଁ ରହିଥାଏ ।

ଛବି, ସୁରେଶର ଆଦର ଅଭ୍ୟର୍ଥନାକୁ ଅପେକ୍ଷା ନକରି ନିଜେ ନିଜେ ବସି କହିଲା :

—ଦେଖ ସୁରେଶଭାଇ, ତୁମପାଇଁ ଜଣଙ୍କର ପ୍ରାଣ ଯାହାତାର ମଧ୍ୟରେ ଆଉଁ ଚିତ୍କାର କରେ ଅଥଚ ତା ପାଇଁ ତୁମ ମନରେ ଟିକିଏ ଦୟା ଆସୁନାହିଁ ?

ସୁରେଶ ଏପରି ଆଉ ଥୟ ଧରି ରହି ପାରିଲା ନାହିଁ । ସେ ଦେଖିଲା ଛବି କଥା ମଧ୍ୟରେ ପ୍ରଶ୍ରୟ ଅଛପି ଯାଉଛି । ନାୟିକାର ବାସ୍ତବତାକୁ ଅନୁକରଣ କରୁଛି । ସେ ଛବି କଥାରେ ଖୁସି ହୋଇଗଲା । ତା ମୁହଁରେ ହସ ଫୁଟି ମିଳାଇ ଗଲା । ସେ ହସି ହସି କହିଲା ।

—ଦେଖ ଛୁଉ ଦସ୍ତା, ଆତ୍ମ ଉଲ୍ଲଣ୍ଠା ମାନ, ଆଉ ଅପମାନ ମଧ୍ୟରେ ବଧାଏ । ଏ ଦୁଇଟିକୁ ମନ ଦେଇ ଆଡାପ୍ତ କରିବାକୁ ହୁଏ । ଅପମାନଟା ଚୋଟାଏ ନଦାର ଖରାପ । ଯେଉଁ ଦିନ ନେତାର ସଙ୍ଗୀତ ଦୋକେ ଉକାଳ ନେଲ ଯେଉଁ ବ୍ୟବହାରଟା ଦେଲ, ସେଥିରେ କେବଳ ମୁଁ ଏତିକି ଶିକ୍ଷା ପାଇଲି, ସେମାନେ ବଡ଼-ଲୋକ, ଆଉ ଆମେ ତାଙ୍କ ନିକଟରେ ଅତି ତୁଚ୍ଛ—ନଗନ୍ୟ । ତାହାପାଇଁ ଯେ ମୁଁ ଦୁଃଖ କରୁନାହିଁ ଏକଥା ତୁ ସତ ନାହିଁ । ତଥାପି ନାରୀ ନିକଟରେ ଏତେ ଦୁର୍ବଳ ହେଲେ ମନୁଷ୍ୟର ସମ୍ମାନ ଗୁଡ଼ିକ ବାହାରେ ଲୁଚୁଥିବ ହେବ । ପୁରୁଷର ଆଭିଜାତ୍ୟରେ କଳଙ୍କ ଲାଗିବ ।

—ନା ସୁରଭି । ମୋ ସଙ୍ଗୀତଙ୍କୁ ତୁମେ ଭୁଲ ବୁଝନାହିଁ । ତୁମକୁ ସେ କେବେହେଲେ ନିଷ୍ଠୁର ଚକ୍ଷୁରେ ଦେଖନ୍ତି ନାହିଁ । ତୁମର ଆସନ, ତାଙ୍କ ନିକଟରେ ଅତି ଉଚ୍ଚରେ । ଆଉ ଏଇ କେତେଦିନ ତୁମ ବିଚ୍ଛେଦରେ ମୋ ସଙ୍ଗୀତଙ୍କ ଆଖିରେ ଲୁହ ଭରିଛି ।

— ସେ କଥା ମୁଁ ତୋର କଥାରୁ ବେଶ ବୁଝିପାରୁଛି । ତେବେ ଯେ ସବୁ କଥା ଖୋଲି କହୁଥିବ । ଏକଥା ମୋର ବିଶ୍ୱାସ କାରଣ ପ୍ରଥମ ଦୁଇପଦ କଥାରେ ପ୍ରମାଣ ଦେଇଛୁ । ତା ହେଲେ ତୁ କଣ କହିବାକୁ ଚାହୁଁଛୁ ?

ତୁମେ ଏଥର ସବୁ କଥାକୁ ଭୁଲି ଯାଇ ମୋ ସଙ୍ଗୀତ ସଙ୍ଗରେ ଯିବ । ଆଉ ଏଇ କଟକଣା ଦୁଇଟିରେ ନିଜର ନାମ ଲେଖିଦେବ । ଏଇ ଚିଠିଟି ପଢ଼ି ତୁମେ ତାଙ୍କର ସମସ୍ତ ଘଟଣା ଜାଣିବ । ମୁଁ କଣ କହିବି ? କିନ୍ତୁ ଶେଷକଥା ଏଇଆ ତୁମ ପାଇଁ ଝୁରି ଝୁରି ସେ ଝୁରି ଗଲେଣି । ତୁମେ ତାଙ୍କ ଘରକୁ ନିଶ୍ଚୟ ଯିବ ।

ଛବି ନିକଟରୁ ଏ କଥା ସୁରେଶ ହୃଦୟରେ ଗୋଟିଏ ଅଜଣା କୋହ ଜାତ ହୋଇଥିଲା । ସେ ମନେ ମନେ ଭାବିଲା ସାମାନ୍ୟ ଅଭିମାନରେ ମୁଁ ଏତେଅସ୍ଥି ନିଷ୍ଠୁର ହୋଇ ପାରୁଛି । ଉତ୍ତମା ସେ ମୋ ପାଇଁ ପାଗଳ, ଆଜି ବ୍ୟାକୁଳ, ଏକଥା ମିଥ୍ୟା ନୁହେଁ । ସେ ଗୋଟିଏ ଅଜଣା କୋହ ଅନୁଭବ କଲା । ଆଉ ସମ୍ଭାଳି ନ ପାରି କହିଲା ।

—ହଉ ପିବାକୁ ଚେଷ୍ଟା କରିବ ।

—ନା ଚେଷ୍ଟା କରିବା କଥା ନୁହେଁ । ନିଶ୍ଚୟ ପିଇ । ଆଉ ଛଟି ମଧ୍ୟ ଦେବ । ତା ନହେଲେ ସଙ୍ଗୀତ ହୁଏତ ଅନ୍ୟତଳୁ ରହି ପାରେ । ତୁମେ ଆଉ ସେ ପିଛିଲା କଥାକୁ ଧରି ବସ ନାହିଁ ।

ସେତିକିବେଳକୁ ଅନେକ ଡେରି ହୋଇଥିଲା । ସୁରେଶର ମାଉ ସୁମିତ୍ରା ଦେବୀଙ୍କର ନିର୍ଦ୍ଦେଶରେ ଦୁହେଁ ଖାଇବାକୁ ଗଲେ । ଛବି ସେ ସୁରେଶ ଘରର ଜଣା ଲୋକ ଭଳିରେ ଚଳେ । ଅଧିକାଂଶ ସମୟ ତାଙ୍କ ଘରେ । ସୁରେଶ ମାଆ, ବାପା ଛବିର ବ୍ୟବହାର ଆଉ ଭକ୍ତିରେ ବନ୍ଧା ।

ମାଆଙ୍କ ନିର୍ଦ୍ଦେଶ ଅନୁସାରେ ସୁରେଶ ଛବିକୁ ତାଙ୍କ ଘରେ ଛାଡ଼ିଦେଇ ଆସିବା ପାଇଁ ଗଲା । ଅନେକ ଭାବନା ମଧ୍ୟରେ ବୁଡ଼ି ରହି ସୁରେଶ ଫେରୁଥିଲା । ଛବି ଶ୍ରେଷ୍ଠ ହେଲେ ମଧ୍ୟ ଆଜି ସୁରେଶକୁ ଯେଉଁ କଥା କହିଲା, ସୁରେଶର ମନ ଅନେକ ପରିବର୍ତ୍ତନ ହୋଇଥିଲା । ସେ ଉତ୍ତମା ଘରକୁ ଯାଇ ଏସବୁ ସମସ୍ୟାର ସମାଧାନ କରିବ କି ନାହିଁ, ଏହାହିଁ ହୃଦୟରେ ଉଠି ବଡ଼ ଆଗରେ ଉଠାଉଥିଲା ।

ସେତେବେଳକୁ ପାହାନ୍ତିଆ ଚନ୍ଦ୍ର ମୁଣ୍ଡ ଉପରେ ହସୁଥିଲେ । ହସିଲା ସୁନ୍ଦର ବେଳେ ଜୋଛ୍ନା ଲୁଚକ ଦୂରରେ ଛଟାଏ ଉଠ

କନ୍ଧରେ ସତେ ଯେପରି କଣ ଖୋଜି ବୁଲୁଥିଲେ । ସୁରେଶ ନିଜର ପଢ଼ା ଘରକୁ ଆସି ରତ୍ନା ଦେଇଥିବା ଚିଠିଟି ଖୋଲି ପଢ଼ିଲା ।

× × ×

ରତ୍ନା ସବୁଦିନ ପରି ଆଜି ସ୍କୁଲରୁ ଫେରୁଛି । କିନ୍ତୁ ଆଜି ତାର ମନ୍ଥର ଗତି ଚଞ୍ଚଳ ହୋଇ ଉଠିଛି । ସତେ ଯେପରି ତା କୁଆଁରୀ ଜୀବନରେ କାହିଁକି ଆଜି ଗୋଟିଏ ନୂଆ ଦେଶ ଦେଖୁଛି । ତାଙ୍କର ମନର ଗୋପନ ଆଶାଟା ପୂର୍ଣ୍ଣ ହୋଇଛି । ସ୍କୁଲରୁ ଆସି ଚଞ୍ଚଳତା ମଧ୍ୟରେ ନିତ୍ୟକର୍ମ ସାରି ଦେଇଛି, ଖୁବ କମ ସମୟରେ ।

ରତ୍ନା ଦରଜା ନିକଟରେ ଠିଆ ହୋଇ ଚାହିଁଥିଲା ଦୂର ଦିଗ୍‌ବଳୟକୁ । ଆଖି ପାଉନି । ଆଗରେ ବସନ୍ତ ପାହାଡ଼ । ସେ ପଟେ ଆକାଶ ଆଉ ବସୁନ୍ଧରାର ମିଳନ । ଅଦୂରରେ ତାଳ ଗଛର ଶେଷ କେଇଟା ଗଛ, ବଣ ଜଙ୍ଗଲ । ରତ୍ନା ଆଖିରେ ଲୁହ ଆସିଲା । ମରମ ଥରାଇ ଦୀର୍ଘ ନିଶ୍ୱାସଟାଏ ମାରି ବସିଗଲା । ରତ୍ନା ଆଖି ଫେରାଇ ଚାହିଁଲା, ସନ୍ଧ୍ୟା ହେଲାଣି । ସଞ୍ଜ ଭିତରେ ବଣ ଗୁଡ଼ିକ ଆନ୍ଧାର ହେଲେଣି ।

ତାର ମନ ଅତ୍ୟନ୍ତ ଚଞ୍ଚଳ ହେଲା । ବୁଝିଲେ, ଅସରନ୍ତି ଭାବନା ଆସେ । ମନ୍ଦିର ଗମ୍ଭୀରେ ମନ୍ଦିର ଘଣ୍ଟି ଆସିଲା ।

ଅଜାଣତ ବେଳା ଅଶ୍ରୁ ଦୁଇଟି ଧାର ଝରିଲା । ଛାତିଟା ଫୁଲି ଉଠିଲା । ମନଟା ଉଜାଣିଆ ହେଲା । ସେ ଆଉ ଠିଆ ହୋଇ ପାରିଲା ନାହିଁ । ସତେ ଯେପରି ଦୁନିଆଁ ତାଙ୍କର ଧ୍ୱଂସ କରୁଛି ତାକୁ ଏପଟ ସେପଟ କରୁଛନ୍ତି । ତରଳତାକୁ ସାମାନ୍ୟ ଅବହେଳ କରି ଛାତି ଫୁଲାଇଲା ଆଗକୁ, ନିଜର ହୃଦୟର ଅଭ୍ୟେ । ସତେ ଯେପରି ଦୁନିଆ ଯାକର ଆନନ୍ଦ, ଉତ୍ସାହ ସେଇ ଘରେ ଜମା ହୋଇଛି ।

ଦରଜା ଖୋଲି ପଶିଗଲି ଭିତରକୁ । ସବୁ ଶୀତଳ ଦେଖ । ଚଞ୍ଚଳ ମନଟା ହେଲା । ଉପୁ ଭାବି ? କେମିତ ନାହିଁ ? ରତ୍ନମାଳ କଳା, କଳା ତୋଳା ଯୋଡ଼ାକ ଭୁଲିଆସିବ ଚକୁପାର୍ଶ୍ୱରେ ନୀରବ, ଚଞ୍ଚଳ, ନିସ୍ତବ୍ଧ, ଶାନ୍ତ । ରତ୍ନମା ଏଥର ଅପୁ ଧରିଲା । ଦାନ୍ତଜାଟାକୁ ଉଦ୍ଧଜଣ ଲଗାଇ ଦେଲି । ବତ୍ତି ଜଳାଇଲି । ଗୋଟିଏ ବନ୍ଧା ଟାଣିଆଣି ବସି ପଢ଼ିଲି ଖଟ ଉପରେ । ଲେଉଟାଇଲି ପୃଷ୍ଠା ପରେ ପୃଷ୍ଠା । ଆଖି ପିଚୁଳାକୁ ସମସ୍ତ ନାହିଁ । କଣ ଖୋଜୁଛୁ ? ନା ..ର ? ଖୋଜୁଛୁ···। କଣ ? ଚିଠି । ଉଦାସ ମନର ଅଭଳଟାକୁ ମେଣ୍ଟାଇବାକୁ । ସୁରେଶ ଠିକ୍ ଛାଇଛୁ ସ୍ମୃତିରେ । ସଙ୍ଗୀତ ଆଶି ଦେଇଛନ୍ତି । ଚିଠିଟିକୁ ବାହାର କରି ପଢ଼ିଲି ଲେଖାଥିଲା··

ଆଦରର ମାନସୀ !

ତୁମର ଚିଠି ପାଇ ମନରେ ହୋଇଛୁ ନନ୍ଦ । ତୁମ ଆଖିରେ ଆଣିଛୁ ଅଶ୍ରୁ, ଉପ୍ତ ମରୁଭୂମି ସୃଷ୍ଟି କରିଛୁ ଶୀତଳ ବାତାବରଣ । ସନ୍ତୁଷ୍ଟ ମସ୍ତିଷ୍କା । ତୁମର ସବୁ ଅଭି... ଅନୁମାନ କଲି ବାସ୍ତବରେ । ଲାଗିଲି ସ୍ୱପ୍ନ ପ୍ରାୟ । ଅନ୍ୟ ନୁହେଁ, ଅନେକ ଥର ପଢ଼ିଛୁ ।

ତାକୁ ତୁମେ ଯେଉଁ ଉଚ୍ଚକଳ୍ପନା ମଧ୍ୟରେ ଭାସି ବୁଲୁଛ ତାହା କଣ ବାସ୍ତବତାରେ ପରିଣତ ହେବ ? ତୁମେ କଣ ଜାଣ ନାହିଁ, ମନୁଷ୍ୟ ଯାହା ଆଶାକରେ, ତାହା ପରିଣତ ହୁଏ ନାହିଁ । ଏଣୁ ଲୋକେ କହନ୍ତି—

"କଳ୍ପନା ମୂଳେ ଭାଳ ଥାଏ
ମନୁଷ୍ୟ ତାହା ନ ଜାଣଇ ।
ମନୁଷ୍ୟ ଭଳେ
କେବଳ ଭାଳେ ।

ପାଠାଗାର

ତୁମେ ମନ ମଧ୍ୟରେ ଯେଉଁ ପରିକଳ୍ପନାର ରାଜ୍ୟ ଖୋଲିଛ, ତା ମଧ୍ୟରେ ସେ ଧନତାନି ଜାଲ ରଚନା ନ କରିବ, ଏକଥା ମୁଁ ବିଶ୍ୱାସ କରି ପାରୁ ନାହିଁ । କାରଣ ଈଶ୍ୱର ହିଁ ସର୍ବ ଶକ୍ତିମାନ୍ । ତାଙ୍କର ଇଙ୍ଗିତ । କେବଳ ମନୁଷ୍ୟ ନୁହେଁ ୫୬ କୋଟି ଜୀବ ଜଗତଠାରୁ ୩୩ଶ କୋଟି ଦେବତା ମଧ୍ୟ ବୃଜିତ । ତାଙ୍କର ଦଉଡ଼ିରେ ହିଁ ସମସ୍ତେ ବନ୍ଧା । ତେଣୁ କଥାରେ ଅଛି—

—"ଦଇବ ଦଉଡ଼ି ମଣିଷ ଗାଈ
ଯେଣିକି ଟାଣିଲେ ତେଣିକି ଯାଇ ।"

ଦଇବ ଶକ୍ତିକୁ ଏଡ଼ାଇ ପାରିଲା ଭଳି ଶକ୍ତି ଏ ପର୍ଯ୍ୟନ୍ତ ପୃଥିବୀରେ ସୃଷ୍ଟି ହୋଇନାହିଁ । ମନୁଷ୍ୟ ବା କିଏ ? ଅତି ତୁଚ୍ଛ ଅତି କ୍ଷୁଦ୍ର । ମନୁଷ୍ୟ କେବଳ ତାଙ୍କର ଶକ୍ତିକୁ ଅନୁକରଣ କରି କାର୍ଯ୍ୟ କରେ । ଏଣୁ ଦୁନିଆ ମଧ୍ୟରେ ଈଶ୍ୱର ହେଉଛନ୍ତି ସର୍ବଶକ୍ତିମାନ କର୍ତ୍ତା, ଆଉ ମନୁଷ୍ୟ ମାତ୍ର ଆଜ୍ଞାବହ । କର୍ତ୍ତବ୍ୟ ହିଁ କର୍ମ ।

ତୁମ ନିକଟରେ ମୋର କୌଣସି ମାନ, ଅଭିମାନ ନାହିଁ । ତୁମକୁ ମୁଁ ଭୁଲି ଯାଇନାହିଁ । ଭଲ ପାଉଛି । ସ୍ନେହ ଦେଉଛି । ଆଦର କରୁଛି । ହେଲେ ସାମାନ୍ୟ ଦୁଃସ୍ୱପ୍ନ ମଧ୍ୟରେ ଏତେବଡ଼ ଆଶାକୁ ସ୍ଥାନ ଦେବ, କାହିଁକି ? କେବଳ ଦୁଃଖର ଅନ୍ତରେ ପୋଡ଼ି ଯାଇ ହେବ ସିନା । ତଥାପି ଦିନଗଣି ନହୋଇ ଯେତେ ଅନ୍ତର୍ଯ୍ୟାମୀଙ୍କ ଉପରେ ଅଗାଧ ବିଶ୍ୱାସ ରଖି ପ୍ରାଣ ଖୋଲା କାନ୍ଦ, ମନକଥା ବୁଝ ସେ ଯାହା କରିବେ ? କିନ୍ତୁ ମନ ମଧ୍ୟରେ ଏପରି ଧର୍ମଟ ପରି-କଳ୍ପନାର ପାଚେରୀ କରି ଶେଷରେ ସର୍ବନାଶରେ ମୂକ ଭାଷଣ ହେବାଟା ଉଚିତ ନୁହେଁ ।

ଅସମ୍ଭବ ବୋଲି ଦୁନିଆରେ କିଛି ନାହିଁ । ମନୁଷ୍ୟ ସାଧନା ବଳରେ ସବୁକିଛି କରିପାରେ । ସ୍ୱର୍ଗସ୍ଥ ଦେବତାଙ୍କୁ ମଧ୍ୟ ଆଣି

ପାଦରେ, ଅଗାଧ ବିଶ୍ୱାସ ବଳରେ । କିନ୍ତୁ ଏପରି ଗର୍ବ, ଆଜି ଭାବୁଛି, ତାହେଲେ ମୋ ଅହଙ୍କାର ମଧ୍ୟରେ ନୁହେଁ ।

ତୁମେ ଯେ ମୋ ନିକଟରେ ଅଭିମାନ କରିବ, ଏଇଟା ଭୁଲ ନ ହେଲେ ମଧ୍ୟ ଠିକ ନୁହେଁ । କାରଣ ମାନ ଆଉ ଅଭିମାନ ମନୁଷ୍ୟର ଶତ୍ରୁ । ଅଭିମାନ କରିବାଟା ଯେତେ ଭୁଲ୍ ନୁହେଁ ବୋଲି ନିକଟରେ କ୍ଷମା ମାଗିବାଟା ଉଚିତ ହୋଇନାହିଁ ।

ମୁଁ ଜାଣେ କ୍ଷୀର ଆଉ ନୀର, ସେଥିର ଅଭେଦ୍ୟ ପ୍ରୀତି । ଜଣେ ଜଣଙ୍କୁ ଛାଡ଼ି ପାରେନା; କିନ୍ତୁ ମନୁଷ୍ୟର ସତଚେଷ୍ଟା ଫଳରେ ତା'ହାର ସମ୍ଭବ ହୋଇଛି । ମନୁଷ୍ୟ କ୍ଷୀରକୁ ଶୁଖାଇ ଲହୁଣୀ କରେ ଘିଅ କରୁଛି । ସେଥିରେ ତ ନୀରର ସ୍ଥାନ ନାହିଁ । ଏଣୁ ଦୁନିଆରେ ଅସମ୍ଭବ ବୋଲି କିଛି ନାହିଁ । ସାଧନା ମୂଳରେ ସିଦ୍ଧି ।

କିନ୍ତୁ ତୁମ୍ଭେ ମଧ୍ୟ ଜାଣିବା କଥା ଯେ ଫୁଲବଣୀର ଶରତରେ ଭ୍ରମରଟିଏ ରହି ପାରେନା । ତୁମକୁ ମୁଁ ଭଲ ପାଉଛି । ସ୍ନେହ ଦେଉଛି । ତୁମର ଅନ୍ତରରେ ହୃଦୟ ମୋର ଅଶ୍ରୁ ଝଙ୍କାର କରେ । ଆଖିରେ ଲୁହ ଆସେ । ବୁକୁଫଟା ବେଦନାକୁ ଆଖିଫଟା ଲୁହରେ ଶାନ୍ତ୍ୱନା ଦିଏ । ମରମ ଫଟାଇ ଗରମ ନିଶ୍ୱାସ ଧାଏଁ । ତଥାପି ମୁଁ ଭାବି ବସେ ତୁମରି କଥା । ଦିନ ଯାଏ ରାତି ଆସେ, ତଥାପି ଅବସାନ ହେବନି ଏ ଭାବନା” ଅବିଶ୍ରାମ ଚାଲି ଗତି” ଭାବନା ସତେ ଯେପରି ସେହି ଭାବନା ମଧ୍ୟରେ ଶାନ୍ତି ଅଛି ।

ତୁମର ନିର୍ମଳ ଜୀବନର ମଧୁର କଥା ମୋତେ ପାଗଳ କରୁଛି । ସୁପ୍ତ ପ୍ରାଣରେ ଭରି ଦେଉଛି ଉନ୍ମାଦନାର ମୂର୍ଚ୍ଛନା । ମନ କହୁଛି ଅନେକ କଥା·····। ସ୍ନେହର ଆଶା.....। କିନ୍ତୁ ଖୋଲି କହି ପାରୁନି ।

ତୁମର ପୁଟିଲା ପୁଟିଲା ଚକ୍ଷୁର ଚଞ୍ଚଳତା ମଧ୍ୟରେ ମୋ ପ୍ରାଣରେ ଯେଉଁ ପ୍ରତିକ୍ରିୟା ସୃଷ୍ଟି ହୁଏ । ତାହା ଅବର୍ଣ୍ଣନୀୟ । ତୁମକୁ ପାଇ ମୁଁ ଶାନ୍ତ ହେବ । ଏ କଥା ନିଶ୍ଚିତ । କିନ୍ତୁ ଅନିଶ୍ଚିତତା ମୂଳ କାରଣ ହେଲ ତୁମ ଆଜି ମୋ ମଧ୍ୟରେ । ଧନୀ, ଦରିଦ୍ର ମଧ୍ୟରେ ଯେଉଁ ଭେଦ ଭାବର ପାଚେରି ଆକାଶ ଚୁମ୍ବିଛି, ତାହା ତୁମ ବାପାଙ୍କ ଆଖିକୁ ଭୁଲାଇ ପାରିବନି । କାରଣ ତୁମ ପିତା ଉଚ୍ଚ, ଆଉ ଆଭିଜାତ୍ୟ ବଂଶୀ ! ତାଙ୍କର ଅଭିଳାଷ ଉଚ୍ଚରେ ତୁମର ବିବାହ ପାଇଁ ସେ ଖୁବ ଉଚ୍ଚ ସ୍ଥାନରେ ପ୍ରସ୍ତାବ ଚଳାଇବେ । ଦାନ, ଯୌତୁକ ମଧ୍ୟରେ ବନ୍ଧୁ କରିବେ । କିନ୍ତୁ ମୁଁ ତାଙ୍କର ଚକ୍ଷୁର ବାହାରେ । ମୁଁ ଯେ ତୁମକୁ ଭଲ ପାଇଛି ଏହାହିଁ ଯଥେଷ୍ଟ । ଏହା ମଧ୍ୟ କହୁନାହିଁ । ତୁମର ଆଶାକୁ ସଫଳ କରିବା ପାଇଁ ଈଶ୍ୱରଙ୍କ ଠାରେ ମୁଁ ମଧ୍ୟ ପ୍ରାଣ ଖୋଲି ପ୍ରାର୍ଥନା କରିବ । ତେଣିକି ଈଶ୍ୱରଙ୍କ ଇଚ୍ଛା ......... ।

ଶେଷରେ ତୁମପାଇଁ କେଇପଦ କବିତା ପଠାଇଲି । ସେହି ବେଳା ଆଶୀର୍ବାଦଟିକୁ । ଅନ୍ତରରେ ସ୍ଥାନ ଦେବା ସମୟ ଆଉ ସୁବିଧା ସୁଯୋଗ ନେଇ ମୁଁ ତୁମ ଘରକୁ ଯାଇ ପାରୁନାହିଁ ।

ଇତି ତୁମର—

— କବିତା —

ଭୁଲି ନାହିଁ ମୁଁ ତ ଭୁଲି ଯିବ ନାହିଁ
ତୁମକୁ ଏହି ଜୀବନେ,
ତୁମ ରୂପ ମୋର ସଞ୍ଚିତ ସମ୍ପତ୍ତି
ରଖିଛି ହୃଦୟ ସ୍ଥାନେ ।

ତୁମ ତନୁ ଲତା          ନାଚେ ନୟନରେ
ପ୍ରେମ ବାଇଦ ବଜାଇ,
ଆଶା ଦେଇ ଧଶା          କଲେ ଲୋକହସା
ନିରାଶ ହୋଇବ ମୁହିଁ ।
ଦେଇ ମନପ୍ରାଣ          କରି ଆପଣାର
ରଖିଛ ଯଦି ଭରଷା,
ଭୁଲି ଯିବ ନାହିଁ          ଅଭୁଲା ସାଥିକୁ
କରିବନି ଲୋକ ହସା ।
ପ୍ରେମର ଡୋରରେ ତ          ବାନ୍ଧି ରଖିଅଛ
ସ୍ରୋତେ ଭାସିଗଲା ବେଳେ,
ଦେଇ ପ୍ରେମତରୀ          ଉଗାର୍ଷି କରିବ
ଲଗାଇବ ନେଇ କୂଳେ ।

ରତ୍ନମା ଚିଠିଟି ଆମୂଳ ଚୂଳ ପାଠ କଲା । ଆଶା ଆଉ ନିରାଶା । ଦୁଇଟି ମଧ୍ୟରେ ସେ ଅସ୍ଥିର ହୋଇଗଲା । ସେ ସୁରେଶ ଠାରୁ ଯାହା ଆଶା କରିଥିଲା ତା ପାଇନାହିଁ । ନ ପାଇଛି ବୋଲି କହିଲେ ମିଛ ହେବ । ତେବେ ?······?

ରତ୍ନମା ଆଉ ଆଗେଇ ପାରିଲା ନାହିଁ । ନରମ, ମରମ ଗରମ ହେଲା । ବୁକୁତଳେ ବେଦନା । ମନରେ ଭାବନା, ପେଟରେ ଭୋକିଲା ଆଶା । ଦେହ ଦୋହଲାଇ ବାହାରିଗଲା ହାଇଟା । ଆଖି କୋଣରୁ ଝରି ଆସିଲା ଦୁଇଧାର ଅଶ୍ରୁ । ଜୀବନ ପ୍ରତି ଆସିଲା ବିତୃଷ୍ଣା । ଛି ! ନାରୀଟା ନରକ, ପଣତ ଭିଜାଇ ପୋଛିଦେଲା ଲୁହ । ନହୁଲି ମନରୁ, ନହୁଲି ନିଶାଟା ଦୂରେଇ ଗଲା । ମୋଡ଼ି ମାଡ଼ି ଦେଲା ଚିଠିଟି । ନିଜକୁ ହଜାଇ ଦେଲା ତଳ ତଳୁ ଶେଯପରେ । ତାପରେ··· ରେଖି ବୁଝିଲା ଶୋଇ ପାରିଲା ନାହିଁ । ଆଖି ଆଗରେ ନାଚି ଉଠିଲା

ସୁରେଶର ରୂପ । ଟମ୍ୟାଟୋର ପରି ଦେହଟା ପୁଣି ସେହିଁ ଅଜଣା କୋଣରୁ ଝଡ଼ ଆସିଲା ଭଲ ପାଇବାର ମାଦକତା । ଉଦ୍‌ବେଳିଲା ଜଗତକୁ ମନେ ପକାଇ ଅମାନିଆ ମନଟି ଭାସି ବୁଲିଲା ଉଜାଣି ସ୍ରୋତରେ । ଅପନ୍ତ ପଦଟିକୁ ଉଠାଇ ଦେଲି ଆଲମାରୀରେ । ପୁଣି ଥରେ ଆଖି ବୁଜିଲି ।

ଅସ୍ଥିର ମନଟାକୁ ସ୍ଥିର କରି ବସିଲି । ସବୁନାସ୍ଥ ଚଳଚ ହେଲା ନାହିଁ । ଆନନ୍ଦ ବି ପାଇଲି ନାହିଁ ତଥାପି ସେ ଭାବିଲି ମୁଁ ନାରୀ — ନାରୀର ଧର୍ମ ରକ୍ଷା କରିବ । ଘରକୁ କରିବ ଆଙ୍ଗଣାର ନାରୀର ନାରୀତ୍ୱରେ । ସୁନାର ସଂସାର ଗଢ଼ି ଉଠିବ । ସ୍ନେହ ସୁହାଗରେ । ଫୁଟି ଉଠିବ ନାରୀତ୍ୱର ଅପୂର୍ବ ଆଦର୍ଶ । ଭାରତୀୟ ହେବ ମାନବୁର ଜ୍ୱଳନ୍ତ ଦୃଷ୍ଟାନ୍ତ ।

ତେବେ ମୁଁ ତ ସେଇଆ କରିଛି । ସଜଡ଼ା ଫୁଲରେ ପୂଜିଛି ଦେବତା । ପାଇଛି ପଣ । ମନ ମଧ୍ୟରେ ସମର୍ପଣ କରି ଦେଇଛି ଏଇ ଦେହଟାକୁ । ଦୁନିଆ ଜାଣିବ । କିନ୍ତୁ ବାପା ମାଆ, ସେ ପର ପ୍ରତିବନ୍ଧକ । ତାଙ୍କ କଥାରେ ପୁଣି ଏଇ ଦେହଟାକୁ ଅନ୍ୟ ଗୋଟିଏ ଦେବତା ହାତକୁ ଟେକି ଦେଇ ପାରିବ ? ନା ତାହା ହୋଇପାରିବନି । ସେ ପରମଗୁରୁ । ସେ ହିଁ ଆରାଧ୍ୟ ଦେବତା, ବାପା ମାଆଙ୍କର ଜେଦ୍‌ଭରା କଥାରେ ମୁଁ ମନର ଦେବତାଙ୍କୁ ଭୁଲି ପାରି ଦୁନିଆରେ କଳଙ୍କିନୀ ହେବି ନାହିଁ । ନାରୀର ଅଲଙ୍ଘ୍ୟ ପ୍ରାଣରେ କଳଙ୍କ ଲଗାଇବିନି ।

ମୁଁ ମନ ମଧ୍ୟରେ ସେହିଁ ଦେବତାଙ୍କର ଚରଣ ତଳେ ସଜ ପୂଜା ଫୁଲଟାକୁ ସମର୍ପଣ କରିଛି । ତାହା ସେପରି ଅଛି ପାଇବନି ସେହି ମୋର ଇହ ପରକାଳର ଦେବତା । ସେ ବାପ୍ତ୍ରାର ତଳ ତଳେ ତଳେ ଲୁଚି ରହିଥିଲେ ସିଦ୍ଧପୁରୁଷ । ନାରୀ ଭୁଲେ ଭୁଲେ

ପୁରୁଷର ଅର୍ଦ୍ଧାଙ୍ଗିନୀ । ନାରୀ ଆଉ ପୁରୁଷ ଉଭୟେ ଉଭୟଙ୍କ ପ୍ରେମରେ ବନ୍ଧା । ଏହି ପ୍ରେମର ମହତ୍ତ୍ୱ ନିକଟରେ ଧର୍ମ, ବର୍ଣ୍ଣ ନା ଜାତି ସବୁରି ହେୟତାର ଅନ୍ତ ଘଟୁଛି । ଏହା ପ୍ରମାଣ ଦେଉ ଭାରତ ଇତିହାସ । ପ୍ରତ୍ୟେକ ପଲ୍ଲୀ ଗ୍ରାମର କ୍ଷୁଦ୍ର କୁଡ଼ିଆ ଠାରୁ ସହର, ବଜାରର ଆକାଶ ଚୁମ୍ବି ଅଟ୍ଟାଳିକା ମଧ୍ୟରେ ଯେଉଁ ମହା ମନୀଷୀଙ୍କର ରଚିତ ପୁରାଣ ପୁସ୍ତକକୁ ଆମ୍ଭ ପୂଜା କରୁ ସେହି ଅନାଦି କାଳର ଅପଠିତ ପୁରାଣ ମଧ୍ୟରେ ଥିବା ଛିନ୍ନ ପୃଷ୍ଠାକୁ ଲେଉ-ଟାଇଲେ ସ୍ପଷ୍ଟ ପ୍ରମାଣ ମିଳିବ ଯେ ଅନାଦି କାଳ[illegible] ଝିଅମାନେ ଯୋଗ୍ୟତା ଅନୁଯାୟୀ ସ୍ୱୟମ୍ବର ମଧ୍ୟରୁ ପରମ ପତିଙ୍କୁ ନିର୍ବାଚିତ କରି ତାଙ୍କର ବେକରେ ମାଳା, ପିନ୍ଧାଇ ଦେଉଥିଲେ । ସେଥିରେ ପିତା ମାତାଙ୍କର ଆଶ୍ରୟ ଲୋଡ଼ୁ ନଥିଲେ ।

ମୁଁ ମୋର ଧର୍ମ ବଜାୟ ରଖିବା ପାଇଁ ଭଗବାନଙ୍କ ନିକଟରେ ପ୍ରାଣ ଖୋଲି ଡାକିବି । ଶେଷକୁ ଦରକାର ହେଲେ ସୁରେଶ ପାଇଁ ମୁଁ ଘର ମଧ୍ୟ ଛାଡ଼ିବି । ସମାଜ ଯଦି ମୋତେ କଳଙ୍କିନୀ ଅଧମା କହେ ଆଉ ମନୁଷ୍ୟ ଯଦି ଦୁଶ୍ଚରିତ୍ରା ବୋଲି ନାକ ଟେକି ଘୃଣାରେ ଆଉ ବାଗ ଯଦି ଉପହାସ କରନ୍ତୁ, ମୁଁ ସବୁ ସହିବି । ମୁଁ ସୁରେଶକୁ ଭଲ ପାଉଛି । ସ୍ନେହ କରୁଛି । ମନ ମନରେ ବରଣ କରିଛି । ସେ ଆମ୍ଭପରି ଧର୍ମ ନ ହେଲେ ମଧ୍ୟ ସେ ମନୁଷ୍ୟ, ପୁରୁଷ । ଈଶ୍ୱରଙ୍କର ସୃଷ୍ଟିରେ ଅଗଣନ କୋଟି ପ୍ରାଣୀ ମଧ୍ୟରୁ ସେ ଗୋଟିଏ । ତାଙ୍କର ଆଶା, ଆକାଂକ୍ଷା ସବୁ ଅଛି ।

କିନ୍ତୁ ସୁରେଶ ଯଦି ମୋତେ ଅନାଦର ··· ···। ରଞ୍ଜନା ଆଖିରେ ଲୁହ ଆସିଗଲା । ସେ ଅଶ୍ରୁ ଭରା ନୟନରେ ଶପଥ କଲା ସୁରେଶ ଯଦି ତାକୁ ନ ବୁଝେଁ ତାହେଲେ ସେ ଆଜୀବନ କୁମାରୀ ହୋଇ ଯୌବନର ସରସତାକୁ ସଢ଼ାଇ ଦେବ ବୈରାଗ୍ୟ

ନରକରେ ; କିନ୍ତୁ ସେ ଆଜି ଯାହା ନିକଟରେ ଭିକ୍ଷୁଣୀ ସାଜି ସର୍ବନାଶରେ ମୂଳ କାରଣ ହେବନାହିଁ ।

× × × ×

ଏଥି ମଧ୍ୟରେ ସୁରେଶ ଅନେକଥର ଯାଇଛି, ଉମେଦ ସରକୁ । ଅନେକ ଆଳାପ ମଧ୍ୟରେ ବିତାଇଛି ଦିବସ ରଜନୀ । ତଥାପି ବୁକୁ ତଳର ଉଜାଣ କମି ଯାଇନାହିଁ । ସେମିତି ଅନେକ କଥା ତାକୁ ରହିଛି କେଉଁ ଅଜାଣ ଭାବରୁ ।

ଆରକ୍ତ ସୂର୍ଯ୍ୟଙ୍କ ରଶ୍ମିରେ ପୃଥିବୀ ପ୍ଳାବିତ । ପକ୍ଷୀଙ୍କ ସମୂହ କଳରବ । ଗୋରୁଙ୍କ ଘରମୁହାଁ ଦୌଡ଼ । ସନ୍ଧ୍ୟାରାଣୀ ମନ୍ଥର ଆଲିଙ୍ଗ ମଧ୍ୟରେ ଧରଣୀକୁ ପ୍ରବେଶ କଲେ । ସୁରେଶ ମନଟା ଆତୁର ଉଜାଣ ହେଲା । ମନୁଷ୍ୟର ଅଜାଣ ଇଚ୍ଛାଗୁଡ଼ିକୁ ମନେ ପକାଇଲା । ଏଥିରୁ ବା ମିଳୁଛି କଣ ? ତଥାପି ଖାଲି ତୃପ୍ତି ।

ଭାବନା ମଧ୍ୟରେ ହଠାତ୍ ଅପରୂପଟି ଦୃଷ୍ଟିକୁ ଆସିଲା । ଶୁଷ୍କ ହୃଦୟରେ ଭରି ହୋଇଗଲା ଭଲ ପାଇବାର ମାଦକତା । ଶିରା ପ୍ରଶିରାରେ ସୃଷ୍ଟି ହେଲା ବିଦ୍ୟୁତ ସ୍ପନ୍ଦନ । ମନ ସ୍ୱପ୍ନ ଦେଖିଲା ଆଶାର ପରିସମାପ୍ତି । ସୁରେଶ ଆଜି ସ୍ଥିର ହୋଇ ପାରିଲା ନାହିଁ । ଷ୍ଟାର୍ଟର ସାଇକଲ ଦାବାଇ ଚଳାଇଲା ଜୋରରେ । ସେ ଜାଣିଲେ ତପଲ ହଳଦ ଛୁଟିଲ ସୁସ୍ଥ ଭଲ୍ଲ :

—ମାଆ ଆଜ ମୁଁ ଆସି ପାରିବ ନି ନାହିଁ ...

ସୁରେଶର କଥାରେ ସୁମନ୍ତ ଦେଖିଲ ହଲକ ସୁଖରେ । ସୁର ବୁଝାଇଲେ ଟିକିଏ ହାବାରଗଲେ ତାଙ୍କ ନାହିଁ ଓଁ । କାରଣ ସୁରେଶକୁ ସେ ଅତି ଭଲ ପାଉଥିଲେ । ମାତୃସ୍ନେହ ସବୁଠୁ ଉଚ୍ଚକୋଟିର ସୁରେଶ ଜାଣେ । ଏବେବି ଦେଖୁଛି, ସ୍ୱର୍ଗ ସେଇ ପାଖରେ ଓ ଥିଲେ ସେତ ସୁରେଶ । ସବୁ ଭୁଲିବ ମାଆକୁ ଭୁଲ ଭାବିଲେ ।

ସାର । ସୁରକୁ ପାଖରୁ ଅନ୍ତର କରିବାକୁ ସେ ଚାହିଁ ନଥିଲେ ସୁରର ଏପରି ଜେଦ ଦେଖି ତାଙ୍କ ପ୍ରାଣ ବିକଳ ହୋଇ ଉଠିଲା କୋମଳ କଣ୍ଠରେ ପଚାରିଲେ……

—କରେ ବାପ ତୁ ଆଜି ଯିବୁ ଯେ, ଆଉ ଫେରି ହେବ ନାହିଁ । ବାପା ଘର ନାହାନ୍ତି । କଣ ଏପରି କାମ ଅଛି ? ନଗଲେ ଚଳିବ ନାହିଁ ? ସୁରେଶ ମାଆଙ୍କର କଥାରୁ ଜାଣି ପାରିଲା, ମାଆଙ୍କ ମନରେ ଦୁଃଖ । ତଥାପି ତାଙ୍କୁ ଶାନ୍ତ ଦେଇ ଭଲ ଉତ୍ତର ଦେବାର ଉପାୟ ସ୍ଥିର କରି କହିଲା ।

—ମାଆ ସ୍କୁଲ ଆଜି ଯାଉଛି । ଅନେକ କାମ ଅଛି, [illegible] ଘରେ ଯଦି ଏବେ ଅସୁବିଧା ତାହେଲେ ସାଙ୍ଗ ଯେତେ ହେଲେ ସୁଧା ଫେରି ଆସିବି, ନଗଲେ ଅସୁବିଧା ।

ସୁର ସ୍କୁଲକୁ ଯିବା କଥା ଶୁଣି ସୁମଙ୍ଗଳାଦେବୀଙ୍କ ଦୁଃଖ ପାଣିରେ ମିଳାଇ ଗଲା । ସେ ଚାହୁଁଥିଲେ ସୁର ପାଠ ପଢ଼ିବ, ମଣିଷ ହେବ । ତାଙ୍କ ମାତୃ ହୃଦୟରେ ଅଜଣା ସ୍ନେହ ଟିକିଏ ଚଳେ ପଡ଼ିବ ନାହିଁ । ତେଣୁ ସେ ଆନନ୍ଦ ଆଉ ଉଲ୍ଲାସରେ କହିଲେ :

—ନାରେ ବାପ ବେଶି ସଞ୍ଜ ହେଲେ ଫେରିବୁ ନାହିଁ । କଣ ଅବା ମିଳିବ ? ସଞ୍ଜଟା ଦୁଃଖରେ ବା ସୁଖରେ ଯିବ । ହେଲେ [illegible] ସଞ୍ଜରେ ଦୋଉଡ଼ି ଧାଡ଼ି ଆସିବୁ ନାହିଁ । ମୋ ବାପଟା ଘର ମୋ [illegible] ମୋ କଥା ଅମାନିଆ ହେବୁ ନାହିଁ । ଆଜିକାଲି ଘର କେତେ [illegible] ଭୁଲି ଗଲୁ…… । ତୁ ଭାଉକଣା ବୁଢ଼ାକ ।

ସୁରେଶ ମାଆଙ୍କର କୌଣସି କଥାକୁ ଭାବରେ ନ ନେଇ ତୋଡ଼ ଧାଡ଼ି ଅଗେଇଲା । ମନରେ ଅସରନ୍ତି ଆନନ୍ଦ । ସେ [illegible] ବାଟରେ ଭାବେ ସ୍କୁଲ କଥା ଶୁଣିଲେ ମାଆଙ୍କ ମୁହଁ ହସ ହୋଇଯିବ [illegible] ଭାବର [illegible] ଟିକେ ଦେଖିଲା । ଲୋଟିଏ [illegible]

ମିଳାଇ ଗଲା ସର୍ବାଙ୍ଗରେ । ସୁରେଶ କିଛି ବୁଝି ପାରିଲା ନାହିଁ । କିଶୋର ଜୀବନର ଏହି ମୁହୂର୍ତ୍ତଟା କଣ ? କେଉଁଠୁ ଆସେ ? ଅସରନ୍ତି ଭାବନା ମଧ୍ୟରେ ସୁରେଶ ରତ୍ନମା ଘର ପଟେ ଅଗ୍ରସର ହେଲା ।

ସେତେବେଳକୁ ବଜାରର ବଣ୍ଟ ଜନ ଉଠିଲାଣି । ଉମାକାନ୍ତ ବାବୁ ବାହାର ଚୌକିରେ ବସି ପତ୍ରିକା ଉପରେ ନଜର ପକାଇ ଛନ୍ତି । ରାଜନୀତିଆ ଲୋକ । ବିଶିଷ୍ଟ ବ୍ୟବସାୟୀ । ଦେଶ ବିଦେଶ ଖବର ବେଶି ଜାଣିବା, ଶୁଣିବା ତାଙ୍କର ଗୋଟିଏ ସ୍ୱଭାବ ସେ ଦୈନିକ ଖବର କାଗଜ ଠାରୁ ମାସିକ, ସାପ୍ତାହିକ ପତ୍ରିକା ମଗାନ୍ତି ଓ ପଢ଼ନ୍ତି ।

ସୁରେଶର ପାଦ ଶବ୍ଦ ବାଧା ଦେଲା, ତାଙ୍କ ପଢ଼ାରେ । ସେ ଆଖିରୁ ଚଷମା ଖୋଲି ରଖିଲେ । ସୁରେଶ ମୁଖରେ ଫୁଟି ଆସିଲା ହସ । ମଧୁରା ହସ ମଧ୍ୟରେ କହିଲେ ;

—କିରେ ସୁରେଶ ତୋର ତ ଆଉ ଦେଖା ମିଳୁନାହିଁ ?

ସୁରେଶର ଫୁସ ଫୁସ ବନ୍ଦ ହୋଇଗଲା ଉମାକାନ୍ତ ବାବୁଙ୍କ କଥାରେ । ସେ ବାବୁଙ୍କ ଠାରୁ କେବେ ଏପରି କଥା ଶୁଣି ନଥିଲା । ଚମକି ପଡ଼ି କହିଲା ।

ନା, ମଉସା ପରୀକ୍ଷା ପାଇଁ ଟିକେ ବ୍ୟସ୍ତ ଥିଲି ବିଶେଷତଃ ସବୁ ସମୟରେ ଆସିଲେ ଦୁଏତ ଲୋକ କହିବେ ..

ସୁରେଶ ଆଉ କିଛି କହିବା ପୂର୍ବରୁ ଉମାକାନ୍ତ ବାବୁ କଥା ଛଡ଼ାଇ ତାମ୍ପିଆ ସ୍ୱରରେ କହିଲେ :

କଣ କହିବେ ? ଘର ପୁଅ ଘରକୁ ଆସିବ ଏଥିରେ ବି ଲୋକଙ୍କର ଅଭିଯୋଗ । ବୁଢ଼ା ଆମ ସବୁ କହି ଦେଇ ଲୋକ ତାହା ଅନିଷ୍ଟ କରନ୍ତୁ ନାହିଁ । ତଳି ତୋ ଇଚ୍ଛା ।

ସୁରେଶ ଉମାକାନ୍ତ ବାବୁ ଠାରୁ ଶେଷ କଥା ଶୁଣି ଘର ଭିତରକୁ ପଶି ଯାଉଥିଲା ; ମାତ୍ର ବାବୁଙ୍କ ଡାକରେ ଅଟକିଗଲା ।

—କରେ ଲୋ ବାପ୍ପା ଅଛନ୍ତି ନା ? ଡାକ୍ତର ଆସୁ ନାହାନ୍ତି । ଗଲେ କହିବୁତ ଟିକେ ଆସିବେ । ସୁରେଶର କଥାଶୁଣି ରତ୍ନମା ବାହାର ଦରଜା ପାଖକୁ ଦୌଡ଼ି ଆସିଥାଏ । ଅପେକ୍ଷା କରିଥାଏ ସୁରେଶକୁ । ଶୁଣିଥାଏ ବାପାଙ୍କର ଉତ୍ସାହକୁ । ସତେ ଯେପରି ସୁର ଭାଇ ଉପରେ ବାପାଙ୍କର ଭାରି ଖୁସି । ଉମାକାନ୍ତ ବାବୁ ସୁରେଶକୁ କିଛି କହିବାକୁ ଯାଉଥିଲେ ମାତ୍ର ଅଟକିଗଲେ । ରିସିଭରଟା ଉଠାଇ କାନ ଦେଇଁ ଦେଇଁ କହିଲେ କରେ ଘର ଆଜ୍ଞେ ସୁଲେଖା ଭଳି

କିଏ...... ?

ଓହୋ ନମସ୍କାର ।

ଜି ନିଶ୍ଚୟ ପିବାକୁ ପଡ଼ିବ ?

କେବେ ଅପେକ୍ଷା କରିବା ?

ରିସିଭରଟାରେ ଦଳବଣ ନହୋଇ କାଲି ସକାଳେ ଗଲେ ଚଳିବ ନାହିଁ ।

ଅପର ପଟ୍ କଣ ଶୁଣିଲେ କେଜାଣି ଉମାକାନ୍ତ ବାବୁଙ୍କ ମୁହଁଟା କ୍ରୋଧରେ ପୂରିଗଲା । ରିସିଭରଟା ଥୋଇ ଦେଲେ ବିରକ୍ତରେ । ଅଫିସ୍ ଯିବା ନିଜର ବ୍ୟାଗ୍ଟି ଓ କେତେକ କାଗଜ ପତ୍ର ଧରି ବାହାରି ଅସିଲେ । ସରଳ ଆଉ ଧୀର ସ୍ୱରରେ ରଞ୍ଜନାକୁ ଶୁଣି କହିଲେ :

—ବୁଢ଼ି, ମୋ ମାଆକୁ କହିଦେବୁ, ଆଜ ମୁଁ ଅସି ପାରିବ ନାହିଁ । ଉମାକାନ୍ତ ବାବୁ ବାହାରି କୋଣସି ଉତ୍ତରକୁ ଅପେକ୍ଷା ନ କରି ତାଙ୍କ ମନଃର ଅଂଗନ ଭଳି ବସ୍ଷ୍ଟାଣ୍ଡ ଅଛେ । ବାପାଙ୍କର ନ ଅସିବା କଥା ଶୁଣି ଉତ୍ତମା ମନ ଟିକିଏ ଆନନ୍ଦ ଲାଗିଲେ

ବୁଲୁଥିଲା । ସେ ଉତ୍ସାହ ଆଜି ଆନନ୍ଦ ମଧ୍ୟରେ ସୁରେଶକୁ କହି ପକାଇଲା ।

—ଆପଣ କେତେବେଳୁ ଆସିଲେଣି ?

ସୁରେଶ ଚାହିଁଲା ରକ୍ତିମାର ଶଶୀହସା ମୁହଁ ଅଞ୍ଜନ ବୋଳା କଳା କଳା ଡୋଳା । ଚାହିଁ ରହିଛନ୍ତି ତାହାରି ଆଡେ । ଉତ୍ତର ଅପେକ୍ଷାରେ । ରସିକତା ଫୁଟାଇ ସୁରେଶ ଭିତରକୁ ପଶି । ଆସୁ ଆସୁ କହିଲା—ଆପଣ କେତେବେଳୁ ଦର୍ଶନ କଲେଣି ।

ରକ୍ତିମା ସୁରଠାରୁ ଭାବପ୍ରବଣ କଥା ଶୁଣି ଆତ୍ମବିଭୋର ହୋଇ କହିଲା ।

—ହଉ ଆପଣ ବସନ୍ତୁ । ପୂଜାର ସମୟ ହେଲେ ନୈବେଦ୍ୟ ଗ୍ରହଣ କରିବେ । ସୁରେଶ ରକ୍ତିମାର ନିର୍ଦ୍ଦେଶିତ ଚୌକିରେ ବସିଲା ରକ୍ତିମା ସୁରେଶର ଉତ୍ତରକୁ ଅପେକ୍ଷା ନକରି ଘର ଭିତରକୁ ପଳାଇଲା । ବାପାଙ୍କ ଖବରଟା ଦେବାପାଇଁ ମାଆଙ୍କୁ । ସୁକାନ୍ତ ସେତେବେଳକୁ ସନ୍ଧ୍ୟା କାର୍ଯ୍ୟ ସଂପୂର୍ଣ୍ଣ କରି ରୋଷେଇରେ ବ୍ୟସ୍ତ ରକ୍ତିମାକୁ ଦେଖି ପଚାରିଲେ ।

—କି, ଆଜି ପଢ଼ା ହେବ ନାହିଁକି ?

ରକ୍ତିମା ମାଆଙ୍କ ପ୍ରଶ୍ନର ଉତ୍ତର ଦେବା ସଙ୍ଗେ ସଙ୍ଗେ କହିଲା ବାପା ଆଜି ଫେରିବେ ନାହିଁ ।

ସୁକାନ୍ତ ଦେବୀ ରକ୍ତିମା ଠାରୁ ଏପରି କଥା ଶୁଣି ଚମକି ପଡ଼ିଲେ । କଣ କହିଲୁ ଫେରିବେ ନାହିଁ । ବିରକ୍ତ ମନରେ କହି ପକାଇଲେ । ସତେ ଯେପରି ଆଜି ନଯାଇଥିଲେ ମୁଣ୍ଡ କାଟ ହୋଇ ଥାନ୍ତା । ଏପରି ବେ ହିସାବ ଲୋକ ମୁଁ ଦୁନିଆରେ ଦେଖିନାହିଁ । କେତେବେଳେ କୁଆଡେ ଯିବେ ଟିକେ କହି ଯିବେ ନାହିଁ । ସତେ ଯେପରି ମୁଁ ତାଙ୍କର କିଛି ନୁହେଁ । ସୁକାନ୍ତ ଦେବୀଙ୍କ ରାଗ ତାତ୍କାଳୁ

ଉଠିଗଲା । ସେ ରତ୍ନମା ଉପରେ ରାଗରେ ଗରଗର ହୋଇ କହିଲେ :

ମୁଁ କଣ ଫେରାଇ ଆଣିବ ? ଦୁଷ୍ଟା ପର ଛୁଆ ହୋଇଛୁ କଣ ? ଯାଉନାଉଁ ପାଠ ପଢ଼ିବୁ । କଏ ବସିଛି ସେଠି । ସୁରେଶ ଆଉରି ରୁକ୍ଷ ପ୍ରଶ୍ନ କଲେ ।

ରତ୍ନମା ସଂକ୍ଷିପ୍ତରେ ଉତ୍ତର ଦେଲା —ସୁରଭାଇ ଆସିଛନ୍ତି । ରତ୍ନମା ଆନନ୍ଦରେ ଅଧୀର । କେତେଦିନ ପରେ ପାଇଛି ହଜିଲା ଧନ । ମଉଳା ମୁହଁରେ ହସ ଫୁଟି ଉଠିଛି । ବୁକୁତଳେ ଅସରନ୍ତି ଭାବନାର ଢେଉ ଛୁଟିଛି । ଭୋକିଲା ଆଖିରେ ମାଦକତା ଭରିଛି । ଅଙ୍ଗେ ଅଙ୍ଗେ ନାରୀତ୍ୱର ସମ୍ଭାର ମୁକୁଳିତ ହୋଇଛି । ଶିରା ପ୍ରଶିରାରେ ବିଦ୍ୟୁତ ଝଡ଼ ଖେଳୁଛି । ରତ୍ନମା ଆଉ ଠିଆ ହୋଇ ପାରିଲା ନାହିଁ । ବସି ପଡ଼ିଲା ପାନ ଖଣ୍ଡେ ଭାଙ୍ଗିଦେବ ସୁରଭାଇଙ୍କୁ ।

ସୁର ଆସିବା କଥା ଶୁଣି ସୁକାନ୍ତ ଦେବୀ ଗୋଡ଼ ଉଠାଇ ଆଗେଇ ଆସିଲେ ସୁର ନିକଟକୁ । ମାଉସୀଙ୍କୁ ଦେଖି ସୁର ହାତ-ଯୋଡ଼ି ମୁଣ୍ଡ ନୋଇଁଲା । ସୁକାନ୍ତ ଦେବୀ ଖୁସି ହୋଇ କହିଲେ :

—କିରେ, ଏତେଦିନେ ଆମେ ମନେ ପଡ଼ିଲୁ ? ହଉ ଆଉ ସବୁ ଭଲ ତ ? କଣ କରୁଛୁ ? ଆଗପରି କାହିଁ ଆସୁ ନାହୁଁ ତ ? କିଏ ମନା କରିଛି ?

—ନା ମାଉସୀ ସେପରି କିଛି ନୁହେଁ । ହେଲେ ମୋତେ ସମୟ କାହିଁ ? ପରୀକ୍ଷା ସରିଲେ ସୁଦ୍ଧା ମରିବାକୁ ତରନାହିଁ । ନ କଲେ ନ ହେବ । ବାପାଙ୍କୁ ଟିକେ ସାହାଯ୍ୟ ନ କଲେ ଘରେ ଅସାନ୍ତି ଲାଗିବ ।

—ହଁରେ ବାପ, ବୁଝିଲି ସୁଝି ପୁଅକୁ କଣ ବୁଝାଇବ । ହଉ ବସ, ଖାଇପିଇ ଯିବୁ । ରତ୍ନମା, ଖଣ୍ଡେ ପାନ ହେଲେ ଦେ ।

ବାପା, କମା ଶିଖିଲା ନାହିଁ । ବାପ ଯେପରି, ଝିଅ ମଧ୍ୟ ସେପରି । କହିଲେ କଣ ମାନୁଛୁ । କାଲି ଶାଶୁ ଘରକୁ ଯିବ । ଝିଅ ଜନମରୁ ପର ଘରକୁ । ଆମ୍ଭେ କଣ ସବୁବେଳେ କରିଦେବୁ ନା କହିଦେବୁ ! ସବୁ କାମ ତ ଟିକେ ଜାଣିବା ଦରକାର । ପର ଘର, କେତେ ପର ଲୋକଙ୍କ ନେଇ ଚଳିବ । ଏ ଢଙ୍ଗ କଣ ସବୁଦିନେ ଥିବ ?

ମାଉସୀଙ୍କଠାରୁ ଏପରି କଥା ଶୁଣି ସୁରେଶ ଉତ୍ତମା ଆଡ଼େ ନଣେଇ ରହିଲା । ଉତ୍ତମା ମାଆଙ୍କ କଥା ଶୁଣି ସୁରେଶ ଆଡ଼କୁ ଚାହିଁ ହସୁଛି । ସୁରେଶର ମୁହଁରେ ହସ ଉଙ୍କି ମାରୁଥିଲା । କିନ୍ତୁ ଅସଲ କଥାଟାକୁ ସମ୍ଭାଳି ନେଇ ସୁରେଶ କହିଲା :

—ହଁ ମାଉସୀ, ସେ ସବୁ କଣ ରହିବ ? ନା, ସବୁବେଳେ ସବୁ କଥା ସମାନ ନଥାଏ । ବେଳ ଆସିଲେ ବଳେ ଶିଖିବ । ଲୋକେ ପରା କହନ୍ତି—କାନ୍ଧରେ ଯୁଆଳି ପଡ଼ିଲେ ସବୁ ଠିକ୍ ହୋଇଯିବ । ପଘା ପଡ଼ିଲେ ନଧା ଲଗିବ । ସେଇ ପୁଣି ସବୁ କରିବ । ସେ ତ ଆଉ ଛୁଆ ହୋଇ ନାହିଁ । ଆଜି ବଡ଼ ହୋଇଛି । ପୁଣି ଦିନ ଆସିବ, ସବୁ ଶିଖିବ । ହେଲେ ବ୍ୟସ୍ତ ହୋଇ ଲାଭ କଣ ?

ସୁକାନ୍ତ ଦେବୀ ସୁରେଶ କଥାରେ ଅତି ଆନନ୍ଦିତ ହୋଇ ଯାଉଥିଲେ । ସତେ ଯେପରି ମାତୃ ହୃଦୟର ସମସ୍ତ ସ୍ନେହକୁ ଅଜାଡ଼ି ଦେଇଛନ୍ତି ସୁରି ଉପରେ । ସୁରି ଯେପରି ତାଙ୍କର ଜନ୍ମକରା ପୁଅ । ସେ ସୁରିକୁ ଆଶୀର୍ବାଦ ଅର୍ପଣ କରି କହିଲେ :

—ବାପ, ତୋ ଭୁଣ୍ଡି ସୁଭୁଣ୍ଡି ହେଉ । ଆମର ମରଣ ହେଉ, ତୁମମାନଙ୍କର ସୁଖର ସଂସାର ଦର୍ଶନ କରି । ସୁକାନ୍ତ ପଳାଇଲେ ରୋଷେଇଘର ଆଡ଼େ । ଉତ୍ତମା ପାନ ଧରି ଆସି ସୁରେଶ ପାଖରେ ଠିଆ ହୋଇଥିଲା । ସୁରେଶ କଥା ଗୁଡ଼ିକ ଉତ୍ତମା ମନରେ ଯେପରି

ହସ ଫୁଟାଇଥିଲା, ସେତିକି ମଧ୍ୟ ଅଭିମାନ ଭରି ଦେଇଥିଲା । ରତ୍ନମା ସୁରେଶକୁ ମନେମନେ ରାଗି ଯାଇଥିଲା । ଅଭିମାନଆ ନୟନରେ ସୁରେଶକୁ ଅନାଇ ରତ୍ନମା ପାନ ଖଣ୍ଡିକ ବଢ଼ାଇ ଦେଇ କହିଲା—ନିଅ ।

ସୁରେଶ ଦେଖିଲା ରତ୍ନମା କଣ୍ଠରୁ ଅଭିମାନର ମୂର୍ଚ୍ଛନା ଝରି ଆସୁଛି । ସେ ତା ଉପରେ ରାଗି ଯାଇଛି । ଅଧିକ କଥାଗୁଡ଼ିକ କହି ଦେଇଛି । ସୁରେଶ ରତ୍ନମାର ଅଭିମାନକୁ ଭାଙ୍ଗିବା ପାଇଁ ଆଁ କରି କହିଲା—ଦିଅ ।

ରତ୍ନମା ସୁରେଶ ପାଟିରେ ପାନଟି ପୁରାଇ ଦେଲା । ହାତଟି ବାହାରକୁ ଆସୁଥିଲା, ପାରିଲା ନି, ଅଟକିଗଲା ସୁରେଶର ଧାରୁଆ ଦାନ୍ତରେ । ସରମରେ ଝଡ଼ିଗଲା । ଦୀର୍ଘ ଦିନର ଭୋକିଲା ଆଶାଟା ପୁରି ଉଠିଲା । କ୍ଷଣକ ପାଇଁ ମନଟା ମିଳେଇ ଗଲା । ଦେହଟା ଦୋହଲି ଗଲା । ରତ୍ନମା ଅନୁଭବ କଲା, ସୁରେଶର ଧାରୁଆ ଦାନ୍ତ ତାକୁ ଯେଉଁ ଆଘାତ ଦେଇଛି, ସେଇ ଆଘାତ ମଧ୍ୟରେ ମିଳେଇ ଯାଇଛି ସବୁ ଚିନ୍ତା । ପୁରି ଉଠିଛି ଭୋକିଲା ପେଟ । ଲୁଟିଛି ଭଲ ପାଇବାର ନିଶା । ନହୁଲି ମନ ଚହଲି ଗଲା, ମୁହଁ ଟେକି ଚାହିଁ ପାରିଲା ନାହିଁ । ଏତେ ଲାଜ କିଏ ପୁଣି ଭରି ଦେଲା ? ପାଖରେ ତ ନୂର ଭାଇ । ଆଉ କଣ ସର ଭାଇଙ୍କଠାରେ ଅଛି ଏତେ ଯାଦୁ ? ଏତେ କୁହୁକ ? ସେ ଶୁଣୁ ନ ଥିଲା ହାତଟି ବାହାର କରି ଆଣିବା ପାଇଁ ।

ସତେ ଯେପରି ରତ୍ନମାର ପାନଖଣ୍ଡିରେ ସୁରେଶର ଚିର ଶାନ୍ତି । ଦୀର୍ଘ ଦିନ ଉହଲା ପ୍ରାଣଟା ଚରମ ଶାନ୍ତି ପାଇଛି । ଭୋକିଲା ପେଟଟା ପାନ ଖଣ୍ଡିକରେ ଭରପୁର, ନା ରତ୍ନମା ଏଇ ପାନ ଭିତରେ କୁହୁକ କରିଛି ? ସେ ତ ଆଗରୁ ଅନେକ ପାନ ଖାଇଛି !

କିନ୍ତୁ ଏତେ ଅଜଣା ଆନନ୍ଦ କାହିଁକି ? ଯେମିତି ଥିବା ପୂରି ଉଠିଲା । ହୃଦୟର ହାହାକାର ବୁକୁ ଫଟାଇ ଚିତ୍କାର କରୁଛି, ରତ୍ନମାର କର ପରଶରେ । ସେ ଲୁହ ଥିଲା ଆତୁର କରୁ । ତେବେ ହାତଟା ... ...। ପାଟିରେ ଥାଉ, ବାହା ପର୍ଯ୍ୟନ୍ତ ଗିଳ ଦେବକି ? ସୁରେଶ ଶୋଷିନେଲା ଥରେ । ଓହୋ, ଅମୃତ ! ମଧୁ ? କୁହୁକ ? କେଉଁଟା ସ୍ଥିର କରି ପାରିଲା ନାହିଁ ।

ଉତ୍ତେଜନାର ଝଡରେ ରତ୍ନମା ସରିଗଲା । କୁଆଁରୀ ଜୀବନ ପାଇଲା, ନୂଆ ରୂପ । ସୁରେଶର ଅଧର ଚୁମ୍ବନରେ । ନହୁଲି ଜୀବନର ପହିଲି ପରଶ, ଯେତିକି ଆନନ୍ଦ ସେତିକି ଲାଜ । ଲାଜରେ ଲାଲ ପଡ଼ିଗଲା ରତ୍ନମା । ଦେହଟା ଝିମିଝିମି ହୋଇଗଲା । କୋମଳ ଥାଙ୍କରି ଉଠିଲା । କଅଁଳ କଣ୍ଠରେ କହିଲା – ସୁରୁ ଭାଇ !

—ହୁଁ.....

—ଛାଡ଼ ଏଥର ।

—ଛାଡ଼ିବାକୁ ଇଚ୍ଛା ହେଉନି ।

ହାତଟି ଖସିଗଲା ପାଟିରୁ । ସୁଖ ମିଳେଇ ଗଲା । ସୁରେଶକୁ ସ୍ୱପ୍ନପରି ଲାଗିଲା । ଛାତି ଦୋହଲାଇ ବାହାରି ଆସିଲା ଦୀର୍ଘ ନିଶ୍ୱାସଟାଏ । ସୁରେଶର ପାଟି ଅଠାଅଠା ହୋଇଗଲା । ସେ କଥା କହି ପାରିଲା ନାହିଁ । ସେ ଖାଲି ଚାହିଁ ରହିଲା ରତ୍ନମାର ଶଶୀହସା ମୁହଁଟିକୁ ।

ସୁରେଶ ନିକଟରୁ ଖସିଯାଇ ରତ୍ନମା ଅପୂର୍ବର ରହି ପାରିଲା ନାହିଁ । ହୃଦୟର ସ୍ପନ୍ଦନଟା ବଢିଗଲା ସତ ମାତ୍ରାରେ । ପୁରୁଷର କର ପରଶ ପାଇବା ପାଇଁ ଅଭିନୟ କରିଥିଲେ ପ୍ରଶାନ୍ତ ବକ୍ଷ ସ୍ଥଳରେ । ରତ୍ନମା ଅସ୍ଥିର ହୋଇ କହିଲା :

—ତୁମେ ଭାରି ଦୁଷ୍ଟ...

—ଶାସନ କରୁନାହିଁ ।

ସୁରେଶ ଅଭିମାନ ଛଳରେ କହିଲା ।

—ସମୟ ଆସିଲେ ବଳେ ଶାସନ ହୋଇଯିବ ଯେ ।

ରତ୍ତମା ମୁହଁରେ ପଣତଟିକୁ ଜାକି ଧରିଲା । ହସଟା ମିଳେଇ ଗଲା ତାହାର ଭିତରେ । ତାକୁ ଭାରି ଅଡୁଆ ଲାଗିଲା । ସେ ଆଉ ଠିଆ ହୋଇ ପାରିଲା ନାହିଁ । ପାଦ ଉଠାଇ ଚାଲିଲା ନିଜର ପଢ଼ା ଘରକୁ । ସଂକ୍ଷିପ୍ତରେ କହିଲା :

—ଆସ !

—କେଉଁଠାକୁ ?

ରତ୍ତମା କୌଣସି ଉତ୍ତର ନଦେଇ ଆଗେଇ ଚାଲିଲା । ସୁରେଶ ତାର ପିଛା ଧରିଲା । ଦରଜା ଆଡ଼େଇ ପଶିଗଲେ ଭିତରକୁ । ସୁରେଶକୁ ବସିବାକୁ କହିଲା । ରତ୍ତମା ଠିଆ ହୋଇ ରହିଲା, ସୁରେଶ ଖଟ ଉପରେ ବସି ପଡ଼ିଲା । ଆଖି ଦୁଇଟି ଘୂରି ଆସିଲା ପ୍ରତ୍ୟେକ ଆସ୍ବାବ ଉପରେ । ଗୋଟିଏ ଜାଗାରେ ସ୍ଥିର ହେଲା । ଯେପରି କେଉଁ ଅନାଦି କାଳରୁ ତା ସହିତ ଜଡ଼ିତ ଅଛି । ସୁରେଶ ଚିନ୍ତା କଲା । ଅନୁମାନ ଠିକ । ତାହାରି ଅଙ୍କନ ଛବି ଉପରେ ରତ୍ତମା ସୂତା ଆଉ ଛୁଞ୍ଚି ମାଧ୍ୟମରେ ବାସ୍ତବତାକୁ ଫୁଟାଇ ପାରିଛି । ସୁରେଶ ଅଧିର ହୋଇ କହିଲା ।

—ରତ୍ତମା, ତୁମେ ଏତେ ସୁନ୍ଦର ପଟ ବୁଣିପାର ।

ରତ୍ତମା ଗର୍ବରେ ଫାଟି ପଡ଼ିଲା । ତା'ର ପ୍ରଶଂସା । ପୁଣି ସୁରଭାଇ ନିକଟରେ । ସେ ନିଜର ବାଧାଦୁଃଖକୁ ଲୁଚାଇ କହିଲା—

—ପ୍ରଶଂସାର ପାତ୍ର ମୁଁ ନୁହେଁ, ଆପଣ କାରଣ ଚିତ୍ରକର ତୁଳୀରେ ତିଆରି କରେ ଜୀବନ । ବୁଣିବାରେ କିଛି ଆଦର୍ଶ ନଥାଏ, ଥାଏ ଅଙ୍କନ ନିକଟରେ ।

—ତା ହେଲେ ତୁମେ କହୁଛ ବାହାଦୁରୀଟା ମୋର ?

—ନିଶ୍ଚୟ, ଯେହେତୁ ତୁମେ ସୁନ୍ଦର ଭାବରେ ଅଙ୍କନ କରିଛ ।

—ତାହେଲେ ମୋତେ ଏଥିରୁ ପଟ ଦେଇଦିଅ ।

ଉତ୍ତମା ଏଥର ସୁଯୋଗ ପାଇକି ପରି କହିଲା"

—ଏତେ ଶୀଘ୍ର ଦେବି ନାହିଁ । ଦେବି ଯେଉଁଦିନ ତୁମଘରକୁ କୁଳବଧୂ ହୋଇ ଯିବି । ସେଦିନ ତୁମର ଶୋଇବା ଘରେ ନେଇ ନିଜ ହାତରେ ଟଙ୍ଗାଇ ଦେବି ।

—ଛି, ଏମିତିକା କଥା କହ ନାହିଁ । ମାଉସୀ ଶୁଣିଲେ କଣ ଭାବିବେ ?

ସୁରେଶ ଉତ୍ତମା ଗାଲରେ ଛୋଟ ଚାପୁଡ଼ାଟିଏ ଦେଇଁ ଦେଇଁ କହିଲା ।

—ଉତ୍ତମା ଅତ୍ୟନ୍ତ ଆନନ୍ଦ ଅଧୀର ହୋଇ କହିଲା—

ଶୁଣିଲେ କହିବେ ଉତ୍ତମା ତାର ସୁ-ଖାତ ବାଛି ନେଇଛି । ତୁମେ ସେ ସ୍ୱର ହେବାକୁ ସ୍ୱାଗତ କର । ଈଶ୍ୱରଙ୍କୁ ଡାକ । ଆମର ଉଦ୍ଦେଶ୍ୟ ପାଇଁ ଈଶ୍ୱର ପୁଷ୍ପ ବୃଷ୍ଟି କରନ୍ତୁ । ଆଉ ସେହି ସ୍ୱର ପୁଷ୍ପ ମଧ୍ୟରେ ଦୁଇଟି ଅଚଳା ଆତ୍ମାର ମିଳନ ହେଉ ।

ଉତ୍ତମା ଆଉ କିଛି କହି ପାରିଲା ନାହିଁ । ସୁରେଶ ତାହାର କୋମଳ ଗାଲରେ ତାହାର ଓଷ୍ଠ ଛୁଇଁଦେଲା ।

ଦୁହିଁ, ଆଉ ଖାଇବ ।

ସୁରେଶ ତାକୁ ଝିଙ୍କି ବୁକୁରେ ବେଷ୍ଟିଲା, ଘଣ୍ଟା ଘଣ୍ଟା କଟି, ଘଣ୍ଟ ମଧ୍ୟରେ । ସେ ଆଉ ମୁହୂର୍ତ୍ତେ ଉତ୍ତମ ଦେହ ହେଉଥିଲେ ଏକ ଅଜେ ଜାତ ହୋଇଥିଲା ।

ଉଭୟଙ୍କ ଭିତରେ ସୁରେଶ ଚୁମ୍ବନରେ ମଧୁମୟ । ଉଭୟଙ୍କ

କାର୍ଯ୍ୟରେ ହାତ ଦେଉଛୁ । ବାପାଙ୍କୁ ସାହାଯ୍ୟ କରିବା ତାର ଗୋଟିଏ ଭଲ ଗୁଣ । ଭଲରେ ସବୁ ଚଳୁଛୁ ବୋଲି ନଗରରେ ବସି ଖାଇଲେ ନଈବାଲି ସରିବ । ତେଣୁ କର୍ମ ତତ୍ପରତା ତାର ଅଙ୍ଗେ ଅଙ୍ଗେ ଫୁଟି ଉଠୁଛି । ତରୁଣ ମନରେ ବିଷାଦ ଆଣିଛି । ଜୀବନକୁ ଦୁଃଖରେ ଦେଇଛି । ସଂସାରରେ ସଂସାରୀ ହେବାକୁ ହେଲେ ସେତେବେଳେ ଜନ୍ମ ଆଦର୍ଶ ଜାଣିବା ଦରକାର । ସୁରେଶ ଆଖିରେ ସେ ସବୁ ଦିଶିଯାଉଛି ।

ତରୁଣ ସେ, ଖେଳା ବୁଲା ମଜଲିସରେ ଦିନ କଟାଉ ଥିଲା । ଝାଳବୁହା ପଇସାକୁ ନାଟ, ସିନେମାରେ ଦେଉଥିଲା । ବାପା ମାଆଙ୍କ ଜାଣିବାରେ ଯେତିକି ଅଜଣାରେ ସେତିକି କରିବା ଠକ ନେବା ମଧ୍ୟରେ ତାର ଗୋଟିଏ ଦୁର୍ଗୁଣ ଥିଲା । ଏଥିପାଇଁ ମଧ୍ୟ ବାପାଙ୍କଠାରୁ ବହୁତ ଭର୍ତ୍ସନା ଶୁଣିଛି । ବାହା ହୋଇବାକୁ ବର ଶରଣାର୍ଥୀ । ସବୁ କଥା ମୁହାଁ ମୁହିଁ କହିବା ଲୋକ । କାହାରି ମନ ରଖିବା ତାଙ୍କ ଜଣର ବାହାରେ । ପରିବାରରେ ହାତ ଲଗାଇବାକୁ ଭଗବାନ ଦୁଃଖରେ ନେଇଛନ୍ତି । ଖଟିବା ଖାଇବା ଠିକ ଭଲ ଲୋକରେ ଜାଣି ଛନ୍ତି । ପେଟକୁ ଦାନା ମହତକୁ କନା ଯଥେଷ୍ଟ ଅଛି ବୋଲି କହି ରଖିବା ସେ ଶିଖି ନାହାନ୍ତି । ପଣ୍ଡିତ ନହେଲେ ମଧ୍ୟ ଏକଦମ ମୂର୍ଖ ନୁହନ୍ତି । ଗୀତା, ଭାଗବତ ତାଙ୍କ ମୁହଁରେ । ନ୍ୟାୟରେ ଦେଶ ତୋ-ଷାମ ମାନନ୍ତି ନାହିଁ । ଯାହା କହନ୍ତି ତାହା କାର୍ଯ୍ୟରେ ପରିଣତ କରନ୍ତି । ଦୁଃଖି ଲୋକଙ୍କ ପେଟ ପାଟରୁ ଦେଖନ୍ତି । ତାଙ୍କ ତୋଷାମ ଅମଳକୁ ଯାହା ଏ ରୋଗ ନାହିଁ ଅଛି । ସେ ମାଟିରେ ମାଟି ହୋଇ ଅଛନ୍ତି । ଯାହା ଫଳ ମିଳେ ତାକୁ ଭଗବାନଙ୍କ ଅନୁଗ୍ରହ ବୋଲି [illegible] ସନ୍ତୋଷୀରେ ସୁଖ ଅସୁବିଧା ମଧ୍ୟ ଲାଗେ ନାହିଁ । ଏକନିଷ୍ଠ [illegible]

ଚଳାଇବା ପାଇଁ ରତ୍ନାକର ବାବୁଙ୍କୁ ବହୁତ ପାଠ ଫିକର ଜଣାଥିଲା । ସେ ଭଲ ଭାବରେ ଜାଣିଥିଲେ ଯେ –

"ଛନ୍ଦ କଉଡ଼ି ବନ୍ଦେ ଧାନ"

ସଂସାର ମଧ୍ୟରେ ଛୁଆ ପିଲାଙ୍କ ମନ ନେଇ ଘର ଚଳାଇବାକୁ ହେଲେ ଘାସ କଟାଠାରୁ ଘୋଡ଼ା ଚଢ଼ିବା ପର୍ଯ୍ୟନ୍ତ ସବୁ କାର୍ଯ୍ୟରେ ଧୁରନ୍ଧର ହେବା ନିହାତି ଦରକାର । ଏ କଥା ସେ ଭଲଭାବରେ ଜାଣିଥିଲେ । ତେଣୁ ଟିକିରେ ଭଲ ମନ୍ଦ ମ୍ୟାପ୍ସ, ଜଣାପ ହେଲେ ରତ୍ନାକରବାବୁଙ୍କୁ ଅଗେ ଡାକୁଥିଲେ । ସମସ୍ତେ ତାଙ୍କୁ ପସନ୍ଦ କରୁଥିଲେ ।

ତାଙ୍କ ପୁଅ ସୁରେଶ ଉପର ନେଗାଟିଏ ସୁ-ନାଗରିକ ହୋଇ ପାରିବ ସେଥିପାଇଁ ସେ ସବୁବେଳେ ନଜର ରଖୁଥିଲେ । ବୁଝାଇ ସୁଝାଇ କହୁଥିଲେ ସଂସାରରେ ଚଳିବାକୁ ହେଲେ ସବୁ କାର୍ଯ୍ୟରେ ଧୁରନ୍ଧର ହେବାକୁ ପଡ଼ିବ । ଭ୍ରଷ୍ଟ ଉପରେ ବିଶେଷ ନଜର ଦେବାକୁ ପଡ଼ିବ । କେବେ ମଣ୍ଟ କହନ୍ତ ଯାହାର ଭ୍ରଷ୍ଟ ନାହିଁ, ତାର ବାସ ନାହିଁ । ପାଠ ପଢ଼ିଲେ ଯେ ଭ୍ରକଣ୍ଟ କରିବ । ଏ ଆଶା କଲେ ସର୍ବନାଶ । ପାଠ ପଢ଼ି ସଭ୍ୟତାକୁ ଅନୁକରଣ କରିବା ମନୁଷ୍ୟର ପ୍ରଧାନ କର୍ତ୍ତବ୍ୟ । ସଭ୍ୟତାହିଁ ମାନବ ଧର୍ମର ବାସ୍ତବତାକୁ ଅନୁକରଣ କରେ । ମାନବକୁ ବିକଶିତ କରେ । କିନ୍ତୁ ପାଠ ପଢ଼ାଟା ଯେ କେବଳ ଭ୍ରକଣ୍ଟରେ ନିଯୁକ୍ତ ତାହାନୁହେଁ । ଏଣୁ ସେ ମଧ୍ୟ ସୁରେଶକୁ କହୁଥିଲେ ତୁ ଭ୍ରକଣ୍ଟ ନକର ଘର ଧନ୍ଦା କର । ଭ୍ରଷ୍ଟ ଖବର ବୁଝ । ଘରେ ତ ଏକୁଟିଆ ଭ୍ରଷ୍ଟକୁ ପାନ୍ତୁନାହିଁ । ଭ୍ରଷ୍ଟ ସାଙ୍ଗକୁ ଘର ପାଖରେ ଭଳି ନା ଭଳି ପାଠ ଫିକର କଲେ ପଇସା ଧରିବୁ । ଭ୍ରକରି କଲେ କଣ ଅଧିକ ହେବ ? ଘର ଚଳିଲେ ହେଲା । ଟଙ୍କା ପଇସାତ ସ୍ୱର୍ଗକୁ ନେବ ନାହିଁ । ଭ୍ରକରୀ କର

ଚାଲକୁ ବଖାଣି ଦେବା ଗୃହି ପୁଅର ନିହାତି ଅବିବେକତା । ତେଣୁ କଥାରେ ଅଛି—

“ବନ୍ଧକ ଧରଣି କରଜ ପୁଣି ହଏ ଉଜଡ଼,
ଗୃହ ନ ଜାଣି ଉଜଡ଼ ହଏ ଚାଲ ବଖାଡ଼ ।”

ତେଣୁ ସେ ସୁରେଶକୁ କହୁଥିଲେ, ଆରେ ତୁ ଅନ୍ୟଆଡ଼େ ମନ ନ ବଳାଇ ଗୃହରେ ନଜର ଦେ । ଚାଲ ମାଟି ହାଣ୍ଡିରେ ଦେଲେ ଘରଦ୍ୱାର ପର ଖାଇବେ । ଯାଙ୍କୁଚ ଉଚ ଉପୁଣ ଫସଲ କଲେ ବଜାରକୁ ଯିବାକୁ ପଡ଼ିବ ନାହିଁ ।

କିନ୍ତୁ ସୁମନ୍ତ ଦେଖା ତାହା ବୁଝୁଁ ନଥିଲେ । ସେ ବୁଝୁଁଥିଲେ ସୁର ଚାକିରୀ କରୁ । ବାବୁ ହେଉ । ଦେଶ ବିଦେଶରେ ନାମ ପଡ଼ୁ । ଏଣୁ ସେ କେତେ ବେଳେ ଆଳଟ କରି କହନ୍ତି ।

କଣ କରୁ କହୁଛ । ସୁର କଣ ଜାଣିବ ନାହିଁ । ସମୟ ହେଲେ ସବୁ ଜାଣିବ । ପୁଅଟ । ଯାହା କହୁଛି କରୁ । ସୁର ପର ଆମ୍ଭର ପୁଅ । ତାର ଆନନ୍ଦ ଦେଖିଲେ ଆମେ ଖୁସି ହେବା । ଏତେ ଗୁଡ଼ାଏ ପାଠ ପଢ଼ିଛି, କଣ ଚାକିରୀ ଖଣ୍ଡେ ମିଳିବ ନାହିଁ ? ପୁଣି ଆସି ଖଟିବ କାଳିରେ ।

ଏଥିରେ ଅନ୍ନାକରଙ୍କ ରାଗ ତାଳୁକୁ ଉଠେ । ମୁହଁ ଫଣ ଫଣ କରି ସେ କହନ୍ତି—ଜାଣିନ ପାଠପଢି ଚାଷ କରିବାକୁ ଯାହାକୁ ଲାଜ ଲାଗିବ, ସେ ପାଠ ପଢ଼ିବା ଦରକାର ନୁହେଁ । ତୁମର ଜନକ ... ମୂର୍ଖ, ସବୁ ଅଗୁଣତକ ତୁମେ ତାକୁ ଶିଖାଇଛ ... ନଗାମ ନାହିଁ । ସୁର କଣ ଜୁଆ ଖେଳୁଛି । କାମ କରିବାକୁ ? ଚାକିରୀ କରିବାଟା କଣ ଏତେ ଭଲକାମ । ଚାକିରୀ କଲେ ମନୁଷ୍ୟ ... ହୁଏ କାଣ ? ସବୁ ଅ... କାମରେ କେତେ କେତେ ... । ଲୋକେ ପର କହନ୍ତି—

ଚାକରୀ ପଇସା ନଖଣ୍ଡାରେ ଯିବ ଘରକୁ ଉପୁରୀ ଯାଏ,
ଚାକରୀ କରିକି ଘର ଚଳାଇବ ତୋର ମାଇପିଆ ଯିଏ ।
ତୋର ମାଇପିଆ ମାଇପ ରସିଆ ଟାଉଟର ଆଙ୍କ ଗୁରୁ,
ପର ପଇସାରେ ବେଉସା ଚଳୁଛି, ବଳବାଡ ଚକା ସରୁ ।

ବୁଝିଲ ସୁମନ୍ତି ଦେଈ । ଆଜି କାଲି ଚାକିରୀ କରି ଘର ଚଳାଇବା ମୁସ୍କିଲ । ଖାଲି ଅଭାବ, ବୁଝିଲ । ଯେତେବେଳେ ୧୯୮୪ ସାଲରେ ବୈତରଣୀର ଗାଣ୍ଡ୍ରବଲ୍ଲା । ଘରଦ୍ୱାର ହରାଇ ଲୋକେ ହଇରାଣ, ତାଁ ଗୁଡ଼ କୁଆଡେ ମୋ ବାପା ଏଠାକୁ ପଳାଇ ଆସିଲେ ମୁଣ୍ଡରେ ମୁଣ୍ଡେଇ ଯୋଉଦା ବଳି ଆମକୁ ମଣିଷ କରିଥିଲେ । ଆମେ ତ ପୁଣି ଚାଷର ଧନ୍ଦା କରି ଆଜି ପାଞ୍ଚ ଖଣ୍ଡ ଏକର ଜମିର ମାଲିକ । ହେଲେ ମୁଁ ତ ଚାକିରୀ କରନାହିଁ । ତୁମ ଆମ ଘରକୁ ଆସିବାକୁ ଦୁଇବର୍ଷ ବାକି । ଦେଶରେ ଭାରି ଅକାଳ । ଖାଇବାକୁ ନପାଇ ଲୋକେ ଶୁଆଁ ପିଟିଲେ । ହେଲେ ସେତେବେଳେ ଟଙ୍କାରେ ଚାଉଳ ଏଗାର ମାଣ, ଧାନ ଦୁଇଟଙ୍କାରେ ବରେ କଷା ହେବ । ଲୁଣ ପାଞ୍ଚ ପଇସାରେ ପାଞ୍ଚ ସେର କି ସାତ ସେର । ଡାଲି, ପନିପରିବା କଥା କିଏ ପଚାରେ । ହେଲେ ଲୋକେ ଦରହାଟିଏ ପାଇ ନଥିଲେ । ଆଜିକାଲି ଟଙ୍କା ପଇସାରେ ଦଶଗୁଣ ଶୋଇଲେଣି । ହ ହ ଗଡ ଗଡ ହେଲେ ସେ କାଳ ମଣ୍ଡୁକୁ ଆଜି କାଲିର ଭଲ ଫସଲକୁ ଚାହିଁଲେ ଆକାଶ ପାତାଳ । ଲୋକେ ଆଗକୁ ଆଶାକରି ନଇରଗଡ଼ୁ ଆସି କାଣ୍ଡାରେ ପଡ଼ିଲେଣି । ବଜାରକୁ ୫୦ ଟଙ୍କା ନେଇ ଗଲେ ଲୁଗା କାମିଜକୁ ନଅଣ୍ଟ । ସଂସାର ଚଳେ କଣ । ସେ ବୟ ବଢ଼ୁ ଆଉ ଫେରିବ ନାହିଁ । ଦେଖ ସ୍ତ୍ରୀ ସଞ୍ଚଳ ଲୁଡ଼ । ଆସୁଛି ଯୁଗକୁ ପୁଅ ଝିଅଙ୍କର ହଇ ଛଟକ । ଭୋଟ ଉପରେ ନଜର ବଡ଼ା ମୋ ପୁଅ କଣ, ନା ତା ପୁଅ କଣ ? କେଉଁରେ ।

ଢୋଲପଡ଼ିଲେ ବଳେ ବଜାଇବେ । ଆମ୍ଭେତ ଜନ୍ମକଲୁ ବୋଲି କର୍ମ ଦେଇ ନାହୁଁ ।

ସୁରେ ବାପା ମାଆଙ୍କର ହୃଦ କଥା ଶୁଣେ । ଚିନ୍ତାକରେ ମନେ ମନେ କଣ କରିବ ସେ ? ବାପା ମାଆଙ୍କର ସ୍ନେହରେ ବଢ଼ି ଆସିଛି । ଆଜି ତାଙ୍କ ମନରେ ଦୁଃଖ ଦେଇ ଭଲ କାର୍ଯ୍ୟ କଲେ ହୁଏତ ତାର ଅମଙ୍ଗଳ ହେବ । ସେଥିପାଇଁ ତରୁଣ ମନଟା କେବେ କେବେ ଘାଣ୍ଟି ଗୋଟାଇ ହୁଏ । ନିରବରେ ସହେ ନାହିଁ । ପାରୁ ପର୍ଯ୍ୟନ୍ତ ଖଟେ । ହେଲେ ମନ ମାନେନା । ଇଚ୍ଛା ହୁଏ ଖଣ୍ଡେ ଚାକିରି ପାଇଗଲେ ଟିକିଏ ଶାନ୍ତିରେ ନିଶ୍ୱାସ ମାରନ୍ତା । ପଇସା ରୋଜଗାର କରନ୍ତା । ସେଥିପାଇଁ ମଧ୍ୟ ସୁରେଶ ଅନେକ ଜାଗାରେ ଦରଖାସ୍ତ ପଠାଇଛି । ପରୀକ୍ଷା ଦେଇଛି । ଇଣ୍ଟରଭ୍ୟୁରେ ଯୋଗ ଦେଇଛି । କେତେ ଲୋକଙ୍କୁ ଧରା ଧରି କରିଛି ହେଲେ ସବୁ ବିଫଳ ।

ସେଦିନ ସୁରେଶ ଖଟ ପିଠିଆରେ ବସିଥାଏ । ମନରେ ଅଫୁରନ୍ତ ଭାବନା, କଣ କରିବ ସେ ? ଚାକିରୀ ଖଣ୍ଡେ ପାଇଁ କେତେ ବା ଲାଗିବ ? ଲାଞ୍ଚ ରିସବତ ଦେଇ ଚାକିରୀ କରିବାକୁ ବାପାଙ୍କର ଇଚ୍ଛା ନୁହେଁ । ତେବେ ·······ସୁରେଶ ଆଗକୁ ଭାବି ପାରିଲା ନାହିଁ । ଦୁନିଆଁ କଥାକୁ ମନେ ପକାଇ ମନରେ ସଂସାର ପ୍ରତି ଘୃଣା ଆସିଲା । ଉଠି ବସି ଭାବିଲା ବୁଲାଇବ ଯାଇଆସେ । ମନର ବୋଝଟାକୁ ଦୂରେଇ ଦେବା ପାଇଁ । ପାଦ କାଢ଼ି ଆଗେଇଲା ରାସ୍ତା ଉପରକୁ ବାହାରି ଆସିଛି । ଠିକ ସେତିକିବେଳେ ଡାକ ପିଅନ ଚିଠି ଖଣ୍ଡେ ବଢ଼ାଇ ଦେଇ କହିଲା—ଆପଣଙ୍କର । ସୁରେଶ ଆଗ୍ରହ ସହକାରେ ଖୋଲି ଦେଖିଲା, ତାର ଚାକିରୀ ହୋଇଛି ।

ଗତ ଦିନର ଖବର କାଗଜ, କେନ୍ଦୁଝରରେ ସେ ଇଣ୍ଟରଭ୍ୟୁ ଦେଇଥିଲା । ମାଷ୍ଟର ଚାକିରୀ ପାଇଁ । ତାର ଆପଏଣ୍ଟମେଣ୍ଟ ଅର୍ଡର ଆସିଛି । ଚମ୍ପୁଆ ପ୍ରାଇମେରି ସ୍କୁଲ । ଆସନ୍ତା ୧୧।୮।୭୨ ତାରିଖ ବୁଧବାର ଦିନ ଯାଇ ଚମ୍ପୁଆରେ ଜଏନ କରିବ । ତାର ଚକ୍ଷୁ ଉଜ୍ଜ୍ୱଳ ହେଲା । ସେ ଘରକୁ ଫେରି ଆସିଲା ଶୁଭ ସଂବାଦ ମାଆଙ୍କୁ ଜଣାଇ ଦେବାକୁ । ଦୂରରୁ ଉତ୍କଣ୍ଠା ଗଳାରେ ଡାକିଲା ।

—ମାଆ ମୋର ଚାକିରି ହୋଇଛି ।

ସ୍ୱର୍ଣ୍ଣ ଦେବୀଙ୍କ କାନ ଭିତରକୁ ଯେପରି କଥା ଏକବାରେ ପଶିଗଲା । କେତେ ଆନନ୍ଦ ମଧ୍ୟରେ କ୍ଷଣକେ ମିଳାଇ ଗଲେ ସେ । ସୁରେଶର କଥାଟା ତାଙ୍କୁ ଏତେ ଆନନ୍ଦ ଲାଗିଲା ସେ କଥା ପ୍ରକାଶ କରିହେବ ନାହିଁ । ଉତ୍ସାହ ମଧ୍ୟରେ ସ୍ୱର୍ଣ୍ଣ ଦେବୀ ପଚାରିଲେ—

—ଚାକିରୀ ହୋଇଛି ?

—ହଁ ।

ଏଥର ସ୍ୱର୍ଣ୍ଣ ଦେବୀଙ୍କ ଆନନ୍ଦ ଦେଖିବା କିଏ । ଚୌକିରେ ବସିଗଲେ । ମନେ ମନେ ଭଗବାନଙ୍କୁ ଡାକିଲେ । ଯାହା ହେଉ ଠାକୁର ଏତେ ଦିନକେ ତାଙ୍କର ଦୁଃଖ ବୁଝିଲେ । ଈଶ୍ୱର ଯାହା କରନ୍ତି ମଙ୍ଗଳ ପାଇଁ । ହେଲେ ଆହୁରି ଅନେକ ପ୍ରଶ୍ନ ମନ ଭିତରେ ଉଙ୍କି ମାରିଲା । ତାର ସମାଧାନ ପାଇଁ ସେ ପୁଅକୁ ଲକ୍ଷ୍ୟକରି ପଚାରିଲେ—

କେଉଁଠି ହୋଇଛି ରେ, କେଉଁଦିନ ଯିବୁ ?

ସୁରେଶ ମାଆଙ୍କୁ ବୁଝାଇ କହିଲା—ଆସନ୍ତା ୧୧ ତାରିଖ ଅର୍ଥାତ ବୁଧବାର ଦିନ ଯିବାକୁ ହେବ । ହେଲେ ଟିକିଏ ଦୂର ଚମ୍ପୁଆ । ହେଉ ଭଗବାନଙ୍କର ଦୟାରେ ଯେଉଁଠି ଥିଲା । ବାପୁ,

ଚାକିରୀ ପାଇଁ ମଣିଷ କଣ ନକରୁଏ ? ଆଜି ସେ ଚିନ୍ତା ତାର ଭଗବାନ ଦୂର କରିଛନ୍ତି । ସେ ଆନନ୍ଦରେ ଅଧୀର ହୋଇ କହିଲା :

—ମାଆ, ମୋ ଲୁଗାପଟା ସଫା କରିଦେବୁ । ଆହୁରି ଅନେକ ଜିନିଷ ସଂଗ୍ରହ କରିବାକୁ ପଡ଼ିବ । ନୂଆ ଜାଗା ତ । କୌଣସି ଜିନିଷ ଅଭାବରେ ଅସୁବିଧା ହେବ । ଡେରି କଲେ ସର୍ବନାଶ ହେବ । ଆଜି ରବିବାର । ମଝିରେ ଏ ଦିନ କେଇଟା । ବୁଧବାର ଦିନ ଜଏନ କରିବାକୁ ହେଲେ ମଙ୍ଗଳବାର ଦିନ ରାତିରେ ନଗଲେ ହୋଇ ପାରିବ ନାହିଁ ।

ଏଥର ସୁମତି ଦେବୀଙ୍କ ଆଖିରେ ଲୁହ ରହିଲା ନାହିଁ । କେଇଧାରେ ବୋହିଗଲା । ପୁଅ ତାଙ୍କର କେତେ ଆଦରର । ଖଣ୍ଡେ ନ ଦେଖିଲେ ଯୁଗ ମଣନ୍ତି । ଏତିକିଟିଏ ହେଲାଣି । ସୁମତୀଙ୍କ ଜୀବନର ଅନ୍ଧକାରରେ, ନିଜର ଝରକା ପାଇଁ । ମାତ୍ର ସେପରି ଝିଙ୍କିଆ ହୁଅ । ହେଲେ ସୁମତୀ ଦେବଙ୍କ ଭଲକରେ । ବାପ ଲୁଚିଲା ଦିନ ପାଣ୍ଠିରୁ କଷ୍ଟ ପାଉନ୍ତି । ମାଆ ତ, ପୁଅର ଦୁଃଖ ତାଙ୍କ ପାଖରେ ସହି ପାଏନି । ପୁଅପାଇଁ ସେ ନିଜ ସ୍ୱାମୀଙ୍କଠାରୁ କେତେ କଟୁକଥା ଶୁଣନ୍ତି । ହେଲେ ପୁଅ ମୁହଁକୁ ଚାହିଁ ସବୁ ପାଶୋରି ଦିଅନ୍ତି । ଆଜି ତାଙ୍କୁ କମିତି କମିତି ଲାଗୁଛି । ପୁଅ ଘରଛାଡ଼ି ବାହାରକୁ ଯିବ । ଚାକିରି କରିବ । ପୁଅ ଚିନ୍ତା ତାଙ୍କୁ ଆଉ ରହିବ ନାହିଁ । ସ୍ୱାମୀଙ୍କ-ଠାରୁ କଟୁକଥା ଶୁଣିବେ ନାହିଁ । ତଥାପି ଅଶାନ୍ତ । ମାତୃହୃଦୟଟା କାହିଁ ଉଠୁଛି ଡାକିକି ? ସୁମତୀ ଦେବୀ ଆନନ୍ଦକୁ ଆଉ ଧରି ପାରିଲେ ନାହିଁ । ପଣତ ଖୋଲାଇ ଲୁଚାଇ ଦେଲେ ଲୁହକୁ । କୋଧଟାକୁ ସମ୍ଭାଳି ନେଇ କହିଲେ :

—ବାପ, ଏତେ ଦୂରରେ କରିବୁ, ହେଲେ ମନଟା କେମିତି

ଲାଗୁଛି । କେତେ ଭଲ, ମନ୍ଦ, ଓଷା, ବାର । ଗାଁରେ ନଥିବୁ । ଭଲ ମନ୍ଦ ଦରବଟିଏ ବାଳିବ ନାହିଁ ଟାଟିରେ । କେଉଁଦିନ ଆସିବୁ, କିଏ ରନ୍ଧିଥିବ ତୋ ବାଟକୁ ? ମନଟା ମୋର ସ୍ଥିର ହେଉନାହିଁ ।

ସୁରେଶ ମାଆର ମନ ବଦଳାଇବାକୁ କହିଲା— ମାଆ, ତୁ ଏପରି ମନ ଦୁଃଖ କଲେ ହେବ ? ମୋର ଯିବା ତାରିଖ ହୋଇଛି । ଆଜି ଆନନ୍ଦ । ତୁ ଆଖିରୁ ଲୁହ ଢାଳିଲେ ମୋର ମଙ୍ଗଳ ହେବ ନାଁ ?

ସୁମତୀ ଦେବୀଙ୍କର କ୍ରୋଧ ପାଣିରେ ମିଳେଇ ଗଲା । ସେ ସ୍ଥିର ହୋଇ କହିଲେ— ନାରେ ସୁରି, ତୋର ଅମଙ୍ଗଳ ଚାହିଁ ନାହିଁ । ହେଲେ ତୋତେ ମୋ ଆଖିରୁ ଅନ୍ତର କରିବାକୁ ଇଚ୍ଛା ହେଉନାହିଁ । କେଉଁଠି ରହିବୁ ? କଣ ଖାଇବୁ ? ଏସବୁ କଥା ମନେ ପଡ଼ିଲେ ମନଟା ସ୍ଥିର ହେଉନାହିଁ ।

—ସବୁବେଳ ତ ସମାନ ନ ଥାଏ । ସବୁବେଳେ ତୋର ପଣତ ତଳେ ଲୁଚି ରହିଲେ ତୁ ପରେ ତ ଶାନ୍ତି ହୋଇ ପାରିବୁ କହ ? ମୁଁ କିଛିଦିନ ରହିଲା ପରେ ଧନ୍ୟଧର କରି ପଳାଇ ଆସିବି ପାଖକୁ । ତୁ ଏପରି ହେଲେ ଚଳିବ ? ତୁ ମୋତେ ଆଶୀର୍ବାଦ କର । ତୋର ଆଶୀର୍ବାଦ ଆଉ ଆଦର୍ଶ ନେଇ ବିଦେଶରେ ମୋର ଦିନଗୁଡ଼ିକ ଶାନ୍ତିରେ କଟିଯିବ । କଥାରେ ଅଛି ପରା—

"ପୁତ୍ର ଦୁଃଖିତ ଥାଇଲେ ପିତା, ମାତା, କଲ୍ୟାଣ,
ଅଭିଶାପ ଦେଲେ ହୁଏଇ ତାହା ଦୁଃଖ କାରଣ ।"

ବୁଝିଲୁ ମାଆ, ତୋର କଲ୍ୟାଣ, ମୋ ଭବିଷ୍ୟତ ଜୀବନର ଆଦର୍ଶ । ତୋର କଲ୍ୟାଣରେ ମୋର ଶତ ଦୁଃଖ ଦୂରେଇ ଯିବ । ଦୁନିଆରେ ମୁଁ ଜଣେ ହୋଇ ଛିଡ଼ାହେବି । ଯେତେ ଦୂରରେ ଥିଲେ ମଧ୍ୟ ମୁଁ ତୋର ପୁଅ । ତୋର ପଦପଙ୍କଜତଳେ ମୋ ଆଶ୍ରୟ ।

ସୁମନ୍ତ ଦେବୀ ସ୍ଥିର ହୋଇ କହିଲେ, ମୁଁ ସବୁ ବୁଝି ମଧ୍ୟ ବୁଝୁ ନାହିଁ । ତୋର ହସ ପାଇଁ ମୋର ଘରଟା ପୁରି ଉଠୁଥିଲା । ତୋ ବିହନେ ଘରଟା ଶୂନ୍ୟ ହେବ । ହାଁ, ହାଁ, ଖାଁ, ଖାଁ ମଧ୍ୟରେ ଖୋଜି ବୁଲାଇବ । ମାଆ ପୁଅର ଦରଦଟା କେତେବେଳେ ମନ୍ଦ ଚାପରେ ନାହିଁ । ତୋର ଭବିଷ୍ୟ ହୋଇଛି । ତୁ ବଡ଼ଲୋକ ହେବୁ । ତୋର ମଙ୍ଗଳକୁ ଚାହିଁ ମୋତେ ସବୁ ସହିବାକୁ ପଡ଼ିବ । କେବଳ ଭଗବାନଙ୍କର ଇଚ୍ଛା ।

ରଜା ଦୁଅ, ମନ୍ତ୍ରୀ ଦୁଅ, ଦେଶ ବଡ଼ ଦୁଅରେ,
ଯାହା ଦୁଅ ପଛେ ମାଆମାନେ ମରଣ ପୁଅ ରେ ।

ମାଆଙ୍କର ଆଶୀର୍ବାଦ, ଆଉ ଉତ୍ସାହ ପାଇଁ ସୁରେଶ ଶୁଷ୍କ ହୃଦୟରେ ଭରି ଆସୁଥିଲା ଆନନ୍ଦ । ସେ ଠିଆ ହୋଇ ମାଆଙ୍କର ଆଶୀର୍ବାଦ ବାଣୀ ଶୁଣୁଥିଲା । ଦୁଇ ପାହାଡ଼ ମଧ୍ୟରେ ସୂର୍ଯ୍ୟଦେବ ମୁହଁ ଲୁଚାଇ ଥିଲେ । ପକ୍ଷୀଙ୍କର କଳରବ ମଧ୍ୟରେ ସୁଦୂରୁ ବାହୁଡ଼ୁ ଥିଲେ ।

ଦେବୀ ମନ୍ଦିର ଆଳତି ମଧ୍ୟରେ ପଶ୍ଚିମ ପଟ ଲାଲ ଦେଖା ଯାଉଥିଲା । ଏହା ସନ୍ଧ୍ୟା ହେବାର ପୂର୍ବ ସୂଚନା ।

ସୁରେଶ ଆନନ୍ଦ ହୋଇ କହିଲା :

—ମାଆ ତୁ ମୋ ନିକଟରେ ଆକାଶ ଠାରୁ ଉଚ୍ଚ, ଆଉ ପୃଥିବୀ ଠାରୁ ଗୁରୁ । ଶାସ୍ତ୍ରରେ ଅଛି—

"ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ" ।

ସୁରେଶ ବୁଝିଗଲା ଜନ୍ମଠାରୁ ଜନ୍ମ ଘରକୁ ଆଉ ଆସିବାକୁ ସମୟ ମିଳୁନାହିଁ । ଆସିବ ବା କପରି ? ବିଦେଶରେ ଚଳିଗଲା । ହେଲେ ସୁରେଶର ଜନ୍ମଘରଟା ଜନନୀକୁ ଝୁରଣ ଅନୁଭବ କରି ଚାଲିଛି । ମନଟା କେମିତି କେମିତି ଲାଗୁଛି । କୌଣସି କାମରେ

ମନ ନାହିଁ । ନିଜର ଦେହ ମୁଣ୍ଡକୁ ଚାହୁଁ ନାହିଁ । ସବୁବେଳେ ବସି ଭାବୁଛି । ସତେ ଯେମିତି ଭାବନାରୁ ତାକୁ ପରମ ଶାନ୍ତି ମିଳୁଛି ।

ଭାବନା ସ୍ରୋତରେ ପଡ଼ିଲେ ମନୁଷ୍ୟ କୂଳରେ ଲାଗେନା । ଖାଲି ଭାବି ଭାବି ନିଜର କ୍ଳାନ୍ତ ହୁଏ । ହେଲେ ନଭାବି ରହି ପାରେନା । ଉତ୍ତମାର ସେହି ଦଶା । ସେଦିନ ସୁରେଶର ଅଧର ପରଶରେ ଯେତିକି ଆନନ୍ଦ ପାଇଲା, ତରୁଣୀ ମନଟା ତାର ବ୍ୟାକୁଳ ହୋଇଛି । ସେ ସବୁ ବେଳେ ବସି ଭାବୁଛି, ଭଲ ପାଇବାର ମୂଳରେ ଆହୁରି ଗୋଟିଏ କିଛି ବଡ଼ ଜିନିଷ ଅଛି । ସେଇଁଠାରେ ଆତ୍ମ ପ୍ରଦାନ କଲେ ଭଲ ପାଇବାର ମାଦକତାକୁ ବୁଝିହୁଏ । ନାୟିକା ସେ । ନାୟିକା ଜୀବନର ସମସ୍ତ ଉତ୍କଣ୍ଠାକୁ ସାଧନ କରି ଦେଇଛି । ତାକୁ ବା ଏସବୁ କଥା ଅଜଣା ରହନ୍ତା କିପରି ? ବୟସ ତ ହୋଇଛି ।

× × × ×

ହେଲେ ଝିଅର ଏପରି ଢଙ୍ଗ ଦେଖି ସୁକାନ୍ତ ଦେବଙ୍କ ମୁଣ୍ଡରେ ବଜ୍ର ପଡ଼େ । ସେ ଆକାଶ ପାତାଳ ଭାବି ଯାଆନ୍ତି । ସମସ୍ତ ରାଗଟା ତାଙ୍କର ଠୁଳ ହୁଏ, ଉତ୍ତମା ଉପରେ । ସମ୍ମାନ ନପାଇ ବେଳେବେଳେ ଆକଟ କରି କେତେ କଣ କହି ପକାନ୍ତି । କାମ ଯୋଡ଼ ଦିଅନ୍ତି । ସ୍କୁଲରୁ ଆସି ଅନ୍ଦରର ସମ୍ମୁଖରେ ଘରକାମ କରିବାକୁ ବାଧ୍ୟ କରନ୍ତି । କିନ୍ତୁ ସେ [illegible] ହୁଏ ବୃଥା । ମନ ଚୋରା ମନରେ ମରେ । ରାଗଟା ରହିଯାଏ ବୁକୁତଳେ । ନିଜ ଝିଅ ତ । କରିବେ ବା କଣ ? କହିବେ ବା କାହାକୁ ? ଉପରକୁ ଛେପ ପକାଇଲେ ମୁହଁରେ । ତେଣୁ ସବୁକଥା ଜାଣିଶୁଣି ସେ ମନେମନେ ରହନ୍ତି । ଉତ୍ତମାକୁ ଆଉ [illegible] ଛାଡ଼ିବେ ନାହିଁ । ସୁଯୋଗ ଦେଖି ବିବାହ କରିଦେବେ । ଏ ବିଷୟରେ ସୁକାନ୍ତ ଦେବ

ଉମାକାନ୍ତ ବାବୁଙ୍କୁ ଅନେକଥର କହିଲେଣି । ହେଲେ ଉମାକାନ୍ତ ବାବୁ କରିବେ କଣ ? ବିବାହ କଥା ତ ଏତେ ସହଜ ନୁହେଁ । ସହଜେ ଝିଅକୁ ବିବାହ କରିବା ଏବେ ମନୁଷ୍ୟ ପକ୍ଷେ ଯେଉଁ ମୁସ୍କିଲ !

ସେଦିନ ରତ୍ନମାର ମାମୁ ଘନବନ୍ଧୁ ବାବୁ ରତ୍ନମାକୁ ତାଙ୍କ ଘରକୁ ଡାକି ନେବାପାଇଁ ଆସିଥିଲେ । କିନ୍ତୁ ରତ୍ନମା ସ୍କୁଲରୁ ଆସି ମାମୁ ଘରକୁ ଯିବାକଥା ଶୁଣି ବଡ ଖାଇଖ ପଡ଼ିଗଲା । ସତେ ଯେପରି ମାମୁ ଘରଟା କାରାଗାର । ନଖାଇ ବ୍ରଜରାଣୀ ଫୁଲକୁ ସାଙ୍ଗରେ ନେଇ କୁଆଡ଼େ ଯାଉଛି । ମନ ତ ଠିକ୍ ନାହିଁ । ମାମୁ ଘରକୁ ଯାଉଛୁ କିଏ ? କଥାରେ କହନ୍ତି ମନ ଯାଉ ନେଙ୍ଗା । ନେଗାବରେ ଗାଈଆ ଡଙ୍କା । ତାର ମନରେ ତ ସବୁବେଳେ ନିଆଁ ଜଳୁଛି । କଣ ବା ଭଲ ଲାଗିବ । କିନ୍ତୁ ରତ୍ନମା ଦୁଃଖ ଦୂର କରିବା ପାଇଁ ତାଳଗଣୀ ଫୁଲ ସହିତ ଏହି ଭଟପୁରରେ ବେଳେବେଳେ ଆଲୋଚନା କରେ, ଦୁଃଖ ପ୍ରକାଶ କରେ । ତାଳଗଣୀ ଫୁଲ ବଡାଘ ଭଲ ଲୋକ ।

ଜଣା ଅଛି ପେ, ରତ୍ନମାର । ଅନେକ ଆଉ ଅନେକ କଥା କହି ଭୁଲାଇ ଦିଏ । ତେଣୁ ରତ୍ନମା ତାକୁ ବିଶ୍ୱାସ କରି ମନ କଥା କହେ । ସୁକାନ୍ତ ଦେବୀ ମଧ୍ୟ ରତ୍ନମା, ଆଉ ଫୁଲର ଅନ୍ତରଙ୍ଗ ମିଳାମିଶାକୁ ପସନ୍ଦ କରନ୍ତି । ଫୁଲକୁ କହନ୍ତି ତାକୁ ଟିକିଏ ବୁଝା ସୁଝା କରିବୁ । ଏଣୁ ଫୁଲ ସହିତ ରତ୍ନମା ଯେଉଁ ଆଡ଼େ ଗଲେ ମଧ୍ୟ ସୁକାନ୍ତ ଦେବୀଙ୍କ ଚିନ୍ତା ନ ଥାଏ । ଫୁଲ ମଧ୍ୟ ବେଳେ ବେଳେ ଆଗଟ କରି ରତ୍ନମାକୁ ସୁକାନ୍ତ ଦେବୀଙ୍କ ନିର୍ଯ୍ୟାତନାରୁ ରକ୍ଷାକରେ । ସତେ ଯେପରି ରତ୍ନମା ଭଣ୍ଡା ମାଉଁକେ, ଫୁଲର ପାଦକୁ ଯନ୍ତ୍ରଣା ହୁଏ । ସୁକାନ୍ତ ଦେବୀ ରତ୍ନମାକୁ କୌଣସି କାମ କରିବା କଲେ

ମନ ନାହିଁ । ନିଜର ଦେହ ମୁଣ୍ଡକୁ ଗୁହୁଁ ନାହିଁ । ସବୁବେଳେ ବସି ଭାବୁଛି । ସତେ ଯେପରି ଭାବନାରୁ ତାକୁ ପରମ ଶାନ୍ତି ମିଳୁଛି ।

ଭାବନା ସ୍ରୋତରେ ପଡ଼ିଲେ ମନୁଷ୍ୟ କୂଳରେ ଲାଗେନା । ଖାଲି ଭାସି ଭାସି ନିଜର କ୍ଲାନ୍ତ ହୁଏ । ହେଲେ ନିସ୍ତାର ରହି ପାରେନା । ରଶ୍ମିର ସେହି ଦଶା । ସେଦିନ ସୁରେଶର ଅଧର ପରଶରେ ଯେତିକି ଆନନ୍ଦ ପାଇଲା, ତରୁଣୀ ମନଟା ତାର ସଜାଗ ହୋଇଛି । ସେ ସବୁ ବେଳେ ବସି ଭାବୁଛି, ଭଲ ପାଇବାର ମୂଳରେ ଆତୁର ଗୋଟିଏ କଳ୍ପ ବଡ଼ ଜିନିଷ ଅଛି । ଯେଉଁଠାରେ ଆଘାତ ପ୍ରଦାନ କଲେ ଭଲ ପାଇବାର ମାଦକତାକୁ ଦୁରେଇ ଦିଏ । ନାୟିକା ସେ । ନାୟିକା ଜୀବନର ସମସ୍ତ କଣ୍ଟକଣାଟାକୁ ହାସଲ କରି ନେଇଛି । ତାକୁ କା ଏସବୁ କଥା ଅଜଣା ରହନ୍ତା କିପରି ? ବୟସ ତ ହୋଇଛି ।

× × × ×

ହେଲେ ଝିଅର ଏପରି ଢଙ୍ଗ ଦେଖି ସୂର୍ଯ୍ୟକାନ୍ତ ଦେବାଙ୍କ ମୁଣ୍ଡରେ ବଜ୍ର ପଡ଼େ । ସେ ଆକାଶ ପାତାଳ ଭାବି ପାଆନ୍ତି । ସମସ୍ତ ରାଗଟା ତାଙ୍କର ଠୁଳହୁଏ, ରଶ୍ମି ଉପରେ । ସମ୍ମୁଖ ନପାଇ ବେଳେବେଳେ ଆକଟ କରି କେତେ କଣ କହି ପକାନ୍ତି । କାମ ଯୋଡ଼ ଦିଅନ୍ତି । ସ୍କୁଲରୁ ଆସି ଅବସର ସମୟରେ ଘରକାମ କରିବାକୁ ବାଧ୍ୟ କରନ୍ତି । କିନ୍ତୁ ସେ ହୁଏ ବୃଥା । ମନ କଥା ମନରେ ମରେ । ରାଗଟା ରହିଯାଏ ବୁକୁରେ । ନିଜ ଝିଅଟି । କରିବେ ବା କଣ ? କହିବେ ବା କାହାକୁ ? ଉପରକୁ ଛେପ ପକାଇଲେ ମୁହଁରେ । ତେଣୁ ସବୁକଥା ଜାଣିଶୁଣି ସେ ମନେମନେ ଭାବନ୍ତି ରଶ୍ମିକୁ ଆଉ [illegible] ପଢ଼େଇବେ ନାହିଁ । ସୁପାତ୍ର ଦେଖି ବିବାହ କରିଦେବେ । ଏ ବିଷୟରେ ସୂର୍ଯ୍ୟକାନ୍ତ ଦେବା

ରମାକାନ୍ତ ବାବୁଙ୍କୁ ଅନେକଥର କହିଲେଣି । ହେଲେ ରମାକାନ୍ତ ବାବୁ କରିବେ କଣ ? ବିବାହ କଥା ତ ଏତେ ସହଜ ନୁହେଁ । ସହଜେ ଝିଅକୁ ବିବାହ କରିବା ଏବେ ମନୁଷ୍ୟ ପକ୍ଷେ ଯେଉଁ ମୁସ୍କିଲ !

ସେଦିନ ରତ୍ନମାର ମାମୁ ଘନବନ୍ଧୁ ବାବୁ ରତ୍ନମାକୁ ତାଙ୍କ ଘରକୁ ଡାକି ନେବାପାଇଁ ଆସିଛନ୍ତି । କିନ୍ତୁ ରତ୍ନମା ସ୍କୁଲରୁ ଆସି ମାମୁ ଘରକୁ ଯିବାକଥା ଶୁଣି କଷ୍ଟ ଖାଇଲା ପରି ହେଲା । ସତେ ଯେପରି ମାମୁ ଘରଟା କାରାଗାର । ନଖାଇ ରାଜରାଣୀ ଫୁଲକୁ ସାଙ୍ଗରେ ନେଇ କୁଆଡ଼େ ଯାଉଛୁ । ମନ ତ ଠିକ୍ ନାହିଁ । ମାମୁ ଘରକୁ ଯାଉଛୁ କିଏ ? କଥାରେ କହନ୍ତି ମନ ଯଦି ଚେଙ୍ଗା । ଗୋବରର ଗାଡ଼ିଆ ଗଙ୍ଗା । ତାର ମନରେ ତ ସବୁବେଳେ ନିଆଁ ଜଳୁଛି । କଣ ବା ଭଲ ଲାଗିବ । କିନ୍ତୁ ରତ୍ନମା ଦୁଃଖ ଦୂର କରିବା ପାଇଁ ରାଜରାଣୀ ଫୁଲ ସନ୍ତୁର ଏକ୍ସ କଷ୍ଟପୂରେ ବେଳେବେଳେ ଆବେଦନ କରେ, ଦୁଃଖ ପ୍ରକାଶ କରେ । ରାଜରାଣୀ ଫୁଲ ବିଚାରୀ ଭଲ ଲୋକ ।

ଭାରି ବିଶ୍ୱାସୀ ସେ, ରତ୍ନମାର । ଅନେକ ଆଡୁ ଅନେକ କଥା କହି ଭୁଲାଇ ଦିଏ । ତେଣୁ ରତ୍ନମା ତାକୁ ବିଶ୍ୱାସ କରି ମନ କଥା କହେ । ସୁକାନ୍ତି ଦେବୀ ମଧ୍ୟ ରତ୍ନମା, ଆଉ ଫୁଲର ଅଭେଦ୍ୟ ମିଳା ମିଶାକୁ ପସନ୍ଦ କରନ୍ତି । ଫୁଲକୁ କହନ୍ତି ତାକୁ ଟିକିଏ ବୁଝା ସୁଝା କରିବୁ । ଏଣୁ ଫୁଲ ସହିତ ରତ୍ନମା ଯେଉଁ ଆଡ଼େ ଗଲେ ମଧ୍ୟ ସୁକାନ୍ତି ଦେବୀଙ୍କ ଚିନ୍ତା ନ ଥାଏ । ଫୁଲ ମଧ୍ୟ ବେଳେ ବେଳେ ଆଗଟ କରି ରତ୍ନମାକୁ ସୁକାନ୍ତି ଦେବୀଙ୍କ ନିର୍ଯ୍ୟାତନାରୁ ରକ୍ଷାକରେ । ସତେ ଯେପରି ରତ୍ନମା କଣ୍ଟା ମାଡ଼ିଲେ, ଫୁଲର ପାଦକୁ ଯନ୍ତ୍ରଣା ହୁଏ । ସୁକାନ୍ତି ଦେବୀ ରତ୍ନମାକୁ କୌଣସି କାମ କରିବ କହେ

ଫୁଲ୍ ଆଗଭଳି ହୁଏ କରିବା ପାଇଁ । କିନ୍ତୁ ସୁକାନ୍ତି ଦେବୀଙ୍କୁ ତାହା ଭଲ ଲାଗେନା । ସେ ବିରକ୍ତ ହୋଇ କହନ୍ତି .

—ଫୁଲ୍ ତୋତେ କେତେ ମୁଁ ଏହି କାମ କରିବାକୁ କହିଲି । ତେଣେ ମା ପଣ କରିବ । ନହେଲେ ଜାଣିବ କେମିତି ? କେଉଁଦିନ ଆଉ ଶିଖିବ ? କାଲି ପରା ଶାଶୁ ଘରକୁ ଯିବ, ସବୁଦିନେ କଣ ତୁ କରି ଦେବୁ ।

ଫୁଲ ହବୁ ଯନ୍ତ୍ରଣାଏ, ଆଉ ବୁଝାଇ ସୁଝାଇ ସୁକାନ୍ତି ଦେବୀଙ୍କୁ କହେ—ହଁ ମାଆ, ଏହିକଣି ଯିବା ଅଛି ବୋଲି ତା ପାଇଁ ଜାଣି ଦେଉଛୁ, ଆଉ ତୁମ ପାଖରୁ ସବୁ ଶୁଣୁଛି । ମୋ ଶାଶୁ ଘରକୁ ଗଲେ ମୁଁ କଣ ଆଉ ତୁମ ଅକାରଣରୁ ଶୁଣିବି । ମୋ କଣ ଜାଣିବେ ନାହିଁ, ନା କରିବେ ନାହିଁ । କେବଳ ଆସିଲେ ଜାଣିବେ ସବୁକଥା ଜାଣିବେ । ତୁମେ ତାଙ୍କୁ ଏହିପରି କହିଲେ ସେ ଦୁଃଖ କରିବେ ନାହିଁ ।

ସୁକାନ୍ତି ଦେବୀଙ୍କ ରାଗଟା ପାଣିରେ ମିଳେଇ ଗଲା । ସେ ହସି ହସି କହିଲେ—ଫୁଲ ତୋତେ ପାରିବେନି ନାହିଁ । ତୁ ଯେଉଁ ତା କଥା ବୁଝିବୁ ।

ଫୁଲ ହଁ ଭରେ ।

× × × ×

ଉମାକାନ୍ତ ବାବୁ, ଶାନବନ୍ଧୁ ବାବୁ ଏକାଠି ଖାଉଥିଲେ । ସୁକାନ୍ତି ଦେବୀ ଭାତ ଦେଉ ଦେଉ କହିପକାଇଲେ—ଜଣେ, ଆମ ଝିଅମା ପାଇଁ ବଧୂଟା କେଉଁଠି ହେଲେ ଦେଖିଛନ୍ତି ନାହାନ୍ତି ?

ଏଥିରେ ଉମାକାନ୍ତ ବାବୁଙ୍କର ସମସ୍ତ ରାଗଟା ଠିକ୍ ହେଲା ସୁକାନ୍ତି ଦେବୀଙ୍କ ଉପରେ । ସେ ବିରକ୍ତ ହୋଇ କହିଲେ :

ଓଃ ମା, ଦେଖିଲ ଦୀନବନ୍ଧୁ, ଘର ସ୍ତ୍ରୀ ଲୋକଙ୍କୁ ଟିକିଏ ବୁଝାଇ ପାରିବ ନାହିଁ । ଏମାନଙ୍କୁ କଣ କାଳ ପାପ ଜଣାଅଛି ? କେତେବେଳେ କେଉଁ କଥାଟା କହିଲେ ହେବ, ସେତିକି ଜାଣିବା ଦରକାର । ସବୁବେଳେ ଖାଲି ଉତ୍ତମା । ସତେ ଯେପରି ଉତ୍ତମା ତୁମ ଚୋଉଠରେ ବାଟ ଚାଲୁଛି ? ତୁମର ତା ପ୍ରତି ଏତେ ଘୃଣା କାହିଁକି ? ତୁମେ ତାର ଶାଉ ମାଆ ?

—ହାଁ ଠିକ୍ କଥା କହିଲେ, ମରଦଙ୍କର ସବୁଟା ମୁହଁରେ ବାହାରେ । ଉରକ୍ତ ଲୋକର, ପୁଣି ଜାଣିବ ସେ···

—କଣ ?

—କଣ କହୁଛି ଆଦ୍ଧରି, ତୁମକୁ ବୁଝାଇବ । ଦେଖିଲ ଘର ବାବୁଙ୍କ ଅକଲକୁ ? ତୁମେ କଣ ଉତ୍ତମାର ଢଙ୍ଗ ଜମାରୁ ଜାଣି ପାରୁନ । କଥାରେ ମଧୁ ଅଛି, ଝିଅ ମୁହଁ ଖିଅ । ଷୋହଳ ପାଇ ସତର ହେଲଣି । ତୁମକୁ ତ ଟିକିଏ ଚିନ୍ତା ନାହିଁ । କଲେଜ ଛୁଆଟି, କେତେବେଳେ କ'ଣ କରି ବସିଲେ କଳଙ୍କ ବୋଝଟା ମୁଣ୍ଡରେ ମୁଣ୍ଡାଇବ । ମୋ କଥା ମାନ ତାକୁ ଆଉ ସ୍କୁଲକୁ ନ ପଠାଇ ଘର କାମରେ ଲଗାଅ । ଝିଅ ତ । ଯେତେ ପଢ଼ିଲେ ତ ଚୁଲି ମୁଣ୍ଡକୁ । କେତେ ପଢ଼ିଲେ କଣ ନ ପଢ଼ିଲେ କଣ ?

ଦୀନବନ୍ଧୁ ବାବୁ ସୁକାନ୍ତି ଦେବୀଙ୍କୁ ବୁଝାଇବାକୁ ଯାଇ କହିଲେ :

—ଆରେ ମୂର୍ଖ, ତୁ ଏତେ ବ୍ୟସ୍ତ ହେଲେ ଚଳିବ ? ଉତ୍ତମାକୁ ସେତେ ବୟସ ବଢ଼ି ପାଇନାହିଁ । ମୋଟେ ସତର । ଆଜିକାଲି ଯୁଗ ଚୋଖୁଏ, ଏକୋଇଶ ନ ହେଲେ ଝିଅ ବିବାହ କରିବାକୁ ମନ କରୁନାହାନ୍ତି । କିନ୍ତୁ ବେଳରୁ ସାବଧାନ ହେବା ଉଚିତ । ବୁଦ୍ଧିଜନଙ୍କ କଥା । ହେଲେ ମନୁଷ୍ୟ ହାତରେ କ'ଣ

ଅଛି । ଭଗବାନ ତାଙ୍କୁ ଯେତେବେଳେ ଜନ୍ମ ଦେଇଛନ୍ତି, ତା'ପାଇଁ ନିଶ୍ଚୟ ଗୋଟିଏ ବରଘର ରଖିଛନ୍ତି । କଥାରେ ପଦ ଅଛି—

"ଯେତେ ଗାଈ ସେତେ ଘର
ଯେତେ କନ୍ୟା ସେତେ ବର"

ଏଥିପାଇଁ ବ୍ୟସ୍ତ ହେଲେ ତୁ କିଛି କରିପାରିବୁ ନାହିଁ । ସମୟ ଆସିଲେ ସୁରୁଖୁରୁରେ ହୋଇଯିବ । ମନୁଷ୍ୟର ବା ଆୟତ୍ତ କଣ ? ସବୁ ସେହି ଭଗବାନଙ୍କର ଦଉଡ଼ିରେ କଥା । ତାଙ୍କର ଅଭିଶାପ ଓ ଆଶୀର୍ବାଦରେ ଯେତେବେଳେ ଯାହା ଘଟିବାର ନିଶ୍ଚୟ ଘଟିବ । କଥାରେ ଅଛି –

"କପାଳ ଲେଖନ କେ ଖଣ୍ଡିବ ଆନ
ଯେତେବେଳେ ଯାହା ଘଟିବ,
ସଂସାର ମଧ୍ୟରେ ଘର କରିଥିଲେ
ପଥର ପଡ଼ିଲେ ସହିବ ।"

ମନୁଷ୍ୟ ବ୍ୟସ୍ତ ହୋଇ ବା କଣ କରିବ ? ହେଲେ ରଞ୍ଜିମା ଯଦି ତୋର ଅବାଧ୍ୟ ହେଉଛି ତୁ କେବଳ ବୋଲି ତାକୁ ଶାସନ କର । ଘରକାମ କରା । କିଏ ମନା କରୁଛି । ରଞ୍ଜିମା ପରା ତୋର ଝିଅ ।

—ମୁଁ ସବୁ ବୁଝୁଛି । ହେଲେ ବଡ଼ିଲ ଝିଅକୁ ଘରେ ରଖିଲେ ପିଣ୍ଡ ପୁରୁଷଙ୍କର ଅଭିଶାପ ପଡ଼େ । କଥାରେ କହନ୍ତି ପଦ—

ଯୋଗ୍ୟତା ଝିଅ ଯେ ବର ନ ଦିଏ,
ଗାଈ ପୁଅକୁ ଯେ ଆପଣେ ବାହେ ।
ଅନ୍ତକାଳେ ହୁଏ ପିଣ୍ଡ ନ ପାଏ
ସଂସାର ମଧ୍ୟରେ ପାପୀ ହୋଇଏ ।

ଏକଥା ପରା ଶାସ୍ତ୍ରରେ ଅଛି । ଯୋଗ୍ୟତା ନ ଥିଲେ ଘରେ ରଖି ଜରବରେ ବସି ରହିଲେ ପାପ ବ୍ୟାଘାତ, ଅନ୍ୟ କିଛି ହୁଏନା,

ଉମାକାନ୍ତ ବାବୁ ବିରକ୍ତ ହୋଇ କହିଲେ ।

—ଏଇ ତୁମ୍ଭେ ତାଙ୍କୁ ବୁଝାଇ ପାରିବ ନାହିଁ । ମୁଁ କଣ ଏତେ ହନ୍ତା ଅଛି । ଅନେକ ଠାକୁ ପ୍ରସ୍ତାବ ପଠାଉଛି । ଯେତେବେଳେ କେଉଁଠୁ ଖବର ଫେର ନାହିଁ । ବରାଦୃଷ୍ଟ କଣ ଏତେ ମନ୍ଦ କଥା । ଭଲ ଘର ବର ଶିକ୍ଷିତ ଇତ୍ୟାଦି ଆଡ଼େ ନଜର କରିବା ଦରକାର । ଅକାଳ ପୁଣି ବର ତରଫରୁ ଯେଉଁ ଦାମ୍ଭ ଶୁଣିଲେ ମୁଣ୍ଡରେ ହାତ ଦେବ ।

—ଛାଡ଼ ନା ତୁମ କଥା ତୁମେ ଝିଅକୁ ଅବିବାହିତ ରଖ । ଏଥର ସୁକାନ୍ତ ଦେବୀଙ୍କ ଗଳାଟା ଟିକେ ଉଚ୍ଚ ହୋଇ ଆସିଥିଲା । ସେ ବିରକ୍ତିରେ ଭିତରକୁ ଚାଲିଗଲେ ।

ସେତେବେଳକୁ ଖାଇବା ବେଳ ହୋଇଥିଲା । ଉମାକାନ୍ତ ବାବୁ ହାତ ଧୋଇ ବାହାର ଆଡ଼େ ଚାଲି ଆସିଲେ । ସେ ଭଲ ଭାବରେ ଜାଣନ୍ତି ସୁକାନ୍ତ ଦେବୀଙ୍କ ରାଗ ହେଲେ ସେ କଥା କହିଲେ ସେ ତାହାର ମହତ୍ତ୍ୱ ବୁଝିବେ ନାହିଁ । ଏଟା ସୁକାନ୍ତ ଦେବୀଙ୍କ ଗୋଟିଏ ପୁରୁଣା ସ୍ୱଭାବ । ସେ ବାହାରେ ବସୁ ବସୁ ଡାକିଲେ—

—ଜନକନ୍ଧୁ ଭାଇ, ଟିକିଏ ଆସିବ ଟିକେ ଶାନ୍ତରେ କଥାବାର୍ତ୍ତା ହେବା । ଉମାକାନ୍ତ ବାବୁଙ୍କ ଡାକରେ ଜନବନ୍ଧୁ ବାବୁ ବାହାର ଆଡ଼େ ଚାଲି ଆସିଲେ । ଉମାକାନ୍ତ ବାବୁ ବସିବାକୁ କହି ଆରମ୍ଭ କଲେ :

—ଅଚ୍ଛା ଭାଇ, ତୁମ୍ଭେ କେବେ ଚାକିରୀ ପାଇବ ?

—ମୁଁ ଚାକିରୀ ଅନେକଥର ପାଇଛି, କିନ୍ତୁ ଏବେ ନୁହେଁ । ଆଗରୁ ଯେତେବେଳେ ଧାନ କିଣିବାର ଭଲ ଚାକିରୀ ଥିଲା । ମୁଁ ମା ଆସ କରୁଥିଲି । ବର୍ତ୍ତମାନ ତ ଧାନ କିଣିବା ଦେଶ ଦେଖିଥିଲି, ବାଲିମାଟିର କଟକଣା ସେହିପରି । ଏବର୍ଷ ଭିତରେ ମୁଁ ଆଉ କେଉଁଠି ପାଇନାହିଁ । ହେଲେ ସେଠାରୁ କିଛି ପଇସା ଆସିଥିଲା ? ଗାଁଟା ଭଲ ଦେଖେ ମନ ହେଲା ଆଉ ବର୍ଷାଦିନେ ଯିବାକୁ ଭାରି ଅସୁବିଧା ।

ଯେତ ଗୋଟେ କଥା, ତଥାପି ମନ ଭାଗ୍ୟରେ ଥାଏ ତାହେଲେ କଣ

ମନରେ ଦୁଃଖ ଦେଲାଭଳି କଥା କହୁନୁ ନାହିଁ । କାଲି ସେ ଛୁଆ ଥିଲା । ଆଜି ବଡ଼ ହୋଇଛି । ହୁଏତ ଆଉ କେଇଦିନେ ପର ଘରକୁ ଯିବ । ତୁ ତାକୁ ଏପରି କହିଲେ ତା ମନରେ କେତେ ଆଘାତ ଆସିବ କହିଲୁ । ତୁ ଗଲୁ ଆଉ ଏପରି କଥା କହୁନୁ ନାହିଁ । ଲୋକେ ଶୁଣିଲେ କଣ କହିବେ । ରମା ଆଜି ନେଯାଉ, ଆଉ ଦିନେତ ଯିବ ।

—ତାର କଣ ସେ କଥାକୁ ଖାତିର ଅଛି । ଆଜିକାଲି ସେ କେଉଁପରି ଦୋଷ ଦେଖିବାକୁ ଭଲଗୁଣ କଲେଣି । ମୁତେ ଯେପରି ଆନ୍ୟର ଦୋଷ ନ ଦେଖିଲେ ପେଟ ପୁରେନା । ଟିକିଏ ସୁଯୋଗ ପାଇଲେ ଟୁଟିଲା ପାଉଁଶରେ ନିଆଁ ଲଗାଇ ନାକରେ କାଠି ଦେଇ ଯେତେବେଳେ ହସିବେ, ସେତେବେଳେ ଜାଣିବ ବଦନାମଟା ତୁମର ନା ମୋର । ତୁମକୁ ଜାଣିଶୁଣି ପ୍ରତିରୋଧ କରିବା ସଙ୍ଗେ ସଙ୍ଗେ ତୁମକୁ ତା ମନରେ ଦୁଃଖ ଦେବା ପାଇଁ ଏତେ ଭୟ ଲାଗେ । ତୁମେ ଘରୁ ତାକୁ ପେଟରେ ପୂରାଇ ଜନ୍ମ କରିଛ ତା ଆଖିରେ ଲୁହ ଦେଖିଲେ । ତୁମକୁ କଣ ଶାନ୍ତି ଲାଗେ । ମୁଁ ତାକୁ ବୁଝାଇବି । ନା ତୁମକୁ ବୁଝାଇବି ?

—ହଁ ବଡ଼ ଲୋକର ଝିଅ ତାକୁ, କାହିଁକି କହିବ ? ମୁଁ କିନା ଛୋଟ ଲୋକର ଝିଅ ବୋଲି ସବୁକଥା ଶୁଣୁଛି ।

—କିଏ କହିଲା ତୁମେ ଛୋଟ ଲୋକର ଝିଅ ବୋଲି ? ମୁଁ ଦେଖୁଛି କଥା କଥାକେ ଝିଅ କାନ୍ଦିବା ତୁମର ଗୋଟେ ଦସ୍ତୁର ଅଭ୍ୟାସ ହେଲାଣି ? ତୁମର ଏପରି କଥା ଶୁଣିଲେ ଲୋକେ କଣ କହିବେ ? କଥା କହିବାରେ ଟିକେ ବାଗ ନାହିଁ । ଲୋକେ କହନ୍ତି କଥା କହି ଜାଣିଲେ ଦୁନିଆ ।

—ହଁ ମୋ ମୋଟଥା ବୁଦ୍ଧି ଏ ଅଧୁରା । ମୁଁ ମୂର୍ଖ ଅବୁଝା ଲୋକ । ଜାଣିବଯେ ଦଳେ ତୁମ ମୋର କଥା କହିବ, ସୁନ୍ଦର ନା ଅସୁନ୍ଦର ?

—ଆଉ ହେବନାହିଁ ଦୀନବନ୍ଧୁ ଖାଇ, ତୁମେ ଅଧିକ, ଗାଡ଼ି ଫେଲ୍ ହେଲେ ପୁଣି ଅସୁବିଧା । ଆଜି କି ବଡ଼ଯୋଗରେ ସୁନା ପାଇଥିଲା କେଜାଣି, ଖାଲି ସୁକଲଟାରେ କାଲି । ଲୋକେ ଶୁଣିଲେ ମନୀଷ ଆଜି ମୁଣ୍ଡ ଟେକ ବାଟ ଚାଲିବ ତ ?

ଦୀନବନ୍ଧୁ ବାବୁ ହାତର ବ୍ୟାଗ୍‌ଟି ଧରି ବାହାରି ପଡ଼ୁ ପଡ଼ୁ କହିଲେ :

—ଉମାକାନ୍ତ, ତୁମେ ଏଣେ ଆସିଲ । ସୁକର କଥା ଫେରାଇବାଟା ଗୋଟେ ବଦଭ୍ୟାସ । ସେ ଘରେ ଯେତେବେଳେ ରାଗିବସେ, କାହାର ଗତ ରହେ ନାହିଁ ।

—ଶୁଣ ନା ଭାଇ, ସାମାନ୍ୟ କଥାରେ ବେଳେବେଳେ ଏପରି ଅଡୁଆ କାହିଁକି ଯେ, ମୁନି ଋଷି ହେଲେ ମଧ୍ୟ ବାଳ ଛିଡ଼େଇ ମରିବାକୁ ଇଚ୍ଛା କରିବେ । ହେଲେ ମୋ କଥା ଠିକ ଲାଗିଲା । ଉମାକାନ୍ତ ବାବୁ ବିଦାୟ ଦେଉଁ ଦେଉଁ କହିଲେ :

—ହଁ ମ । ମୋତେ ସେପରି ଭାବ ନାହିଁ । ରତମା ତୁମର ଝିଅ ହେଲେ ମୋର ବି ତ ଭଣିଜୀ । ତାପାଇଁ ତୁମର ଯେତିକି ଚିନ୍ତା, ମୋର ମଧ୍ୟ ସେତିକି । ହେଲେ ମୁଁ ମଝିରେ ଥିଲେ ଘରେ ତାଙ୍କ ମତାମତଟା ବୁଝିବ କିଏ ? ତେଣିକି ଭାଗ୍ୟ କଥା । ହଉ ମୁଁ ଯାଉଛି ।

ଘନଶ୍ୟାମ ବାବୁ ବନ୍ଧୁଙ୍କୁ ଆଡେ଼ଇ ଗୋଡ଼ କାଢ଼ୁଥିଲେ, ସେତେବେଳକୁ ସୂର୍ଯ୍ୟଦେବ ପାହାଡ଼ ପଛପଟେ ମୁହଁ ଲୁଚାଉଥିଲେ ।

× × × ×

ଟଙ୍କା ବେଶୀ ବଡ଼ ଜିନିଷ ନ ହେଲେ ମଧ୍ୟ ଲୋଡ଼ା ନୁହେଁ । ଜୀବିକାର ଅସୁବିଧା ନାହିଁ । ମାଆ ବାପାଙ୍କୁ ଛାଡ଼ିଦେଲେ ସବୁ କଥା ମିଳିବ । ସୁରେଶ ସେଠାକୁ ନୂଆକରି ପ୍ରାଇମେରୀ ସ୍କୁଲକୁ ମାଷ୍ଟର ହୋଇ ଯାଇଛି । ପ୍ରଥମେ ତାକୁ ସବୁ ଅଡୁଆ ଅଡୁଆ ଲାଗୁଥିଲା । ଜଳବାୟୁର ପ୍ରତିକୂଳ ହେତୁ ଦେହ ମଧ୍ୟ ଅସୁସ୍ଥ ହୋଇଥିଲା । କିନ୍ତୁ କେତୋଦିନ ନୁହେଁ । ଖୁବ୍ କମ୍ ଦିନରେ ଆରୋଗ୍ୟ ହୋଇଛି । ଖୁବ୍ କମ୍ ସମୟରେ ମଧ୍ୟ ବହୁତ ଅପରିଚିତ ଲୋକଙ୍କୁ ନିଜର କରି ପାରିଛି । ସମସ୍ତଙ୍କ ମୁହଁରେ ତାର ପ୍ରଶଂସା, ସୁରେଶ ବାବୁ ଭଲଲୋକ ।

କିନ୍ତୁ ସୁରେଶର ମନରେ ସବୁବେଳେ ଗୋଟିଏ ଚିନ୍ତା ଅଛି ଏ କଥା କା କିଏ କାହିଁକି ଜାଣିବ ? ତଥାପି ସୁରେଶ ସବୁ କଥାକୁ ହୃଦୟରେ ଲୁଚିରଖି ରହୁଁଛି ଅନ୍ୟମାନଙ୍କ ମନରେ ଶାନ୍ତି ଦେବାପାଇଁ । ମାତ୍ର, ବେଳେବେଳେ

ସହକାରୀମାନଙ୍କ ନିକଟରେ ତାର କୃତ୍ରିମତା ଧରା ପଡ଼ିଯାଉଛି । ତାଙ୍କଙ୍କର ବନ୍ଧୁମାନେ କହନ୍ତି :

—କହେ ସୁରେଶ ବାବୁ ସ୍ତ୍ରୀ ଚାଲିଗଲେ ନିଜକୁ ଗ୍ଳାନି ହେବେ ନା କଣ ?

ସୁରେଶ ଆଉ ନିଜକୁ ସମ୍ଭାଳି ପାରେ ନାହିଁ । କ୍ରୋଧ ପାଣିରେ ମିଶିଯାଏ ! କୃତ୍ରିମ ହସ ଫୁଟାଇ ସୁରେଶ କହେ :

—ନାହିଁ ମ, ସ୍କୁଲରୁ ଫେରିଲା, ପାଠ ପଢ଼ା ଉଠିବ କେମିତି ? ହେଲେ ମା କଥା ମନେ ପଡ଼ିଲେ ଟିକେ ଦୁଃଖ ଆସେ । ଅନେକ ଦିନରୁ ଆସିନିଣି । ଘରେ ମା ମୋ ପାଇଁ ବିଶେଷ ଦୁଃଖ କରୁଥିବ । ସେମାନେ ଅନେକ ଅର୍ଥ ଅଭାବ ମଧ୍ୟରେ ଦରିଦ୍ର ଦୁଃଖ ଲୁଚିଯାଏ କେତେବେଳେ । ସେତେବେଳେ ନିଜ ମା କଥା ମନେ ପଡ଼ିଲେ, ସେ ଆଉ ମନକୁ ରଖି ପାରେନା । ଅନେକ ଭାବନା ମଧ୍ୟରେ ଭାସିଯାଏ, ବାହାର ଉଦାସୀ ହୋଇଯାଏ ।

ଅନେକ ଭାବନା ନେଇ ସୁରେଶ ଶୋଇପଡ଼େ । ହେଲେ ଆଖିକୁ ନିଦ ଆସେନାହିଁ । ମନ ଲାଗେ ନାହିଁ । କେତେବେଳେ ଅଜଣା ଆନନ୍ଦ, ଆଉ କେତେ ମଧ୍ୟରେ ନିଜକୁ ଭୁଲିଯାଏ । ତଥାପି ଅସାମାନ୍ୟ ମନକୁ କାହା ଦେଇ ଶାନ୍ତି ଦେବାକୁ ପଡ଼ିବ । ଜଣ କରିବ ସେ ? ପୁଣି ପ୍ରଶ୍ନ ଗ୍ରାସ କରି ମାନବ ହୃଦୟ ଭିତରେ । ଉତ୍ତର ନାହିଁ, ଏଇ କଥା । ଅନ୍ଧକାରରେ ଆଖିକୁ ନିଦ ଟାଣି ଆଣେ । ସୁରେଶ ଆଉ କିଛି ଜାଣେ ନାହିଁ, ଶୋଇ ରହେ । ରାତି ପାହିଲେ କର୍ତ୍ତବ୍ୟର ତାଡ଼ନା ।

ସେଦିନ ଅନେକ ଭାବନା ମଧ୍ୟରେ ସୁରେଶ ନିଜକୁ ନିଦ୍ରାଦେବୀଙ୍କ ଶାନ୍ତ କୋଳରେ ହଜାଇ ଦେଇଥିଲା । ରାତି ଶେଷ ହେଲାଣି । କେତେବେଳେ କେ, ଡାଳରେ ମୂର୍ଚ୍ଛନା ତୋଳିଲେ କୁଜୁଳା ଗୁଡ଼ାକ । ନାନା ଅଜଣା ଜନଙ୍କପାଖଙ୍କ ସମୂହ କଳରବରେ ପୃଥିବୀ ହେଲା ମୁଖରିତ । ସୁରେଶର ନିଦଟା ହଠାତ୍ ଭାଙ୍ଗିଗଲା । ବାତାୟନ ମଧ୍ୟରେ ଦେଖିଲା ସେ । ପୂର୍ବଦିଗରୁ ଅନ୍ଧକାର ଲୁଚି ଯାଉଛି । ତାରକାଗୁଡ଼ିକ ନିଭି ଗଲେଣି । ସୁରେଶ ଆଉ ଶୋଇ ପାରିଲା ନାହିଁ । ଉଠିଆସି ମୁହଁ ହାତ ଧୋଇଲା । ଆଜି ତାହାଙ୍କ ମନଟା ଟିକେ ଫିକାଫିକା ଲାଗୁଛି । ସେ କିଛି ସ୍ଥିର କରି ପାରିଲା ନାହିଁ, ନିଜର ଖଟ ଉପରେ ବସି

ପଡ଼ିଲା । ହେଲେ ଭାବନାରୁ ନିସ୍ତାର ପାଇ ପାରିଲା ନାହିଁ । କେଇଧାରେ ଲୁହ ବୋହିଗଲା । ସେ ମନେମନେ ସ୍ଥିର କଲା, ମା ତାପାଇଁ ବିଶେଷ ଦୁଃଖ କରୁଥିବେ । ଅନେକ ଦିନରୁ ଆସିଲଣି । ଘରକୁ ପତ୍ର ଖଣ୍ଡେ ବି ଦେଇନାହିଁ । ବାପା ବି କେତେ କଣ ଭାବୁଥିବେ । ସେ ଆଉ ସ୍ଥିର ହୋଇ ପାରିଲା ନାହିଁ । କାଗଜ ଆଣି ଲେଖି ବସିଲା--

ପୂଜନୀୟା ମା !

ଯେଉଁ ଅମାବାସ୍ୟା ନହୁଛି ଅନେକ ଦିନ, ବଳ ଦେଇ ଧାଇଁ ଯାଉଛି ତୋର ପାଦତଳକୁ । ତୁ ସେଇଠୁ ବାପାଙ୍କ ପାଇଁ ଚିନ୍ତାଏ ରଖିଥିବୁ । ଆଉ ମୋର ସ୍ନେହ ଶୀର୍ବାଦ ଦେଇ, ସାନ ଭଉଣୀଙ୍କୁ ଜଣାଇ ଦେବୁ । ଏଠାକାର ଜଳ-ବାୟୁ ପ୍ରଥମେ ମୋତେ ଦୁର୍ବଳ କରିଥିଲେ ସୁଦ୍ଧା ବର୍ତ୍ତମାନ ଖୁବ୍ ଭଲରେ ଅଛି । ଆଶାକରେ ଈଶ୍ୱରଙ୍କ କରୁଣାରୁ ତୁମେମାନେ ସମସ୍ତେ ଭଲରେ ଥିବ । ମୋପାଇଁ କିଛି ଦୁଃଖ କରିବୁ ନା । ଭାଇକୁ କହିଦେବୁ, ସେ ବାପାଙ୍କ କଥାରେ ଅବାଧ୍ୟ ନ ହୋଇ ମନ ଲଗାଇ କାମ କରିବ । ଅନ୍ୟମାନଙ୍କୁ କହିଦେବୁ ମନ ଲଗାଇ ପାଠ ପଢ଼ୁଥିବେ । ମୁଁ ବର୍ତ୍ତମାନ ଯାଇ ପାରୁନାହିଁ । ଦୋଲ ଛୁଟିରେ ମୁଁ ନିଶ୍ଚୟ ଘରକୁ ଯିବି । ସୁବିକୁ ମୋ ଖବର ଜଣାଇ ଦେବୁ । ମୁଁ ବିଶେଷ କିଛି ଆଉ ଲେଖି ପାରୁନାହିଁ । ଏତିକିରେ ରହିଲି । ପତ୍ର ପାଇ ପତ୍ର ଦେବ ।

ଇତି—
ତୋର ପୁଅ

ଠିକଣା

ଶ୍ରୀ ସୁରେଶଚନ୍ଦ୍ର ସାହୁ
ସାଃ ଚମ୍ପୁଆ, ଉଃ ପ୍ରାଃ ବିଦ୍ୟାଳୟ
ପୋଃ ଅଃ—ଚମ୍ପୁଆ
ଜିଲ୍ଲା—କେନ୍ଦୁଝର
( ଓଡ଼ିଶା )

ସଗତ ଉତ୍କଳ ସଂଘ, ...
ପାଠାଗାର
ନଂ ..................
ତା ..................

ସୁରେଶ ପତ୍ରଟି ଲେଫାପାଟେ ପକାଇଲା । କାଲି ଡାକରେ ପଠାଇ ଦେବ ଭାବି ରଖିଦେଲା । ତଥାପି ଚିନ୍ତା ଦୂର ହେଉନାହିଁ । ଆଖି ଆଗରେ ରତ୍ନମାର ସୁନ୍ଦର, ସୁଗୋଲ ଚନ୍ଦ୍ର ପ୍ରତିମାଟି ନାଚି ଉଠିଲା । ସେହି ଅନନ୍ୟ ରୂପ ଯୌବନର ମରୁଆ ଫୁଲଟି ଆଜି ତାର ବିଚ୍ଛେଦରେ ଝଡ଼ି ଯିବନା । ଆସିଲାବେଳେ ସୁରେଶ ତାକୁ ଦେଖା କରି ନ ଥିଲା । ଆସିଲା ପରେ ମାତ୍ର କେଇଥର ଚିଠି ପଠାଇ-ଥିଲା । ତାପରେ ରତ୍ନମା କେତେ ମାନ ଅଭିମାନ ମଧ୍ୟରେ ଧରି ଦେଇଛି । ସୁରେଶ ରତ୍ନମାର ପ୍ରେରିତ ପତ୍ରଟିକୁ ଟେବୁଲ ଉପରୁ ଉଠାଇ ପଢ଼ିଲା । ଲେଖାଥିଲା—

ହୃଦୟ ଦେବତା......

ମୋର ଜନ୍ମ କେବଳ ତୁମରି ପାଇଁ । ତୁମ୍ଭର ନାମ ହିଁ ମୋର କେବଳ ଆଶ୍ରୟ । ମୁଁ ତୁମ୍ଭଙ୍କୁ ମନ ପ୍ରାଣ ଦେଇ ଭଲ ପାଉଛି । ତୁମ୍ଭେ ମୋ ଜୀବନର ପ୍ରଥମ ଆଉ ଶେଷ ଦେବତା । ତୁମ୍ଭ ବିନା ଦୁନିଆରେ ମୁଁ ଆଉ କାହାକୁ ଲୋଡ଼େନା । କେତେଦିନ ହେଲା ତୁମର ଦର୍ଶନ ପାଇଁ ମୋ ଦୁଇ ଆଖି ଉତ୍କଣ୍ଠ । ବିରହ ଜାଆଁଟା ସହି ସହି ହୋଇ ଯାଉଛି । ବିଚ୍ଛେଦ ବିରହ ନ ଥିଲେ ମିଳନର ମହତ୍ତ୍ୱ ବୁଝି ହୁଅନ୍ତା ନାହିଁ । ଏଇ କେତେଦିନ ବିରହରେ ମୋତେ ପାଗଳି ପରି ଲାଗୁଛି । ସବୁବେଳେ ତୁମ୍ଭର ମଧୁର କଥା ଭାବାନ୍ତର ମନେ ପଡ଼ୁଛି । ଆଖିରେ ଲୁହ ଆସୁଛି । ତୁମ୍ଭ ହସ ହସ ମୁହଁ ଆଖି ଆଗରେ ନାଚି ଯାଉଛି । ଇଚ୍ଛା ହେଉଛି ତୁମ୍ଭ ନିକଟକୁ ଚାଲିଯିବାକୁ । ହେଲେ ସମାଜର ନୀତି, ନିୟମ ମୋତେ ବାନ୍ଧି ରଖିଛି । ମୁଁ ତୁମ୍ଭ ବିଚ୍ଛେଦରେ ଆଉ କେତିଦିନ ରହି ପାରିବ ନାହିଁ । ତୁମ୍ଭେ ମୋତେ ପାଖକୁ ନିଅ । ମୁଁ ଈଶ୍ୱରଙ୍କୁ ସାକ୍ଷୀ ରଖି ମନରେ ତୁମ୍ଭଙ୍କୁ ବରଣ କରିଛି ।

ତୁମ୍ଭର ପ୍ରେରଣା, ସ୍ନେହ, ସୋହାଗ ମୋ ଭବିଷ୍ୟତ ଜୀବନର ଆଦର୍ଶ । ତୁମ୍ଭର କଥା ଭାବିଲେ, କୌଣସି କାର୍ଯ୍ୟରେ ମନ ଲାଗେନା, କେବଳ ତୁମ୍ଭର କଥା ଭାବ ବସେ । ଏଥିପାଇଁ ମାଆ, ବାପାଙ୍କ ନିକଟରୁ ଅନେକ ଲାଞ୍ଛନା ଓ ନିର୍ଯ୍ୟାତନା ମଧ୍ୟ ଶୁଣିଛି । ତଥାପି ନୈରାଶ୍ୟରେ ଭାଙ୍ଗି ପଡ଼ିନି । ମନରେ ମୋର ସେହି ଗୋଟିଏ ଆଶା । ମୁଁ କେବଳ ତୁମ୍ଭର । ତୁମ୍ଭ ନିକଟରେ ପିତା, ମାତା

ତଥା ସମାଜର ନିଷ୍ଠୁର ନିର୍ଯ୍ୟାତନା, ଆଉ ଲାଞ୍ଛନା, ଅତି ତୁଚ୍ଛ ।

ମୁଁ ଜାଣେ ମନୁଷ୍ୟ କୌଣସି କାର୍ଯ୍ୟ କରି ବସିଲେ, ଅନେକ ବାଧା ବିଘ୍ନ ତଥା ବିପର୍ଯ୍ୟୟ ମଧ୍ୟରେ ଗତି କରିବାକୁ ପଡ଼ିବ । ଅନେକ ବିପଦର ସମ୍ମୁଖୀନ ହେବାକୁ ପଡ଼ିବ । ତୁମ୍ଭର ନିକଟରେ ମୁଁ ମୋର ସର୍ବସ୍ୱ ବିକି ଦେଇଛି । ତୁମ୍ଭଙ୍କୁ ନେଇ ମୁଁ ଜୀବନର ଖେଳ ଖେଳିବି । ତୁମକୁ ଶେଷକଥା କହି ଦେଇଛି । ତୁମେ ମୋତେ ଅନାଦର କରନାହିଁ । ଭୁଲରେ ଯଦି ତୁମ୍ଭ ନିକଟରେ କିଛି ଦୋଷ କରିଥାଏ, ତାହେଲେ ତାକୁ ମନରେ ଧରି ରାଗି ବସିଲେ ଚଳିବ ନାହିଁ । ମୁଁ ଅତେ କହୁଛି । ତୁମ ନିକଟରେ ମୋର ମାନ ଅଭିମାନ ନେଇ ଖେଳିବି । ଆଉ ତୁମ୍ଭଙ୍କୁ ନେଇ ମୁଁ ଶୋଭା ପାଇବି । ଏଣୁ ଚାଣକ୍ୟ କହିଛନ୍ତି—

"ନକ୍ଷତ୍ର ଭୂଷଣଂ ଚନ୍ଦ୍ରୋ ନାରୀଣାଂ ଭୂଷଣଂ ପତିଃ
ପୃଥିବୀ ଭୂଷଣଂ ରାଜା ବିଦ୍ୟା ସର୍ବସ୍ୟ ଭୂଷଣଂ"।

ତୁମେ ଯଦି ପାଖରେ ଥାନ୍ତ, ତାହାଲେ ମୁଁ ବୁଝାଇ ଦିଅନ୍ତି ଯେ, ମୁଁ କାହିଁପାଇଁ ବଞ୍ଚି ରହିଛି । କେବଳ ତୁମ୍ଭର ସ୍ନେହ ଆଉ ସୁହାଗ ମୋତେ ଆଜି ପର୍ଯ୍ୟନ୍ତ ବଞ୍ଚାଇ ରଖିଛି । ନହେଲେ ତୁମ୍ଭର ମୋ ପ୍ରତି ଯେଉଁ ଅନାଦର, ଭାବିଲେ ଆଖିରେ ଲୁହ ଆସେ ମନରେ ଦୁଃଖ ଆସେ ଇଚ୍ଛା ହୁଏ ଆତ୍ମହତ୍ୟା କରିବାକୁ । କିନ୍ତୁ ପର ମୁହୂର୍ତ୍ତରେ ପୁଣି ଭାବେ, ଏ ଜୀବନଟା ତ ମୁଁ ଜଣକୁ ଦେଇଦେଇଛି । ସେ ରଖିଲେ ରଖିବେ ନ ରଖିଲେ ମାରିବେ । ମୁଁ ବା କିପରି ତାଙ୍କର ପ୍ରେମ ଭିକାରୀକୁ ମାରିବି ? ମୋର ଏଥିରେ ଅଧିକାର ନାହିଁ । ରୁଚି ମଧ୍ୟ ଦେଉନାହିଁ । ହେଲେ ତୁମ୍ଭେ ମୋ ପ୍ରତି ଏତେ ନିଷ୍ଠୁର କାହିଁକି ? ଗଲାବେଳେ ଦେଖା କରି ଗଲନାହିଁ । ତୁମର ଏପରି ବ୍ୟବହାର ମୋ ହୃଦୟରେ ଦାରୁଣ ଆଘାତ ଦେଇଛି । ଆଖିରେ ଲୁହ ଆଣିଛି । ତୁମ୍ଭ ମନ ମଧ୍ୟରେ ଯଦି ଏତେ ନିଷ୍ଠୁରତା ଲୁକାଇତ ହୋଇଥିଲା ତାହେଲେ ମୋତେ ସ୍ନେହ ସୁହାଗରେ ବାନ୍ଧି ରଖିଥିଲ କାହିଁକି ?

ଅନେକଙ୍କ ଠାରୁ ଶୁଣିଥିଲି ପୁରୁଷ ଜାତିଟା ନିଷ୍ଠୁର ଲମ୍ପଟ । ଆଜି ଦେଖୁଛି ତାହା ଅକ୍ଷରେ ଅକ୍ଷରେ ସତ୍ୟ, ଆଜି ମୁଁ ବୁଝି ପାରୁଛି ଯେ, ପୁରୁଷ କେବଳ ନାରୀର ରୂପ ଯୌବନ ଦେଖି ମତୁଆଲା ହୁଏ । ଉପଭୋଗ କରିବାକୁ ଚାହେଁ । ତାପରେ

ଭଲମନ୍ଦ ବିଚାର ନକରି ତାଙ୍କୁ ଅସହାୟ କରି ଦୂରେଇ ଯାଏ । କେତେକ ମଧ୍ୟ ସୁବିଧା ସୁଯୋଗ ଦେଖି ଅସହାୟ ଅବଳା ନିକଟରେ ଲମ୍ପଟ ସାଜନ୍ତି । କେତେକ ଏ ସୁବିଧା ନେଇ ନାରୀର ନାରୀତ୍ୱ ଲୁଟି କରିବାକୁ ପଛୁନ୍ତି ନାହିଁ । କେତେକ ନାରୀରମନ ନେବାପାଇଁ ବିଭିନ୍ନ ଲାଳସା ଦେଖାନ୍ତି । କିନ୍ତୁ ତୁମେ ଯଦି ମୋ ନିକଟରେ ସେହିପରି ସାଜିବ ତାହେଲେ ମୁଁ ବୈତରଣୀ ନଦୀକୁ ଆଶ୍ରା କରିବି । ତା ବ୍ୟତୀତ ମୋର ଅନ୍ୟ ଉପାୟ କିଛି ନାହିଁ । ତୁମ୍ଭ ବିନା ଧରା ମୋତେ ସରା ସମ ଲାଗୁଛି । ତୁମକୁ ପାଇଥିଲି କଣ ବିରହ ନିଆଁରେ ଜଳିପୋଡି ମରିବା ପାଇଁ ? ତୁମ୍ଭଙ୍କୁ ମୁଁ ଯେଉଁ ବିଶ୍ୱାସ କରିଥିଲି ତାର ପ୍ରତି ବଦଳରେ ତୁମ୍ଭେ ଏପରି ପ୍ରତାରକ ସାଜିବା କଣ ଠିକ୍ ହୋଇଛି ? ଭଲ ପାଇବାର ପ୍ରତିଦାନ କଣ ଏଇଆ ?

ତୁମେ କଣ ମୋର ଅତୀତର କଥା ଭୁଲି ଯାଉନାହଁ ? ମୋ କଥା ତୁମ୍ଭର କଣ ଟିକିଏ ମନେ ପଡୁନା ? ଏତେ ଶୀଘ୍ର କଣ ମୋତେ ପାଶୋରି ଦେଲ ? ତୁମର ଦେଇଥିବା ଫଟୋଟି ଦେଖି ମନରେ ଦୁଃଖ ଆସେ, ଆଖିରେ ଲୁହ ଆସେ । କେତେ ଅଜଣା କଥା ମନ ମଧ୍ୟରେ ଉଙ୍କି ମାରେ ।

ତୁମ୍ଭର ଯଦି ମୋ ପ୍ରତି ସ୍ନେହ ସୁହାଗ ଥାନ୍ତା ତାହେଲେ କଣ ଖଣ୍ଡେ ପତ୍ର ଦେବାକୁ ସମୟ ହୁଅନ୍ତା ନାହିଁ, ମୁଁ ଜାଣିଛି ତୁମ୍ଭେ ମୋତେ ଭୁଲିଗଲଣି । ତୁମେତ ଜାଣ ସ୍କୁଲରେ ପଢିବା ସମୟରେ ତୁମକୁ ଦିନେ ନଦେଖିଲେ ପାଗଳ ପରି ହୋଇଯାଏ । ସଙ୍ଗାତଙ୍କୁ କେତେକଣ ପଚାରେ, ସାମୟିକ ବିଚ୍ଛେଦରେ ମୋ ମନ କଣ ହେଉଛି, ସେ କଥା ମୁଁ ଜାଣେ । ତୁମେ ଯଦି ଜାଣିଥାନ୍ତ, ତାହେଲେ କଣ ଖଣ୍ଡେ ପତ୍ର ଦିଅନ୍ତ ନାହିଁ, କି ଆସି ଥରେ ଦେଖା କରନ୍ତ ନାହିଁ ? ଏଣୁ ମୁଁ ଜାଣୁଛି ମୋ ପ୍ରତି ତୁମ୍ଭର ଆଉ ସେ ପୂର୍ବ ସ୍ନେହ, ସୁହାଗ ନାହିଁ ଖାଲି ଛଳନାରେ କେତେଦିନ ଭଲ ପାଇଥିଲ ।

ମୁଁ ଆଉ ବିଶେଷ କିଛି ଲେଖି ତୁମ୍ଭ ମନରେ ଦୁଃଖ ଦେଉନାହିଁ । କିନ୍ତୁ ଜାଣିରଖ ମୋର ଜୀବନ ପ୍ରତି ଆଉ ଆଶା ନାହିଁ, ପତ୍ର ପାଇ ତୁମ୍ଭେ ଯଦି ନଆସ କି ପତ୍ର ନଦିଅ ତାହେଲେ ଜାଣିବ ରତ୍ନମା ତୁମ୍ଭର ମରିଛି, ଆଉ ଏଇଟା ଶେଷଚିଠି ବୋଲି ଧରି ନେବ । ଶେଷରେ ଏହି ଅଭାଗିନୀର ଅଶ୍ରୁ ବୋଳା

ଅନ୍ତରର ସ୍ନେହ ଆଉ ଭଲ୍‌ପାଇବାଟିକୁ ଆଦରରେ ନେବ । ପତ୍ର ଆଶାରେ ଚାହିଁ ରହିଲି ।

। ଇତି । ତୁମ୍ଭର ପ୍ରେମାଭିଳାଷୀ ସ୍ୱାମୀ......

ସୁରେଶ ଚିଠିଟି ପତ୍ନୀ ପାଖରେ ରଖି ଦେଲା । ତାର ଅଜାଣତରେ କେଇଧାର ଲୁହ ବୋହିଗଲା । ସେ ମନେ ମନେ ଭାବିଲା ରତ୍ନମା ନାରୀ ସୁନ୍ଦରୀ, ଶିକ୍ଷିତା, ରୂପ ଯୌବନ ସଂପନ୍ନା । ସର୍ବଗୁଣ ସମ୍ପନ୍ନା । ସେ ମୋତେ ଭଲପାଇଛି, ସ୍ନେହ ଦେଉଛି, ଆଦର କରୁଛି । ଆଉ ଜୀବନର ଶ୍ରେଷ୍ଠ ସଙ୍ଗୀ ବୋଲି ମନେ ମନେ ବରଣ କରୁଛି । ନାରୀର ଉପଯୁକ୍ତ ଧର୍ମ ପାଳନ କରୁଛି ।

କିନ୍ତୁ ନାରୀ, ଏହି ନାରୀ ପାଇଁ ଦୁନିଆ ପାଗଳ । ଦୁନିଆର ପ୍ରଥମ ଉପଭୋଗ ବସ୍ତୁ ହିଁ ନାରୀ । ନାରୀ ହିଁ ପୁରୁଷ ପ୍ରାଣରେ ଉନ୍ମାଦନା ଜାତ କରେ, ଶିହରଣ ସୃଷ୍ଟି କରେ । କିନ୍ତୁ ଅନ୍ୟ ପକ୍ଷରେ ଦେଖିବେ ଏହି ନାରୀ ପାଇଁ ସ୍ୱର୍ଣ୍ଣମୟୀ ଲଙ୍କା ଧ୍ୱଂସ ସ୍ତୁପ ହୋଇଛି । ଏହି ନାରୀ ପାଇଁ ଭାରତ ସମରରେ ଅସଂଖ୍ୟ ଯୁବକ ଆହୁତି ଦେଇଛନ୍ତି । ଅନ୍ୟ ପକ୍ଷରେ କେତେକ ନାରୀ ନିଜ ପିପାସା ମେଣ୍ଟାଇବା ନିମନ୍ତେ, ପରପୁରୁଷ କରନ୍ତି । କେତେକ ସ୍ୱାମୀ ଗୃହ ଛାଡ଼ି ଅନ୍ୟତ୍ର ଚାଲି ଯାଆନ୍ତି କେତେକ ନିଜର ସାମାନ୍ୟ ସ୍ୱାର୍ଥ ପାଇଁ ନିଜର ପରମ ପତିର ପ୍ରାଣ ନେବାପାଇଁ କୁଣ୍ଠାବୋଧ କରନ୍ତି ନାହିଁ । ନାରୀ ହୃଦୟଗତ ପଥ ଅନ୍ଧକାର ହେଲେ ସୁଧା ଏ କ୍ଷେତ୍ରରେ ନାରୀ, କୁଳଟା, ଛଳନାମୟୀ, ବ୍ୟଭିଚାରିଣୀ, ପୁରୁଷ ଘାତକୀ, ଆଉ କଳଙ୍କିନୀ ।

ଅନ୍ୟପକ୍ଷରେ ନାରୀ ଜଗତ ଜନନୀ, ମଙ୍ଗଳମୟୀ, ଦୁର୍ଗତିନାଶିନୀ ଆଦ୍ୟା ଶକ୍ତି ସ୍ୱରୂପା, ଜଗନ୍ମାତା । ନାରୀ ସର୍ବଂସହା ଧରିତ୍ରୀ । ନାରୀ ଏତେ ଗୁଡ଼ାଏ ବହୁରୂପ ମଧ୍ୟରେ ଲୁଚି ରହିଥିବା ସତ୍ତ୍ୱେ ପୁରୁଷ ତାର ସନ୍ଧାନ ପାଏ ନାହିଁ । ନାରୀଟି ଚାହାଁନ୍ତି ସ୍ନେହ, ମଧୁର ଭାବ ଦେବାପାଇଁ କେବଳ ପତି ଓ ନେଇ ଥାଉଣାଟିଏ । ସେ ବଦଳେ ଆଜୀବନ ଏହି ନାରୀର ପଣତ ତଳେ, ଲୁଚି ରହିବା ପାଇଁ । କେତେ ସେମାନେ ନାରୀର ପଣତ ତଳେ ଯୁଗ ଯୁଗ ଧରି ସୌନ୍ଦର୍ଯ୍ୟ ଆଉ ଆନନ୍ଦ ଲୁଟି ହୋଇଛନ୍ତି । ଏକଥା କେବଳ ପୁରୁଷ ଆନନ୍ଦର ଆଶ୍ରୟ ସ୍ଥଳ । ପୁରୁଷ ସେହି ପଣତ ତଳେ ମୁହଁ ଗୁଞ୍ଜିବା ପାଇଁ ନାରୀମାନଙ୍କ କୋଳକୁ

ଚନ୍ଦନ ପରି ମନେ କରେ । ଭର୍ତ୍ସନାକୁ ଖାତିର କରେ ନାହିଁ । ମିଠାକଥା କହି ମନ ଭୁଲାଏ । ଅଧରରେ ଅଧର ମିଶାଇ ଥରେ ତୃପ୍ତି ପାଇବା ପାଇଁ ଅନୁରୋଧ କରେ, ବାଧ୍ୟ କରେ । କଣ୍ଠ ବୁଲାଇ, ଛଳନାକରେ, ଶେଷରେ ସୁବିଧା ସୁଯୋଗ ନେଇ ମଧ ଅବଳା ବାଳିକାର ସର୍ବସ୍ୱ ଲୁଟି ନେବାକୁ ନୃଶଂସ ସାଜନ୍ତି । ତଥାପି ପୁରୁଷ ଏତେ ପ୍ରକାର ହେଲେ ସୁଧା ନାରୀ, ଆଉ ପୁରୁଷ, ଉଭୟ ପରିପୂରକ । ଯୁଗେ ଯୁଗେ ପୁରୁଷ ନାରୀର ପରମପତି, ଗୁରୁ, ଦେବତା, ଆଉ ନାରୀ ପୁରୁଷର ଅର୍ଦ୍ଧାଙ୍ଗିନୀ ।

ତେବେ ରତମା, ସେତ ନାରୀ । ସେ ସର୍ବଶକ୍ତି ମୟୀ ଦୁର୍ଗା ହେଉ ବା କଳଙ୍କିନୀ ଦୁଷ୍ଟଚରିତ୍ରା ହେଉ ସେ ମୋ ନିକଟରେ ସତୀ, ସ୍ୱାଧ୍ୱୀ, ପତି ପରାୟଣା, ସୁଲକ୍ଷଣୀ । ସେ ମୋତେ ଭଲ ପାଇଛି । ଭକ୍ତି କରିଛି ସ୍ନେହ, ଦେଇଛି । ମୁଁ ବା କପରି ଅନାଦର କରିବି । ମୁଁ ପୁରୁଷ, ମୋର ଧର୍ମ ନାରୀ ମାନ ରକ୍ଷା କରିବା । ରତମା ପାଇଁ ଯଦି ସମୁଦ୍ରରେ ସେତୁ ବାନ୍ଧିବା ଦରକାର ହୁଏ, ତାହେଲେ ମୁଁ ରାମପରି କପି ସୈନ୍ୟ ଲଗାଇବି । ମୁଁ ପୁରୁଷ ଧର୍ମ ରକ୍ଷା ନ କଲେ ସମାଜ ମୋତେ ଘୃଣା କରିବ । ମୁଁ ତାକୁ କଥା ନଦେଇ ଥିଲେ, ମଧ ଦେଇଛି । କଥାଅଛି । "ହାତୀକା ଦାନ୍ତ, ଆଉ ମରଦ କା ବାତ" ।

ମୁଁ ଆଜ ଅନାଦର କଲେ ଧର୍ମ ଚକ୍ଷୁକୁ ଲୁଚାଇ ପାରିବିନି । ମନୁଷ୍ୟ ସମସ୍ତ ଚକ୍ଷୁରେ ଧୂଳି ଦେଲେ ସୁଧା ଧର୍ମ ଚକ୍ଷୁରେ ଧୂଳି ଦେବା ଶକ୍ତି ତାର ନାହିଁ । ରତମା ଆଜ ଯେତେ ଦୂରରେ ଥିଲେ ସୁଧା ମୋର ଅନ୍ତରରେ ସ୍ଥାନ ପାଇଛି । ତାର ମନ ପକ୍ଷୀଟା ମୋର ହୃଦୟ ପିଞ୍ଜରାରେ ଆବଦ୍ଧ । ରତମାର ଛଟିପଟି ମୋର ଆଖିଖୋଲି ଯାଇଛି । ବାସ୍ତବରେ ଏହିପରି ସତୀ ସ୍ୱାଧ୍ୱୀକୁ ପାଇଲେ ଦାମ୍ପତ୍ୟ ଜୀବନ ସୁଖମୟ ହେବ । କିନ୍ତୁ ଧାରିବା ହେବ ଅମାନୁଷିକତାର ବାସ୍ତବତା । ରତମାକୁ ସ୍ତ୍ରୀ କରିବା ପାଇଁ ମୋତେ ଆହୁରି କେତେଦିନ ଅପେକ୍ଷା କରିବାକୁ ହେବ କେଜାଣି ।

ଯେଉଁ ଦିନ ଶୁଭ ଶଙ୍ଖର ମଙ୍ଗଳ ଧ୍ୱନି ମଧ୍ୟରେ ମୁଁ ବରବେଶ ସାଜି ଯିବି ରତମା ଘରକୁ । ଘୃତ ଆହୁତି ମଧ୍ୟରେ ବ୍ରାହ୍ମଣ ମନ୍ତ୍ର ପାଠ କରିବେ । ଜଳନ୍ତି ଖୋଲ ମଧ୍ୟରେ ହାତଗଣ୍ଠି ପଡ଼ିବ । ରତମା ସବୁ ଓଢ଼ଣା ମଧ୍ୟରେ ନବବଧୂ ସାଜି

ଆସିବ ଆମ ଘରକୁ । କୂଳ ଘାଟକୁ ଛୁଇଁ ଶପଥନେବ । ସେଦିନ ମୁଁ ଆଉ ରତିମାର ମାନ, ଅଭିମାନ ଓ ଅନୁରୋଧକୁ ମାନିବିନି । ସବୁ ଓଢ଼ଣୀଟିକୁ ଓଟାରି ଦେଇ କହିବି ।

—ରତିକା ନିଷ୍ଠୁର ଦେବତାର ଦୋଷ ନଧରି କୋଳରେ ସ୍ଥାନ ଦିଅ । ତାପରେ··········?

··················

ହସି ହସି ମୁହଁରେ କୋମଳ ଚାପୁଡ଼ାଟିଏ ଦେଇ କହିବ—

ହୃଦୟପୁରର ରାଣୀ ମୋର, ଅନେକ ଦିନର ଆଶା ଆଜି ସଫଳ ହୋଇଛି । ଦୁଇହୃଦୟ ମିଳନରେ ଆଜି ପୂର୍ଣ୍ଣହେବ ବାସରରାତି । ସେ ହସି ହସି ଢଳି ପଡ଼ିବ ମୋ ଛାତି ଉପରକୁ । ମୁଁ ତାର ରଙ୍ଗିଲ ଅଧରରେ ଚୁମ୍ବନ ଦେଇ ଦେଇ କହିବି ଚିରଦିନ ପାଇଁ ଭୁଲିବ ନାହିଁ । କିଛି ନକହି ସରମରେ ସେ ଢଳି ପଡ଼ିବ ଫୁଲ ଶେଯ ଉପରେ । ତା ପରେ·····? ଅନେକ କଥା·····।

ଋତୁରାଜ ବସନ୍ତର ଆଗମନ । ନୂଆରୂପ ନେଇ ହସି ଉଠୁଛି ଧରଣୀରାଣୀ ସ୍ୱାଗତ କରିବା ପାଇଁ ବସନ୍ତ ରାଜାଙ୍କୁ । ନବ ପଲ୍ଲବିତ ଗଛରେ ଫୁଟିଛି ଫୁଲ । ଛୁଟିଛି ମହକ । କୋଇଲି କଣ୍ଠରେ ଭରିଛି କୁହୁକ । ଆମ୍ର କାନନର ଘନ ଗହଳରେ ବସିଛି । ଖୋଳୁଛି କୋଇଲି ସଂଗୀତର ମୂର୍ଚ୍ଛନା । କୁହୁ, କୁହୁ·· ବସନ୍ତର ଶୁଭଗମନକୁ ଅନୁକରଣ କରି ପୂର୍ଣ୍ଣିମା ନୂଆ ରଙ୍ଗ ନେଇ ଆସିଛି ।

ଦୋଳ ଛୁଟିରେ ଘରକୁ ଫେରୁଛି ସୁରେଶ । ମନରେ ଅସରନ୍ତି ଆନନ୍ଦ । କାଲି ହେବ ଫାଲ୍‌ଗୁନ ପୂର୍ଣ୍ଣିମା ଦୋଲ, ଆଉ ଆଜି ଚତୁର୍ଦ୍ଦଶୀ । ଆଜି ତାଙ୍କ ଗାଁ ମଠରେ ମେଳା । ଏହି ମେଳା ଦେଖିବାପାଇଁ ସୁରେଶ ଅନେକ ଦିନରୁ ରତିମାକୁ କହିଥିଲା । ଆଜି ମଧ୍ୟ ସୁଦୂର ଚମ୍ପୁରରୁ ଦୌଡ଼ି ଆସିଛି । ମନ ତାର ଚଞ୍ଚଳ ହୋଇ ଉଠିଲା । ସେ ଆଗ୍ରହ କଣ୍ଠରେ କହିଲା :

—ମାଆ ମୁଁ ଘସିପୁରା ଯାଉଛି, ବାପା ପଚାରିଲେ କହିଦେବୁ ।

ସୁମତୀ ଦେବୀ ସୁରେଶର ଏପରି କଥାରେ ବିରସ ମନରେ ଉତ୍ତର ଦେଲେ—ଆଜି ପରା ଗାଁ ମଠରେ ମେଳା ତୁ ଘସିପୁରା ଯିବୁ କାହିଁକି ? ତୋ ବାପା ପରା କୁଆଡ଼େ ଯିବେ ?

—ନା ମାଆ ମୁଁ ଫେରିଲେ ଯିବି । କେବେଠୁ ମାଉସୀ ଘର ଆସି ଯାଇନାହିଁ । ରତ୍ନମା ମଧ୍ୟ ମଠକୁ ଯିବା ପାଇଁ କହୁଥିଲା । ଯାଉ ଦିଏ ସାଙ୍ଗରେ ନେଇ ଆସିବି । ଏଠାରେ ଖିଆପିଆ କରି ଉପର ବେଳା ମଠକୁ ଯିବା । ମଲ୍ଲି ଉପରବେଳା ହେବ । ଆଉ ତୁ ଘରକୁ କହିବୁ ସେ ସବୁ କାମ ସାରି ବାହାରିଥିବ ।

—ସୁରେଶ ଆଉ ମାଆଙ୍କର ଉତ୍ତରକୁ ଅପେକ୍ଷା ନକରି ଆଗେଇ ଗଲା ସୁରେଶ ନିକଟରୁ ଏପରି କଥା ଶୁଣି ସୁମନ୍ତା ଦେବୀ ଟିକିଏ ଚଞ୍ଚଳ ହୋଇ ପଡ଼ିଲେ କୋମଳ କଣ୍ଠରେ ଡାକିଲେ :

—କୋ ସୁଲ, କଣ କରୁଛୁ ? ବେଳ ଆସି ବାଡ଼ ଡେଇଁବାକୁ ବସିଲାଣି ଏଯାଏଁ ବାସି ପାଇଟି ସରିଲା ନାହିଁ । ଆଜି ପରା ମେଳା ହେବ । ତୁ, ତୋ ବାପା ମଧ୍ୟ କୁଆଡ଼େ ଯିବାପାଇଁ କହୁଥିବେ । ଭାତ ପାଣି ଆସିପାରି ନାହିଁ । ନନ୍ଦ ରତ୍ନମା କି ଭାଇ ସାଙ୍ଗ ହୋଇ ଦେଇ ମେଳା ଦେଖିବାକୁ ଆସିବ ଆସିଲେ ଖାଇବେ । ତୁ ଶୀଘ୍ର କାମ ସାରିଦେ । ଉପରବେଳା ମେଳା ଦେଖିବାକୁ ଯିବା । କେତେଆଡ଼ୁ କେତେ ଲୋକ ଆସିବେ, ପର ପାଇଁ କେ ହୋଇ ଆମେ ବର୍ଷରେ ଥରେ ଦେଖିବା ନାହିଁ ?

ତାକୁ ବେଶୀ ବର୍ଷ ନ ହେଲେ ସୁଦ୍ଧା ତେର ଯାଇ ଚଉଦ ପଶିଛି । କିଶୋରୀ ସେ । କଞ୍ଚା ହଳଦୀ ପରି ଦେହ । ଚନ୍ଦ୍ରମା ମୁହଁଟି ଜହ୍ନକୁ ହସେ । ନାସାଗ୍ରରେ ସୌନ୍ଦର୍ଯ୍ୟ ଭରି ଆସୁଛି । ବର୍ଷ ଦଶଟାରେ କିଶୋରୀ ଚପଳତା ଚାଲି ଯିବ । ଯୌବନର ଜାଉଁଳା ପରଶରେ ଧାରଣ କରିବ ନୂଆ ରୂପ । ନାୟିକା । ସରଳ କେବେ କେବେ ନିଜର ରୂପକୁ ଦେଖି ବିସ୍ମୟ ଲାଗେ ତା । କାଲି ଥିଲା କଣ ? ଆଜି ହୋଇଛି କଣ ? ଗୋଟିଏ ବର୍ଷରେ ପୁଣି ଏତେ ପରିବର୍ତ୍ତନ ? କାଲି ସେ ସ୍କୁଲରେ ପଢ଼ିଲାବେଳେ ଯାହା ସାଥୀ ହୋଇ ଯେଉଁମାନଙ୍କ ... ଆଜି ସେମାନଙ୍କୁ ଆଖି ଫେରାଇ ଚାହିଁ ପାରୁନାହିଁ । ମୁହଁ ଖୋଲି କଥା କହି ପାରୁନାହିଁ । ଏତେ ଲାଜ ? ହଠାତ୍ ସେପରି ଯୌବନ ଯାଦୁକର ଭରି ଦେଇଛି ଏତେ କୁହୁକ ? ତାକୁ ସେସବୁ ଟିକିଏ ଅଡୁଆ ଅଡୁଆ ଲାଗୁଥାଏ । ନ ଲାଗିବ ବା

କଟରେ ? ବସ୍ତୁସବୁ ତ ଅନୁକରଣ କରିବ ସବୁବେଳ । ତାର ତ ସେସବୁ ଅନୁଭବ କରିବାକୁ ସମୟ ବାକି ନ ଥିଲା ।

ସରଳାର ଉଦାସ ଚେହେରା ଦେଖି କେତେକ ପିଲା ମଧ୍ୟ ଲୋଭିଲା ଆଖିରେ ଚାହିଁ ରହନ୍ତି । କଥା କହିବାକୁ ମନ ବଳାନ୍ତି । କିନ୍ତୁ ରତ୍ନାକର ବାବୁଙ୍କ ଭୟରେ କେହି କିଛି କହି ପାରନ୍ତି ନାହିଁ । ସେଥିକୁ ପୁଣି ସୁମତୀ ଦେବୀ ଏକେବାରେ ତୁ କାହାରିକୁ କଥା କହିବୁ ନାହିଁ । ନାକହି ସାଇକୁ ବୁଲି ଯିବୁନାହିଁ । ଘର କାମ ସାରି ପୁରାଣ ପଢ଼ । ସିଲେଇ କାମ କର । ଏସବୁ ଘଟଣା ନେଇ ସରଳା ମନରେ କଣ ଗୋଟାଏ ଅଭାବ ଅନୁଭବ କରେ । ହେଲେ କାହାରିକୁ ମୁହଁ ଖୋଲି କହେ ନାହିଁ । ମନକଥା ମିଳେଇଯାଏ ମନରେ ।

ମାଆଙ୍କର କୋମଳ ଡାକରେ ସରଳା ଚଞ୍ଚଳ ହୋଇ ପଡ଼ିଲା । ତାର ହାତରେ ସବୁ କାମ । ସ୍କୁଲରୁ ଆସିଲା ଦିନରୁ ସବୁ କାମରେ ହାତ ଦେଇଛି । କୌଣସିଠାରେ କହିବାକୁ ନାହିଁ । ସବୁ କାମରେ ଧୁରନ୍ଧର । ସରଳା ଚଞ୍ଚଳ ମନରେ ବାପି ଧାଇଟି ଧରି ଗାଧୋଇ ଗଲା । ଗାଧୋଇ ଆସିବା ପୂର୍ବରୁ ସୁମତୀ ଦେବୀ ଚୁଲି ଲଗାଇ ଥିଲେ । ଖୁବ୍ ଶୀଘ୍ର ରୋଷେଇ କାମ ସାରିଦେଲା । ରତ୍ନାକର ବାବୁ ଖାଇସାରି କାମରେ ବାହାରି ଗଲେ । ସାର ଛୋଟ ଭାଇ ଭଉଣୀଙ୍କୁ ନେଇ ମଠଆଡ଼େ ଗଲଣି । ଏ ପର୍ଯ୍ୟନ୍ତ ସୁରେଶ ଫେରିନାହିଁ । ସୁମତୀ ଦେବୀଙ୍କ ମନଟା ଟିକେ ଉଚ୍ଚାଟନ ଲାଗିଲା । ସେ ମନେ ମନେ ସ୍ଥିର କଲେ ସୁର ବୋଧେ ଖାଇକରି ଆସିବ । ତେଣୁ ସେ କୋମଳ କଣ୍ଠରେ କହିଲେ :

—ଲୋ ସର, ତୁ ଆଉ ଡେରି ନ କରି ଦିଟା ଖାଇଦେ ।

କିନ୍ତୁ ସରଳା ପ୍ରତିବାଦ କରି କହିଲା—ନା ମାଆ, ଭାଇ ଯଦି ନଖାଇ ଆସିବେ, ତାହେଲେ ରାଗିବେ । ଆଉ ଟିକେ ଯାଉ, ମୁଁ ମୁଣ୍ଡଟା କୁଣ୍ଡେଇ ସାରେ । ସରଳା ମୁଣ୍ଡ କୁଣ୍ଡେଇ ବସିଲା । ସୁମତୀ ଦେବୀ ସୁରେଶର ବାଟ ଚାହିଁ ପିଣ୍ଡା ମୁଣ୍ଡରେ ବସି ରହିଲେ । ମନରେ କେତେ କଣ ଭାବୁଥାନ୍ତି ।

ଏହି ସମୟରେ ସୁରେଶ, ରତିମା, ଛବିକୁ ଦେଖି ଆନନ୍ଦରେ ଫୁଲି ଉଠିଲେ ସୁମତୀ ଦେବୀ । ରତିମା ଭିତରକୁ ପଶି ଆସୁ ଆସୁ ସୁମତୀ ଦେବୀଙ୍କୁ

ମୁଣ୍ଡ ନୁଆଁଇ ଜୁହାର ହେଲା । ସୁମତୀ ଦେବୀ ଖୁସି ହୋଇ ଆଶୀର୍ବାଦ ପୂର୍ଣ୍ଣ କଣ୍ଠରେ କହିଲେ :

—ଅହିଅ ସୁଲକ୍ଷଣୀ ହୁଅ, କାଚ-ବଜର ହେଉ ।

ରତ୍ନମା ଉଠି ପଡ଼ି ପ୍ରଭୁ ଥଣ୍ଡାଳିଆ କଣ୍ଠରେ ସୁରମାକୁ କହିଲା :

—ଲୋ ସର, ଆମ୍ଭେ ପରା ମଠକୁ ଯିବା, ତୁ ଏ ପର୍ଯ୍ୟନ୍ତ ମୁଣ୍ଡ ବାନ୍ଧିଲୁ ନାହିଁ ?

ସରଳା ହସି ହସି କହିଲା—ତୁମ୍ଭଙ୍କୁ ପରା ଚାହିଁ ବସିଛୁ, ମୁଣ୍ଡ ବାନ୍ଧିଦେବ ବୋଲି ।

ସୁମତୀ ଦେବୀ ବିରକ୍ତ ହୋଇ କହିଲେ—ହଁ ତୋର ଏମିତି କଥା, ତୁ ଆଗ ଗଲୁ । ସେମାନଙ୍କର ଖାଇବା ବନ୍ଦୋବସ୍ତ କରିଦେ । ଖାଇ ସାରିଲେ ଆଉ ଯାହା । ନଇଲେ ତ ଉପରବେଳା ହେବ ।

ରତ୍ନମା ପ୍ରତିବାଦ କରି କହିଲା——ନା ମାଉସୀ, ଆମ୍ଭେ ଖାଇ ଆସିଛୁ । ଏହିକ୍ଷଣି ଖାଇବୁ ନାହିଁ, ଆସିଲେ ଖାଇବୁ । ରତ୍ନମା ମନୁଆଡ଼େ କଳ୍ପନା କରୁଥାଏ, ଏ ଘର ସହିତ ଯେପରି ଘନିଷ୍ଠତା ଅଛୁ । ଆଉ ମାଉସୀ, କି ଆଦର, କି ସୁନ୍ଦର ତାଙ୍କ କଥା ।

ସୁମତୀ ଦେବୀ ରତ୍ନମାଠାରୁ ଏପରି କଥା ଶୁଣି ଅଭିମାନ କଣ୍ଠରେ କହିଲେ ତୁମ୍ଭେ ବଡ଼ ଲୋକ ଘରର ଝିଅ । ତୁମ ବାପା ବଡ଼ଲୋକ । ହେଲେ ଏ ଗରିବ ଘରେ ଆଜି ଦୁଇଟା ଖାଇଦେଲେ କଣ ଜାତି ଚାଲିଯିବ ? କଣ ଆଉ ଦେଖୁଛ ? ମାଟି ଘର, ତୁମପରି ପକ୍କା ଘର ନୁହେଁ । ଆସିଲେ ଅଳପ ଦାଳିଟା ଖାଇ ଦେବ । ଆମ୍ଭେ ପରା ରୋଷେଇ ସାରି ତୁମ୍ଭଙ୍କୁ ଚାହିଁ ବସିଛୁ । ତୁମେ କଣ ଆଜି ଆଡ଼େଇ ଆଡ଼େଇ ହେଉଛ ?

ରତ୍ନମା ଦେଖିଲା, ମାଉସୀଙ୍କର ମୁହଁରେ ଅଭିମାନ ପୂରି ରହିଛି । ତାଙ୍କୁ ଶାନ୍ତ କରିବାକୁ ଯାଇ କହିଲା——ମାଉସୀ, ଧନ ଆଉ ଗରିବ ଏସବୁ ଭଗବାନଙ୍କର ଆଶୀର୍ବାଦ । ଆଜି ଯିଏ ଧନୀ, କାଲି ସେ ଗରିବ । ମୋତେ ତୁମ୍ଭ କଥା ଭଲ ଲାଗେନା । ତୁମ୍ଭେ ଗରିବ ବୋଲି ସଦା ନିଜକୁ କାହିଁକି ଛୋଟ ମନେ କରୁଛ ? ତୁମ୍ଭେ ପରା ମୋର ଗୁରୁଜନ ? ଆଉ ମାନ୍ୟ କଟ ଲଜ୍ୟା

ଦଅନାହିଁ, ତୁ ବୋଲି କହିଲେ ମୋତେ ଆନନ୍ଦ ଲାଗିବ । ମୁଁ ଯେତେ ବଡ଼ଘରର ଝିଅ ହେଲେ ସୁଦ୍ଧା ତୁମେ ମୋର ମାତୃତୁଲ୍ୟ । ଆଉ ଭଗବାନ ଯଦି ମୋତେ ଗୋଟିଏ ଗରିବ ଘରେ ବୋହୂ, କରନ୍ତି ?

ରତ୍ନମାର କଥାରେ ସୁମନ୍ତ ଦେବଙ୍କ ମୁହଁ ବନ୍ଦ ହୋଇଗଲା । ରତ୍ନମାକୁ ଉତ୍ତର ଦେବାଭଳି କଥା ସେ ମନ ମଧ୍ୟରେ ସ୍ଥିର କରି ପାରିଲେ ନାହିଁ । ରତ୍ନମାର କଥା ଆଉ ବ୍ୟବହାର ତାଙ୍କୁ ବିମୋହିତ କରିଥିଲା । ସେ ଶ୍ରେଷ୍ଠ ମୁହୂର୍ତ୍ତରେ ବହୁ କଥା କିଛିଏ ଭାବିଗଲେ । ମାତ୍ର ଭାବନାଟାକୁ ପ୍ରକାଶ କରି ପାରିଲେ ନାହିଁ । ଶେଷରେ ସେ ରତ୍ନମାର ହାତ ଧରି ପକାଇ କହିଲେ :

—ହଁ ମା', ସେ ତ ପରକଥା । ଭଗବାନ ଯାହାକୁ ଯେପରି କରନ୍ତି । ହେଲେ [illegible] ଅଛି ଆମ ସାଥିରେ ଖାଲି ଅଣ୍ଟା ହେବ । ମୋ ଶୁଣିକି, ମୋ କଥା ମାନ । ନହେଲେ ସୁରେଶକୁ କହିବି ଆଉ ତୁମ ଘରକୁ ଯିବ ନାହିଁ କି ଖାଇବ ନାହିଁ ।

ଏଥର ରତ୍ନମା ଆଉ ମନ୍ତ୍ରାକି ପାରିଲା ନାହିଁ । ମାଉସୀଙ୍କର ମୁହଁରୁ କଥା ଅଧା ପୂରଣକୁ ଛାଡ଼ି ପାରିଲା ନାହିଁ । ସମସ୍ତେ ଏକାଠି ହୋଇ ଅନେକ ଆଲୋଚନା ମଧ୍ୟରେ ଖାଇ ବସିଲେ । ସେମାନେ ଖାଇ ପିଇ ବାହାରିଲା ବେଳକୁ ସକାଳ-ବେଳା ଗଡ଼ି ଯାଇଥିଲା ।

ଆମାନଙ୍କ ସ୍ରୋତ ଯେଉଁ ନଦୀର ଖାଲିଅ-ମେଶାକୁ ଲମ୍ବି ଯାଇଛି, ଯୋଗିଙ୍କ ଗାଁ ମୁହଁରୁ ପଶ୍ଚିମ ଦିଗକୁ ଯେଉଁ ରାସ୍ତା ବାହାରିଯାଇଛି ଅଛି, ସେହି ରାସ୍ତା ଗାଁ ନିକଟରେ ଏହି ଦଳକୁ ଗୋଟିଏ ଜଙ୍ଗଲ ଲମ୍ବି ଯାଇଛି ଉତ୍ତର ଦିଗକୁ । ଏହି ଜଙ୍ଗଲ ଦେଇ କିଛି ବାଟ ଅତିକ୍ରମିଲେ "ବାପ୍ପା ତପୋବନ"ରେ ପହଞ୍ଚିବାକୁ ହୁଏ ।

ଏହି 'ତପୋବନ' ସମ୍ବନ୍ଧରେ ଏକ ବଡ଼ ଇତିହାସ ଅଛି । ମୋଟେ ୭୦ ବର୍ଷ ତଳେ ସ୍ଥାନଟି ଗୋଟିଏ ଅଭୟାରଣ୍ୟ ଥିଲା । ଏବେ ମଧ୍ୟ ସେଠାକାର ଭୂମି ଉପରକୁ ମନୁଷ୍ୟ ଦେଖିଲେ ସନ୍ଦେହ ହେବ ଯେ ଦିନେ ଏହି ସ୍ଥାନଟି କେବଳ ବନ୍ଧୁନ୍ଦ ବଣ୍ୟଜନ୍ତୁଙ୍କର ଅଡ୍ଡାସ୍ଥଳୀ ଥିଲା । ମୂକ ସାକ୍ଷୀ ସ୍ୱରୂପ ଅସ୍ଥି କଙ୍କାଳଗୁଡ଼ିକୁ ଦେଖିଲେ ମନୁଷ୍ୟ ନିଶ୍ଚୟ ଜାଣିବ ଯେ କେତେଟା ହତଭାଗ୍ୟ

ନର ହିଁ ବନ୍ୟଜନ୍ତୁଙ୍କର ଆହାର ହୋଇଥିଲେ । ଏବେ ମଧ୍ୟ ମନୁଷ୍ୟ ସେଠାକୁ ଏକୁଟିଆ ଯିବାକୁ ଭୟ କରେ । କାରଣ ସେଠାରେ ଜନ୍ମି ଥିବା ଶାଳ, ପିଆଶାଳ, ଅସନ ପ୍ରଭୃତି ବନ୍ୟବୃକ୍ଷରେ ସ୍ଥାନଟି ଅନ୍ଧାରିଆ, ଆଉ ବନ୍ୟଜନ୍ତୁଙ୍କର ନିର୍ଭୟ ଆଶ୍ରୟସ୍ଥଳୀ ।

କିନ୍ତୁ କରୁଣାମୟଙ୍କର କେଉଁ କରୁଣା ନେଇ ସେହି ମହାପୁରୁଷ ଜନ୍ମ ହୋଇଥିଲେ କେଜାଣି, ଯେ କି ଅଞ୍ଚଳ ବସ୍ତିଗୁରୁ ବାୟାବାବା ନାମରେ ପରିଚିତ । ସେହି ସଂସାର ତ୍ୟାଗୀ ସନ୍ୟାସୀ ଦିନେ ଏହି ଅଭୟାରଣ୍ୟରେ ବ୍ୟାଘ୍ର, ଭାଲୁଙ୍କ ମେଳରେ ବସି ରହି ତପ ସାଧନା କରିଥିଲେ । ଏଇଟା ଥିଲା ତାଙ୍କର ଶ୍ରେଷ୍ଠ ସାଧନାସ୍ଥଳୀ । ଏହିଠାରେ ଜ୍ଞାନ ଲାଭ କରିଥିଲେ ସେହି ଆତ୍ମତ୍ୟାଗୀ ପରୋପକାରୀ । ସନ୍ୟାସୀଙ୍କ ସ୍ମୃତିରକ୍ଷା ନିମନ୍ତେ, ଶୈଳଙ୍ଗବାସୀଙ୍କ ଉଦ୍ୟମରେ ସେଠାରେ ଗୋଟିଏ ମୁକ୍ତି ମନ୍ଦିର ଗଢ଼ି ଉଠିଲା । ସେହିଦିନଠାରୁ ଏହାର ନାମ ହେଲା 'ବାୟା ତପୋବନ' । ପରମ୍ପରା ଅନୁଯାୟୀ ପ୍ରତିବର୍ଷ ଫାଲ୍‌ଗୁନ ପୂର୍ଣ୍ଣିମା ପୂର୍ବଦିନ ଏଠାରେ ଏକ ମେଳା ହୁଏ । ଅନେକ ଅଞ୍ଚଳ, ଅନେକ ସାଧୁ ଭକ୍ତଙ୍କର ମେଳାରେ ଏହି ଯଜ୍ଞରେ ପୂର୍ଣ୍ଣାହୁତି ଦିଆଯାଏ । ଆଜି ସେହିଦିନ ।

ଏଠାକାର ପ୍ରାକୃତିକ ଦୃଶ୍ୟ ଅତି ମନୋରମ । ଲେମ୍ବୁ, ନାରଙ୍ଗ, ଗୁଆ, ନଡ଼ିଆ, ପିଜୁଳି, ବୋଉଳଠାରୁ ଆରମ୍ଭ କରି ମନ୍ଦାର, ଚମ୍ପା ଇତ୍ୟାଦି ବିଭିନ୍ନ ଫଳ, ଫୁଲ ଗଛରେ ସ୍ଥାନଟି ହସି ଉଠୁଛି । ଏଠାକାର ଶାନ୍ତ ଜଳବାୟୁ ମନୁଷ୍ୟର ଦୁଷ୍ଟ ହୃଦୟରେ ଭକ୍ତି ଜାତକରେ ।

ସ୍ଥାନଟି କେବଳ ସାଧୁମାନଙ୍କ ଉପଯୋଗୀ ତାହା ନୁହେଁ । ଏହା ପ୍ରବଳ ପ୍ରବଣ ଆବାଳ ବୃଦ୍ଧ ବନିତା ସମସ୍ତଙ୍କ ପାଇଁ ଆମୋଦ ଦାୟକ । ଆଉ ଭାବୁକମାନଙ୍କ ମନରେ ଏହା ପ୍ରେମ ସୃଷ୍ଟି କରେ ।

ଆଜି ସମସ୍ତଙ୍କର ସମାବେଶରେ ସ୍ଥାନଟି ପୂରି ଉଠିଛି । ଛୋଟ ବଡ଼ ବଡ଼ କେତେ ଦୋକାନ ବସିଛି । ବେଳେ ବେଳେ ହରେକୃଷ୍ଣ ହରେରାମ ପଦରେ ଖୋଳ, ତାଳ କମ୍ପି ଉଠି ବନଭୂମି ମୁଖରିତ କରୁଛି । କାହାର ମନରେ ବିରସ ନାହିଁ । ସମସ୍ତଙ୍କର ଏକମନ, ଏକଲକ୍ଷ୍ୟ ।

ସୁରେଶ ରତ୍ନମାକୁ ମରୁସ୍ଥାନ ବୁଲାଇ ଦେଖାଇଲା । ରତ୍ନମା ତପୋବନର ଦୃଶ୍ୟ ଦେଖି ଆନନ୍ଦିତ ହେଉଥାଏ । ସେମାନେ ତଳର ମରୁସ୍ଥାନ ବୁଲି ସାରିବା ପରେ ଉପରକୁ ଉଠିଲେ । ଅନେକ ଗଳି, କନ୍ଦି ଦେଇ ଯିବାକୁ ହେବ । କେଉଁଠି ପଥର ଉପରେ ଚଢ଼ିବାକୁ ହେବ, କେଉଁଠି ଓହ୍ଲାଇବାକୁ ହେବ । ଏଥିପାଇଁ ରତ୍ନମା ଅନେକ ଥର ସୁରେଶର ଆଶ୍ରୟ ନେଉଛି । ତଥାପି ସେମାନେ ବୁଲୁଥାନ୍ତି । ସବୁ ଗୁମ୍ଫା ଗୁହା ବୁଲି ଦେଖି ସାରିଲା ପରେ ସେମାନେ ତଳକୁ ଓହ୍ଲାଇବାକୁ ସ୍ଥିର କଲେ । ସେତେବେଳେକୁ ସନ୍ଧ୍ୟା ନଇଁ ଆସୁଥିଲା । ଯଜ୍ଞ ଧୂମ ଆରମ୍ଭ ହେଲାଣି । ମୁନିଋଷି ମାନଙ୍କର ବେଦ ଧ୍ୱନିରେ ତପୋବନ କମ୍ପି ଉଠୁଥାଏ । ସେମାନେ ମୁହୂର୍ତ୍ତେ ବିଳମ୍ବ ନକରି ତଳକୁ ପଳାଇ ଆସିଲେ ।

ତଳେ ଆସି ଦେଖିଲେ ଯଜ୍ଞ କୁଣ୍ଡର ଚତୁଃପାର୍ଶ୍ୱରେ ନାରୀ, ପୁରୁଷ, ଆବାଳ, ବୃଦ୍ଧ ସମସ୍ତେ ବସିଛନ୍ତି । ସାଧୁମାନେ ମନ୍ତ୍ର ପାଠକରି ଘୃତ ଆହୁତି ଦେଉଛନ୍ତି । ଅଗ୍ନି ଶିଖା ଉପରକୁ ଉଠୁଛି । ଆଜି ହୁଳହୁଳି ମନ୍ଦିରେ ମନ୍ଦିରେ ବନ୍ଦନା ମୂର୍ତ୍ତି କରୁଛି । ସେମାନେ ଭଗବାନଙ୍କୁ ସ୍ମରଣ କରି ପ୍ରଣାମ କଲେ । ଯଜ୍ଞ ଶେଷ ନହେଉଣୁ ଘରକୁ ଫେରିଲେ ।

ସୁରେଶର କଥା ରତ୍ନମାର ଭାରି ମନକୁ ଗଲା । ଖିଆ ପିଆ ପରେ ଘରକୁ ଫେରାଇବା ପାଇଁ କହିଲା । କିନ୍ତୁ ସୁରେଶ ଦେଲା ତାକୁ ଅନେକ ବୁଝା ସୁଝା ଦେଲେ ରହିବା ପାଇଁ । ମାତ୍ର ରତ୍ନମାର ଏକ ଜିଦ ମୁଁ ରହିବି ନାହିଁ । ମୋତେ ଘରେ ଛାଡ଼ି ଦେଇ ଆସିବ । ସୁରେଶ ଉପାୟ ଶୂନ୍ୟ ହୋଇ ବାହାରିଲେ । ସେତେବେଳକୁ ଆକାଶରେ ଚନ୍ଦ୍ର ପୂରା ଉଠୁଥିଲା ।

ସେମାନେ ସେତେବେଳେ ରାସ୍ତା ପାର ହେଲେ ରତ୍ନମା ଘର ଦ୍ୱାର ଝାଡ଼େଶ୍ୱର ଆଡ଼େ ମୁହାଁଇ । ସେମାନଙ୍କର ଏପରି ଢଙ୍ଗ ଦେଖି ସୁରେଶ ଅବାକ ହୋଇଗଲା । କିଛି ବୁଝି ପାରିଲାନି ସେ । ମନରେ ଅସରନ୍ତି ପ୍ରଶ୍ନ । ମୁହଁରେ ଭାଷା ନାହିଁ ।

ସୁରେଶର ଏପରି ଅବସ୍ଥାରେ ରତ୍ନମା [illegible] ହୋଇଗଲା । ସେ ଫେରି ସୁରେଶର ହାତକୁ ଝିଙ୍କାଇ ଦେଇ କହିଲା । ସୁରେ ଭାଇ ତୁମେ ଆସ ।

—କେଉଁଠିକୁ ?

—ଯଥା ସ୍ଥାନକୁ ।

ସୁରେଶକୁ ଆଉ ବୁଝିବାକୁ ବାକି ରହିଲା ନାହିଁ । ସେ ନିର୍ବୋଧଙ୍କ ପରି ଠିଆ ହୋଇ ରହିଲା । ସତେ ଯେପରି ତାର ଅନ୍ତର ମଧ୍ୟରେ କିଏ କହୁଥିଲା, ତୁ ଆଉ ଆଗକୁ ପାଦ ଉଠାନାହିଁ । ହେଲେ ରତମା ଏତେ ସହଜରେ ଛାଡ଼ୁଛି କେଉଁଠି ? ସେ ସୁରେଶର ହାତକୁ ଧରି ଟାଣି ନେଇ କହିଲା—ସୁରଭାଇ ମୋର ଅନେକ ଦିନର ଆଶାଟାକୁ ଭାଙ୍ଗି ଦିଅନାହିଁ ।

ସୁରେଶ ସେତେବେଳକୁ ନିଜକୁ ଭୁଲି ଯାଇଥିଲା । ରତମାର କଥା ଆଉ ପରଶ ପାଇ ସେ ବିହ୍ୱଳ । ତାର ଶିରା, ପ୍ରଶିରାରେ ବିଦ୍ରୋହର ଢେଉ ଖେଳୁଥିଲା । ତଥାପି ସେ ପାଦ ଉଠାଇବାକୁ ସାହସ କଲା ନାହିଁ । ହେଲେ ରତମା ତାକୁ କଣ ଛାଡ଼ୁଛି । ସୁରେଶର ଏପରି ସ୍ଥିତିରେ ରତମାର ଅଭିମାନ ଆସି ମୁହଁରେ ଫୁଟି ହେଲା । ଆଖିରେ ଲୁହ ଆସିଲା, ସେ ଅସ୍ଫୁଟ ସ୍ୱରରେ ଅଭିମାନ କଣ୍ଠରେ କହିଲା ।

—ସୁରଭାଇ ତୁମେ କଣ ପ୍ରକୃତରେ ମୋତେ ଭଲ ପାଅନା ?

ସୁରେଶ ଦେଖିଲା ଉନ୍ମାଦନା ମଧ୍ୟରେ ରତମା ଏକାବେଳେ ତଳକୁ ଖସି ଯାଉଛି । ସମାଜର ନୀତି, ନିୟମ ଲଜ୍ଜାକୁ ଭୁଲି ଯାଉଛି । ତେବେ ମୋର ଉପାୟ ? ମୁଁ କଣ କରିବି ? ଏଥିରେ ମୋର ମଙ୍ଗଳ ନା ଅମଙ୍ଗଳ ? ସୁରେଶ କିଛି ସ୍ଥିର କରି ପାରିଲା ନାହିଁ । ଶେଷରେ ବାଧ୍ୟହୋଇ ରତମାର ଇଙ୍ଗିତରେ ପାଦ ଉଠାଇଲା ।

ନାଲି ସଡ଼କର ମରମ ଗୋଡ଼ ଉପରେ ଦୁଇଟି ଯୁବକ ଯୁବତୀ ଆଗେଇ ଚାଲିଲେ ଉଦ୍ଦେଶ୍ୟହୀନ ଭାବରେ । ତାହାର ଉତ୍ତରରେ ସୀମା ନାହିଁ । କେବଳ ପେଟରେ ଖେଳିଲା ଆଶା । ଗୋଧୂଳିର ସାଂଧ୍ୟ ବାୟୁ ହଠାତ୍ ଆସି ସେମାନଙ୍କ ହୃଦୟରେ ଆଘାତ ଦେଉଥାଏ । ଦୂର ଦିଗନ୍ତରେ ଚାଲିଲା ସମୀରଣ, ମନ୍ଦିର ନେଇ ଛୁଟୁଥାଏ ହୃଦୟରେ ଖେଳିଲା ଆଶାର ସ୍ପନ୍ଦନ । ଝୁଲୁ ଝୁଲୁ ପବନରେ ରତମାର ଅଳସ କେଶ ଗୁଡ଼ିକ ଉଡ଼ି ବେଳେ ବେଳେ ସୁରେଶ ଉପରେ ବାଜୁଥାଏ । ସୁରେଶର ଉନ୍ମାଦନା ମାତ୍ରାଟା ଅଧିକ [illegible] ଯାଏ । ମାତ୍ର ମୁହଁ ଖୋଲି କହି ପାରେନା ।

କିଛି ବାଟ ଆଗେଇ ଗଲା ପରେ ଗୋଟିଏ ଆମ୍ରକାନନ । ରତ୍ନମା ସୁରେଶର ହାତ ଧରି ଗୋଟିଏ ଆମ୍ରଗଛ ମୂଳକୁ ନେଇଗଲା । ନରମ ବାଲି ବେଳା ଉପରେ ବସିପଡ଼ି ସୁରେଶକୁ କହିଲା ବସିବାପାଇଁ । ସୁରେଶର ଉପାୟ ନଥିଲା, ସେ ବାଧ୍ୟହୋଇ ବସିପଡ଼ିଲା । ଆକାଶକୁ ଚାହିଁ ପ୍ରମାଦ ଗଣିଲା । ଆଜି ସେ କ'ଣ କରିବାକୁ ଯାଉଛି ? ରତ୍ନମା ସୁରେଶର ଚିନ୍ତାଧାରା ବଦଳାଇବାପାଇଁ ସୁରେଶ କୋଳକୁ ଆଉଜି ପଡ଼ି କହିଲା :

—ସୁରେଶ·········

—ଉଁ

—କ'ଣ ଦେଖୁଛ ?

—ଦେଖୁଛି ଆକାଶର ଚନ୍ଦ୍ର, ପୃଥିବୀରେ ବିକୀରିତ ହୋଇ ପଡ଼ୁଛି, ଶୀତଳ ଜ୍ୟୋତ୍ସ୍ନା । ଆଉ···

ସୁରେଶ କିଛି କହି ପାରିଲା ନାହିଁ । ସେ ଆକାଶକୁ ଚାହିଁ ଭାବୁଥାଏ ରତ୍ନମା କାହିଁକି ତାକୁ ଏପରି ପ୍ରଶ୍ନ କରୁଛି ? ସେ ମୋ'ଠାରୁ କ'ଣ ଚାହେଁ ? କାହିଁକି ଆଜି ମୋତେ ସେ ଏପରି ପଥକୁ ଟାଣି ଆଣିଛି । କଥା କଥାକେ ଦେହରେ ଉନ୍ମାଦନା ସୃଷ୍ଟି କରୁଛି । ସଂଯମ ସେତୁକୁ ଟଳାଇ ଦେଉଛି ଅଙ୍କ- ନତ ହୋଇ ମୋହର କୋଳକୁ ଆଉଜି ପଡ଼ୁଛି । ମନରେ ଉନ୍ମାଦନା ଜାଗରଣ କରିବାପାଇଁ ଗୁପ୍ତ ମନ୍ତ୍ରକୁ ଲୁଚା ଦମାଇ ଦେଉଛି । ତେବେ ସେ କ'ଣ ଚାହେଁ ? ସ୍ୱାମୀ କରିବାପାଇଁ ? କ୍ଷତି କ'ଣ ? ରତ୍ନମା, ସୁନ୍ଦରୀ, ଶିକ୍ଷିତା ତରୁଣୀ । ଏପରି ତରୁଣୀଙ୍କୁ ସ୍ତ୍ରୀପରି ପାଇବାପାଇଁ ପୁରୁଷମାନେ ପାଗଳ ହୁଅନ୍ତି । ତେବେ ମୁଁ·········? ମୁଁ କି କରିବି ।

ରତ୍ନମା ଯଦି ମୋତେ ସ୍ୱାମୀ କରିବାପାଇଁ ଚାହେଁ, ମୁଁ ତାକୁ ସ୍ତ୍ରୀ ବୋଲି ସ୍ୱୀକାର କଲେ କ୍ଷତି କଣ ? ଯେଉଁ ଯୁବତୀକୁ ସ୍ତ୍ରୀ କରିବା ସୌଭାଗ୍ୟ ବ୍ୟତୀତ କିଛି ନୁହେଁ । ତା'ର ଉଛୁଳିଆ ରୂପ ଯୌବନ ମୋତେ ପାଗଳ କରିଛି । ବେଶରେ ମନକୁ ପାଗଳ କରିଛି । ଯୌବନଭରି ମାଦକ ଆଉ ମନ ମତାଣିଆ ପରଶ, ଫିକାଳିଆ ମନରେ ଭରି ଦେଉଛି ଅଶେଷ ପରିକଳ୍ପନା । ରତ୍ନମାକୁ ନେଇ ସୁଖି କରି ପାରିଲେ ହେଲା । ତେବେ ସ୍ତ୍ରୀ କରିବା ଅନେକ ଦୂରର

କଥା । କ୍ଷଣକ ସୁଖପାଇଁ ମୁଁ କାହିଁକି ନଷ୍ଟ ହେବି । ମସ୍ତକରେ କଳଙ୍କ ଦେବି । ନା, ନା, ମୁଁ ସାମାନ୍ୟ ସୁଖପାଇଁ ପଙ୍କରେ ପାଦ ଦେବିନି ।

ରତ୍ନମା ଜାଲୁଆ ଝରକାରେ ଚାହିଁଛି ସୁରେଶକୁ । ଝୁରୁଛି ତା'ହୃଦ । ଉଲ୍‌ସି ଉଠୁଛି ମନ । ନଦୀର ତଟରେ ବାଜୁଛି ମଧୁର ବଂଶୀ । ଆଖିରେ ନାଚୁଛି ଅଳସ । ବିରହ ବଧୂର ପ୍ରାଣରେ ଭରୁଛି ଭୋଗର ଆଶା । ହାଣ୍ଡିଆ ଏକୁଟିଆ, କେହି ନାହାଁନ୍ତି । ଗୋଟିଏ ବିରହ ବଧୂର ତରୁଣୀ, ପାଖରେ ପାଉଛି ସପନ ସାଥିକୁ । ସେତେବେଳେ ସେ କ'ଣ କରିବ ? ଅସୀମ ବନ୍ଧନ ମଧ୍ୟରେ ନିଜକୁ ସମର୍ପି ଦେଇ ଅପାର ଆନନ୍ଦ ପାଏ । କାହିଁକି ? ଏଥିରେ ପୁଣି କେତେ ଆନନ୍ଦ ? ବସନ୍ତର ଶୀତଳ ସମୀରଣ । ମୁକୁଳା ଆକାଶ ତଳ । ଶୀତଳ ଜ୍ୟୋତ୍ସ୍ନା, ଅସମ୍ବରଣୀୟ ହୋଇ ଉଠିଲା ରତ୍ନମା, ଆଗ ପଛକୁ ଦେଖିଲା । ଝୁଙ୍କି ପଡ଼ିଲା ସୁରେଶ ଉପରକୁ ।

ସୁରେଶ, ଶିହରି ଉଠିଲା । ଉନ୍ମତ୍ତ ବକ୍ଷୋଜଦ୍ୱୟ ସ୍ପର୍ଶ କଲା ମୁଖରେ । ଦେଖିଲା ରତ୍ନମାର ଅର୍ଦ୍ଧନଗ୍ନ ଆଭରଣ । ତରୁଣ ସେ । ନିଃଶ୍ୱାସ ହେଲା ଖରତର । ଭୁଲିଗଲା, ଅଭୁଲା କଥାକୁ । ମୋଡ଼ିଲା ମୁହଁରେ ଫୁଟିଲା ହସର ଝଲକ । ଭିଡ଼ିନେଲା ଦୁଇ ବାହୁରେ । ଆଙ୍କିଦେଲା ଅସଂଖ୍ୟ ଚୁମ୍ବନ ରତ୍ନମାର ଗଣ୍ଡ ଦେଶରେ । ନିରୁପାୟ ରତ୍ନମା । ଲତାଟି ପରି ପଡ଼ି ରହିଲା । ଶିରା, ପ୍ରଶିରାରେ ଛୁଟିଲା ବିଦ୍ୟୁତର ଝଡ଼ । ଅସହାୟ ହୋଇ କହି ପକାଇଲା :

—ସୁରେଶଭାଇ ତୁମେ ଭାରି ସୁନ୍ଦର ।

ଏତିକି କହି ରତ୍ନମା ସୁରେଶ ଅଧର ନିକଟରେ ଗୁଞ୍ଜି ଦେଲା ଅଧରକୁ । ସ୍ୱପ୍ନରେ ଉନ୍ମାଦନା ମାଡ଼ିଆସିଲା ଆତ୍ମାର ବାଡ଼ି ମାଡ଼ିଥିଲା । ସେ ଦୁଇ ହାତରେ ରତ୍ନମାର ବାହୁ ଦ୍ୱୟକୁ ଭିଡ଼ିନେଲା । ଏଥର ଦୁହେଁ ସ୍ଥିର ହୋଇ ପାରିଲେନି । ଜାଣି ଜାଣି ଲୋଟି ପଡ଼ିଲେ ବାଲିରେ ।

ରତ୍ନମା କିଛି ପ୍ରତିବାଦ କଲାନାହିଁ । ଅର୍ଦ୍ଧନଗ୍ନ ଅବସ୍ଥାରେ ପଡ଼ି ରହିଲା ଭୂମି ଉପରେ । ତୁଣ୍ଡରେ ନାହିଁ ଭାଷା । କେବଳ ଦୁଇଜଣଙ୍କର ଉଷ୍ମ ନିଃଶ୍ୱାସ ଖରସ୍ରୋତରେ ଛୁଟିଆଏ । ତା'ପରେ··ସବୁ ଶେଷ·····। ସବୁ ନୀରବ ।

× × × ×

ଦିନ ପରେ ରାତି ଆସେ । ଅନ୍ଧକାର ମଧ୍ୟରେ ଆତ୍ମଗୋପନ କରେ ଆଲୋକ । ସେହିପରି ସୁଖ ପରେ ଦୁଃଖର ରାଜତ୍ୱ । ଦୁନିଆରେ ଚିରନ୍ତନ ନୀତି । ସୁଖ ଆଉ ଦୁଃଖ ମନୁଷ୍ୟର ଚିର ସାଥୀ । ଏହି ଦୁହିଁଙ୍କୁ ଛାଡ଼ିଦେଲେ ମନୁଷ୍ୟ ଜୀବନ ମଧୁମୟ ହୁଏନାହିଁ । ଦୁଃଖରେ ଅନୁପ୍ରାଣିତ ନ ହେଲେ ସୁଖର ମହତ୍ତ୍ୱ ବୁଝି ହୁଏନା ।

ସୁରେଶର ସୁଖ ଦିନଗୁଡ଼ିକ ଦୂରେଇ ଯାଇଛି । ଚାକିରି କରୁଛି ବିଦେଶରେ । ସରକାରଙ୍କର ନାମ୍ବୁରୁ ଆଇନ । ଦଶଟାରୁ ଚାରିଟା ଗୋରୁ ଗାଈପରି ଚରାଇବ ପିଲାଙ୍କୁ । ବାପ, ମାଆପରି ବୁଝାଇବ । ନାମ୍ବୁରୁ ସାଜା ଦଣ୍ଡ ଦେବ । କାହିଁକି ? କର୍ତ୍ତବ୍ୟର ତାଡ଼ନା ।

କଣ କରିବ ସେ ? ତାର ପଇସା ଦରକାର । ଦିନ ରାତି ଅବିଶ୍ରାନ୍ତ ପରିଶ୍ରମ ନ କଲେ ପଇସା ଆସିବ କେଉଁଠୁ ? ପଇସା, ଖାଲି ପଇସା । ପଇସା ପାଇଁ ମନୁଷ୍ୟ କଣ ନ କରୁଛି ? କେତେ ମିଛ ସତର ଆଶ୍ରୟ ନେଉଛି । ନହେଲେ କଣ ପେଟ ପୂରିବ ? ଏହି ପେଟପାଇଁ ମନୁଷ୍ୟ ସୁଖ, ଶାନ୍ତିକୁ ଜଳାଞ୍ଜଳି ଦିଏ । ସବୁବେଳେ ଖାଲି କାମ, ଖାଲି କାମ ।

ଏ ସବୁ ବିଷୟ ଚିନ୍ତାକରି ସୁରେଶ ବେଳେବେଳେ ସରିଯାଏ । ତାର ଯଦି ଅବସ୍ଥା ଭଲ ଥାଆନ୍ତା, ତାହେଲେ କଣ ଆଜି ବିଦେଶରେ ପଡ଼ି ରହିଥାଆନ୍ତା । ଚାକିରି ଜୀବନ, ଟିକିଏ ଫୁରୁସତ୍ ନାହିଁ । ହତାଶ ହୋଇଉଠେ ସୁରେଶ । ହାହାକାର କରେ ହୃଦୟ । ଇଚ୍ଛାହୁଏ ଚାକିରିକୁ ଛାଡ଼ି ଦେବାକୁ । କିନ୍ତୁ ସେ ମଣିଷ ହେବ କିପରି ? ଦୁନିଆରେ ବଞ୍ଚି ରହିବାକୁ ହେଲେ, କିଛି ନା କିଛି କରିବାକୁ ହେବ । ତେବେ ସେ ତ ଚାକିରି କରୁଛି, ଏଥିରେ କଣ ଆନନ୍ଦ ନାହିଁ ? ସେ ପରକୁ ଅପଣା, ପରସ୍ପର ଭାତୃଭାବର ଅନାବିଳ ପ୍ରେମ । ନୂତନ ଆକର୍ଷଣ । ବନ୍ଧୁ ମିଳନ । ମଜା । ଗପ । ଏହାରି ମଧ୍ୟରେ ଶେଷହୁଏ ଖାଇବା । ଅନେକ ହୁଏ ରାତି । ଆଖିକୁ ମାଡ଼େ ନିଦ । ଶୋଇଯାଏ ସୁରେଶ ।

ରାତି ଶେଷହୁଏ । ବହଳ ନିଦ ପତଳା ହୁଏ । ଧଡ଼ପଡ଼ ହୋଇ ଉଠେ ସୁରେଶ । ଦଶଟା ବାଜିଲେ ସ୍କୁଲ । ମୁହୂର୍ତ୍ତେ ସମୟ ନାହିଁ । ତରବର ହୋଇ ଗାଧୋଇ ଯାଏ । କ୍ୱାର୍ଟରରେ ତାଲା ଦେଲେ । ଘଣ୍ଟା ବାଜେ । ପ୍ରାର୍ଥନା ପରେ

ସ୍କୁଲ । ବକବକ ହୋଇ ଘଣ୍ଟାକୁ ଚାହିଁରହେ । କାମ ତୁଟେ । ପୁଣି ଘଣ୍ଟା ବାଜିଉଠେ ।

ସ୍କୁଲ ଛୁଟି ହୁଏ । ସୁରେଶ ଫେରେ ବାସଗୃହକୁ । ଚାହିଁ ରହେ ବନ୍ଧୁମାନଙ୍କୁ । ବନ୍ଧୁ ମିଳନରେ ପୁଣି ଉଠେ ନବାନନ୍ଦ । ଚାଲେ ମଜ୍ଜା ଗପ । ଲୁଚିଯାଏ ବିରସ । ମଉଳା ମୁହଁରେ ଫୁଟେ ହସର ଝଲକ । ହାହାକାରରୁ ରକ୍ଷା ପାଇଯାଏ । ରାତି ଅନେକ ହୁଏ । ବିଶ୍ରାମ । ନହେଲେ ଚଳିବ କିପରି ? ସେ ଯାଏ ଶୋଇବାକୁ । କିନ୍ତୁ ଶୋଇ ପାରେ କି ? ପାରେନା । ବିତୃଷ୍ଣା ହେ । ନିସ୍ତବ୍ଧ ରାତିରେ ହାହାକାର କରିଉଠେ ହୃଦୟ । ଆଖି ଆଗରେ ନାଚିଯାଏ ଜୀବନ ମାଦକତା । ଏକୁଟିଆ ଶୋଇ ପାରେନି । ଅଳସ ନିଦ ଆସେ ଆଖିରେ । ଭାସିଯାଏ ସପନ । ତା ମଧ୍ୟରେ ପୁଣି ଏତେ ଆନନ୍ଦ । ନିଛିମାଏ ନିଦ । ଆଖିମେଲି ଦେଖେ ସୁରେଶ । କାହିଁ କିଛି ନାହିଁ ତ ? ଅସ୍ଥିରତା ଅସେ ମନରେ । ପୁଣି ଅସେ ଶୁକଶାକୁ । ଏହିପରି ଦୁଃଖ ସୁଖ ମଧ୍ୟରେ ସୁରେଶର ଦିନ ଗଡ଼ିଯାଏ କଟେ ଚମ୍ପୁଆରେ ।

ସେଦିନ ରବିବାର । ସ୍କୁଲରେ ଦିନେ ଛୁଟି । କିନ୍ତୁ ଏହି ଦିନଟି ସୁରେଶ ପକ୍ଷରେ ହୁଏ ଦୁଃଖଦାୟକ । ଦିନ ସାରା ବସିରହେ କୁଟୀରରେ । କାମ ନାହିଁ । ଭାବନା ରାଜ୍ୟରେ ଭାସିବୁଲେ । ମନରେ ଦୁଃଖ ଆସେ । ପୁରୁଣା କଥା ମନେପଡ଼େ । ମାଆ, ବାପା, ଜ୍ୟେଷ୍ଠ ଭାଇ ଭଉଣୀ ତାଠାରୁ କେତେ ଦୂରରେ । ସବୁଠାରୁ ବେଶୀ ଦୁଃଖହୁଏ ରତ୍ନମା ପାଇଁ । ପ୍ରିୟତମା ରତ୍ନମା । ଷୋଡ଼ଶୀ, ନବୀନ । ପହିଲି ଯୌବନର ମହୁଲି ନିଶା ପାଇଛି ସେ । କେତେ ଭଲ ପାଇଛି ତାକୁ । ସ୍ନେହ ଆଦର ଦେଇଛି । ନାରୀତ୍ୱର ଅର୍ଘ୍ୟ କରିଛି । କି ସୁନ୍ଦର ତାର ବ୍ୟବହାର । କି ମଧୁର ତାର ଭାଷା । ମନରେ ନୂଆ ଆଶା, ନୂଆ ପ୍ରେରଣା । ନୂଆ ଉତ୍ସାହର ମୋହନମନ୍ତ୍ର ।

ନାରୀ ଜାତି ସେ । ମୋ ପାଇଁ ବିରହରେ ହେବ ଚିନ୍ତନ । ବିରହ କାତର ପ୍ରାଣରେ ଦେଇଁ ଉଠୁଥିବ ମହାମିଳନର ନିବିଡ଼ ଆକର୍ଷଣ । ହସିଲେ ମୁକ୍ତି ମଉଳି ପଡ଼ିଥିବ । ଭାରି ଅଭିମାନୀ ସେ । ଟିକିଏ କଥାରେ ଅଭିମାନ କରେ । କିନ୍ତୁ ବେଶୀଦିନ ରହି ପାରେନା । ମୋ ନିକଟରୁ ପଦେ କଥା ଶୁଣିବା ପାଇଁ

ବ୍ୟାକୁଳ ହୁଏ । ଅନ୍ତର ପାଗଳ ହୁଏ । ପ୍ରଣୟ କୁସୁମ ଦେଇ ଅନୁରୋଧ କରେ । ନିଜର ଭୁଲ ତ୍ରୁଟି କ୍ଷମା ମାଗେ । ପଦେ କଥା ଶୁଣିଲେ ଫିକ୍ କରି ହସିଦିଏ । ଆହା କି ସୁନ୍ଦର ।

ତାର ଫିକାଳିଆ ହସ ଦେଖି ମୁଁ ଝୁରୁଝୁରି ଉଠେ । ସଂଯମ ସେତୁ ଟଳି ପଡ଼େ । ଉଚ୍ଛୁଳା ପ୍ରେମର ଉଜାଣି ସ୍ରୋତରେ ଭାସିଯାଏ ହାଲୁକା ମନଟା । ଶିହରଣରେ ମରିଯାଏ । ଉନ୍ମାଦନାରେ ଫୁଲି ଉଠେ । ଅଜଣା କୋଣରେ ଚେଇଁ ଉଠେ ଗୋଟିଏ ଅଭାବ । ମୁଁ ଥୟ ଧରି ପାରେନା ଅଧରରେ ହସ ଫୁଟାଇ କହେ, ପ୍ରେମା ତୁମେ ଭାରି ଛଳନାମୟୀ । ଆଉ ସେ ଢାଲୁଆ ବୁହାଣୀରେ ଚାହିଁ ଦେଇ ଅଭିମାନିଆ କଣ୍ଠରେ କହେ, ସୁରଭିତ ମୁଁ ତୁମ ନିକଟରେ ଛଳନା ନକରି କାହା ନିକଟରେ କରିବି । ତୁମେ ପରା ମୋର ଆରାଧ୍ୟ ଦେବତା । ରୂପର ପଣସ୍ତ ଅନ୍ତର ମାଣିକ । ସପନର ସାଥୀ । ଜୀବନର ଭବିଷ୍ୟତ । ପ୍ରୀତିର ପୂଜାରକ । ନୈବେଦ୍ୟର ଦେବତା । ତୁମକୁ ନେଇ ମୁଁ ଶୋଭା ପାଇବି ବଞ୍ଚି ରହିବି । ତୁମରି ବିହନେ କି ଫୁଲ ରାଣୀ ବଞ୍ଚିପାରେ ? ତୁମର ସେବା ମୋର ଧର୍ମ କର୍ମ । ଆହୁରି କେତେ କଥା......... ।

—ଅନୁଷ୍ଟା ମଧ୍ୟ କହେ—

ପତି ପରମନ୍ତ ଗୁରୁ ଅଟନ୍ତି,
ପତି ବିନା ମୁକ୍ତି ହୁଏ ନାନ୍ତି ।
ପତି ପାଦ ସେବା ନାରୀର ଧର୍ମ,
ପତି ଶାନ୍ତି ଦେବା ନାରୀର କର୍ମ" ।

କିନ୍ତୁ ଆଜି ହାସ୍ୟ, ଅଟ୍ଟହାସ୍ୟ ହୋଇ ଉଠିଥିବ । ନନ୍ଦୁଲି ମନ କାନ୍ଦୁଥିବ । ଦୁଃଖରେ ଛାତି ବିଦୀର୍ଣ୍ଣ ହେଉଥିବ । ଆସିଲା ବେଳେ କେତେ ପ୍ରଣୟ କୁସୁମ ଦେଇ କହିଥିଲି ପତ୍ର ଦେବାକୁ । କିନ୍ତୁ ମୁଁ ଦେଇନାହିଁ । ବିଚାରୀ ଝୁରି ଝୁରି ଝରା ଫୁଲ ହେବ । ସଜଳ ଆଖିରେ ଆସୁଥିବ ଲୁହ । ଉଦାସୀନ ହୋଇ ଭାବୁଥିବ ମୋହରି କଥା । ଖାଇବାକୁ ଇଚ୍ଛା କରୁନଥିବ । ଦିନେ ନ ଦେଖିଲେ ପାଗଳୀ ହୁଏ । ପାଞ୍ଚ ଦିନ ବିଚ୍ଛେଦ । ବିଧୁରା ହୃଦୟ ହେଉଥିବ ହାହାକାର । କେତେ ଆଶାର କଳିକା ଉଙ୍କି ମାରୁଥିବ, ଅନ୍ତର ପୁରରେ । ମଳିନ ହୋଇଥିବ ଶଶୀମୁଖୀ ମୁହଁଟି ।

କଞ୍ଚା ସୁନା ପରି ତନୁରୁଚିଟି ଶୁଖି କଳାକାଠ ହେବନି । ଅଲରା କେଶ ଗୁଡ଼ିକ ଅଜାଡ଼ିହୋଇଥିବ । କାହାପାଇଁ ବା ସଜହେବ ?

ମୁଁ କଣ କରିବି ? ପର ଝିଅ ସେ । କିପରି ବା ଛାଡ଼ିଦେବ । ସମାଜ ଆଖିରେ ପଡ଼ିଲେ କଳଙ୍କିନୀ ବୋଲି ଆଖ୍ୟା ଦେବ । ତାଳି ମାରି ହସିବେ । ସଜ ମାଂଡପରେ ପଡ଼ିବ ପୋକ । ବାସୀ ହେବ ସଜଫୁଟା ଫୁଲ । ସେ ମୋତେ ଭଲ ପାଇଛି । ଏପରିକି ଦେଇଛି ନାରୀର ନାରୀତ୍ୱ ଟିକକ । ଆଉ ପତି ବୋଲି ବରଣ କରିଛି ମନ ମଧ୍ୟରେ । ମୁଁ ବା କିପରି ତାର ସର୍ବନାଶ କରି ବସିବି ? ଘୃଣା ଆସିଲା ସୁରେଶ ମନରେ ଛି, ସେ କଣ କଲା ଆଜି ? ସାମାନ୍ୟ ସୁଖ ପାଇଁ କେତେ ଭୁଲ କରିଛି ? ଭୋଗିବ ପାପର ଫଳ । ଗୁପ୍ତ ପ୍ରଣୟର ନିଷ୍ଠୁର ନିର୍ଯ୍ୟାତନା । ଆଉ ବିରହ ବେଦନା । ବାସ୍ତବିକ୍ ଗୁପ୍ତ ପ୍ରଣୟଟା ଯେତିକି ଶାନ୍ତି ଦାୟକ, ସେତିକି ଦୁଃଖ ଦାୟକ ।

ସୁରେଶ ଭାବନାରେ ବେଦମ ହେଲା । ମୁଣ୍ଡଟା ଓଜନ ହେଲା । ଆଖିରେ ଲୁହ ଆସିଲା । ସରଳିନ ଭାବନା କଣ ହୋଇଗଲା ଛୁଟନ୍ତା । କିଏ ଯେପରି ମୁନିଆ ଶାବଳଟାଏ ଭୁଷି ଦେଲା । ସୁରେଶ ଆଉ ବସି ପାରିଲା ନାହିଁ । ହାହାକାରରେ ଆର୍ତ୍ତଚିତ୍କାର କଲା ହୃଦୟଟା । ସୁରେଶ ବିଷାଦ ମନରେ ଅବସାଦ ଆଣିବା ପାଇ ବଜାର ଆଡ଼େ ପାଦ ବଢ଼ାଇଲା ବନ୍ଧୁ ମେଳରେ ପୂର୍ଣ୍ଣତୋୟା ବୈତରଣୀ ଆଡ଼େ ଆଗେଇଲେ ।

ସନ୍ଧ୍ୟା ନଇଁଲା । ଭ୍ରମଣ ଶେଷ ହେଲା ବସା ଗୃହକୁ ଫେରିଲେ । ଖାଇବା ପରେ ସୁରେଶ ଶୋଇବା ପାଇଁ ଖଟକୁ ଗଲା । ଶୋଇ ପାରିଲାନି । ଅସରନ୍ତି ଭାବନା ମଧ୍ୟରେ ଅମାନିଆ ମନଟା ଭାସି ବୁଲିଲା "ଅଭୁଲା ଅତୀତକୁ" ମନେ ପକାଇ ।

ମୁଁ ରଡିମାକୁ ଭଲ ପାଇଛି । ଏଥିରେ ମୋର ଅପରାଧ କଣ ? କିନ୍ତୁ ତା ପାଇଁ ପ୍ରାଣଟା କାହିଁକି ହାହାକାର ହେଉଛି ? ମନଟା ହାଲୁକା ହେଉଛି । କେତେ ଅଜଣା ଆଶା ଉଙ୍କି ମାରୁଛି ଅଜଣା କୋଣରେ । ତା କଥା ଭାବିଲେ ମୋହିଲା ମୁହଁ ହସ ଫୁଟୁଛି ? ଶାନ୍ତି ଲାଗୁଛି । ମୁଁ ଜୀବନରେ ଅନେକ ଝିଅ ଦେଖିଛି । ଅନେକଙ୍କ ସଂସର୍ଗରେ ଆସିଛି । କିନ୍ତୁ କେହିତ ମୋ ମନ ତଳେ ବସା

ବାନ୍ଧି ନାହାଁନ୍ତି । କେଜାଣି ମୋତେ ଏତେ ସୁନ୍ଦରୀ ଦେଖାଯାନ୍ତି ନାହିଁ । କିନ୍ତୁ ରତ୍ନମା କଥା କାହିଁକି ସବୁବେଳେ ମନେ ପଡ଼େ ? ତାପାଇଁ କାହିଁକି ହୃଦୟଟା କାନ୍ଦଉଠେ ? ମନଟା କାହିଁକି ଧାଇଁ ଯାଏ ତାହାର ନିକଟକୁ ? ଇଚ୍ଛା ହୁଏ ତାହାର ମଧୁଚ୍ଛନ୍ଦା ଛନ୍ଦି ହେବାକୁ କାହିଁକି ? ସେ ମୋତେ କ'ଣ ଭାବେ, ସେ ମୋଠାରୁ କଣ ଆଶା କରେ ? ସେତେବେଳେ ତା ମନର ମଧ୍ୟରେ ଯେପରି କିଏ ଜଣେ କହିଦିଏ, ସେ ପରା ତୋହର ପାଇଁ ସାଜିଛି ପ୍ରେମ ପାଗଳୀ । ନାରୀର ସମ୍ଭାର ଦେଇ ବାନ୍ଧି ରଖିଛି ଯୁଗ ଯୁଗକୁ ! ଗୁପ୍ତରେ ପ୍ରଣୟ କରିଛି । ପତି ବୋଲି ମନ ମଧ୍ୟରେ ବରଣ କରିଛି ।

କିନ୍ତୁ ପର ମୁହୂର୍ତ୍ତରେ ପୁନରେଣ ଭାବିଲା, ରତ୍ନମା ଆଉ ମୋ ମଧ୍ୟରେ ଆକାଶ ପାତାଳ ପ୍ରଭେଦ । ମୁଁ ଗରିବ, ନିସ୍ୱ । ତାଙ୍କପରି ଧନୀ, ଉଚ୍ଚାଭିଳାଷୀ ନୁହେଁ । ମୋର ବାପା ଜଣେ ନିରିହ କୃଷକ । କିନ୍ତୁ ରତ୍ନମା ସୁନ୍ଦରୀ, ଶିକ୍ଷିତା ଉଚ୍ଚବଂଶୀ । ତା ବାପା ଜଣେ ବଡ଼ ବ୍ୟବସାୟୀ । ଅନେକ ସ୍ଥାନରେ ତାଙ୍କର ବ୍ୟବସାୟ ଅଛି । ସେ ଇଚ୍ଛାକଲେ ରତ୍ନମାକୁ ଖୁବ୍ ଭଲ ଯାଗାରେ ବିବାହଦେଇ ପାରିବେ । ମୁଁ ବା ସାମାନ୍ୟ ହୋଇ ଏତେବଡ଼ ଆଶା କରୁଛି କାହିଁକି ? ଏକଥା ତାର ବାପା ଜାଣିଲେ, ବାପାଙ୍କର ତା ବାପାଠାରୁ ଯେଉଁ ସାହାଯ୍ୟ ସହାନୁଭୂତି ମିଳୁଛି, ସବୁ ଦୂର ହେବ । ବାପାଙ୍କ ମୁହଁରେ କାଳି ଲାଗିବ । ସେ ମୁଣ୍ଡ ଟେକି ପାରିବେନି । ମୁଁ ବା କାହିଁକି ଜାଣି ଶୁଣି, ପଙ୍କରେ ପାଦ ଦେଲି ? ଶେଷରେ ମୋତେ........ ?

ସେହି ସମୟରେ ତାର ହୃଦୟ ମଧ୍ୟରେ କିଏ ଜଣେ କହେ, ତୁ ଏପରି ନିରାଶ ହେଲେ ଚଳିବନି ? ଏପରି ନିରାଶ ହେଉଛୁ କାହିଁକି ? ଭଲ ପାଇବାର ମହା ମିଳନ ନିକଟରେ ଉଚ୍ଚ, ନୀଚ, ଧନୀ ଦରିଦ୍ରର ଭେଦଭାବ, ଅତି ତୁଚ୍ଛ । ତୁ ଗରିବ ହେଲେ ସୁଧା ଯୁବକ, ଶିକ୍ଷିତ, ସୁନ୍ଦର, ତୋର ଆଶା ଅଛି । ଅଭିଳାଷ ଅଛି । ତୁହିଁ ରତ୍ନମାର ଉପଯୁକ୍ତ । ସେ ତୋତେ ଭଲ ପାଉଛି । ତୁ ତାର ମନ ମନ୍ଦିରର ଆରାଧ୍ୟ ଦେବତା । କିପରି ଭୁଲିଯିବୁ ତାକୁ ? କେତେ ଆଶା ନେଇ ଚାହିଁ ବସିଛି ତୋତେ । ହାତଗଢ଼ା ସୁନା ସଂସାରଟିକୁ ଧୂଳି ସହିତ ମିଶାଇ ଦେଇଦେବୁ ? ଏଥିରେ ତୋର ମଙ୍ଗଳ ହେବ ?

ପରକ୍ଷଣରେ ସୁରେଶ ମନ ମଧ୍ୟରେ ସ୍ଥିର କଲା, ନା, ବାପା ମୁହଁରେ ଚୋଳି ହେଉ କାଳୀ। ମାଆଙ୍କ ଆଖିରେ ଲୁହ ଆସୁ। ସୂର୍ଯ୍ୟ ପୂର୍ବଛାଡ଼ି ପଶ୍ଚିମେ ରହନ୍ତୁ। ଅସମ୍ଭବ ସମ୍ଭବ ହେଉ। ତଥାପି ମୋତେ ଯେ ଭଲ ପାଇଛି। ଆଦର କରିଛି, ତାକୁ ମୁଁ ଅନାଦର କରିବ ନାହିଁ। ସାତ ସମୁଦ୍ର ତେର ନଈ ଡେଇଁ ପଳାଇବ ତାର ନିକଟକୁ। ଶୁଖିଲା ଅଧରରେ ଢାଳିବ ଚୁମ୍ବନ। ବକ୍ଷରେ ଗୁଞ୍ଜି ଦେବା ମୁହଁକୁ କେଶକୁ ସାଉଁଳେଇ ଦେଇ କହିବ, ରତିମା, ତୁମ୍ଭେ ମୋର, ଆଉ ମୁଁ ତୁମ୍ଭର।

ପରକ୍ଷଣରେ ସୁରେଶ ଅସ୍ଥିର ହୋଇ ଭାବିଲା, ରତିମା ଯଦି ତା ନିକଟରେ ଛଳନା କରେ। କଳଙ୍କିନୀ ସାଜେ। ତାହେଲେ·····।

ହୃଦୟରୁ ଜାଗରଣ ହୁଏ ସୁରଭାଇ ମୋତେ ଭୁଲ ବୁଝ ନାହିଁ। ମୋର ଜନ୍ମ କେବଳ ତୁମରି ପାଇଁ। ମୋର ଅନ୍ତରରେ ତୁମ୍ଭରି ପ୍ରତିଛବି ଲୁକାୟିତ। ନିଶ୍ୱାସ, ପ୍ରଶ୍ୱାସ, ତୁମରି ନାମ ଧରି ଯାଆସକରେ। ତୁମରି ପାଇଁ ନିଃସଙ୍ଗ ରାତିରେ ଏକାକିନୀ ଝୁରେ। ମୋ ଆଖିରେ ଧୂଳି ଦେବାକୁ ଚାହେଁ ନା। ତୁମ୍ଭେ ମୋତେ ଅସହାୟ କଲେ, ମୁଁ ଆତ୍ମହତ୍ୟା କରିବ। ତୁମ ବିନା ଦୁନିଆର ସବୁ ଅନ୍ଧକାର ସବୁ ତୁଚ୍ଛ। ତୁମେହିଁ ମୋ ପ୍ରେମ ମନ୍ଦିରର ପୂଜାରୀ। ତୁମେ ଅବୁଝା ହୁଅ ନାହିଁ। ମୋତେ ପାଖକୁ ନିଅ। ତୁମ ବିରହରେ ମୁଁ ଝୁରି ଝୁରି ସରିଲିଣି।

ଦେହଟା ଥରି ଉଠିଲା ସୁରେଶର। ମରମ ଚହଲାଇ ବାହାରିଗଲା ହାଇଟା। ଆଶା, ଆଉ ନିରାଶା ମଧ୍ୟରେ ଆଖି ବୁଜିଲା ସୁରେଶ। ଘାରି ଆସିଲା ନିଦ କେଜାଣେ ନାହିଁ। ରାତି ପାହିବାକୁ ଘଣ୍ଟାଏ କି ଦି ଘଣ୍ଟା ଅଛି। ସୁରେଶ ସ୍ୱପ୍ନ ଦେଖିଲା ରତିମା ହସି ହସି ଆସି ତାକୁ କହୁଛି।

—ହେ·············।

··············

ହେ ତୁଣ୍ଡୁଛ·············?

··············

କଣ ଛୁଉ୍ନ ନାହିଁ। କୋମଳ ହାତରେ ହଲାଇ ଦେଲା ସୁରେଶର ସ୍ଥିର ଶରୀରଟାକୁ।

ଉଁ...କଣ କହୁଛ ? କହି ଲେଉଟାଇ ସୁରେଶ ରତ୍ନମାର ସ୍ଥିର ଶରୀରଟାକୁ ।

ରତ୍ନମା ସୁରେଶର ମୁଣ୍ଡ ପାଖରେ ବସିପଡ଼ି କହିଲା । କଣ ଖାଲି ଶୋଇ ଶୋଇ ରାତିଟା ବିତାଇ ଦେବ ? ଆଜି ପରା ବାସରରାତି ? ତୁମ୍ଭେ ଏପରି ଶୋଇ ରହିଲେ ହେବ ? ... ଉଠିଲ । ଏତିକି କହି ରତ୍ନମା ସୁରେଶର ସର୍ବାଙ୍ଗରେ କର ଚାଳନା କଲା ।

ଚମକି ପଡ଼ିଲା ସୁରେଶ । ଏ କଣ ? ସ୍ନାୟୁରେ ଛୁଟିଲା ଶିହରଣ ଢେଉ । ଉଠି ପଡ଼ିଲା ସୁରେଶ । କିଏ, ରତ୍ନମା ! ଅଧରରେ ହସ ଫୁଟି ମିଳାଇଗଲା । ଜହ୍ନୁଆ ଜହ୍ନିଣିରେ ଚାହିଁ ରହିଲା ସୁରେଶ, ରତ୍ନମାର ଉଛୁଳିଆ ତନୁଶ୍ରୀକୁ । ଅଙ୍ଗରେ ନାଚୁଛି ଉନ୍ମତ୍ତ ଯୌବନ ଫୁଟିଛି । ଯେଉଁଠି ମାତ୍ର ହୃଦୟର ଚରମ ବିକାଶ ହୁଏ, ଅନୁଭବ ହୁଏ । ସେ ଦୃଶ୍ୟ ଏତେ ସୁନ୍ଦର ! ସୁରେଶ ଥୟ ହୋଇ ପାରିଲା ନାହିଁ । ଦୁଇ ବାହୁର ଅଜ୍ଞାତ ବନ୍ଧନରେ ଭିଡ଼ି ନେଲା ରତ୍ନମାକୁ । ରତ୍ନମା ଟାଉଳି ପଡ଼ିଲା ସୁରେଶ କୋଳରେ । ସୁରେଶ ନାଲି ଟୁକୁଟୁକୁ ଥାଳୁଆ ମୁହଁରେ ଛୁଇଁ ଦେଲା ଚୁମ୍ବନ । ରତ୍ନମା ଆଉ ସ୍ଥିର ହୋଇ ରହିପାରିଲା ନାହିଁ, ଦେହଟା ମୋଡ଼େଇ ତୋଳି ଟିକିଏ ପକାଇଲେ । ମଦମ ତେଜ ହେଲା ଗରମ । ନହୁଲି ମନରେ ଜାଗିଲା ମଦୁଲ ନିଶା । ଛାତିରେ ଲୁଗାଟା ଖସିଗଲା ତଳକୁ । ସୁରେଶ ସୁବିଧା ନେଇ ବ୍ଲାଉଜର ବଟନଗୁଡ଼ାକୁ ଖୋଲିଦେଲା । ଅଥୟ ହୋଇ ରତ୍ନମା ସୁରେଶକୁ କୋଳରେ ଭିଡ଼ିନେଲା । ଦୁହେଁ ଢଳି ପଡ଼ିଲେ ଖଟ ଉପରେ । ତାପରେ........

ବହୁଳ ନିଦଟା ଛାଡ଼ିଗଲା । ଉଠିବସିଲା ସୁରେଶ । କାହିଁ ? ଗୃହ ମଧ୍ୟରେ ଅନ୍ଧକାରର ରାଜତ୍ୱ । କେହି ତ ନାହାନ୍ତି । ସ୍ୱିଚ୍‌କୁ ଦବାଇ ମର୍କରୀ ବତୀ ଜଳାଇଲା । ଖାଲି ବୃଥା । ମନଟା ଫିକା ପଡ଼ିଗଲା । ବାତାୟନ ପାଖରେ ଶୀତଳ ପବନ ମେଞ୍ଚେ ପଶି ଆସିଲା । ସୁରେଶର ଗରମ ଦେହଟା ନରମ ହୋଇଗଲା । ଆଖି କୋଣରୁ ଝରି ଆସିଲା କେଇଧାର ଲୁହ । ଅଧର୍ଯ୍ୟ ହେଲା ସେ । ଅସହଣୀୟ ହୋଇ ମନରେ ଭାବିଲା ସ୍ୱପ୍ନରେ ଏତେ ଆନନ୍ଦ ! ପୋଛିଦେଲା ଆଖିରୁ ଲୁହକୁ । ଉଠିଯାଇ ଚାହିଁଲା ଝରକାରେ । ରାତି ଶେଷ ହେବାକୁ ବସିଛି । ଆଜ

ରତିମା । ତୁମ୍ଭ ପାଇଁ ମୋର ଏଇ ଦୁଃଖ । ଆଜି ତୁମ୍ଭର ପାଇଁ ମୋର ସୁଖ । ଗୋଟାଏ ଖିଆଲରେ ତୁମ୍ଭର ଫାଶରେ ପଡ଼ିଗଲି । ଭଲ ପାଇ ବସିଲି । କିନ୍ତୁ ଶୋଇ ପାରିଲି ନାହିଁ । ଶେଯ ବିଛଣା ମଧ୍ୟରେ ମନଟା ତାର ଖସି ବୁଲିଲା । ସେ କାଗଜ କଲମ ଆଣି ଲେଖି ବସିଲା—

ଅଭିମାନୀ ହୁଇ କେତେଶା·········

ନଷ୍ଟ ମୁଁ ସ୍ୱପ୍ନର ଭୂମ ରଖିଥାଏରେ । ସ୍ୱପ୍ନରେ ଆସି ଭରିଦେଲ ଦୀର୍ଘ ଦିନର ଅଭାବଟା । ଏଇ ସ୍ୱପ୍ନରେ ପୂର୍ଣ୍ଣ ଏତେ ଆନନ୍ଦ । ସେତିକି ଦୁଃଖ ମଧ୍ୟ । ନିଦ୍ରା ଭାଙ୍ଗିଲା । ନିଦ୍ରା ଭାଙ୍ଗିଲ ଆଖିର । ଖୋଜିଲି ସତ୍ୟ ମଣି ସ୍ୱପ୍ନକୁ । ବୃଥା ହେଲା ଭାବନା ମୋହର । ଆଖିକୋଣେ ଜାଗିଲା ଅଶ୍ରୁ । କାହିଁକି କେଜାଣି·····?

ତୁମ୍ଭର ଭାବନାରେ ହେଲିଣି ଉନ୍ମତ୍ତ । ତଥାପି ନ ଭାବି ମନ ରହି ପାରେନା । ଦୁଃଖ ଜୀବନୀ ଲେଖିଲେ ସୃଷ୍ଟି ହେବ ଉପନ୍ୟାସ । ମୁଁ ମନେ କରୁଛୁ ରତିମା, ତମପାଇଁ ମୋର ଏଇ ଦୁଃଖ । ଆଜି ତମର ପାଇଁ ମୋର ସୁଖ । ଗୋଟାଏ ଖିଆଲରେ ତମର ଫାଶରେ ପଡ଼ିଗଲି । ଭଲ ପାଇ ବସିଲି । କିନ୍ତୁ ଜାଣେନା ଆମ୍ଭ ପ୍ରତି ଭଗବାନଙ୍କର ଇଚ୍ଛା କଣ । ତଥାପି ତୁମ୍ଭର ପାଇଁ ପ୍ରାଣଟା ମୋର କାନ୍ଦୁଥାଏ । ହୃଦୟଟା ଫାଟି ପଡ଼େ । ଅଜଣା ଦୁଃଖରେ ବୁକୁଟା ହେ ଆଖିରେ ଲୁହ ଆସେ କାହିଁକି ?

ମୁଁ ଗରିବ, ନିଃସ୍ୱ । ବାପା ମୋର ସାମାନ୍ୟ କୃଷୀ । ଠେଣ୍ଟୁ ମୁକୁଆ ପରି ତୁମ୍ଭ ଆଉ ମୋ ମଧ୍ୟରେ ପାର୍ଥକ୍ୟ କେତେ ? ତୁମ୍ଭେ ତୁମ୍ଭର କୁଳ ଦେବକୁ ଚାହିଁଲେ ବୁଝିବ । ତଥାପି ଆମ୍ଭ ଦୁହିଁଙ୍କର ଏ ସତ ମିନାର ଗଢ଼ି ଉଠିଲା । ଉଭୟଙ୍କର ମିଳାମିଶାରେ । କିନ୍ତୁ ଯଦି ସାମାନ୍ୟ ଭେଦଭାବକୁ ନେଇ ରୁ ନିର୍ଯ୍ୟାତନାରେ ମୀନାରଟି ଭୁଷୁଡ଼ି ପଡ଼େ । ତାହେଲେ, ପାଦ ବଢ଼ାଇଲେ ପୃଥିବୀଟାକୁ ପାଇବ ନାହିଁ । ଜୀବନ ପ୍ରଦୀପଟି ହାହାକାରର ବାତାବରଣରେ ଲିଭିଯିବ । ଆଶାର ଆଲୋକ ବଦଳରେ ଘନ ଅନ୍ଧକାର କରିବ ଆତ୍ମଗୋପନ । ନୂପୁର କଣ, ମୋଡ଼ିଲି ଯିବ । ଆଖି ଲୁହକୁ ହାତରେ ପୋଛି ପୋଛି ଦିନ ସରିବ ନାହିଁ ।

ଅନେକଙ୍କଠାରୁ ଶୁଣିଥିଲି ଗୋପନ ମିଳାମିଶା ମଧୁମୟ ନୁହେଁ । ଦିନେ ସମାଜ ଆଖିରେ ବିଷମୟ ହୋଇ ଉଠିବ । ଆଜି ମଧ୍ୟ କହୁଛି—ସ୍ନେହର ସବୁ-

ଦିନେ ଦେବୀଙ୍କରେ, ମାତ୍ର ଥରେହେଲେ ଧରାପଡ଼େ । ସେହିପରି ଆମ୍ଭେ ଗୋପନରେ ବହୁତ ଆଗେଇଛୁଁ । ଯେଉଁ ଫଳଟା ଯଦି ଆମ୍ଭ ଉପରେ ଫଳେ ? ତୁହିଁ ଦେଖିଲ ରଞ୍ଜିମା, ଫୁଟିଉଠି ତପ୍ତ ପ୍ରାଣ କଣ ହେବ ? କେବଳ ବିରହର କଥାପାଉରେ ଆଉ ଚିତ୍କାର କରିବ । ତେଣୁ ମୁଁ ତୁମ୍ଭଙ୍କୁ କହୁଛି, ତୁମ୍ଭେ ଏହାର ଗୋଟାଏ ବ୍ୟବସ୍ଥା କର । ଗୋପନଟା ଆଜି ଗୋପନରେ ରଖିଲେ କେବଳ ହୁତାଶ ନାଆଁରେ ପଡ଼ିବା ।

ତୁମ୍ଭର ବିରହଟା ମୋତେ ଦୁଃଖ ଦେଉଛି । ବିଦେଶରେ ଥିଲେ ସୁଧା ମନଟା ମୋର ତୁମ୍ଭର ନିକଟରେ । ଘରୁ ଆସିଲା ଦିନଠାରୁ ମୋମନ ଯାହା ହେଉଛି, ସେ କଥା ମୁଁ ଜାଣେ । ତୁମ୍ଭଙ୍କୁ ନେଇ ମୁଁ ଦୁନିଆରେ ସୁଖି ହୋଇ ପାରିବି । କିନ୍ତୁ ତାହା ଯଦି ନହୁଏ............ ।

ମୁଁ ଜାଣେ ତୁମ୍ଭେ ମୋ ନିକଟରୁ ଚିଠି ନପାଇ ଦୁଃଖ କରୁଥିବ । ତଥାପି ମୁଁ ନିରୁପାୟ । ମୁଁ ବା କଣ କରିବ ? କିପରି ଚିଠି ଦେବା ? ସବୁବେଳେ ପତ୍ର ଦେଲେ ସନ୍ଦେହଟା ଘନୀଭୂତ ହେବ । ଫଳଟା ହେବ ଓଲଟା । ଏହି କଥାନେଇ ମନ କଥାକୁ ଚାପିଦିଏ ମନରେ । ଛଟପଟ ହୁଏ ପ୍ରାଣଟା । ଇଚ୍ଛାହୁଏ ଚାକିରି ଛାଡ଼ି ତୁମ ନିକଟକୁ ଚାଲି ଯିବାକୁ । କିନ୍ତୁ ମୋ ହୃଦୟର ଭିତରେ କିଏ ଜଣେ କହିଦିଏ । ନା ତୁ ଏପରି ହେଲେ ଚଳିବ ନାହିଁ । ତୋହାତ ଉପରେ ବାପା, ମାଆ, ଭାଇ ଭଉଣୀ । ପ୍ରତ୍ୟକ୍ଷରେ ନହେଲେ ସୁଧା ପରୋକ୍ଷ ଭାବରେ ସାହାଯ୍ୟ ପାଉଛନ୍ତି । ମନର ଦୁର୍ବଳତା ନେଇ ଏତେ ବଡ଼ ଭୁଲ କଲେ ଭବିଷ୍ୟତ ଅନ୍ଧକାର ହେବ । ମୁଁ ଆଉ ଆଗକୁ ଆଗେଇ ପାରେନା । ଆଖିରେ ଆସେ ଲୁହ । ମୁହିଁ ମାଡ଼ି ଶୋଇଯାଏ ।

ମୁଁ ଆଉ ବିଶେଷ କିଛି ଲେଖି ମନରେ ବିରକ୍ତି ଦେଉନାହିଁ । ଶେଷରେ ମୋହର ବୋଲା ଆଶୀର୍ବାଦକୁ ଟପ୍ପେ ଛବିକୁ ଭେଟ କରି ଦେବ । ରହିଲି । ପତ୍ର ପାଇ ପତ୍ର ଦେବ । ଇତି

ତୁମର କେହିଜଣେ.......

ସୁରେଶ ପତ୍ରଟି ଲେଖିସାରି ପାଠକଲା । ଛବି ଠିକଣାରେ ପଠାଇବ ବୋଲି ଭାବ ରଖି ଦେଲା । ସୁରେଶ ଦରଜା ଆଡ଼େଇ ଦେଖିଲା । ସୂର୍ଯ୍ୟ ତେର

ଉପରକୁ ଉଠିଲେଣି । ସେ ମୁହୂର୍ତ୍ତେ ବିଳମ୍ବ ନକରି ଚାଧୋଇବା ପା
ବାହାରିଗଲା ।

× × × ×

ଗୋଟିଏ ଷୋଡ଼ଶୀ ନବୀନା । ପହିଲ ଜୀବନରେ ପାଇଥିବା କାଉଁ
ସରଣି । ଚଖିଥିବା ଯୌବନର ଆସ୍ୱାଦନ । ପ୍ରେମର ମାଦକତା । ଏହି ସମୟରେ
ସପନ ସାଥୀ ରହିଛି ଦୂରରେ । ଅନେକ ଦୂରରେ ତେବେ ତାର ଅବସ୍ଥା କ
ହେବ ? ହାହାକାର ମଧ୍ୟରେ ବିରହ ବିଧୁର ପ୍ରାଣଟା ଝୁରି ଝୁରି ଯାଉନି କି ପଡ଼
ନୁହେଁ କି ?

ଆଜି ରତ୍ନମାର ଅବସ୍ଥା ସେହିପରି । ପ୍ରିୟତମର କର ପରଶ, ପ୍ରେ
ବିଚ୍ଛେଦ । ନହଲି ତନୁରେ ସାରନ୍ତି ମହଲ ବିରହ ପ୍ରାଣଟା କାନ୍ଦୁଛି । କିପ
ସହିବ ମରମ ଦୋହଲା ଦୁଃଖକୁ ? କହିବବା କାହା ନିକଟରେ । ଖାଲି ଏ
ବସି ଚିନ୍ତା କରୁଛି । ଚିନ୍ତାରେ ଚିନ୍ତାରେ ରହି ଗଲାଣି । ଲହୁଣି ଫୁଲ ପରି ଦେ
କଳାକାଠ ହେଲଣି । ହସୁରା ମୁହଁଟି ମୋଉଳି ଗଲାଣି । କେଶ ଗୁଚ୍ଛକ ବୃତ୍ତିଅଣି
ଜାଲପରି ହେଲଣି । ଖାଇବାକୁ ଇଚ୍ଛାନାହିଁ । କୌଣସି କାମରେ ମନ ନାହିଁ
ଖାଲି ଭାବୁଛି ମିଳୁଛି ବା କଣ ? ତଥାପି ସେ ଭାବୁଛି.................
"ଅଭୁଲା ଅତୀତ"କୁ

ସେ ଦିନ ବେଳ ଅନେକ ହେଲାଣି । ରତ୍ନମା ଶୋଇ ରହିଛି ଖଟରେ ।
ପଣତଟା ଖସି ପଡ଼ିଛି ତଳକୁ । ଶ୍ରୁତିରେ ଲାଗୁନାହିଁ । ଅଜାଣ ଅବସ୍ଥାରେ ପଡ଼ି
ରହି ଭାବି ଚାଲିଥିଲା—

ମୋର ଜୀବନଟା କଣ କଟିଯିବ ଖାଲି ବିରହରେ ? ଏତେଦିନର ଆଶ୍ର
କଣ ହୋଇବ ବିଫଳ ? ତାଙ୍କର ପଦପୂଜା ଏ ଅଭାଗିନୀ ଭାଗ୍ୟରେ ପ୍ରତିବନ୍ଧ ?
ତାଙ୍କର ସୁନ୍ଦର ରୂପ କଣ ଆଉ ସ୍ୱପ୍ନରେ ସୁଧା ଦର୍ଶନ ମିଳିବ ନାହିଁ । ତାଙ୍କ
ସୁମଧୁର ବାଣୀ କଣ ଆଉ ଶୁଣି ପାରିବିନି ? ଯାହାଙ୍କର ସ୍ନେହ ସୁହାଗ ମୋର
ଅଙ୍ଗରେ ପ୍ରତିଫଳିତ ହୋଇଛି, ତାଙ୍କୁ କଣ ଏଜୀବନରେ ପାଇବିନି । ଯାହାଙ୍କ
ପ୍ରେରଣାରେ ମୋର ଉଦ୍ଧାନ୍ତ ଜୀବନଟା ମଧୁମୟ ହେବ ବୋଲି ଆଶା କରିଥିଲି
ତାହାକଣ ରହିଯିବ ଖାଲି ଆଶାରେ ?

ନା, ତାହା ମୁଁ କରାଇ ଦେବିନି । ବାପାଙ୍କୁ ସଫା, ସଫା କହିଦେବି ତୁମେ ମୋ ପାଇଁ ବ୍ୟସ୍ତ ହୁଅନାହିଁ । ମୁଁ ମୋର ଭବିଷ୍ୟତ ଦେବତାଙ୍କୁ ବାଛି ନେଇଛି । ମନ ମଧ୍ୟରେ ବରଣ କରିଛି । ମୋର ସର୍ବସ୍ୱ ଅର୍ପଣ କରିଛି ତାଙ୍କର ପାଦରେ । ଭୁଲି ଯାଇଛି ଅଭୁଲା କଥାକୁ ତାଙ୍କର ଦେହ ଦାନରେ । ତୁମେ ଏ କଳଙ୍କ ଜୀବନଟାକୁ ଆଉ ଗୋଟିଏ ନିରୀହ ଯୁବକ ହାତକୁ ଟେକି ଦିଅନି । ଏତେ ଗୁଡ଼ାଏ ଜୀବନକୁ ହୁତାଶ ନିଆଁ ମଧ୍ୟକୁ ଠେଲି ଦିଅନି ।

କିନ୍ତୁ ବାପା ଯଦି ମୋର ଅନୁରୋଧ ରକ୍ଷା ନକରନ୍ତି ? ମୁଁ ଅସହାୟା ଅବଳା କେଉଁ ବଳ ନେଇ ତାଙ୍କୁ ପ୍ରତିରୋଧ କରିବି ? ରତମା ଆଉ ଆଗେଇ ପାରିଲା ନାହିଁ । ମରମ ଚହଲାଇ ଦୀର୍ଘ ନିଶ୍ୱାସଟା ବାହାରିଗଲା । ଆଖି କୋଣରେ ଜକେଇ ଆସିଚ ଅଶ୍ରୁ । କାହାର ଡାକରେ ଚେତନା ଫେରିଲା । ଲୁଗା କାନିରେ ପୋଛି ଦେଲା ଲୁହ । ଦେଖିଲା ଫୁଲି ଡାକି ଡାକି ଆସୁଛି । ରତମା ଉତ୍ତର ଦେଲା

—କଣ ?

—ଚମକି ପଡ଼ି ଫୁଲି କହିଲା-ଦେଇ ତୁମ ଆଖିରେ ଲୁହ ?

—କାହିଁ ଲୋ ?

—ହଁ ଲୋ ମା । କିଏ ଘର ଗାଇ ଚରେଇଲେ ମୁଁ ମଣିଷ ଚରାଉଛି । ତୁମେ ସମସ୍ତଙ୍କୁ ଠକିଦେବ କିନ୍ତୁ ମୋତେ ପାରିବନି । ତୁମ କଥା ମୋତେ ଅଜଣା ନୁହେଁ । ମାଇପି ଜାତି, ମାଇପି କଥାକୁ କେତେ ମାତର ? ଏଇ କେତେ ଦିନରେ ମୁଁ ଯାହା ଦେଖୁଚି ତୁମ ମନଟି ଖାଲି ପ୍ରେମ ନଈରେ ବୁଡ଼ୁ ଉବୁଟୁ ହେଉଛି । ଟିକିଏ ମହତ ସମ୍ଭାଳ । ଶୁଖି ମୁଣ୍ଡରେ ଲୁଗା ରହୁନି ଯେ ! ମୁଁ ସିନା ଆସିଲି ବୋଲି । ଅନ୍ୟ କେହି ଆସିଥିଲେ ? ଏତେ ଚିନ୍ତା କଲେ ମଣିଷ ବଞ୍ଚିବ ? ଲୋକେ ପରା କହନ୍ତି ଚିନ୍ତା ରୋଗକୁ ଔଷଧ ନାହିଁ । ଏଇ କେତେ ଦିନ ହେଲା ତୁମେ ଖାଲି କଣ ଚିନ୍ତା କରୁଛ ? ତୁମ ମନ ବଦଳିଛି । ତୁମେ ଆଉ ଆଗ ଭଳି ନାହିଁ । ମନଟା କାହିଁକି ଅଲଗା ହୋଇଛି ? ମୋ ପାଖରେ କହୁନ ? ମୁଁ କଣ ଖୋଲି ଦେଉଛି ? କେଉଁଠି କହି ଦେଉଛି ?

ରତମା ଅନ୍ତର ତନୁଶ୍ରୀଟିକୁ ହଜାଇ, ଦେଉଁ ଦେଉଁ କହିଲା—କଣ

ଦେଖିଲୁ । ଫୁଲ ହସି ହସି କହିଲା ଅମର ପୋଇ ନା ଖୋଲେଇ ହେଉଛି ଆପଣା ଗୋଇ । କଥାରେ କହନ୍ତି ପରା—

—ଗାଁକୁ ଜାଣିବ ଧୋବା ତୁଠରୁ ପୁରୁଷ ଜାଣିବ ହୁଆରୁ

ବୃଷ କୁ ଜାଣିବ ବାଳୁଙ୍ଗା ଗଛରୁ, ମାଇପି ଜାଣିବ ଟିଅରୁ" ।

ତୁମର ଢଙ୍ଗ, ରଙ୍ଗକୁ ଦେଖି କମିତ କମିତ ଲାଗୁଛି । ମନରେ ନିଶା ଘାରିଲାଣି । ଆଖିରେ ଅଳସ ଛୁଇଁଲାଣି । ଚଞ୍ଚଳ ଗତି ହେଲାଣି ମନ୍ଥର । ହୁଁ...ବୟସ ବୁଝେଇଲେ ସବୁ ସିମିତି । ତୁମେ ବା ନ ହେବ କମିତ ?

ଏତେ ଦୁଃଖ ମଧ୍ୟରେ ଫିକ କରି ହସି ଦେଲା ରତମା । ବ୍ରଜରାଣୀର ଟାହୁଲ କଥାରେ । ହସ ଫୁଟାଇ ରତମା କହିଲା—ମୁଁ ଦେଖୁଛି ଫୁଲ ମୋପାଇଁ ତୋର ଦୁଃଖଟା ବଢି ଯାଇଛି ?

—ମୁଁ କଣ ଏକା । ବାପାପରା ତୁମର ଚିନ୍ତାରେ ସବୁ କାମ ଛାଡ଼ିଲେଣି । ବୁଢ଼ି ମା କହୁଚନ୍ତି ତୁମର ଫୁଲ ନୋଳା ଦେଖିଲେ ମରିବେ । ମା' ଙ୍କର ଏକ୍ଷୀପିଲ୍ ଏହି ବର୍ଷ ତୁମର ଏହି ବାହାଘର ହେବ । ହେଲେ କଣ କେଉଁଠି ମିଳୁଛି ?

ଫୁଲ କଥା ଶୁଣି ରତମାର ଅନ୍ତରଟା ଜଳିଗଲା । ତାର ବାହାଘର ପାଇଁ ସମସ୍ତେ ଚିନ୍ତା କରୁଛନ୍ତି । କାହିଁକି ? ମୁଁ ତ ବାହା ହେଉଛି । କିନ୍ତୁ ତାହା ଯଦି ନହୁଏ ? ତେବେ କଣ ସୁରଙ୍ଗଇଙ୍କର ସ୍ନେହ, ସୁହାଗ ଆଉ ପାଇବନି ? ଆଉ ଆଗକୁ ଭାବି ପାରିଲା ନାହିଁ । ଆଖି କୋଣରେ ଆସିଲା ଅଶ୍ରୁ । ଠପ୍ ଠପ୍ ହୋଇ ତଳେ ପଡ଼ିଲା । କୋଧ ସମ୍ଭାଳି ପାରିଲା ନାହିଁ । ଅସ୍ଥିର ମନରେ ପିଲାଙ୍କ ଭଳି କାନ୍ଦି ପକାଇଲା ।

ରତମାର ଏପରି ଦଶାରେ, ଫୁଲ ଚମକି ପଡ଼ିଲା । ମୁହଁରେ ତାର କାଳି ପଡ଼ିଲା । ସେ ମନେ ମନେ ଭାବିଲା ମୁଁ ଅଲକ୍ଷଣୀ କଣ କଲି ? ପଥରେ ଗୋଡ଼ାଇବା ଲୋକ ତୋଟା ମୂଳ କରି ବସିଲି । ଭାବ ଦରେ ହୃଦୟ କଣ୍ଟକ କରି ବସିଲି । ମା' ଶୁଣିଲେ ମୋତେ ରଖିବେ କାଙ୍ଖିକିବେ ! ଅସ୍ଥିର ହୋଇ ଉଠିଲା ଫୁଲ । ଧାଇଁଗଲା ରତମା ନିକଟକୁ । ପଣତ ଭିଡ଼ାଇ ପୋଛି ଦେଲା ଲୁହ । ସାନ୍ତ୍ୱନା ଦେଇ କହିଲା—

—ଏମିତ କାନ୍ଦଲେ ଲୋକେ କଣ କହିବେ ? ପାଗଳୀ ବୋଲି ହସିବେ । ତୁମେ ଶୁନ୍ଦ ହେଲ । ମୋରାଣ । ମୋ ମୁଣ୍ଡ ଖାଇବ । ତୁମେ ଆସିବନି । ତୁମ ମୁଣ୍ଡ କୁଣ୍ଡାଇଦେଲେ ପଛ ଗାଧୋଇ ଯିବା ବେଳ ଆସି ମୁଣ୍ଡ ଧରିବାକୁ ହେଲାଣି ମାଆ ଶୁଣିଲେ ପୁଣି ଅଡ଼୍ଆ କାଢ଼ି ବସିବେ ?

—ନା, ତୁ ଯା ମୁଁ ମୁଣ୍ଡ କୁଣ୍ଡାଇବି ନାହିଁ ।

ରତ୍ନମା ମନେ ମନେ ଭାବୁଥାଏ, କାହାପାଇଁ ଆଜି ସେ ମୁଣ୍ଡ କୁଣ୍ଡାଇବ ? ନିଜକୁ ସଜାଇବ ? ସୌନ୍ଦର୍ଯ୍ୟ କରିବ ? ଯେଉଁ ଦେବତାଙ୍କ ପାଇଁ ଯୌବନ ଥାଳରେ ପ୍ରେମ ଫୁଲ ଥୋଇ, ମନମାଳା ଗୁନ୍ଥି ଥିଲା, ନୈବେଦ୍ୟ କରିବା ପାଇଁ, ସେତ ଦୂରରେ । ତାହେଲେ ନିଜକୁ ସଜାଇ କେଉଁ ଗୌରବଟା ନେବ ? ନା ନା ସେ ସୁରକ୍ଷାଙ୍କୁ ନ ଦେଖିଲେ ଆଜି ମୁଣ୍ଡ କୁଣ୍ଡାଇବ ନାହିଁ । ଅଳସ କେଶ ଧରି ବୁଲିବ । ଲୋକେ ପାଗଳ କହନ୍ତୁ, କଳଙ୍କିନୀ ବୋଲି ତାଳି ମାରନ୍ତୁ ସେ ସବୁ ଲାଞ୍ଛନା ଲାଞ୍ଛନାକୁ ଏଡ଼ାଇ ଦେଇ ସାନ୍ତ, ସମୁଦ୍ର-ତଟର ବାଲି ପାରି ହୋଇ ଧାଇଁ ଯିବ ଫୁଲ ନେଇ ନିକଟକୁ । କହିବ ହେ ନିଷ୍ଠୁର ଦେବତା ଝରହ, କ୍ଷୁରା, ଅଭାଗିନୀକୁ ଆଜି ଆଖି ଲୁହରେ ଭସାଇ ଦିଅନା, ହତାଦାର କରନା ଭକ୍ତିର ଆରାଧନାକୁ । ମୁଁ ପର ତୁମର ପ୍ରେମ ସୁହାଗିନୀ । ଅର୍ଦ୍ଧାଙ୍ଗିନୀ, ନବ ପ୍ରଣୟିନୀ, ଆଜି ବରଣ ହେବକା । ମୋର ଅସହାୟ ତନୁଲତାକି ତୁମର ଆଶ୍ରୟ ବିନା ଭୁଲିବେ ଲୋଟୁ । ପାଦରେ ଦଳି ଦିଅନ ଭକ୍ତିର ଅର୍ଘ୍ୟକୁ । ସୀମନ୍ତରେ ପିନ୍ଧାଇ ଦିଅ ବନ୍ଦ୍ୟସ୍ତ ଟିକା । ଦୂର କର ଆଖିଫଟା ଲୁହ, ଆଉ ବୁଝ ଫଟା ବେଦନା । ବଞ୍ଚିତ କରନା ତୁମର ସେହ ସୁହାଗରୁ । ଜନକ ପାଇଁ ତୁମର ପାଇଁ ପର ମୁଁ ପ୍ରେମ ରଙ୍କିଣୀ ପ୍ରେମବାସ୍ପାଣୀ ।

ରତ୍ନମା ଆଉ ଭାବି ପାରିଲା ନାହିଁ । ମାଆଙ୍କର କର୍କଶ ଡାକ, ସ୍ୱପ୍ନଚ୍ଛେଦ ଟାଣିଲା ଭାବନାରେ ତାର ।

—ରତ୍ନମା, ରତ୍ନମା

. . . . . . . . . . . . . . .

କଣ କାନକୁ ଶୁଭୁନାହିଁ ?

—କଣ ?

ଉତ୍କଳ ସଂଘ, ...
ପାଠାଗାର
ନଂ ...73635...
ତା ...18.7.26...

—କଣ ? ବେଳ ଆସି କେଉଁଠି ହେଲାଣି । ତତେ କଣ ଜଣା ନାହିଁ ? ଘର କାମ ନକଲୁ ବୋଲି, ନିଜକାମ ସୁଧା କରୁନୁ ନାହିଁ ? ଗାଧୋଇବୁ ନାହିଁ ତାହା ବି ମୁଁ କରିଦେବି ? କେଉଁଦିନ ଆଉ ଜାଣିବୁ ? ତୋ ଢଙ୍ଗ ଦେଖି ମୁଣ୍ଡରେ ବେଙ୍ଗ ଚଢିଲାଣି । ହଉ ଆଉ କିଛି କହିବି ନାହିଁ । ତେଣିକି ତୋ ଇଚ୍ଛା । ତୋ ବାପା ଇଚ୍ଛା ଏଥର ତୋ କଥା ସେ ବୁଝନ୍ତୁ ?

—କଣ ହେଲା ତୁମ୍ଭର ?

—କିଆଁ ଆଉ ରଡ଼ି । ମୋତେ ନପଚାର ତୁମ୍ଭର ଗୁଣବତୀ ଝିଅକୁ ପଚାର । ଗାଧୋଇବା ବେଳ ହେଲାଣି କି ନାହିଁ ?

—ସରିଲାତ । କଥା ପଦକେ ରାଗ । ତାକୁ ବୁଝାଇ ସୁଝାଇ କୁହ । ତୁମ୍ଭେ ପରି ମାଆ । ଦଶମାସ ଦଶଦିନ ଗର୍ଭରେ ଧରି ଜନ୍ମ କରିଛ । ତୁମଠାରୁ କଣ ମୁଁ ବେଶୀ । ଦାୟିତ୍ୱଟା ତୁମର ନା ମୋର, କୁହତ ?

—କହିବି ଆଉ କଣ ? ମୁଁ ଯାହା ଦେଖିଲାଣି, ଝିଅକୁ ଆଉ ଏଥର ସମ୍ଭାଳି ହେବ ନାହିଁ ।

—ଓହୋ, ଲୋକେ ଯାହା ନ କହିବେ ତୁମେତ ସେଇକଥା କହୁଛ ।

—ନା, ହକ୍ କଥା କହିଲେ ମରଦଙ୍କ ମୁଣ୍ଡରେ ବଛା ଚଢ଼େ ।

—ଏଥର ଉମାକାନ୍ତ ବାବୁଙ୍କର ରାଗ ମୁଣ୍ଡକୁ ଉଠିଲା, ସେ ନାଲି ଆଖି ଦେଖାଇ କହିଲେ-ରାଗିଯାଉଛ କାହିଁକି ? ତୁମ୍ଭର କେଉଁ କଥାରୁ ବାହାରି ଗଲା ଯେ ମୁଣ୍ଡରେ ବଛା ଚଢ଼ିଲା ? ପ୍ରତି କଥାରେ ଦେଖାଉଛ ।

ନାଲି ଆଖିଟା, ମୋତେ ନ ଦେଖାଇ, ରତିମାକୁ ଦେଖାଅ । ଭଲହେବ ମୁଁ ଆଉ ତାକୁ ପାରିବି ନାହିଁ । ତୁମେ ବୁଝ । ସେ କଣ ଛୁଆ ହୋଇଛି ? ତାକୁ ନିତି, ପ୍ରତି, କିଏ କହିବ ? କାଲି ସମାନେ ପରଘରକୁ ଯିବ । ଆଜିର ତାର ବୁଝିବା ଶକ୍ତି ନାହିଁ ।

ଓହୋ, ଝିଅ କଥା ସିନା, ମାଆ ବୁଝିବ । ବାପ ଜାଣିବ କୁଆଡ଼ୁ ? ହଉ ତୁମେ ଗଲ । ଆରେ ରତିମା ଆସିଲୁ ।

ବାପାଙ୍କର କୋମଳ ଡାକରେ, ଚେତନା ଫେରିଲା ରତିମାର । ଉଠି

ଆସିଲା ଖଟରୁ । ଶିଶୁଟି ପରି ଠିଆ ହେଲା ନିକଟରେ । ରତିମାକୁ ଦେଖି ଉମାକାନ୍ତ ବାବୁ ପ୍ରଶ୍ନ କଲେ—

—କଣ ହୋଇଛି ତୋର ? କାହିଁକି ଏପରି ହେଉଛୁ ? ମୁଣ୍ଡରେ ତେଲ ନାହିଁ । ଗୁଣ୍ଡରେ ଖଷା ନାହିଁ । ଶଶୀହାସୀ ମୁଖ କସି ହୋଇଛି କାହିଁକି ?

ରତିମା ଭାବୁଥିଲା । ବାପାଙ୍କର କୋମଳ କଥାରେ । କି ଉତ୍ତର ଦେଇ ସାନ୍ତ୍ୱନା ଦେବ ତାଙ୍କୁ । ନା ନିଜର ଇତିହାସ ଖୋଲି ଆଘାତ ଦେବ ? କିଛି ସ୍ଥିର କରି ପାରିଲା ନାହିଁ । କାଠ ପିତୁଳା ପରି ଠିଆ ହୋଇ ରହିଲା ।

ରତିମାର ନୀରବତା ଦେଖି ଉମାକାନ୍ତ ବାବୁ କହିଲେ । —ମୁଁ ତୋର ବାପା । ତୋର ସୁଖ, ଦୁଃଖ କଥା ମୋ ନିକଟରେ ନକହି କାହାକୁ କହିବୁ ? କଣ ଏତେ ଚିନ୍ତା କରୁଛୁ ? ତୋ ପାଇଁ ସିନା ଆମେ ଚିନ୍ତା କରିବୁ ତୋର ଏପରି ଅବସ୍ଥା ଦେଖି ମୋ ଆଖିରେ ଲୁହ ଆସୁଛି । ତୁ ଏପରି ଭାଙ୍ଗି ପଡ଼ିଲେ ଚଳିବ ? ତୁ ଗଲୁ ମାଆ । ଗାଧୋଇ ଖାଇବୁ ।

ରତିମା ଚାଲିଗଲା । ଉମାକାନ୍ତ ବାବୁ ଭାବୁଥିଲେ । ରତିମା ବଡ଼ ହୋଇଛି ସଂସାର କଥା ବୁଝିଲଣି । ବାପଘରର ସୁଖ, ଆଉ ଶାଶୁଘରର ଦୁଃଖ । ପ୍ରଭେଦ ଆକାଶ ପାତାଳ । ଅଜଣା ପୁରରେ ଅଜଣା ଲୋକ । କେତେ ଲାଞ୍ଛନା, ନିର୍ଯ୍ୟାତନା । ସେ ମଧ୍ୟରେ ଦିନ କାଟିବ । ତଥାପି ସମାଜର ନିଷ୍ଠୁର ଆଦେଶ । ନାରୀର ସ୍ଥାନ ଭିଟା ମାଟି ନୁହେଁ ! ଶାଶୁଘର ସେଇ ତାର ବୈକୁଣ୍ଠ ଭିଟା ମାଟି ଠାରୁ ଅଧିକ । ସ୍ୱର୍ଗ ଠାରୁ ଉଚ୍ଚ । ପୃଥିବୀ ଠାରୁ ଗରୁ । ହଜାରେ ଲାଞ୍ଛନା ମଧ୍ୟରେ ବଞ୍ଚି ରହିବାକୁ ହେବ । ପରକୁ କରିବ ଆପଣା । ବାନ୍ଧିରଖିବ ସ୍ନେହ ସୋହାଗରେ, ତେବେ ନାରୀ ଜନ୍ମ ସାର୍ଥକ ହେବ । ସେମାନେ ସୁ ଗୃହିଣୀ ହେବେ । ସୁଲକ୍ଷଣା ହୋଇ ସ୍ୱାମୀ ଠାରୁ ବଦାନ୍ଧୁ ନେବେ । ସ୍ୱର୍ଗରେ ସ୍ଥାନ ପାଇବେ ।

ଏହାହିଁ ନାରୀ ଜନ୍ମର ଜ୍ୱଳନ୍ତ ଆଦର୍ଶ । ମାତୃତ୍ୱର ଚରମ ବିକାଶ । ଏହାରି ମଧ୍ୟରେ ଗଢ଼ି ଉଠିବ ସୁନାର ସଂସାର । ଏହି ଗୋଟିଏ ଆଦର୍ଶ ମଧ୍ୟରେ ଲକ୍ଷେ' ଲାଞ୍ଛନା, ନିର୍ଯାତନା ଆତ୍ମଗୋପନ କରିବ ।

× × × ×

ନିଦ୍ରା ଦେବୀଙ୍କର ଶାନ୍ତ କୋଳରେ ହଜି ଯାଇଛି ରତିମା । କେବଳ

ସୁରେଶ କଥା ଭାବ ଭାବ । ରାତ୍ରୀ ଶେଷ ନାହିଁ । ନିଦଟା ଟୁଟିକିନା ଭାଙ୍ଗି ଗଲା । ଉଠି ବସିଲି ମୁଁ ।

...............?

ନାହିଁ.......? କେଉଁଠି ନାହାନ୍ତି ।

ତେବେ ସ୍ୱପ୍ନରାଇ ଗଲେ କିଆଁକେ ?

ମୁହୂର୍ତ୍ତେ ହେଲା । ତାଙ୍କର ବଳିଷ୍ଠ ବାହୁ । ଆଶ୍ଳିଷ ବନ୍ଧନରେ ଥିଲି । ଅଧରରେ ଅଧର ମିଶାଇ ଦେଉଥିଲେ ଚୁମ୍ବନ । କହୁଥିଲେ—

ରଜମା, ଆମ ଜୀବନ ବାସ୍ତବରେ ମଧୁମୟ । ତୁମ୍ଭେ ମୋର ସ୍ୱପ୍ନରାଣୀ, ତୁମକୁ ପାଇଲେ ଭୁଲି ଯାଏଁ ଦୁଃଖ । ତମ ମଧୁରବୋଲା ବାଣୀ ଶୁଣିବା ପାଇଁ, ଧାଇଁ ଆସେ ସବୁ କାମକୁ ପରିହରି । ତୁମ୍ଭର ଚୁମ୍ବନରେ ଲଭିଲେ ସ୍ୱର୍ଗ ସୁଖ । ଆହୁରି କେତେ କଥା.....

ଏ କଣ ସବୁ ମିଥ୍ୟା, ମୁଁ କଣ ସ୍ୱପ୍ନ ଦେଖୁଥିଲି ? ଇମ୍ ସ୍ୱପ୍ନରେ ପୁଣି ଏତେ ଆନନ୍ଦ ? ବିରହ ବ୍ୟାକୁଳ ପ୍ରାଣରେ ଭରିଦିଏ ଅପାର ଶାନ୍ତି । ଦୂର କରେ ଉତ୍ପୀଡ଼ନର ଅଭାବ ।

ଅସହଣୀୟା ହେଲା ରଜମା । ଅଜଣା ପୁଲକରେ ଜାଗିଲା ଆଶା । ଆଖିରେ ଆସିଲା ଅଶ୍ରୁ । ବୋହିଗଲା କେଉଁଧାରେ ଟପ୍ ଟପ୍ ହୋଇ ତଳକୁ । ମନରେ ଭାବିଲା, ଅନ୍ତରର କଥାଟା ଜଣାଇ ଦେବ ସୁରଭାଇଙ୍କୁ, ଚିଠି ଲେଖି । ତାଙ୍କ ନିକଟରେ ତ ଲଜ୍ୟାକୁ ଦଳି ଦେଇଛୁ ପାଦରେ । ଦାନ ଦେଇଛୁ ନାରୀ ଜନ୍ମର ସୁଲଭ ଟିକକୁ । ଏହି ସବୁ କଥା ଲେଖି ଦେଲେ କ୍ଷତି କଣ ? ହତାହତ ତେଜି ଲେଖି ବସିଲା । ହୃଦୟର ଅଭୁଲା ସାଥୀ........

ତୁମ୍ଭବିନା ଦୁନିଆରେ ବଞ୍ଚି ରହିବା ଅସମ୍ଭବ । ତୁମ୍ଭର ଭାବନାରେ ରାତ୍ରରେ ସ୍ୱପ୍ନ ଦେଖିଲି । ତାହା ବର୍ଣ୍ଣନା ନ କରି ରହି ପାରୁନାହିଁ । ଲଜ୍ୟା ପରଦାକୁ ଖୋଲି ଦେଉଛୁ ମୁହଁରୁ । ତୁମ୍ଭେ ମୋତେ ଯେତେ ଖରାପ ଭାବ ତଥାପି ମୁଁ ସତ୍ୟ ଘଟଣାଟା ପ୍ରକାଶ କରୁଛୁ ।

ରାତ୍ରିର ତୃତୀୟ ପ୍ରହର । ନିଦ୍ରାଦେବୀଙ୍କ ଶାନ୍ତ କୋଳରେ ସମସ୍ତେ ଆଶ୍ରିତ । ତୁମ୍ଭର ଭାବନାରେ ମୁଁ ମଧ୍ୟ ଆଶ୍ରିତ । ତୁମ୍ଭେ ହସ ହସ ମୁହଁରେ ପଶି

ଆସିଲ ଭିତରକୁ । ରତିମା, ରତିମା, ଡାକରେ ନିଦଟା ମୋର ତୁଟିଗଲା । ଜାଣି ନ ଜାଣିଲା ପରି ଶୋଇ ରହିଲି ମୁଁ । ଖଟ ଉପରେ ବସି ପଡ଼ିଲ ତୁମ୍ଭେ । ସର୍ବାଙ୍ଗରେ କର ଚାଳନା କଲ । ସ୍ନାୟୁରେ ଛୁଟିଲା ଉତ୍ତେଜନାର ଝଡ଼ । କହୁଲି ମନ ଚହଲି ଗଲା । ମୁହଁରେ ଫୁଟିଲା ହସର ଝଲକା । ସରମରେ ସରିଗଲି । ମୁହଁ ଖୋଲିଲି ନାହିଁ । ମନେ ମନେ ହସୁଥାଏ । ଆନନ୍ଦ ଲାଗୁଥାଏ । ଲଜ୍ଜା ମଧ୍ୟ ସେତିକି ।

ତୁମ୍ଭେ ନୀରବ ରହିଲ ନାହିଁ । ମୋର ଉତ୍ତରକୁ ଚାହିଁଲ ନାହିଁ । ସୁଯୋଗ ନେଇ ତୁମ୍ଭର ହାତ ମୋର ପଣତଟାକୁ ଘୋଷାଡ଼ି ଦେଲା । ସ୍ପର୍ଶ କଲା ବକ୍ଷୋଜ ଦ୍ୱୟକୁ । ଏଥର ମୁଁ ମିଳେଇ ଗଲି । ଶିହରଣରେ ସଂଯମ ସେତୁ ପାର ହେଲି । ଶଯ୍ୟା ତେଜି ଉଠି ବସିଲି । ତୁମ୍ଭର ପ୍ରଶାନ୍ତ ବକ୍ଷରେ ଆଉଜି ପଡ଼ି-ବେଗରେ ଝୁଲିପଡ଼ିଲି । ତୁମ୍ଭେ ତୁମ୍ଭର ବଳିଷ୍ଠ ବାହୁରେ ମୋତେ ଭିଡ଼ିନେଲ । ଅଧରରେ ଅଧର ମିଶାଇ ଆଙ୍କିଦେଲ ଦୁଇଟା ଚୁମ୍ବନ । ମୁଁ ଅସ୍ଥିର ହୋଇ ଢଳି ପଡ଼ିଲି ଖଟ ଉପରେ । ତାପରେ, ତୁମ୍ଭେ······· । ଅନେକ କଥା ······ । ମୁଁ ଆଉ କିଛି ଜାଣେ ନାହିଁ ।

ତୁଟିଗଲା ବହଳ ନିଦ । ଦୂର ହେଲା ଅଳସ । ସ୍ୱପ୍ନକୁ ସତ୍ୟ ମଣି ଖୋଜିଲି ତୁମ୍ଭଙ୍କୁ ! ସବୁ ହେଲା ବୃଥା । ଦେଖିଲି ଅଯଥା ଲୁଗା ସଜଡ଼ା ଅଛି । ସ୍ୱପ୍ନ ବୋଲି ଧାରଣା ହେଲା । ଅଧୀର ଲାଗିଲି । ଅସହ୍ୟଣୀୟ ବେଦନା । ଆଖିରେ ଆସିଲା ଅଶ୍ରୁ । ବାଧହୋଇ ପତ୍ର ଲେଖିଲି । ଭାବିଥିଲି ପତ୍ର ଦେବି ନାହିଁ । ତଥାପି ନ ଦେଇ ରହି ପାରୁନି ।

ହେଲେ ଦୂରରେ, ତୁମ୍ଭ ବିନା ଏକୁଟିଆ ଭଲ ଲାଗୁନି । ମନ ଚାହୁଁଛି, ତୁମ୍ଭର ପରଶ । ନିକଟ ଭବିଷ୍ୟତରେ ତୁମ୍ଭେ ମୋତେ ପାଖକୁ ନେବାକୁ ଚେଷ୍ଟାକର । ତୁମ୍ଭେ ଲେଖିଥିଲ ଗୋପନ ପ୍ରଣୟ ବହୁମୂଲ୍ୟ, ଆଉ ଦିନେ ଧରା ହେବ । ତାହା ଠିକ୍ । ହେଲେ ଗୋପନଟା ତ ସବୁଦିନେ ରହିବ ନି । ଦିନେ ସମାଜ ଆଖିରେ ପଡ଼ିବ । ହେଲେ ସେଦିନ ଆମ୍ଭଙ୍କୁ କେହି ବାଧା ଦେବେନାହିଁ । ବାପା ମୋର ବିବାହ ପାଇଁ ବନ୍ଦୋବସ୍ତ କରୁଛନ୍ତି । ତୁମ୍ଭେ ମୋ ପ୍ରତି ହେଳା କରନି । ତୁମ୍ଭର ଟିକିଏ ହେଳାରେ, ଦୁଇଟି ପ୍ରାଣ ଜଳିଯିବ ହୁତାଶ ଅନଳରେ ।

ଜୀବନ ସାରା ଭାବିବାକୁ ହେବ । ମୁଁ ଅବଳା ! ନିଃସ୍ୱହାୟା ନାରୀ । ପ୍ରତିରୋଧ କରିବି କେଉଁ ବଳ ନେଇ । ଏ ବିଷୟରେ ଅନେକ ପଥ ଦେଖିଛି । ହେଲେ ଖଣ୍ଡେ ସୁଧା ପାଇନାହିଁ ।

ତୁମ୍ଭର ଏପରି ବ୍ୟବହାର ପ୍ରାଣରେ ଆଣୁଛି ଆଘାତ । ତୁମ୍ଭେ ବା ଜାଣିବ କିପରି ? ଯେ ଅନୁଭବ, ସେ ଜାଣେ ବିରହ ବେଦନା । ବିବାହ କଥା ଶୁଣି ମନ ମୋର ଅସ୍ଥିର ହେଉଛି । ମୁଣ୍ଡ ଠିକ୍ ରହୁନାହିଁ । ମୁଁ ତ ଦାନ କରିଛି । ନାରୀ ଜନ୍ମର ସୁଲଭ ପଦାର୍ଥ ଟିକିନ, ପ୍ରଥମରୁ ତୁମକୁ ତ ପ୍ରଦାନ କରି ସାରିଛି । ଗୋଟିଏ ଅଜଣା ଯୁବକ ନିକଟରେ ପୁଣି ଅଳଙ୍କୃତ ସାଜିବି କିପରି ? ସର୍ବନାଶ କରିବି ତାହାର ? ଏକଥା ଭାବିଲେ ଆଖିରେ ଲୁହ ରହୁନି । ବାପା ବୋଉ ପ୍ରତି ବିରକ୍ତି ଆସୁଛି । ଇଚ୍ଛା ହେଉଛି ଆତ୍ମହତ୍ୟା କରି ସବୁ ସମସ୍ୟାର ସମାଧାନ କରନ୍ତି । କିନ୍ତୁ ବିବେକ ବାଧା ଦେଉଛି ।

ବାପା ବୋଉଙ୍କର ରାଗ ମୋ ଉପରେ ଷୋଳଣା । କେଲେ ବେଳେ କଟୁକ୍ତି କହି ଦୁଃଖ ଦେଉଛନ୍ତି । ମୁଁ ସବୁ ସହୁଛି । ମରୁ ମଧ୍ୟ ସହିବି । କେବଳ ତୁମ୍ଭରି ପାଇଁ । କିନ୍ତୁ ତୁମ୍ଭେ ଜଡ଼ା ମହାଦେବ ହୋଇଲେ ଲକ୍ଷେ ଚମ୍ପା ମୋର ବ୍ୟର୍ଥ ହେବ । ମୁଁ ବା ଶିବ ମୁଣ୍ଡରେ ଚମ୍ପା ଦେବି କାହିଁକି ? ତୁମ୍ଭେ ମୋତେ ଆଉ ଏତେ ଦୁଃଖ ଦିଅନାହିଁ । ମୋର ଅନ୍ତର କଥା ବୁଝ । ମୋତେ ନିକଟକୁ ନିଅ । ତୁମ୍ଭ ତୁଣ୍ଡରୁ ପଦେ କଥା ଶୁଣିଲେ ତୁଟିଯିବ ଦୀର୍ଘ ଦିନର ବିରହ ବେଦନା ।

ତୁମ୍ଭେ ଯଦି ମୋତେ ଗ୍ରହଣ କରି ସୁଖରେ ରହିପାରି ଦୁର୍ଲ୍ଲଭ । ହେଲେ ମୋତେ ଟିକେ ବିଷ ଦେବ । ତୁମ୍ଭରି ବିଷ ଖାଇ ମରଣ ହେବ ମୋର । କିନ୍ତୁ ତୁମ୍ଭଙ୍କୁ ଛାଡ଼ି ଦୁନିଆରେ ଆଉ ଗୋଟିଏ ଅଜଣା ଯୁବକକୁ ନେଇ ମୋର ଜୀବନ ଶାନ୍ତି ହେବନି । ମୋ ପ୍ରତି ତୁମ୍ଭର ଯଦି ସ୍ନେହ ସୋହାଗ ଥାଏ, ଆଶା ଥାଏ, ତାହେଲେ ନିକଟ ଭବିଷ୍ୟତରେ ଗୋଟାଏ କିଛି କର । ତା ନହେଲେ ଆଜୀବନ ହନ୍ତସନ୍ତ ମଧ୍ୟରେ ଜୀବନ ଯିବ । ଏହାବ୍ୟତୀତ ଫଳ କିଛି ହେବନି । ମୁଁ ବିଶେଷ ଲେଖି ତୁମ୍ଭ ମନରେ ଦୁଃଖ ଦେବିନାହିଁ । ଶେଷରେ ମୋର ସ୍ନେହ-

ବୋଲା ପ୍ରଣାମ ନେବ । ଅସଲ କଥାଟା ଜଣାଇ ଦେଲି । ତେଣିକି ତୁମ୍ଭର ଇଚ୍ଛା । ରହିଲି । ପତ୍ର ପାଇ ପତ୍ର ଦେବ ।

ପ୍ରେମରେ ବାଇଆ ବସା ବାନ୍ଧିଥିଲି
ଆଶା ଖଜୁରୀର ଡାଳେ,
ଭଗ୍ନ ବିଚ୍ଛେଦର ବାଆ ବତାସରେ
ଛିଣ୍ଡି ପଡ଼ୁଅଛି ତଳେ ॥

.....................

.....................

ଇତି ।

ତୁମ୍ଭର, ଅଭାଗିନୀ ପଦ ସେବିକା·······

ଆଉ କଣ ଲେଖିବ, ଚିନ୍ତା ମଧ୍ୟରେ ବୁଡ଼ି ରହିଲା । ଆଖିକୁ ଘୋଟିଲା କାଳ ନିଦ୍ରା ! ଢଳି ପଡ଼ିଲା ଖଟ ଉପରେ । କଲମଟି ଖସି ପଡ଼ିଲା ତଳେ ।

କୁଆ କା କଲା । ରାତ୍ର ଶେଷ ହେଲା । ଅନ୍ଧାର ଗଲା, ଆଲୋକ କୋଳେ ସୂର୍ଯ୍ୟଦେବ ଉଠିଲେ । ଅଳସ ଗଲା ଆଖିରୁ । କ୍ଳାନ୍ତି ମେଣ୍ଟିଲା ଶରୀରରେ । ଶଯ୍ୟା ତେଜିଲେ ନରନାରୀ । କର୍ତ୍ତବ୍ୟର ଆହ୍ୱାନ । ଶୋଇ ରହିଲେ କିପରି ହେବ ? କିନ୍ତୁ ରତ୍ନମା ଆଖିରୁ ନିଦ ସରୁନାହିଁ । ଅଳସ ଘୁଞ୍ଚୁ ନାହିଁ । ଅଘୋର ଅବସ୍ଥାରେ ଶୋଇ ରହିଛି ଖଟ ଉପରେ । ବେଳ ହେଲା ଅନେକ । ତଥାପି ତାର ନିଦ୍ରା ତୁଟିନାହିଁ । ଯେପରି ଦୁନିଆ ଯାକର କ୍ଳାନ୍ତି ତାର ଉପରେ । ସମସ୍ତଙ୍କର ନିଦ ତାର ଆଖିରେ । କିନ୍ତୁ ରତ୍ନମା ବା କିପରି ଜାଣିବ, ତାର ସର୍ବନାଶ ପାଇଁ ଆଜି ନିଦ୍ରା ଦେବୀ ତାକୁ ମନଇଚ୍ଛା ଗ୍ରାସ କରିଛନ୍ତି ?

ସୁକାନ୍ତ ଦେବ ଉଠିଲେ । ମନଟା ତାର କମ୍ପିତ, କମ୍ପିତ । କାହିଁକି କେଜାଣି ? କୌଣସିଥିରେ ସ୍ଥିର ହେଉନି । ଦେଖିଲେ ଫଳ ବାସୀ ପାଇଛି ଯାଉଛି । ତେବେ ରତ୍ନମା ? କଣ ଉଠିନାହିଁ ? ରାଗ ଆସିଲା ମନରେ । ଚଞ୍ଚଳ ହୋଇ ପଳାଇଲେ ରତ୍ନମାକୁ ଡାକିବା ପାଇଁ, ଦେଖି ଚମକି ପଡ଼ିଲେ ଅଘୋର ବସନ ଅସଜଡ଼ା ଲୁଗାଟିକୁ ଟେକିଦେଇ କହିଲେ :

ଆଲୋ ଦୁର୍ଣ୍ଡି, ଏତେବେଳଯାଏଁ କିଏ ଶୋଇଛୁ ?

କାଳ ନିଦଟା ପଳାଇଲା । ଆଖି ମଳି ଉଠିବସିଲା ରତ୍ନମା । ଗୁହିଁଲା ମାଆଙ୍କୁ । ବିରକ୍ତ ଆଖି ଦୁଇଟି ତାର ଉପରେ । ଚମକି ପଡ଼ିଲା ରତ୍ନମା । ଚିଠିଟା ସେଇପର ରହିଛି । ଅସହଣୀୟ ହୋଇ ଉଠିଲା । ଲୁଚାଇ ଦେବ ଚିଠିଟି । ତରବରରେ ଗୋଟାଇ ନେଲା । ପାରିଲାନି । ସୁକାନ୍ତ ଦେବୀଙ୍କ ଆଖିକୁ ସନ୍ଦେହ ହେଲା । ଛଡ଼ାଇ ଆଣିଲେ ରତ୍ନମା ହାତରୁ । ପଢ଼ିଗଲେ କେଇଧାଡ଼ି । ଏ କଣ ? କପାଳ କୁଞ୍ଚିତ ହେଲା । ତଳପା ରାଗ ତାଳୁକୁ ଗଲା । ଚିଠିଟି ସଂପୂର୍ଣ୍ଣ କରି ପାରେଲେ ନାହିଁ । ଆକାଶ ପାତାଳ ଭାବିଗଲେ । ବାମ ହାତଟା ବସାଇ ଦେଲେ ରତ୍ନମା ଗାଲରେ । କର୍କଶ କଣ୍ଠରେ କହିଲେ :

—ଆଲୋ କଳଙ୍କିନୀ ରାତସାରା ଏଇ ପାଠ ପଢ଼ା ହେଉଥିଲା । ସକାଳୁ ନ ଡାକିଲେ ନିଦ ଭାଙ୍ଗୁନାହିଁ ?

ରତ୍ନମା ନରମ କଣ୍ଠରେ ଅପରାଧିନୀ ପରି ଉତ୍ତର ଦେଲା—ମାଆ !

—ଛି, ଲଜ୍ୟା ନାହିଁ, ମାଆ ବୋଲି କହୁଛୁ ? କଳଙ୍କ ବୋଝଟା ଆଣି ମୁଣ୍ଡରେ ଲଦି ଦେଲୁଣି । ତୋର ମୁହଁ ଚାହିଁବା ଉଚିତ ନୁହେଁ । ମୁଁ ତୋ ବାପାଙ୍କୁ ଅସଲ କଥାଟା କୁହେ, ସେ ତୋ କଥା ବୁଝିବେ ।

ଅମ୍ ଅମ୍ ହୋଇ ସୁକାନ୍ତ ଦେବୀ ପଳାଇ ଗଲେ । ଅଶ୍ରୁପୂର୍ଣ୍ଣ ନୟନରେ ଗୁହିଁଥିଲା ରତ୍ନମା । ଅସହ୍ୟ ପରେ ଅସହ୍ୟ ବେଦନା ହୃଦୟରେ ଆଘାତ ଦେଲା । ଗୋଟେ ହାତୁଡ଼ି ନା କଅଣ ? କିଏ ଏପରି ପିଟୁଛି ? ଅସହଣୀୟ ହୋଇ ଉଠିଲା ସେ । ଭାବିଗଲା ଆକାଶ ପାତାଳ । ଜୀବନର ଗୋପନୀୟତା, ପ୍ରକାଶ ପାଇଗଲା ଆଜି । ମାଆ ତାକୁ କହିବେ କଳଙ୍କିନୀ । ବାପା ତିରସ୍କାର କରିବେ । ସମାଜ ନାକ ଟେକି ହସିବ । ଲୋକେ ତାଳି ମାରିବେ । ମନଗଢ଼ା ସୁନା ସଂସାର ଭୁଷୁଡ଼ି ପଡ଼ୁଛି ତାହାରି ହାତରେ । ତାହାରି ପାଇଁ ସୁରଞ୍ଜନ, ସମାଜର ଚକ୍ଷୁରେ ହେବେ ହାସ୍ୟାସ୍ପଦ । ବାପାଙ୍କର ଘୃଣାରେ ଘର ମାଟିରେ ପାଦ ଦେବେନି । ମାଆଙ୍କର କଡ଼ାକଥାରେ ଲୁହ ଆସିବ ତାଙ୍କ ଆଖିରେ । କଣ କଲି ଆଜି ? ଅଲକ୍ଷଣି ହୋଇ ଶୋଇ ରହିଲି । ମରମ ଦୋହଲାଇ କାହାର

ଗଲା ନିଶ୍ୱାସଟା । ଆଖିରେ ଲୁହ ଆସିଲା । କଣ କରିବ ସେ ? ବାପାଙ୍କୁ କି ଉତ୍ତର ଦେବ

ରତ୍ନମା ଆଉ ଭାବି ପାରିଲା ନାହିଁ । ବାପାଙ୍କର ବିରକ୍ତ ଡାକ ପୂର୍ଣ୍ଣଚ୍ଛେଦ ଟାଣିଲା ଭାବନାରେ । ସେ ଦୃଢ଼ସଂକଳ୍ପ କଲା ମନେମନେ । ବାପାଙ୍କୁ ସଫା ସଫା କହିଦେବ, ସୁରେଶ ବିନା ସେ ଆଉ କାହାକୁ ଚାହେଁନା । ସୁରେଶଙ୍କୁ ଛାଡ଼ି ସଂସାର କରି ପାରିବନି । ତାଙ୍କୁ ଭଲ ପାଇଛି । ସ୍ନେହ ଦେଇଛି । ନିବିଡ଼ ଅଶ୍ଳୀଷ ମଧ୍ୟରେ ସାଇତା ଧନ ଟିକକ ଦେଇଛି । ପ୍ରକାଶ କରିଛି ଗୋପନୀୟତା ଲଜ୍ଜା ସରମକୁ ଠେଲିଦେଇ । ସୁରେଶ ବିନା ସବୁ ଅନ୍ଧକାର, ସବୁ ଶୂନ୍ୟ । ଯେଉଁସବୁ ଗୋପନ କଥା ଦିନେ ସେ ମୁହଁଖୋଲି କହିଥାନ୍ତା, ଆଜି ଜଣାଇ ଦେଇଛନ୍ତି ଭଗବାନ । ମନରେ ଦମ୍ଭ, ସାହସ ନେଇ ଠିଆହେଲା ବାପାଙ୍କ ନିକଟରେ । ଚାହିଁ ରହିଲା ମାତ୍ର, ପିଲାଟି ପରି ବାପାଙ୍କ ପ୍ରଶ୍ନକୁ ।

ଉମାକାନ୍ତ ବାବୁ ଚଷମା ଖୋଲି ଚାହିଁଲେ । ମୁହଁରେ ନିରସତା ନାହିଁ । ଦମ୍ଭ, ସାହସ । ବଦଳିଗଲା ଭାବନା ତାଙ୍କର । ତେବେ କଣ ରତ୍ନମା ସୁରେଶ ନିକଟକୁ ପତ୍ର ଲେଖୁ ନ ଥିଲା ? ମନର ଦୁର୍ବଳତା ଦୂର କରିବାକୁ କଣ ଗୁଡ଼ାଏ ଲେଖି ପକାଉଥିଲା । ନା । ତେବେ ଘଟଣାଟା ଯଦି ସତ୍ୟହୁଏ ; ଉମାକାନ୍ତ ବାବୁଙ୍କ ରାଗ ଚୂଳହେଲା ରତ୍ନମା ଉପରେ । କ୍ରୋଧାନ୍ୱିତ କଣ୍ଠରେ ପ୍ରଶ୍ନକଲେ ଉମାକାନ୍ତ :

—ରତ୍ନମା, ତୁ କଣ ଏ ଚିଠି ଲେଖୁଥିଲୁ ?

—ହଁ ।

—ସୁରେଶ ନିକଟକୁ ?

—ହଁ ।

ସ୍ଥିର ହୋଇ ରହି ପାରିଲେ ନାହିଁ ଉମାକାନ୍ତ । କ୍ଷଣକ ପାଇଁ ସିଲେଇ ଗଲେ । କପାଳ କୁଞ୍ଚିତ ହେଲା ତାଙ୍କର । ବାମହାତଟା ବସିଲା ରତ୍ନମା ଗାଲରେ । ଥରଥର କଣ୍ଠରେ ଉମାକାନ୍ତ କହିଲେ—ତୁ ମୋ ଠାରୁ ଜନ୍ମ ହୋଇଥିଲୁ ମୋର ବଂଶର ଗୌରବ ଆଭିଜାତ୍ୟକୁ ଧୂଳିରେ ମିଶାଇବା ପାଇଁ ? କଣ ମୁଁ କହିବି ତୋତେ ?

ଭାରତ ଉତ୍କଳ ସଂଘ, [illegible]
ପାଠାଗାର
ନଂ ........................

ଉମାକାନ୍ତ ଅପେକ୍ଷା ସୁକାନ୍ତ ଦୁଅଣା ବେଶୀ ରାଗି ଯାଇଥିଲେ । ସେ ଭାବୁଥିଲେ ଯଦି ସୁରେଶକୁ ସାମନାରେ ପାଆନ୍ତେ, ତା' ହେଲେ......? କିଛି ସ୍ଥିର କରି ପାରିଲେ ନାହିଁ । ଆତୁର କଣ୍ଠରେ ଉମାକାନ୍ତଙ୍କୁ ସେହି ପ୍ରଶ୍ନ କଲେ, କଣ ଲେଖିଛି ?

ଲେଖିଛି ସେ ସୁରେଶକୁ ବିବାହ କରିବ । ତାକୁ ଭଲ ପାଇଛି । ଛି, କଳଙ୍କିନୀ ଯାଜ ତୁ ଏତିକି ଲେଖି ପାରିଲୁ । ଶିଷ୍ଟାଚାରର ଗୋଟେ ସୀମା ଅଛି । ତତେ ମୁଁ ପାଠ ପଢ଼ାଇଥିଲି, ଆଜି ଏଇଆ ଦେଖିବା ପାଇଁ ? ତୁ ମୋର ମୁଣ୍ଡ ତଳକୁ କରିବାକୁ ବସିଲୁଣି । ତୋ ଉପରେ ମୋର ଯେଉଁ ବିଶ୍ୱାସ ଥିଲା, ତାହା ବଦଳରେ ଆଜି ମୁଁ ଏଇଆ ଶୁଣିଲି । ଲୋକେ ଶୁଣିଲେ କଣ କହିବେ ? ସଜ ମାଂସରେ ପୋକ ପକାଇ ନାକ ଟେକି ହସିବେ । ଛି......

ସୁକାନ୍ତ ଦେବୀ ଉତମା ଗାଲକୁ ଖୁଦ୍ଦାଟିଏ ଦେଇ କହିଲେ—ଛି ମୁହଁ ହଲାଇ କାନ୍ଦୁଛୁ ସୁରେଶକୁ ବିବାହ କରିବା ଅପେକ୍ଷା ନଈ, ପୋଖରୀକୁ ଆଣ୍ଡା କରିବା ଭଲ । ତୋ ତଣ୍ଟି ଚିପି ମାରିଦେବା ଭଲ । ଆଉ ଏତେ ଅଡୁଆ ନଥିବ । କାଲି ଛୁଡ଼ି ପହରଦିନ ତୋର ବିବାହ ହେବ । ତୁ ଏଇ ଚିଠି ଲେଖୁଛୁ ସୁରେଶ ନିକଟକୁ ? ସେ କଣ ତୋତେ ସ୍ୱର୍ଗକୁ ନେବ ? ଦେଖିଲ ଏଥର ଗୁଣବତୀ ଝିଅର କାରାମତି । ମତେ ପରା କହୁଥିଲ । ଆଜି ଆଖିରେ ଦେଖ ସୁଜ ଯାହା କହେ ସୁନ୍ଦର କି ଅସୁନ୍ଦର । ଏହିଁଛ ଆଉ କଣ ? ବଳେ ବୁଡ଼ି କହୁଣୀକୁ ଗଲେ ଆଉ ଫେରିବ ନାହିଁ । ତୁମେ ଆସନ୍ତା ବୈଶାଖ ମାସ ଯେମିତି ଇଚ୍ଛା ବିବାହ କରାଇ ଦିଅ । ନ ହେଲେ ପୋଡ଼ାମୁହାଁ ସୁରି ଆସିଲେ ଅଡୁଆ ଆହୁରି ବଢିଯିବ । ବାଳାଙ୍କ ବୋଝଟା ମୁଣ୍ଡରୁ ଓହ୍ଲାଇ ପାରିବନି ।

—ସତେ ? ଉତମା ମୋର ଝିଅ । ତାକୁ ମୁଁ ସତ୍ ପାତ୍ରରେ ବିବାହ ଦେବି । ଏଥିରେ ସୁରେଶ ନା ତା ବାପ ରତ୍ନାକର କଣ କରିବ ? ମୁଁ ଜାଣି ନଥିଲି ସୁରେଶ ପେଟରେ ପଶି ଏପରି ଗୋଇଠା ଦେବ ବୋଲି । ହେଲେ ତାକୁ ମୁଁ ବୁଝାଇ ଦେବି ଯେ ବିଶ୍ୱାସ ଘାତକତାର ଫଳଟା ଓଲଟା ଫଳେ । ଆରେ ଶିବ, ଗଲୁ ରତ୍ନାକରକୁ ଡାକି ଆଣିବୁ । ତା ସହିତ ମୁଁ ଟିକେ ପରାମର୍ଶ କରେ । ତା ପରେ ସୁରେଶ କଥା...... ।

ଉମାକାନ୍ତ ବାବୁଙ୍କ ନିଜତ୍ୱ ନଥିଲା । ସେ ରାଗରେ ଫଁ ଫଁ ହେଉଥିଲେ । ହୃଦସ୍ଥରେ ଯେପରି କିଏ ଗୋଟାଏ ହାତୁଡ଼ି ବାଡ଼େଇଛି । ସେ ଭାବୁଥିଲେ କଣ କରିବେ ? ରତିମାକୁ ଶାସ୍ତି ଦେବେ ? ନା ହୁଏତ ସେ ଆଉ କିଛି କରିପାରେ । ବଦନାମଟା ବେଶୀ ହେବ । ତେବେ ଯାହାତ ହୋଇଛି, ଆଉ ବିଶେଷ ନିର୍ଯ୍ୟାତନା ଦେଇ ଲାଭ କଣ ? ତାଙ୍କୁ ସବୁ ସହିବାକୁ ପଡ଼ିବ । ରତିମା ତାଙ୍କର ଝିଅ । ଉମାକାନ୍ତ ବାବୁ ଆଉ ଆଗକୁ ଭାବି ପାରିଲେ ନାହିଁ । ରତ୍ନାକରର ନମସ୍କାରରେ ବାଧ୍ୟ ହୋଇ ପ୍ରତି ନମସ୍କାର ଜଣାଇଲେ । ରତିମା ଠିଆହୋଇ ଅନେକ ଭାବୁଥିଲା । ସେ କହିଥାନ୍ତା ଅନେକ କଥା । କିନ୍ତୁ ନିଜର ଅଶ୍ଳୀଷ ପଣଟି ବାପାଙ୍କ ହାତରେ । ସରମରେ ସଢ଼ିଗଲା । ଆଉ ମନରେ ସ୍ଥିର କଲା, ନିର୍ଯ୍ୟାତନା ମଧ୍ୟରେ ଜୀବନ ଯାପଟି ନିଭିଗଲେ ସୁଦ୍ଧା ସେ ସୁରେଶ ବ୍ୟତୀତ ଅନ୍ୟ ଜଣଙ୍କୁ ବିଭା ହେବନି । ରତ୍ନାକରକୁ ଦେଖି ରତିମା ପଳାଇଲା । ରତିମାର ଏପରି ଭାବ ଦେଖି ରତ୍ନାକର ବାବୁ ପ୍ରଶ୍ନ କଲେ—

—କଣ ହୋଇଛି ଆଜି ତାର ?

—ତାର ମୁଣ୍ଡ, ଗଣ୍ଡି, ସବୁ ଏକା ହୋଇଛି ।

—ଆଜି କିଛି·····?

ରତ୍ନାକର ବା ଜାଣିବ କିପରି ? ଉମାକାନ୍ତ ବାବୁଙ୍କର ରାଗଟା ଖୋଲଣି ତାଙ୍କର ଉପରେ ବୋଲି । ସେ ଘଟଣାଟା ବୁଝିବା ପାଇଁ ଧୀର କଣ୍ଠରେ ଉମାକାନ୍ତ ବାବୁଙ୍କୁ ବୁଝି ପ୍ରଶ୍ନ କଲେ :

—କଣ, ଆଜି ଏମିତି ରାଗ, ରାଗ ଜଣା ପଡୁଛି ?

—ଆଉ କଣ ତୁମ୍ଭପରି ଛୋଟ ଲୋକଙ୍କୁ ବନ୍ଧୁ କରି ବଂଶର ଅମର୍ଯ୍ୟାଦା କରିବି ?

—କିଏ କହୁଛି ? ଶାନ୍ତ ଆଉ ଧୀର ମଧ୍ୟରେ, ଅସ୍ଥିର ହେଲେ ରତ୍ନାକର ନିଜକୁ ଭୁଲିଗଲେ ।

—ତୁ ନ କହିଲେ ତୋର ପୁଅ କହୁଛି ।

—ସେ କଥାତ ମୁଁ ଜାଣେନା ।

—ଜାଣିବ, କିପରି ପୁଅତ ଗୋପରେ ଲୀଳା କରୁଛି, ବାସୁଦେବର ।

—ହା ଆମ୍ଭ ବଳରେ, ବାହୁଳ ରତ୍ନାକର, ଦାନ୍ତ ପୁଅ ସ୍ୱର । ଆଜି ମୋର ସର୍ବନାଶ କରିବାକୁ ବସିଛୁ । ମୂଳକ ମନରେ ବାଜୁଛି ଭାଳୁଛୁ ।

—ତେବେ ମୋର ଆୟୁଷ କଣ ? ମୁଁ ତ ସେ ସବୁ କଥା ଜାଣେନା । ଯଦି କିଛି ଖରାପ କାମ କରିଛି ବୋଲି ଆପଣ କହୁଛନ୍ତି, ତା ହେଲେ ମୁଁ ଭୁଲେ । କିନ୍ତୁ ଆପଣଙ୍କ ମନ ମଧ୍ୟରେ ଏତେ ଅଭଦ୍ରତା ଲୁଚି ରହିଥିଲା ଆଜି ମୁଁ ସ୍ୱ ଚକ୍ଷୁରେ ଦେଖିଲି ।

—ହଁ ମୁଁ ମଧ୍ୟ ଆଜି ବୁଝୁଛି ଯେ ଶ୍ରେଷ୍ଠ ଲୋକଙ୍କୁ ହାତ ଟେକିଲେ ବସାଇଲେ ତାଙ୍କୁ ଗୋଡଠା ମାରନ୍ତି ।

—ଉମାକାନ୍ତ ବାବୁ ? ଭଦ୍ରତାର ସୀମା ଲଙ୍ଘିଲେ ଅମଙ୍ଗଳ ହେବ । କଥା ମାଧ୍ୟମରେ ଆପଣ ମୋତେ ବହୁତ ଥର ଶ୍ରେଷ୍ଠ ନେତ କହିଲେଣି । କାହାପାଇଁ ଆପଣ ଆଜି ବଡ଼ଲୋକ ? କାହାର ଚେଷ୍ଟାରେ ଆପଣଙ୍କର ଏତେବଡ଼ ବ୍ୟବସାୟ ସଂସ୍ଥା ଗଢି ଉଠିଛି ଶୁଣିପାରେ କି ?

—ତୁମକୁ ସେ ହିସାବ ଦେବାପାଇଁ ଡକାଇ ନାହିଁ ।

—ତେବେ ? ଅପମାନ ଦେବାପାଇଁ ?

—ଡକାଇଛି ଏହାର ନିଷ୍ପତ୍ତି ପାଇଁ ।

—ନିଷ୍ପତ୍ତି ଟା ତ ମୋ ନିକଟରେ ନାହିଁ ।

—ତଥାପି ତୁମର ବିଶ୍ୱାସ ହେଉନାହିଁ ଉମାକାନ୍ତ କେବେ ମିଛ କହେ ନାହିଁ ।

ଆପଣ ମଧ୍ୟ ଜାଣିବା ଦରକାର ଯେ ରତ୍ନାକର ବେଇମାନ କାର୍ଯ୍ୟ କରେ ନାହିଁ । ଭଦ୍ରତା ଦୃଷ୍ଟିରୁ ଆପଣଙ୍କୁ ମୁଁ ବିଶେଷ କିଛି କହି ପାରୁନାହିଁ ।

—କହିବା ଅପେକ୍ଷା କରିବାଟା ବଡ଼ । ଯେଉଁଠି କାର୍ଯ୍ୟରେ ପରିଣତ କରିବାକୁ ବସିଲଣି । କହୁ ଲାଭ କଣ ? ଲଜ୍ଜା ଆସୁନାହିଁ ତୁମକୁ ?

—କାହିଁକି ? ମୁଁ ତ ଆପଣଙ୍କର କିଛି ଖାଇ ଯାଇନାହିଁ । ସୁବିଧା ଅସୁବିଧାରେ ଯାହା ଦେଇଛି ଅସଲ ସୁଧସହ ପରିଶୋଧ କରିଛି । ଯଦି କିଛି ଅଛି ସେଇଥିର ଦେବି । କିନ୍ତୁ·····

ତେବେ କଣ କହିବାକୁ ଯାଉଛ ? ଗୋଟାଏ ଦାଗ ଦେଲେ ଭଲ ହେବ ?

—ଦାଗ ମୋତେ ଦେବା ଅପେକ୍ଷା ଆପଣଙ୍କ ଉପରେ ଯେଉଁ ଦାଗଟା ଲାଗିଛି, ତାକୁ ହାତେ ହାତେ ପୋଛି ପକାନ୍ତୁ । ରତ୍ନାକର ଏଥର ପୂର୍ଣ୍ଣ ମାତ୍ରାରେ ରାଗି ଯାଇଥିଲେ ।

—ତେବେ ତୁ କଣ ଚାହୁଁ ମୋ ଝିଅ ରତ୍ନମାକୁ ବୋହୂ କରିବାକୁ ?

—ନାହିଁ, ମୁଁ ତ ଆପଣଙ୍କୁ ସେକଥା କେବେ କହୁନାହିଁ । ଯଦି ସେପରି କିଛି ଅପ୍ରୀତିକର ଘଟଣା ଘଟିଗଲା, ତା ହେଲେ ବୁଝିବା ଦରକାର । ଆପଣ କଣ ଜାଣି ନାହାନ୍ତି, ଗୋଟିଏ ହାତରେ ତାଳି ବାଜେନା । ଏଥିରେ କଣ ଆପଣଙ୍କ ଝିଅ ରତ୍ନମାର ଭୁଲ୍ ନାହିଁ ? ଆପଣ ତାକୁ ଶାସନ କରନ୍ତୁ । ମୋ ପୁଅକୁ ମୁଁ ବୁଝିବି । ମୋ ପୁଅ ଉପରେ ତ ଆପଣଙ୍କର କିଛି ଅଧିକାର ନାହିଁ । ମୁଁ ଭଲରେ କହୁଛି କଥାଟାକୁ ନ ବଢ଼ାଇ ପୋଛି ପକାନ୍ତୁ । ସେଥିରେ ଆପଣଙ୍କର ମଙ୍ଗଳ ହେବ ।

ବେଶ୍ ମୋର ମଙ୍ଗଳ, ଅମଙ୍ଗଳ କଥା ମୁଁ ବୁଝୁଚି । କିନ୍ତୁ ଏହାର ପ୍ରତିଦାନ ତୋତେ ତୁମ୍ଭଙ୍କୁ ଦିନେ ନା ଦିନେ ଦେବାକୁ ହେବ । ଆଉ ତୁମ ଉପରେ ଯେଉଁ ଟଙ୍କା ଅଛି ତାର ସୁଧ, ମୂଳସହ ଅତଶୀଘ୍ର ପରିଶୋଧ କର । ନ ହେଲେ.....

—ଅସୁବିଧା ହେବ । ମୁଁ ବୁଝୁଛି । ତଥାପି ମୁଁ ଦେବି । ଆଉ ମାସେ, ଦୁଇ ମାସରେ ଦେଇଥାନ୍ତି, ହୁଏ ତ ଆଜି କି କାଲି ଦେବି । କିନ୍ତୁ ଆପଣଙ୍କଠାରୁ ଆଜି ଯେଉଁ ବ୍ୟବହାର ପାଇଲି, ଏଥିରେ ଭଗବାନ ମଧ୍ୟ ଅସନ୍ତୁଷ୍ଟ ହେବେ ।

ରତ୍ନାକର ଆଉ ବସି ପାରିଲେ ନାହିଁ । ସାଇକେଲ୍ ଧରିଲେ । କ୍ରୋଧଟା ସୀମା ଲଙ୍ଘିଲା । ମନରେ ଭାବୁଥିଲେ । ସୁରେଶକୁ ସମ୍ମୁଖରେ ପାଇଲେ, ପ୍ରତିଶୋଧଟା ଆଦାୟ କରନ୍ତେ, ତଥାପି । ତାର ପାଇଁ ଏତେ କଥା । ଶେଷ ତା ହେଲା, ଜମାକାନ୍ତ ବାବୁ ହେଉଛି । ମୁଣ୍ଡ ହେଲା ତଳକୁ । ଦୁଃଖରେ ଭାଙ୍ଗି ପଡ଼ିଲେ । ମରମ ଚହଲାଇ ଦେଲା, ଦୀର୍ଘ ନିଶ୍ୱାସଟା । ଭାବିଲେ କଥାଟାକୁ

ଝଗଡ଼ା କରିବେନା । ସୁର ତାଙ୍କର ପୁଅ । ଆଉ ରତ୍ନମା ତାଙ୍କର ନହେଲେ ସୁଦ୍ଧା, ଝିଅ । ହୁଏତ ଆଉ କିଛି ହୋଇପାରେ ।

ଉମାକାନ୍ତ ବାବୁ ଭାବୁଥିଲେ, ରତ୍ନମା ତାଙ୍କର ଝିଅ । ତାକୁ ଶାସନ କରିବା ଉଚିତ । ନହାକାନ୍ତକୁ ସେ ତିରସ୍କାର କରିଛନ୍ତି । ଏଥିରେ ବା ତାର ଅପରାଧ ? ଦୋଷ ରତ୍ନମା, ସୁରେଶର । ଆଉ ଭାବି ପାରିଲେ ନାହିଁ । ରାଗଟା ଠୁଳ ହେଲା ରତ୍ନମା ଉପରେ । ଉଠିମାଇ କହିଲେ :

—ତୋର ପାଇଁ ଆଜି ଏତେ କଥା । ନ ଶୁଣିଲା ଲୋକଠାରୁ ପଦେ ଶୁଣିଲି । ତୁ ମୋର ଝିଅ ହୋଇ ହେଲୁ ଦୁଃଖର କାରଣ । ତତେ ମୁଁ କଣ କହିବ ? ଆଗେ ତୋର ବିବାହ ପରେ ଅନ୍ୟକଥା । କିନ୍ତୁ ଆଜିଠାରୁ ବିବାହ ପର୍ଯ୍ୟନ୍ତ ତତେ ମାମୁଁ ଘରେ ରହିବାକୁ ହେବ ।

ଧୈର୍ଯ୍ୟଚ୍ୟୁତ ହେଲା ରତ୍ନମାର ବାପାଙ୍କର ନିଷ୍ଠୁର ନିର୍ଯ୍ୟାତନାରେ । ଭାଙ୍ଗିଗଲା ଆକାଶ ପାତାଳ । ବୋହିଗଲା ନେତ୍ରଧାରେ ଲହୁ । ପ୍ରଳୟ ଅଗ୍ନିରେ ଝାମ୍ପ ଦେଲା ମନ ପକ୍ଷୀଟି । ହୃଦୟରେ ଶତ ବୃଶ୍ଚିକ ଦଂଶନ । ପ୍ରମାଦ ଗଣିଲା । ମନେ ମନେ । ବାପା ତାକୁ ଜନ୍ମ କରିଛନ୍ତି । ତାର ସୁଖଟାକୁ ଦଳି ଦେଉଛନ୍ତି ପାଦରେ ଚାପିଚାପି । ସୁନାର ସଂସାରଟାକୁ ନଷ୍ଟ କରୁଛନ୍ତି ସାମାନ୍ୟ କ୍ରୋଧରେ । ଅସତ ପଥକୁ ଟାଣି ନେଉଛନ୍ତି ତାକୁ, କାହିଁକି ? ସେ ଅସମ୍ଭାଳ ହୋଇ କହିଲା,—ବାପା ମୋତେ ଜନ୍ମ ଦେଇଛ । କିନ୍ତୁ କର୍ମ ତ ତୁମ ହାତରେ ନୁହେଁ ?

ରତ୍ନମା ତତେ ମୁଁ ପାଠ ପଢ଼ାଇଥିଲି ଏଇକଥା ଶୁଣିବା ପାଇଁ । କେଉଁ ସାହସରେ ସୁର ନିକଟକୁ ପତ୍ର ଲେଖୁଥିଲୁ । କଥା କହୁଛୁ ପୁଣି, ମୋହର ସମ୍ମୁଖରେ । କୌଣସି ଆପତ୍ତି ତୋର ଶୁଣିବିନି । ତୁ ଜାଣୁ ସୁରକୁ ବିବାହ କଲେ ମୋର ବଂଶର ଆଭିଜାତ୍ୟ ଯିବ, ନୈତିକତା ?

ତାର କେଉଁ ଗୁଣରେ ତୁ ମାଦକ ବାନ୍ଧୁ ?

—ବାପା ତୁମେ ମୋତେ ଅସତ ପଥକୁ ଟାଣି ନିଅନ୍ତୁନାହିଁ । ଭଲ ପାଇବାର ଅନାବିଳ ଆକର୍ଷଣ ମଧ୍ୟରେ ଉଚ୍ଚ ନୀଚ, ଧନୀ, ଦରିଦ୍ରକୁ ନେଇ ତୁଳନା କରାଯାଇ ପାରେନା । ଏସବୁ ତୁଚ୍ଛ ନଗଣ୍ୟ । ସୁରକୁ·····

—ନା ଅସମ୍ଭବ । କଳ୍ପନା ତୋର କଳ୍ପନାରେ ରହିବ । ମୁଁ ତୋର ବାପ ! ତୋର ଭଲମନ୍ଦ କଥା ମୋ ହାତରେ । ତୋର ସୁଖ ପାଇଁ ମୁଁ ସତ୍ପାତ୍ରରେ ଦେବି । ଉଚ୍ଚ ସ୍ଥାନରେ ବନ୍ଧୁ କରିବି । ବଂଶର ମର୍ଯ୍ୟାଦା ରଖିବି । ଉମାକାନ୍ତ ବାବୁ ଆଉ କିଛି କହିବାକୁ ଯାଉଥିଲେ, କିନ୍ତୁ କାହାର ଡାକରେ ପଳାଇ ଆସିଲେ ବାହାରକୁ ।

ଡାକ ପିଅନ । ଚିଠି ଦେଇଗଲା । ଉମାକାନ୍ତ ବାବୁ ଖୋଲି ପଢିଲେ ଧନବନ୍ଧୁ ଭାଇ ଲେଖିଛନ୍ତି । ରତ୍ନମା ବିବାହର ସମ୍ପର୍କରେ । ଠିକ ହୋଇ ଯାଇଛି ଓରିସ୍ସାରେ । ଆସନ୍ତା ବୈଶାଖରେ ସୁବିଧା ଦେଖି କରିନେବେ । ଟିକିଏ ଆନନ୍ଦ ହେଲେ ଏତେ ଦୁଃଖ ମଧ୍ୟରେ ଭରଷା ପାଇଲେ ନିଆଶାରୁ । ମିଳେଇ ଗଲେ ଆନନ୍ଦରେ । ଆନନ୍ଦଟାକୁ ଚୃପି ପାରିଲେନି । ପଳାଇ ଆସିଲେ ଘରକୁ । କହି ଦେବାକୁ ସୁକାନ୍ତ ଦେବୀଙ୍କୁ । ଅଧିର ହୋଇ କହିଲେ—

ବୁଝିଲ ସୁକ ଭଗବାନ ଆମ୍ଭର ଡାକ ଶୁଣିଛନ୍ତି ।

—କଣ ହୋଇଛି ?

—ଧାନବନ୍ଧୁ ଭାଇ ଚିଠି ଲେଖିଛନ୍ତି । ସେ ଓରିସ୍ସା ଯାଇଥିଲେ ।

—କଣ ଲେଖିଛନ୍ତି ?

—ଯାଇ ବୁଝା ସୁଝା କରିଛନ୍ତି ପିଲାଟାକୁ ଦେଖିଛନ୍ତି । ତାଙ୍କର ଇଚ୍ଛା ଅଛି । ଆସନ୍ତା ବୈଶାଖରେ

ଯଦି ହୁଏ କରିନେବା । ସେମାନେ ବି ଏଥିରେ ରାଜି ।

—ବୈରକୁ ମାଡ଼ କହିବାକୁ ଅଛିନା । ଯେତେଶୀଘ୍ର ଆଗୁ ବଢାକଲେ ମନୁଷ୍ୟ ଟିକିଏ ଶାନ୍ତିରେ ନିଶ୍ୱାସ ମାରିବ । ଓହୋ ଝିଅଙ୍କର ଯେଉଁ ଦାଉ, ଭୟ କିମ୍ବା କରିଛି ସେ ଜାଣେ । ଯାହା ହେଉ ଭଗବାନ ଏତେ ଦିନେ ଆଖି ଖୋଲି ଚାହିଁଲେ । ମଣିଷ ଝିଅ ଦୁଃଖରୁ ବଞ୍ଚିତ ହେବ । ଆଜି କାଲି ଝିଅମାନେ ଯାହା ହେଉଛନ୍ତି ଆଖି ଦେଖି ବୁଜି ହୋଇ ଯାଉଛି । ବୟସ ବଢିଲେ ସବୁ ସେହିପରି । ରତ୍ନମା କଣ । ବୟସ ହେଲେ ଏପରି ହୁଅନ୍ତି । ଟିକିଏ ଗୋଡ଼ ଖସିଲେ, କଳଙ୍କ ବୋଝଟା ମୁଣ୍ଡାଇବାକୁ ହେବ । ସେହି କଥା ନେଇ ତୁମ୍ଭଙ୍କୁ କହେ । ଟିକେ ନଜର ରଖ । ହେଲେ ତୁମେ କଣ ସେକଥା ବୁଝ ?

-ଓହୋ, ପୁଣି ସେଇସ୍ୱା ! ଝିଅର ରକ୍ଷଣ ଦାୟିତ୍ୱଟା ପାଇଁ ଯଦି ମୁଁ ଅକ୍ଷମ । ତାହେଲେ ତୁମ୍ଭେତ ଅଛ । ତୁମ୍ଭେ ତାର ମା' ତାକୁ ସାବଧାନ କରିଛ । ବେଶ୍ ଭଲ ହୋଇଛି । ନିଆଁ ଜଳିବା ଆଗରୁ ପାଣି ପଡ଼ିଲେ ସବୁ ଶେଷ । ଆଗକୁ ଆଉ ନଥିବ । ହେଉ କେଉଁ ପାଣି କୁଆଡ଼େ ଯାଉଛି ସେ କଥା ଭଗବାନଙ୍କୁ ଜଣା ।

ଭାଙ୍ଗି ପଡ଼ିଲା ରତ୍ନମା, ବାପା, ମାଆଙ୍କର ଏପରି କଥାଶୁଣି । କିଏ ଯେପରି ଦୁଇ ଦୃଣଟା ନହାଣୀଆଁ କଣ୍ଟା ପିଟିଲା ବୁକୁରେ । ଠିଆ ହୋଇ ପାରିଲା ନାହିଁ । କ୍ରୋଧଟାକୁ । ସମ୍ଭାଳିବା ପାଇଁ ଶୋଇ ପଡ଼ିଲା, ଖଟରେ । ମରମ ଦୋହଲାଇ ଦେଲା, ଦୀର୍ଘ ନିଶ୍ୱାସଟା । ଆଖିରେ ଆସିଲା ଅଶ୍ରୁ । ଭାବିଗଲା ବିଗତ ଘଟଣା । ଯେଉଁ ଦୃଷ୍ଟି ବାଣ୍ଡ୍ୟାଟି ବହିଗଲା, ତାର ଉପରେ । ତାହା ଯଦି ଅସହ୍ୟ ହୁଏ । ତେବେ ଏତେଦିନର ଆଶା, ଅଭିଳାଷ ବିଫଳ ନିଷ୍ଫଳ । କାହିଁକି ? ସୁରଭାଇ ଯୁବକ । ସୁନ୍ଦର, ଶିକ୍ଷିତ । ଚରିତ୍ର ବାନ । ତେବେ ବାପାଙ୍କର ପ୍ରତିହିଂସା ତାଙ୍କ ପ୍ରତି କାହିଁକି ? କେତେ ଥରତ ବାପା ସମ୍ମୁଖରେ ତାଙ୍କର ପ୍ରଶଂସା ଗାଇଛନ୍ତି । ମାଆତ ପୁଅପରି ଭାବନ୍ତି । ଆଜି ତାଙ୍କ ପ୍ରତି କାହିଁକି ଏ ବ୍ୟବହାର । ଧନୀ ନୁହଁନ୍ତି । ଏଇତ ଧନ ସମ୍ପତ୍ତିରେ ତ ସୁଖ ନାହିଁ । ସୁଖ ଅଛି ଦମ୍ପତିରେ । ମହା ପୁରୁଷ ମାନେ କହିଛନ୍ତି—ମହା ସୁଖ ଦମ୍ପତିରେ, କି ମିଳିବ ଧନ ସମ୍ପତିରେ । ତେବେ କଣ ମୋର ଦାମ୍ପତ୍ୟ ସୁଖ ହେବନି ? ମୋର ମନଖୋଲା ଡାକ କଣ ଭଗବାନ ଶୁଣିବେନି ? ଏ ଜୀବନରେ କଣ ସୁର ଭାଇଙ୍କୁ ପାଇ ପାରିବିନି ? ଯାହାର ପଦ ପଙ୍କଜରେ ଅର୍ଘ୍ୟ ଦାନ କରିଛୁ, ତାପୁଣି ଫେରାଇ ଆଣିବ କପରି ? ଏଥିରେ କଣ ମଙ୍ଗଳ ହେବ ? ଆଉ ଗୋଟିଏ ଯୁବକକୁ ନେଇ କଣ ମୁଁ ସୁଖୀ ହୋଇ ପାରିବ ? ସତୀତ୍ୱରେ କଳଙ୍କ ଲାଗିବ । ଜାଣି, ଜାଣି, ଦୁଇଟି ଯୁବକର ଜୀବନ ନଷ୍ଟ କରିବ । କଳଙ୍କିନୀ ଭାବରେ ନବବଧୂ ସାଜିବ ? ନା, ନା ତା କରିବନି । ସୁରଭାଇ ବିନା ଚିର କୁମାରୀ ହେବ । ରୂପ, ଯୌବନକୁ ସଜାଇ ଦେବ । ବାପା ମାଆ, କଥାରେ ନରକକୁ ଯିବନି । ସମାଜ ତାଳିମାରୁ । ଲୋକେ କଳଙ୍କିନୀ କହନ୍ତୁ । ସବୁ ସହିବ ।

ସେ ଖାଲି କାନ୍ଦୁଥିଲା । ଆଖି ଫଟା ଲୁହ, ଆଉ ବୁକୁଫଟା ବେଦନା ବ୍ୟତୀତ ତାର ଅନ୍ୟ ସମ୍ବଳବା କଣ ଥିଲା ? ସେ ଭାବୁଥିଲା, ଘଟଣାଟା ଜାଣିଲା ପରେ ବାପା ନିଶ୍ଚୟ ସୁବ୍ୟବସ୍ଥା କରିବେ ।

×          ×          ×          ×

ବୟସ ସଙ୍ଗେ ବୃଦ୍ଧି ପାଏ, ବିବେକ ଜ୍ଞାନ । ମନୁଷ୍ୟ ପୂର୍ଣ୍ଣତାଙ୍କ ପ୍ରାପ୍ତହୁଏ । ରୂପର ପରଶ ମେଲାଇ । ହୃଦୟରେ ସୃଷ୍ଟି ହୁଏ, କୁହେଳିକା । ମନ ଖୋଜେ ଯୌବନର ଆସ୍ୱାଦନ । ଗୋଟିଏ ଅଭୁଲା ସାଥୀ । ଜୀବନଟା ରକ୍ଷା ପାଇବ ହତାଶରୁ । କିନ୍ତୁ କିଏ ?

ସୁରେଶ ଯୁବକ । ବାଲ୍ୟବସ୍ଥା ଡୁରେଇ ଯାଇଛି ଅନେକ ଦିନରୁ । ପାଦ ଦେଇଛି, ଜୀବନର ଦ୍ୱିତୀୟ ସୋପାନରେ । ବାନ୍ଧି ହୋଇଛି ପ୍ରିୟତମା, ରତ୍ନମା ଭଲ ପାଇବା ଫାଶରେ । ବୃଟିଛି ଯୌବନର ମାଦକତା । ପରି ସମାପ୍ତି କରିଛି ପିପାସା । ବାକି ଅଛି ପ୍ରଣୟ ।

ପ୍ରଣୟ ବିନା ଜୀବନଟା ମୂଲ୍ୟହୀନ । ହତ୍ତକୁଣ୍ଠା ହୋଇଉଠେ ମନୁଷ୍ୟ, ପ୍ରଣୟ ବିହୁନେ ଅନ୍ଧକାର ଦିଶେ ଦୁନିଆଁ । ପିଇବା ଲାଗେ ଅମୃତ । ନାଚୀ ଯାଏ ଆଖି ଆଗରେ ନବ ପ୍ରଣୟର ମଧୁମୟ ମହତ୍ୱ । ବାସ ରଜନୀର କୁସୁମ ଶଯ୍ୟା ନବ ପ୍ରଣୟୀନର ସୁନେଲୀ ପଣତ । ସବୁ ଓଢ଼ଣାର ଫାଙ୍କ ବାହୁଲେ ଲାଜ, ନାଲି ଅଧରର ହସ । କେତେ ମାନ, ଅଭିମାନ । ସ୍ନେହ, ସୁହାଗ । ଏହାର ମଧ୍ୟରେ ପୁଣି ଏତେ ଆନନ୍ଦ । ସତେ ଯେପରି ଦୁନିଆଁ ଯାକ ଠୁଳ ହୋଇଛି, ନବ ପ୍ରଣୟୀନର ଉପାଣୀ ପଣତ ତଳେ । ପ୍ରଣୟ ବିନା ମନୁଷ୍ୟ ଧାଇଁ ବୁଲେ, ଅନ୍ଧକାର ମରୁ ପ୍ରାନ୍ତରରେ ।

ଆଜି ସୁରେଶର ଦଶାନ୍ତ ଦୁଃଖ । ପ୍ରବାସୀ ସେ ରତ୍ନମାଠାରୁ ଅନେକ ଦୂରରେ । ବସାଘରେ ବସି ଭାବୁଥିଲା । ପ୍ରିୟତମା ରତ୍ନମା କଥା । ଭଲ ପାଇଛି ସେ । ପ୍ଳାବିତ କରିଛି ପ୍ରେମର ମନ୍ଦାକିନୀ । ତୃଷ୍ଣ ହୃଦୟରେ । ନାରୀର ନାରୀତ୍ୱ ଟିକକ ଦେଇ ଡୁବେଇ ଦେଇଛି ବୁକୁର ଆର୍ତ୍ତନାଦ କୁ । କାହିଁକି ? ତାକୁ ସେ ଏବେ ଆପଣାର କଲା କାହିଁକି ? ମୁଁ କଣ ତାକୁ ଶାନ୍ତି ଦେଇ ପାରିବି ??

ଆଗକୁ ଭାବି ପାରିଲା ନାହିଁ ସୁରେଶ । ଧିକ୍କାର କଲା ନିଜକୁ । ଯେମୋତେ ବାନ୍ଧି ରଖିଛି ଭଲ ପାଇବା ମୋହରେ । ପୁଷ୍ପାଞ୍ଜଳି କରିଛି ନାରୀର ସମ୍ମାନରେ ଆଉ ବରଣ କରିଛି ମନ ମଧ୍ୟରେ । ପ୍ରତିଦାନରେ ପାଇଛି କଣ ?

ହା ହା କାରର ଆର୍ତ୍ତନାଦ !
ବିରହର ଅଶ୍ରୁ ପ୍ରାତ !
ବିଚ୍ଛେଦର କଷାଘାତ !

ଏଇଟା କଣ ଠିକ୍ ହୋଇଛି ? ମୁଁ କଣ ପୁରୁଷ ନୁହେଁ ? ମୁଁ କଣ ପ୍ରତିଦାନ ଦେଇପାରିବିନି ? ? ?

ନିଶ୍ଚୟ ପାରିବି । ସାଧନା ବଳରେ ମନୁଷ୍ୟ ସବୁ କରିପାରେ । ମରତକୁ ଟାଣି ଆଣେ ସ୍ୱର୍ଗର ଦେବତାଙ୍କୁ । କାନନ ସୃଷ୍ଟି କରେ ନିଷ୍କର ମରୁରାଜ୍ୟରେ ଆଜି ମଧ୍ୟ ମନୁଷ୍ୟ ଚନ୍ଦ୍ରରେ ପାଦ ଦେଇଛି । ଏହି ସାଧନା ବଳରେ । ପରିବର୍ତ୍ତନଶୀଳ ଦୁନିଆଁ । ଅସମ୍ଭବ ବୋଲି କିଛି ନାହିଁ । ଅସମ୍ଭବ ହିଁ ସମ୍ଭବ ହୋଇଛି । ସାହସ, ଶକ୍ତିକୁ ଠିକେ ଭଲ ରୂପେ ତୁଳନ କରିବାକୁ ହେବ । ମୁଁ ସମସ୍ତ ଶକ୍ତି, ସାହସକୁ ଖଟାଇବି । ଯେ ମୋର ପ୍ରତିଦ୍ୱନ୍ଦ୍ୱ ହେବ ରତମା ପାଇଁ କିନ୍ତୁ ବାପା ମାଆ ଜନ୍ମ ଦେଇଛନ୍ତି । କ୍ଷୀର ନୀର ଦେଇଛନ୍ତି । ଅଣ୍ଡାରୁ କରିଛନ୍ତି ଭେଣ୍ଡା ସେମାନେ ଏକମତ ନହେଲେ ? ତାଙ୍କ କଥାକୁ ଏଡ଼ାଇ ପାରିବି ତ ?

ଗୋଟିଏ ପକ୍ଷରେ ରତମାର ବୁକୁଫଟା ଆର୍ତ୍ତନାଦ । ଅନ୍ୟ ପକ୍ଷରେ ପିତାମାତାଙ୍କ, ମତାମତ । ଦ୍ୱନ୍ଦରେ ପଡ଼ିଲା ସୁରେଶ କେଉଁ ପଥରେ ହେବ ପଥିକ । ଠିକ୍ କରି ପାରିଲା ନାହିଁ । ମରମ ଦୋହଲାଇ ଚାଲିଗଲା ଦୀର୍ଘ ନିଶ୍ୱାସଟା । ଆଖି ବୁଜି ଦେଲା ଦୁଶ୍ଚିନ୍ତା ମଧ୍ୟରେ । ଅନ୍ଧକାର ମଧ୍ୟରେ ନାଚିଗଲା, ରତମାର ଦମକିଆ ଚେହେରା । ଅପରୂପ ଯୌବନ । ଗାଲୁଆ ଚାହାଁଣି । ଆଖି ଖୋଲିଲା ସୁରେଶ । କାହିଁ ?

ପ୍ରାଣର ପ୍ରେୟସୀ । ଅନେକ ଦୂରରେ । ପାହାଡ଼ ପାଖରେ ପୁଣ୍ୟତୋୟା ବୈତରଣୀ ବହି ଯାଇଛି ତଳକୁ । ଦୁଇ ପଟେ ସବୁଜ କ୍ଷେତ । ସେ ପଟେ ଆନନ୍ଦପୁର । ଏ ପଟରେ ଘଟିପୁରା । ତାଳ ତମାଳ ଘେରା ଛୋଟିଆ ପଲ୍ଲୀ ଗାଁ । ଦୁଇ ଭାଗ କରିଛି ସରକାରୀ ରାସ୍ତା । ତଳକୁ ଶିବ ମନ୍ଦିର । ମଝିରେ ଅମଳ ।

ଖବୁଖସ୍ୟା ଘର । ସେହି ଅମଳର ନାଲି ସଡ଼କ କଡ଼କୁ ଗୋଟିଏ ପକ୍କା ଘର । ସେହି ପକ୍କା ଘର ଗୋଟିଏ କୋଣରେ ପଡ଼ିଛି ପାହ୍ଲି ଆଳୁ, ପଲଙ୍କ । ବହଳେ ଶେଜ । ତାରି ଉପରେ ମୁହଁ ମାଡ଼ି ଶୋଇଥିବ । ଆଖି ଲୁହରେ ଓଦା ହେଉଥିବ ପଣତ । ଭାବୁଥିବ ମୋହରି କଥା ଦୀର୍ଘ ନିଶ୍ୱାସ ଛାଡ଼ିଲା ସୁରେଶ ।

ନା ତିରସ୍କାର କରୁ ସମାଜ । ଅଶ୍ରୁ ଆସୁ ବାପା ମାଆଙ୍କ ଆଖିରେ । ତଥାପି ମୁଁ ଦେଖି ପାରିବ ନାହିଁ, ତୁମର ଦୁଃଖ । ଭୁଲି ପାରିବି ନାହିଁ ତାର ଦାନ । ଦୂର କରି ପାରିବନି ଅନ୍ତରରୁ । ଶତ ବାଧା ବିଘ୍ନକୁ ଏଡ଼ାଇ ଦେଇ ଛୁଟିଯିବି ପ୍ରାଣର ପ୍ରେୟସୀ ନିକଟକୁ । କହିବି ତୁମ ଏ ଜୀବନଟା କେବଳ ତୋର । କାନ୍ଦୁରା ମୁହଁରେ ଆପିଦେବି ଅଧର । କୁଞ୍ଚ କାନରେ ପୋଛି ଦେବି ଲୁହ । ଆଉଜାଇ ନେବି ଛାତିକୁ । ଦୂର ହେବ ଯେତିକି ଆଶା । ଲିଭିଯିବ ବୁକୁର ଜ୍ୱାଳା । ବିରହର ବେଦନା ତୁଟିଯିବ । ହସର ଲହରୀ ଛୁଟିବ ମୋହରି ମୁହଁରେ । ଆନନ୍ଦ ବିହ୍ୱୋଳ ହୋଇ ସେ କହିଲେ—ସୁରଭାଇ ଦୁଇଟି ଆତ୍ମାର, ନିଦାନରେ ଯେଉଁ ସ୍ନେହର ଅଟ୍ଟାଳିକା ବାନ୍ଧି ଉଠିବ, ସେଥିରେ ତୁମେ ହେବ ପୂଜାରକ, ଆଉ ମୁଁ ହେବି ପ୍ରୀତି ପୂଜାରିଣୀ ।

× × × ×

ରାତି ଶେଷ ହେଲା । ଆକାଶ ହେଲା ପାଣ୍ଡୁରା । ଗ୍ରିବଲ କାଉ । ବିଛଣାରୁ ଉଠିଲା ସୁରେଶ । ମନଟା କେମିତି କେମିତି ଗଡ଼ିଲି ଉଠୁଛି ବେଳେବେଳେ । ମିଳେଇ ଯାଉଛି ଆଶା ଭରସାରେ । ବିଦେଶରେ ଅଛି । ଘର ଏଠି ଆପଣାର । ଆପଣାର ସାତ ପର । ଘରକଥା ମନେ ପଡ଼ିଲା । ଅନେକ ଦିନରୁ ଯାଇନାହିଁ । ଚିଠି ଆସିଥିଲା ମାଆଙ୍କ ଜ୍ୱର । ଛୁଟିର ଅଭାବ । ଇଲେକ୍ସନ୍ ପାଇଁ ଉଭିଲ ଡିଉଟି । ସରକାରଙ୍କ କଡ଼ା ନଜର । ଶ୍ରେଷ୍ଠ ଭାଇ ଭଉଣୀ, ବାପା, ଭାଇଠାରୁ କେତେ ଦୂରରେ । ସେମାନେ କେତେ ଆଦରର । ମା ଦୁଃଖରେ ଶଙ୍ଗ ପଡ଼ିଥିବେ । ତୁମେ ଖାଉଥିଲା ପଢ଼ାବଣୀ, ଝୁରି ଝୁରି । ଚିଠି ଦେଇଥିଲା । କେତେ ମାସ, ସପ୍ତାହରେ ଲେଖିଥିଲା ଆସିବା ପାଇଁ । ପଥ ଖର୍ଚ୍ଚ ବି ଯାଇନାହିଁ ।

ହାଇରେ କପାଳ । ଏତେ ଦୁଃଖ ମଧ୍ୟରେ ପଡ଼ି ରହିଛୁ ବିଦେଶରେ । କଥାରେ କହନ୍ତି—

ପରବାସୀ ଖାଲି ଦୁଃଖର ପାଇଁ
ଜୀବନରେ ସୁଖ ମିଳଇ ନାହିଁ ।"

ଘୃଣା ଆସିଲା ଚାକିରି ପ୍ରତି । କାହିଁକି ସେ ଚାକିରି କଲା । ସେ ଯଦି ଆଜି ଘରେ ଥାନ୍ତା । ପିତାମାତାଙ୍କ ପାଦ ଦର୍ଶନ, ଭାଇ ଭଉଣୀଙ୍କ ଆଦର, କେତେ ଆନନ୍ଦ ! ବସୁମାତାର ସେବା । ପାଚିଲା କ୍ଷେତରୁ ପାଉନ୍ତି ନଅନ୍ନ । ଲକ୍ଷ୍ମୀ ଠାକୁରାଣୀଙ୍କୁ । 'ସାଇତି ଦିଅନ୍ତା ଅମାରରେ । ବରଷକ ପାଇଁ ଦେବ ନଥାନ୍ତା' । ସେଇ ଅନ୍ନ । ସେଇ ବସନ । ତାହାର ମୂଳେ ସବୁକଥା । ମୂଲିଆ ପଛେ ଖଟନ୍ତା, ସାଆନ୍ତ ପରି ଖାଆନ୍ତା । ଆଗକୁ ଆଉ ଭାବି ପାରିଲା ନାହିଁ । ଦୀର୍ଘ ନିଶ୍ୱାସ ଛାଡ଼ିଲା । ବୋହିଗଲା ଦୁଇଧାରେ ଲୁହ ।

ଲୁହ ପୋଛିଦେଲା ଆଖିରୁ । ଉଠିଆସିଲା ଖଟରୁ । ଦରଜା ଆଡ଼େଇ ଦେଖିଲା । ସୂର୍ଯ୍ୟ ଉଠି ନାହାନ୍ତି । କ୍ୟାଲେଣ୍ଡରକୁ ଚାହିଁଲା ଶନିବାର । ହାଫ୍ ଛୁଟି । ହେଡ୍ ପଣ୍ଡିତଙ୍କୁ କହି ଚାଲିଯିବ । ଦୁଇଦିନ ପରେ କଟାଇ ସୋମବାର ଦିନ ଜଏନ କରିବ । ଚଞ୍ଚଳ ହୋଇ ଉଠିଲା ମନେ ମନେ । ପାଦ ଉଠାଇଲା ଅଫିସ ଆଡ଼େ । ଲେଖିଲା କେଇଧାଡ଼ି । ମଞ୍ଜୁର ହେଲା ଛୁଟି । ଘରକୁ ଯିବ । ବେଶି ନୁହେଁ, ଦୁଇଦିନ । ତଥାପି ଆନନ୍ଦ ।

ଚଞ୍ଚଳ ମନରେ ସାରିଦେଲା ନିତ୍ୟକର୍ମ । ବ୍ୟାଗ୍‌ଟି ଧରି ପଳାଇ ଆସିଲା ପଦାକୁ । କ୍ୱାଟରରେ ଝୁଲିଲା ତାଲା । ହାତ ଘଣ୍ଟାକୁ ଚାହିଁଲା ଦଶ ମିନିଟ୍ ବାକି ସାତଟାକୁ । ଦେଓଗାଁ ଚାଂପୁଆ ବସ୍ ଯାଇ ନଥିବ । ପାଦ ବଢ଼ାଇଲା ବଜାର ଆଡ଼େ । ସରକାରଙ୍କ ନାଲି ବସ୍, ବାହାରି ଆସୁଛି । ହାତ ଉଠାଇଲା । ଦରଜା ଖୋଲିଲା କଣ୍ଡକ୍ଟର । ଭିତରକୁ ପଶିଯାଇ ଗୋଟିଏ ସିଟ୍‌ରେ ବସିଲା । ଘଁ ଶବ୍ଦରେ ଇଞ୍ଜିନଟା ଥରି ଉଠିଲା । ପଛପଟରେ କଳାମୁହାଁ ମେଘ ବାହାରି ଗଲା । ଦଦରା ବସ୍ ଧଡ଼ଧଡ଼ ଖଡ଼ଖଡ଼ ମଧ୍ୟରେ ଆଗକୁ, ଅଙ୍କାବଙ୍କା ସରକାରୀ ରାସ୍ତା ଖାଲ ଢିପ, ପାହାଡ଼ ବଣ ପାରି ହୋଇ ଆଗେଇ ଚାଲିଛି, ଅଟକି ଅଟକି,

କେତେ ଉଠୁଛନ୍ତି, କେତେ ଓହ୍ଲାଉଛନ୍ତି କିଏ ବା ହିସାବ ରଖୁଛି ତାର ? ଗୈରିଲଙ୍ଗ ଛକରେ ପହଞ୍ଚିଲା ବେଳକୁ ସାଢ଼େ ଏଗାର ।

ବସ୍‌ରୁ ଓହ୍ଲାଇ ସୁରେଶ ରିକ୍ସା ଧରିଲା । ଘରପାଖରେ ପହଞ୍ଚିବାକୁ ଦଶ ମିନିଟ୍ । ରିକ୍ସାରୁ ଓହ୍ଲାଇଲା । ହାତ ଯୋଡ଼ି ଭୂମିଷ୍ଠ ହେଲା । ମାଆଙ୍କ ପାଦଧୂଳି ବୋଳିହେଲା ମଥାରେ । ଆନନ୍ଦ ହେଲେ ସୁମନ୍ତି ଦେବୀ । ଆଗ୍ରହରେ କହିଲେ— ଆଜି ତୋହରି କଥା ଭାବୁଥିଲି । କେତେବେଳୁ ଆସିବୁଣି । ଭୋକଥିବ ପେଟରେ । ଟିକିଏ ଖାଇଦେ । ଲେ ସର, ତୋ ଭାଇପାଇଁ ଭାତ ଦେଲୁ ।

—ନାଁ, ମାଆ, ମୋପାଇଁ ବ୍ୟସ୍ତ ହେବା ଦରକାର ନାହିଁ । ମୁଁ ବାଟରୁ ଖାଇ ଆସିଛି । ମାଆ ତୋତେ ଜ୍ୱର ହୋଇଥିଲା, କମିଲାଣି ତ ? ସ୍ନେହ ଭାଇ ଭଉଣୀଙ୍କୁ ଦେଖି ଆନନ୍ଦ ହେଲା ସୁରେଶ । କୋଳ କଲା । ସ୍ନେହ ଦେଲା । ଆଦର ପାଇଲା । ପାଟିରେ ଗୁଂଜିଦେଲା ତାରିଣୀ ଭୋଗ । ଖଜା ଲଡ଼ୁ ଆଉ କୋରା । ତାରିଣୀ ସିନ୍ଦୁର ଟିକିଏ ମାଆଙ୍କ ହାତକୁ ବଢ଼ାଇ ଦେଲା ।

ସୁନ୍ଦର ଟିକିକ ମୁଣ୍ଡରେ ଦେଉଁ ଦେଉଁ ସୁମନ୍ତି ଦେବୀ କେତେ ଦେବତାଙ୍କୁ ମନାସି ଦେଲେ, ଆଦରରେ କହିଲେ—ତତେ ଦେଖି ମୋର ସବୁ ଦୁଃଖ ଦୂର ହୋଇଛି ।

ଏତେ ଦିନରେ ଘରକୁ ଆସିଛି । କେତେ ଆନନ୍ଦ । ତଥାପି ଗୋଟେ ଅଭାବ । କଣ ସେଇଟା ? ବାପା ! ଉତ୍କଣ୍ଠା ହୋଇ ପଚାରିଲା—ମାଆ, ବାପା କୁଆଡ଼େ ଯାଇଛନ୍ତି ? ଆଉ ବୀର ?

—ବାପା ଆନନ୍ଦପୁର ଯାଇଛନ୍ତି, ସନ୍ଧ୍ୟାବେଳକୁ ଫେରିବେ । ବୀର ତ ବର୍ତ୍ତମାନ ଖାଇସାରି କଉଁ ଘରଆଡ଼େ ବୁଲି ଯାଇଥିବ ।

ତଥାପି ସୁରେଶ ମନରେ ଶାନ୍ତି ଆସିପାରି ନାହିଁ ମନରେ । ଆହୁରି ଅଭାବ । ପ୍ରିୟତମା ରତମା । କେତେଦିନରୁ ଦେଖିନାହିଁ । ଝୋଟ ଥିବ ମନେମନେ । ବରହରେ ଝାଉଁଳି ପଡ଼ୁଥିବ । ସୁନ୍ଦର ମୁହଁଟି ମଉଳି ପଡ଼ୁଥିବ । ଚଞ୍ଚଳ ହୋଇ ଉଠିଲା ସୁରେଶ । ସାଇକେଲ୍ ବାହାର କଲା । ମାଆଙ୍କୁ କହିଁ କହିଲା— ମାଆ, ମୁଁ ସାହିପୁର ଆଡ଼େ ଯାଉଛି । ବାପା ଆସିଲେ କହିଦେବୁ । ସୁରେଶ ମାଆଙ୍କର ଉତ୍ତରକୁ ଅପେକ୍ଷା ନକରି ସାଇକେଲରେ ପାଦ ଦେଲା ।

ଗଡ଼ି ଯାଉଛି ଗାଧୁଆ ବେଳ । ଉଦ୍‌ଉଦିଆ ଖରା । ଦାଣ୍ଡ ବାଲି ତାତୁଛି । ମୁହଁରେ ବିନ୍ଦୁ ବିନ୍ଦୁ ଝାଳ । ସାଇକେଲଟି ଚାଲିଛି ଅବିରାମ ଗତିରେ । ପେଡ଼େଲ ପରେ ପେଡ଼େଲ, ଧକ୍କା ଦେଉଛି ଗୋଡ଼କୁ । ଦେହରେ ବାଜୁଛି ତତଲା ପବନ । ତଥାପି ସୁରେଶ ଚଳାଉଛି ସାଇକେଲ । ମନଟା ହାଉଁପାଉଁ । ବେଳେ ବେଳେ ଅଜଣା ଆନନ୍ଦ ଡିଙ୍ଗି ମାରୁଛି ବୁକୁ ତଳେ । ଗୁରୁ ଚକ୍ଷୁର ହେବ ମିଳନ । ଲିଭିଯିବ ବୁକୁ ଜ୍ୱାଳା । ଦୂର ହେବ ବିରହ ବେଦନା ।

ଅଜଣା ଆନନ୍ଦରେ ଝାଳି ଝାଳି ପହଞ୍ଚିଲା ଉମାକାନ୍ତ ବାବୁଙ୍କ ଘରେ । ନିଶ୍ଚୁପ ଚାରିଆଡ଼ । କେହି ନାହାନ୍ତି ବାରଣ୍ଡାରେ । ସାଇକେଲଟି ଷ୍ଟାଣ୍ଡ ଦେଲା । ସିଧା ସିଧା ପଶିଗଲା ଭିତରକୁ । ଆଗ୍ରହରେ ଡାକିଲା ମାଉସୀ ମାଉସୀ ।

ପଡ଼ିଲା ନିଦଟା ଭାଙ୍ଗିଗଲା ଉମାକାନ୍ତ ବାବୁଙ୍କର । ଉଠି ବସିଲେ ଖଟରେ । ଦେଖିଲେ ସୁରେଶ । ତଳପା ରାଗ, ତାଙ୍କୁ ଉଠିଲା । ବିଶ୍ୱାସ ଘାତକ ସୁରେଶ । କୋମଳ ଛାତିରେ ଭୁଷିଛି ଛୁରୀ । ଗରଳ ଢାଳିଛି ସରଳ ହୃଦ୍‌ରେ । ଆଖି ଦିଟା ଲାଲ ପଡ଼ିଗଲା । କପାଳ ହେଲା କୁଞ୍ଚିତ । ବାଘପରି ଗର୍ଜି ଉଠି କହିଲେ—କାହାର ଅନୁମତିରେ ଘରେ ପାଦ ଦେଲୁ ?

ସ୍ତମ୍ଭିତ ହେଲା ସୁରେଶ । ଆଗୁଆ ପାଦ ପଛିଲା ପଛକୁ । ଦୁଇ ପାଦେ ଫେରି ଆସିଲା । ଆଖି କୋଣରେ ଜକେଇ ହେଲା ଅଶ୍ରୁ । ଏ କଣ ହେଲା ଆଜି ? ଏପରି କଥା ଶୁଣିବ, ପୁଣି ଉମାକାନ୍ତ ବାବୁଙ୍କ ଠାରୁ ସେ ବିଶ୍ୱାସ କରି ନଥିଲା । ମୁନିଆଁ ଶାବଳ କିଏ ଭୁଷି ଦେଲାକି ଛାତିରେ । ଥମ ଥମ କଣ୍ଠରେ କହିଲା

—ମଉସା !

—ମଉସା ବୋଲି କହୁ ପାରୁଛୁତ ? ଲଜ୍ୟା ଆସୁନି ? ମୁଁ ଜାଣି ନଥିଲି, ତୋର ସରଳତା ମଧ୍ୟରେ ଗରଳତା ଲୁଚି ରହିଛି ବୋଲି । ଆଜି ମୁଁ ଭଲ ଭାବରେ ଜାଣୁଛି, ଛୋଟ ଲୋକଙ୍କୁ ହାତ ଟେକରେ ବସାଇଲେ ମୁଣ୍ଡରେ ଗୋଇଠା ବାଜେ ।

—କଣ କହୁଛନ୍ତି ତୁମ୍ଭେ ? କଥା ମାଧ୍ୟମରେ ଅଭିନୟ ଆରମ୍ଭ କଲଣି ।

—କଥାରେ ଆଗେଇଲେ କେବଳ ମୁଣ୍ଡଟା ଶାନ୍ତ ହୋଇବ, କିନ୍ତୁ ପ୍ରତିଶୋଧଟା ନେଲେ ହୃଦୟ ଶାନ୍ତ ହେବ ।

ସୁରେଶ ବୁଝିପାରିଲା ରତ୍ନା କିଛି ନା କିଛି କରି ବସିଛି । ତାର ଫଳଟା ଫଳିଛି ମୋହର ଉପରେ । ତଥାପି ଏତେ ଦୁର୍ବଳ ହେଲେ ଚଳିବ ନାହିଁ । ମୋର ବା ଅପରାଧ କଣ ? ମୁଁ ରତ୍ନାକୁ ଏ ବିଷୟରେ ଅନେକ ପ୍ରତିବାଦ କରିଛି । ମୋର ଅପରାଧ ଅପେକ୍ଷା ରତ୍ନାର ଅପରାଧ ଦଶଗୁଣ ବେଶି । ବର୍ତ୍ତମାନ ବୁଝିବ କିଏ ? ସେ ଅସ୍ଥିର ଆଉ ବିନୟୀ ହୋଇ କହିଲା ଆପଣ ମୋତେ ଯାହା ଭାବୁଛନ୍ତି ସେପରି କିଛି ନୁହେଁ କିନ୍ତୁ ରତ୍ନା................?

—ରତ୍ନା ତତେ ବିବାହ କରିବାକୁ ନୁହେଁ, ଏଇଆ କହୁଛୁ ? ଭାବୁଛୁ ରତ୍ନା ଉପରେ ଦୋଷଟା ଲଦିଦେଇ ଖସିଯିବୁ । ତୁ ଜାଣୁ, ରତ୍ନା ତତେ ବିବାହ କଲେ ମୋର ସ୍ଥାନ କେଉଁଠିକୁ ଯିବ ? ଆଉ ରତ୍ନା ମୋର ଆଖି ଲୁହକୁ ପୋଛି ପୋଛି ଦିନ ସରିବ ନାହିଁ । ଗ୍ରେଟ ମନରେ ଏତେବଡ଼ ଆଶାକୁ ସ୍ଥାନ ଦେଲୁ କିପରି ? ବିବେକ ବାଧା ଦେଲାନାହିଁ ? ଲଜ୍ୟା ଆସିଲା ନାହିଁ ? ଗ୍ରେଟଲୋକର ପୁଅ ।

ସୁରେଶ ଆଉ ସହି ପାରିଲା ନାହିଁ । କ୍ରୋଧଟା ଠୁଳ ହେଲା ମୁଣ୍ଡରେ । ତାର ସାମନାରେ ପୁଣି ବାପାଙ୍କୁ ଘୃଣା । ସେ ଆଗପଛକୁ ଭୁଲିଯାଇ ମୁହାଁମୁହିଁ ଉତ୍ତର ଦେଲା—ଦୋଷଟା ଯଦି ମୋର ବୋଲି ଭାବୁଛ, ମୋ ବାପାଙ୍କୁ ଅପମାନ ଦେବାଟା ଠିକ୍ ନୁହେଁ, ତାହା ମୋ ପକ୍ଷରେ ଅସହ୍ୟ ।

—ହିଁ, ଅସହ୍ୟ ହେଲେ ସ୍ଥାନ ପରିତ୍ୟାଗ କର । ଆପତ୍ତି ନାହିଁ । କିନ୍ତୁ ତୋର ପ୍ରତିଶୋଧ ନ ନେଇ ଛାଡ଼ିବି ନାହିଁ । ତୁ ଜାଣୁ, ମୁଁ ଭାବିଲେ ତୋ ହାତରେ ହାତକଡ଼ି ପିନ୍ଧାଇ ପାରିବି, ଜେଲରେ ଢୁକାଇ ଦେଇ ପାରିବି ।

ଜାଣେ, ପାରିବେ । ଟଙ୍କା ଆଉ ଅନ୍ୟାୟ ବଳରେ । କିନ୍ତୁ ତୁମେ ମଧ୍ୟ ଶୁଣିବା ଦରକାର ଯେ ଛେପ ଉପରକୁ ପକାଇଲେ ମୁହଁରେ ପଡ଼ିବ ।

ସୁରେଶ ଆଉ ଠିଆ ହୋଇ ପାରିଲା ନାହିଁ । ପାଦ ଉଠାଇଲା । ହୃଦୟରେ ଶତ ବିଛିର ବେଦନା । ଆଖିରେ ଲୁହ । ସାଇକେଲ ଧରିଲା । [illegible] । ତଳେ ପଡ଼ିବ । ମଗଜର ତନ୍ତ୍ର ମାରୁଛି । ଯିବ କୁଆଡ଼େ ? ତଥାପି ସେତେବେଳରେ ଗୋଡ଼ ଦେଲା । ତାର ଅଜାଣତରେ ସାଇକେଲଟି ଚାଲିଲା ଖୋଳେଶ୍ୱର ଆଡ଼େ । ମନରେ ଅସରନ୍ତି ଭାବନା, ଆସିଥିଲା ସୁଦୂର ଚମ୍ପୁଆରୁ । କାହିଁକି ? ପ୍ରାଣର

ପ୍ରେୟସୀ ରତ୍ନମା, ତୁହିଁ ବସିଥିବ ତାହାର ପଥକୁ । ଭାବୁଥିବ ତାହାର କଥା । ଆଖିରେ ଆସୁଥିବ ଲୁହ । ଭଜା ହେଉ, ତୁଟିଯାଉ ଘଣ୍ଟେ । ବୁକୁରେ ଥିବ ବେଦନା, ଦେଖିଲେ ଆଦର କରିବ । ଲୁହକୁ ପୋଛି ଦେବ । ମୋଉଲା ମୁହଁରେ ଫୁଟିବ ହସର କଳିକା । ତୃଷ ଚକ୍ଷୁର ହେବ ମିଳନ । ଦୂର ହେବ ବେଦନା । କିନ୍ତୁ ପାଇଲା କଣ ?

ନସ୍କୁରୁ ନର୍ଯାତନା, ଅପମାନ । ବୁକୁର ବେଦନା ବଢ଼ିକ ଗଲା । ହୃଦୟର ଅଗ୍ନି ହେଲା ହୁତାଶନ । ଆଖି ଲୁହ ହେଲା ଶ୍ରାବଣୀ । ଦୀର୍ଘ ଦିନର ଆଶାଟା ଚୁପି ହୋଇଗଲା ବୁକୁତଳେ । ମୋଉଲି ପଡ଼ିଲା ଆପେ ଆପେ । ବାପା କୁଳାଙ୍ଗାର ବୋଲି ତିରସ୍କାର କରିବେ । ମାଆଙ୍କ ଆଖିରେ ଲୁହ ଆସିବ । କେଉଁ ପୋଡ଼ାମୁହଁ ନେଇ ଘରକୁ ଯିବ ? ସୁରେଶ ଆଉ ଭାବ ପାରିଲା ନାହିଁ । ପହଞ୍ଚି-ଥିଲା ଧର୍ମଶାଳା ନିକଟରେ । ଓହ୍ଲାଇଲା ସାଇକେଲ୍‌ରୁ । ଷ୍ଟାଣ୍ଡ୍ ଦେଇ ବସି ପଡ଼ିଲା ଧର୍ମଶାଳା ବାରଣ୍ଡାରେ । ଦେହ ଓଦାକଲା ଘରମ ଝାଳ । ଦୀର୍ଘ ନିଶ୍ୱାସଟା ବାହାରି ଗଲା ଛାତିରେ ଚମକ ଦେଇ । ବାହିଁଲା ଆମ୍ବତୋଟା ଆଡ଼େ । ସେହି ଆମ୍ବ ତୋଟା । ସେହି ବାଲିବେଲା । ସେହି ବୈତରଣୀର କୁଳୁକୁଳୁ ନାଦ । ଆକାଶରେ ଚାନ୍ଦ ହସୁଥିଲା । ବହୁଥିଲା ଶୀତଳ ପବନ । ଆଉ ଦୁଇଟା ଭେଟିଲେ ଆଶା ମିଶି ଯାଇଥିଲେ କ୍ଷଣକ ପାଇଁ । ତୁହିଁ ଦେଖିଲୁ, କେହି ନାହାନ୍ତି । ଗଢି-ଥିଲେ ପ୍ରେମ ମନ୍ଦିର । ଭୁଟିଥିଲା ଦୀର୍ଘ ଦିନର ଅଭାବ । କିନ୍ତୁ ଆଜ ...... ? ଉପହାସ କରୁଛନ୍ତି । ଖାଇବେଲେ ବା ଗରଜ କାହାର ? କିଏ ବା ଯିବ ସେଠାକୁ । ତେବେ କିଏ ଉପହାସ କରୁଛନ୍ତି ? ସେଇ ଅଲାଜିଆ ଆମ୍ବତୋଟା । ସୁରେଶ ଆଖିରେ ଲୁହ ଆସିଲା । ସେ ଆଖିବୁଜି ଢଳି ପଡ଼ିଲା ଧର୍ମଶାଳା ବାରଣ୍ଡାରେ । ଆଉ ଭାବୁଥିଲା "ଅଭୁଲା ଅତୀତ"କୁ ।

ମୁହଁ ଲୁଚାଇଲେ ସୁରଜ ପାହାଡ଼ ଫାଙ୍କରେ । ତତଲା ବାଲି ଶୀତଳ ହେଲା । ବହିଲା ଶୀତଳ ପବନ । ସାଙ୍ଗକୁ ମଲ୍ଲିର ମହକ । କଳା ଶାଢ଼ୀ ପିନ୍ଧିଲେ ସନ୍ଧ୍ୟାରାଣୀ । ଗୁହାଳକୁ ଫେରିଲେ ଗାଈ । ମୂଲିଆ ଫେରିଲେ ସାନ୍ଧ୍ୟ ଘରକୁ । ଆନନ୍ଦ ପୁରରୁ ଫେରିଲେ ବନ୍ଧୁଙ୍କର । ଶୁଣିଲେ ସୁରେଶ ଆସିଛି ।

କାଲ ଛୁଇଁଲା ମନରେ । କେତେ ଅଜଣା କଥା । ଚକିତ ହୋଇ ପଚାରିଲେ—କୁଆଡ଼େ ଯାଇଛୁ ?

ଆଦରରେ ସୁମନ୍ତ ଦେଖି ଉତ୍ତର ଦେଲେ—କହୁଥିଲି ପଟିପୁର ଯିବ, ଯାଇଥିବ । ରତ୍ନାକର ଖବୁଥିଲେ ଯାହା ଶୁଣିଲେ ସେଇଆ । ମୁଣ୍ଡରେ ବୋଲି ଅଟକିଗଲି । କୋଧାନ୍ୱିତ କଣ୍ଠରେ ଉତ୍ତର ଦେଲେ—ମୋ ଆସିବା ପର୍ଯ୍ୟନ୍ତ ଟିକେ ଅଟକାଇ ପାରିଲ ନାହିଁ ? ଯଦି କିଛି ହୁଏ ସମ୍ଭାଳିବ ଯେ ?

—କି କଣ ଏପରି ହେବ । ସୁର କଣ ଛୁଆ ହୋଇଛୁ ।

—ମାଇପି ଲୋକ ତୁମ୍ଭେ, ଜାଣିଲ କଣ ? ଆଜିକାଲି ଅଣ୍ଡାକୁ ସମ୍ଭାଳି ହେବ, କିନ୍ତୁ ଭେଣ୍ଡାକୁ ନୁହେଁ । ବୁଝିଲ, ଛୁଆମାନଙ୍କୁ କହୁଲେ ବୁଝିବେ, ମାନିବେ । କିନ୍ତୁ ଭେଣ୍ଡା ପୁଅ ଝିଅ ଯାହା କରୁଛନ୍ତି ସେ କଥା ଦେଖି ଶୁଣି ଆଖି କାନ ବନ୍ଦ ହୋଇ ଯାଉଛି । ଏଇ ସୁର ମୋର ମୁଣ୍ଡ ତଳକୁ କରିବାକୁ ବସିଲାଣି । ଯାଉ । ସେଦିନର ରାଗଟାକୁ ଆଜି ସହଜରେ ଆଦାୟ କରିନେବେ ।

—ଆଁ, କଣ ହୋଇଛି ? କଣ କଲା ଯେ ତୁମ୍ଭ ମୁଣ୍ଡ ତଳକୁ ହେବ ?

—କରିବ ଆଉ କଣ, ବେନାମୀ, ବୁଝିଲ ବେନାମୀ ଚିଠି ଦେଇଥିଲା ରତ୍ନମା ନିକଟକୁ । ସେ ପଡ଼ିଛି ଉମାକାନ୍ତଙ୍କ ହାତରେ । ଯାଉ, ପୁଅ ବୁଝିବ ଯେ ।

—ତୁମ୍ଭେ ଟିକେ ହେଲେ ଯାଅ, ତାକୁ ଫେରାଇ ଆଣିବ ।

—ମୁଁ ? ଯିବିନାହିଁ । ଯେଉଁଠି ଛୁ କରିଛୁ, ଏତେ ସହଜରେ ପାଦ ଦେବନାହିଁ ରତ୍ନାକର । ବୁଝିଲ । ସେ ଜାଣିପାଉ ।

—ମୁଁ କଣ କରିବି ଏବେ ? ତୁମ୍ଭେ ହେଲେ ମୋତେ ଟିକେ ଜଣାଇଥାନ୍ତ, କଥାଟା ମୋ କାନରେ ବାଜିଥିଲେ ମୁଁ କଣ ଛାଡ଼ିଥାନ୍ତି । ମୁଁ କଣ କରିବି ? ସୁମନ୍ତ ଦେବୀଙ୍କ ଆଖିରେ ଅଶ୍ରୁ ଆସିଲା ।

—କରିବ ଆଉ କଣ ? ଆଖି ଲୁହକୁ ପଣତରେ ପୋଛି ପକାଅ । କଥାଟା ତୁମ କାନକୁ ଦେଇ ଗାଁ ସାରା ଢେଣ୍ଡୁରା ଦେଇଥାନ୍ତ । ତୁମ୍ଭେ ପରା ମାଇପି । ତୁମ୍ଭ ପେଟରେ କି କଥା ରହେ । କାନକୁ କୁରକାନ ହୋଇଥିଲେ, ବଦନାମଟା କାହାର ହୋଇଥାନ୍ତା ?

ଉତ୍କଳ ସଂଘ ...
ପାଠାଗାର
୩୨୬୩୬

—କି, ସୁର କଣ ଢିଅ ହୋଇଛୁ ଯେ·····

—ନା, ଢିଅ ନହେଲେ କଣ ହେବ ? ଦୁନିଆଁ କଥାଟାକୁ ଦେଖ, ବିଚାର କର ।

—ଦୁନିଆରୁ ବା କଣ ମିଳିବ, ଦୁନିଆଁ କଣ ମାଆ ବାପ ଡାକିବ ? ସୁର ଥିଲେ ମୋର ସବୁ ଅଛି । ତୁମ୍ଭେ ଟିକେ ଗଲ । ସଞ୍ଜ ହେଲଣି, ଖାଇ ନାହିଁ । ଆସିଲା କି ନାହିଁ, ପଳାଇଲା । ଏଇ ତ ସୁର ଆସିଲାଣି । ତୁ କୁଆଡ଼େ ଯାଇଥିଲୁ ? ତୋର ପାଇଁ ଏତେ କଥା ! ମୁହଁଟା ଝାଉଁଳି ପଡ଼ିଛି । କିଏ କଣ କହିଛି ?

ଆନନ୍ଦ ହେଲେ ସୁମତୀ ଦେବୀ । ପଣତରେ ଝାଡ଼ିଦେଲେ ମୁହଁଟାକୁ । ସତେ ଯେପରି କ୍ଷୀରଖିଆ ଛୁଆଟା ! ମାତୃସ୍ନେହର ସମସ୍ତ ବିଭବଟିକି ଅଜାଡ଼ି ଦେଲେ ସୁର ଉପରେ । ଯେପରି ଲକ୍ଷେ ଟଙ୍କା ପାଇଛନ୍ତି ।

ସୁରେଶ ଠିଆ ହୋଇଥିଲା । ଶୁଣୁଥିଲା ବାପା ମାଆଙ୍କ ଦ୍ୱନ୍ଦ । ମୁହଁରେ ଭାଷା ନାହିଁ । କହିବ ବା କଣ ? ତାହାର ପାଇଁ ଝଞ୍ଜାପ୍ରଳୟ । ଶାନ୍ତ ଘରେ ଶିଖା ଟେକିଛି ଅଶାନ୍ତ ଅଗ୍ନି । ବାପାଙ୍କ ମୁଣ୍ଡ ହୋଇଛି ତଳକୁ । ଲୁହ ଆସିଛି ମାଆଙ୍କ ଆଖିରେ । କଣ ବା କହି ସାନ୍ତ୍ୱନା ଦେବ, ନା ନିଜର ଦୁଃଖ ଜଣାଇ ବୋଝ ଉପରେ ନଳିତା ବିଡ଼ା ଲଦିଦେବ । ସେ କିଛି ନକହି ଖାଲି ବାପା ମାଆଙ୍କ ମୁହଁକୁ ଚାହିଁ ରହିଲା କୋକାଭଳି ।

ସୁମତୀ ଦେବୀ ଆକୁଳ କଣ୍ଠରେ ପଚାରିଲେ—ତୁ ଏତେବେଳଯାଏଁ କେଉଁଠି ଥିଲୁ ?

ଶାନ୍ତ ଦେବାପାଇଁ ହସ ଫୁଟାଇ ସୁରେଶ କହିଲା—ବୁଲିବାକୁ ଯାଇଥିଲି ସାଙ୍ଗ ପିଲମାନେ ଜୁଟିଲେ ଏଣ୍ଡେତେଣ୍ଡେ ଗପ ହେଉହେଉ ଡେରି ହୋଇଗଲା ।

କିନ୍ତୁ ରତ୍ନାକର ବିଶ୍ୱାସ କଲେନି । କିପରି ବା କିବେ ? ସେ ତ ମଣିଷ ଚରାଇଲା ଲୋକ । ସୁରେଶର ମଳିନ ମୁହଁରୁ ସେ ସବୁ ଜାଣିଲେ, ସୁରେଶ ଧକ୍କାଟା ଖାଇ ଆସିଛି । ତାଚ୍ଛଲ୍ୟ କରି କହିଲେ—

—କି ରତ୍ନମ୍ ଘରଆଡ଼େ ଗଲୁନାହିଁ । ଅନେକ ଦିନରୁ ତ ଦେଖା ହୋଇନାହିଁ । କ୍ଲାସ୍‌ମେଟ୍, ପାଠ ପଢ଼ିଥିଲୁ, ବଡ଼ର ଏଇ ଗୌରବ [illegible]

ପାଇଁ । ଶେଷରେ ମୋର ମୁଣ୍ଡ ତଳକୁ କଲୁ । ନ ଶୁଣିଲା ଲୋକଠାରୁ ପଦେ ଶୁଣାଇଲୁ । ପ୍ରିୟ ଲୋକକୁ ଅପ୍ରିୟ କଲୁ । କଣ କହିବି ତତେ । ଚିକେ ଲଜ୍ଜ୍ୟା ଆସୁନି ।

ତତେ ମୁଁ ଶିକ୍ଷିତ କରିଥିଲି, ଶେଷରେ ମୋତେ ଅନ୍ଧ କଲୁ । ମୋର ଦୁଃଖର କାରଣ ହେଲୁ । ତତେ ପୁଣି ମୁଁ ଆଉରି ବୁଝାଇବି ।

ପ୍ରାଣଟା କାନ୍ଦି ଉଠିଲା ସୁରେଶର । ଦୁଇଧାର ବୋହିଗଲା ଲୁହ । ବାପାଙ୍କ କଟୁ କଥାରେ । ତେବେ ବାପା ତ ଠିକ୍ କହୁଛନ୍ତି । ମୋର ଅପରାଧ । ସାମାନ୍ୟ ସୁଖପାଇଁ ଭୁଲିଛି ହିତାହିତ । ଆଗପଛ । ପାଦ ଦେଇଛି ପଙ୍କରେ । ମୁଁ ତ ଶୁଣିବି ନାହିଁ । ଶୁଣିବ ଆଉ କିଏ ? ଛି······ଲୁହ ପୋଛିଦେଲା ଆଖିରୁ । ହେଲେ ଏତେ କଥା କି ହୃଦୟରେ ଧାରଣାର ଦେବ ? ଧୂମତା ଦେଖା ଅସ୍ଥ ହୋଇ ଧାଇଲେ ନାହିଁ, ସୁରେଶର ଲୁହ ଦେଖି । କୋଳକୁ ଆଉଜେଇ ନେଇ କହିଲେ—ଆଉ, ଯାହା ତ ହେବାର ହୋଇଛି ପିଲାଟା ଯଦି କ'ଣ କିଛି ଲେଖି ଦେଇଥିଲା, ତାକୁ ଧରି ବସିଲେ କଣ ହେବ । ସୁରି ପରା ଆମ୍ଭର ପୁଅ । ତାକୁ ଆଉ ଏତେ କଥା କୁହନାହିଁ । ସେ କଣ ଛୁଆ ହୋଇଛି । ଏତେ ଦୁଃଖ ହେଲେ କେତେବେଳେ କ'ଣ କରି ପକାଇବ । ଦାନ୍ତ ଅନ୍ଧାରି କାନ୍ଦିଲାକୁ ଦିନ ନଥିବ । ରୁ ଆସିଲୁ ସୁରି ଗଣ୍ଡେ ଖାଇଦେବୁ । ଆଉ ଏପରି ବଦ ଅକଲ କାମ କରିବୁ ନାହିଁ । ମୋ ବାପଟା ପରା । ତୋ ପାଇଁ ମୋର ପ୍ରାଣ ଯାଉଛି । ବାପ କଥାକୁ ମନରେ ଧରି ରଖିବୁ ନାହିଁ । ସେ ପରା ତୋ ବାପ । ଭଲ ମନ୍ଦରେ ପଦେ ନ କହିଲେ କିଏ କହିବ । ବୁଝିଲୁ । ମୋ ଧନଟି । ମୋ ମୁଣ୍ଡ ଖାଇବୁ । କମା ଆଉ କରିବୁ ନାହିଁ । ରୁ ଆସିଲୁ ଗଣ୍ଡେ ଖାଇବୁ । ରୁ ଖାଇଲେ ଆମେ ସମସ୍ତେ ପରା ଖାଇବୁ ।

ଅଶ୍ରୁ ଛୋଳା ଆଖିରେ ସୁରେଶ ଭାତଥାଳୀ ପାଖରେ ବସିଲା । ଆପେ ଆପେ ଭାବନାକୁ ଆସୁଥିଲା "ଅଭୁଲା ଅତୀତ" କଥା ।

ଆକାଶରେ ଜହ୍ନ ହସେ । ତାହାରେ ବିଛୁରିତ ହୁଏ ଶୀତଳ ଜ୍ୟୋତ୍ସ୍ନା । ଚଳି ବାଦଲ ଖଣ୍ଡେ । ଲୁଚି ଯାଏ ବତାସରେ । ତାଙ୍କ ଦିଏ ଜହ୍ନକୁ । ଫିକା ପଡ଼ିଯାଏ ହସ । ମଳିଛୁଆ ହୁଏ ଜ୍ୟୋତ୍ସ୍ନା । ସେହିପରି ସୁଖ ପରେ ଦୁଃଖ ଆସେ

ଘନେଇ । ପଙ୍ଗୁ କରିଦିଏ ମଣିଷକୁ । ନ ହେବ ବା କିପରି ? ଏଟା ତ ଈଶ୍ୱରଙ୍କର ଚିରନ୍ତନ ନୀତି ।

ସେହିପରି ରତିମାର ସୁଖ ଦିନ ଚାଲି ଯାଇଛି । ଆସିଛି ଦୁଃଖ ସବଂଶ । ଭାଗ୍ୟର ନୈରାଶ୍ୟର ଘନ ପରଦା ତଳେ, କରିଛନ୍ତି ଆତ୍ମଗୋପନ । ଜୀବନରେ ଅନେକ ପାଇଁ ଯାହାକୁ ଭଲ ପାଇଥିଲା, ସ୍ନେହ କରିଥିଲା, ଅର୍ଘ୍ୟ ଦେଇଥିଲା, ତାଠାରୁ ଅନେକ ଦୂରରେ । ହୃଦୟରୁ ବହିଷ୍କାର ନ କଲେ ସୁଦ୍ଧା ସମାଜର ଆଭିଜାତ୍ୟ ତାକୁ ଦେଲେଇ ନେଇଛି ଅନେକ ଦୂରକୁ । ବାପ ମାଆଙ୍କ ଲାଞ୍ଛନା, ନିର୍ଯ୍ୟାତନା । ଭାଙ୍ଗି ଯାଇଛି ସୁଖର ସ୍ୱପ୍ନ । ରହିଛି ମାମୁଁ ଘରେ । ବନ୍ଦିନୀ ପରି ଏକୁଟିଆ ଖାଇବନି । ଶୋଇବନି । ଗାଧୋଇ ଯିବନି । ଏପରିକି ପୋଖରୀ ପାଣିକୁ ଗଲେ ମାଇଁ କର ଛାଡ଼ୁନାହାନ୍ତି । ସବୁବେଳେ ପାଖେ ପାଖେ । ଅନେକ କଥା କହୁଛନ୍ତି । ବୁଝାଉଛନ୍ତି । ମନରୁ ଭୁଲାଉଛନ୍ତି । ହେଲେ ରତିମା "ଅଭୁଲା ଅତୀତ"କୁ ଭୁଲି ପାରୁନାହିଁ ।

ରତିମା କ କେଉଁଥିରେ ଭୁଲେ । ଏକୁଟିଆ ବସିବାକୁ ଚେଷ୍ଟା କରୁଛି । କାହାକୁ କଥା କହୁନି । ପାଞ୍ଚ ଡାକରେ ଉତ୍ତର ଦେଉନି । ଭଲରେ ଖାଉନି । ନିଜ ଦେହ ମୁଣ୍ଡକୁ ଚାହୁଁନି । ମୁଣ୍ଡବାଳ ଅଯତ୍ନ । ତେଲ ବିହୁନେ ଜଟ ହେଲାଣି । ନୁଖୁରା ଦେହ । ପାଟଳୀ ପରି ଦିଶୁଛି । ଯେପରି କେହି ନାହାନ୍ତି ।

ରତିମା ଭାବୁଛି । କିନ୍ତୁ ଭାବନା ସରୁ ନାହିଁ । ଆଖିରେ ଲୁହ ଆସୁଛି । ତଥାପି ସେ ଭାବୁଛି । ମିଳୁଛି ବା କଣ ? ତଥାପି ଭାବନାରେ ଶାନ୍ତି ଅଛି । ବିରହ ବଧୂର ପ୍ରାଣଟା ରକ୍ଷା ପାଏ ହତାଶରୁ । ଅଶାନ୍ତ ହୃଦୟଟାରେ ଭରିଯାଏ ଟିକିଏ ଶାନ୍ତି । ରତିମା ସେଦିନ ଏକୁଟିଆ ବସି ଭାବୁଥିଲା "ଅଭୁଲା ଅତୀତ"କୁ । ପାଆନ୍ତା ଯଦି ଟିକିଏ ସୁଯୋଗ । ଧୂଳି ଦିଅନ୍ତା ସମସ୍ତଙ୍କର ଆଖିରେ । ସାତ ସମୁଦ୍ର ତେର ନଈ ଡେଇଁଯାଆନ୍ତା । ଦୁନିଆର ଗଳି, କନ୍ଦରେ ଖୋଜନ୍ତା, ସପନ ସାଥୀ ସୁରେଶକୁ । ଆଉ ନିବିଡ଼ ବନ୍ଧନ ମଧ୍ୟରେ ପୂରାଇ ଦିଅନ୍ତା ନିଜକୁ । ଆଉଜି ପଡ଼ନ୍ତା ଛାତିକୁ । ଲୁହ ପୋଛିଦେଇ କହନ୍ତ, ହେ ନିଷ୍ଠୁର, ଏ ସରଳା ଅବଳାକୁ ଆଉ ଅପମାନ କରନାହିଁ । ସ୍ନେହ ଦୁହାତରେ ବାନ୍ଧିନିଅ । ପାଦରେ ଠେଲି ଦିଅନା ପୂଜା ଫୁଲକୁ । ଏ ଜୀବନଟା ତୁମରି । ତୁମ ପାଇଁ ବଳି ଦେଇଛି

ଆଭିଜାତ୍ୟକୁ । ପଛରେ ପକାଇଛୁ ବାପାଙ୍କର ଅଚଳାଚଳ ସମ୍ପତ୍ତିକୁ । ଏଥିରେ ସେ ଅନାଦର କଲେ ? ଚିର ସ୍ରୋତା ବୈତରଣୀ । ଅଥାଳ ସଲିଳରେ ଗୋଟିଏ ସ୍ଥାନ ବାଛି ନିଅନ୍ତୁ ଚିରଦିନ ପାଇଁ ।ବାପା ମାଆଙ୍କ ନିର୍ଯାତନା ଆଉ ଶୁଣିବାକୁ ନଥାନ୍ତା । ଅ.ଖିରେ ଅଶ୍ରୁ ଅ.ସିଲା । ଆଗେଇ ପାରିଲା ନାହିଁ ଆଗକୁ । ବୁଭୁକ୍ଷା ଆସିଲା ଜୀବନ ପ୍ରତି । ଛି ନାରୀଟା କଣ ? ଜନ୍ମ ହେଲା ଯଦି ପରାଧୀନା କାହିଁକି ? କଣ ଆଖି ଲୁହକୁ ହାତରେ ପୋଛିବାପାଇଁ ।

ପୂର୍ଣ୍ଣଚ୍ଛେଦ ପଡ଼ିଲା ଭାବନାରେ ତାର । ରାଧାରାଣୀ ଦେବୀ କୋମଳ କଣ୍ଠରେ ଡାକି ଡାକି ଆସୁଛନ୍ତି—

ରତିମା, ରତିମା

...............

—କଣ ଗୁଡ଼ାଏ ଭାବୁଛୁ ? ଏତେଗୁଡ଼ାଏ ଚିନ୍ତା କଲେ କଣ ହୁଏ ଜାଣିଛୁ ? ସ୍ୱାସ୍ଥ୍ୟ ହାନି ଘଟେ । ମମତା ତୁଟେ ଜୀବନ ପ୍ରତି । ମନୁଷ୍ୟ ଆତ୍ମହତ୍ୟା କରେ । କହନ୍ତି ପରା—ଚିନ୍ତା ଖାଏ ଚିନ୍ତେ ଆଉ ଲୁଣ ଖାଏ ହାଣ୍ଡି । କଣ ବା ମିଳୁଛି ସେଥିରୁ । ନିଜର ଦେହ ମୁଣ୍ଡକୁ ଅନା । ଭଲରେ ଖାଇପିଇ ରହ । ପଛ କଥାକୁ ଭୁଲିଯା । ଏଟା ତ ମାମୁଁ ଘର । ତେବେ କେଉଁ କଥା ନିଏ ମନା କରୁଛୁ ? ତୁ ଭଲ ଲୁଗା ଖଣ୍ଡେ ପିନ୍ଧ । ଦେହ ମୁଣ୍ଡରେ ତେଲ ଲଗା । ତେବେ ଯିଏ ଦେଖିଲେ, କହିବ ପାଗଳୀଟାଏ । ବାପା, ଭାଇ କେହି ନାହାନ୍ତି । ବଂଶର କେତେ ଅମର୍ଯାଦା ହେବ । ଘରକଥା ଦାଣ୍ଡକୁ ଯିବ । ଏଇଟା କଣ ଭଲ ହେବ । ତୁ ଆସିଲୁ ମୁଁ ମୁଣ୍ଡ କୁଣ୍ଡାଇ ଦିଏଁ । ତୋ ମାମୁଁ ପରା କହୁଥିଲେ ସିନେମା ଦେଖି ଯିବା ।

—ନାଇଁ, ମାଇଁ ମୁଁ ଆଜି ସିନେମା ଯିବି ନାହିଁ । ମୋ ଦେହଟା ଭଲ ନାହିଁ ।

କାହିଁକି ? ଆମେ ମନସ୍ତେ ଯିବୁ, ତୁ ଯିବୁନାହିଁ । ମୋ ମାଆଟା ପରା, ମୋ କଥା ମାନେ । ତୁ ଆମ୍ଭ ଘରେ ଆଉ କେତେଦିନ ରହିବୁ ଯେ ଏତେ କଥା ! ଏଇମାସ ପରା ବାହାଘର ।

ମାଉଁଙ୍କର ଏପରି କଥାରେ ଭାଙ୍ଗି ପଡ଼ିଲା ରତ୍ନମା । ଶୁଖିଲା ଆଖିରେ ଭରିଗଲା ଲୁହ । ଅସ୍ ଅସ୍ କଣ୍ଠରେ କହିଲା—ମାଉଁ ମୋହନ ପାଇଁ ମନ୍ କେମ ବାଉଛି । ଖାଲି ମୋହନ ବାହାଘର । ମୋହନ ଚିନ୍ତା । ମୋପାଇଁ ନାଇ ଏତେ ଚିନ୍ତା, ତା ହେଲେ ଝିଅ ଜନ୍ମ କଲ କାହିଁକି ? ମାରି ଦେଉନାହାନ୍ତି । ସବୁ ଅଡୁଆ ଯିବ ।

—ଓହୋ, ପୁଣି ପାଗଳାମୀ । ତୁ ସ୍ଥିର ହେଲୁ ରତ୍ନମା ।

ପଣତ ଭିଜାଇ ଲୁହ ପୋଛିଦେଲେ ଗ୍ରାମ୍ୟବାଣୀ ଦେବୀ । ଟାଣିନେଇ ମୁଣ୍ଡ କୁଣ୍ଡାଇ ବସିଲେ । ହେଲେ ରତ୍ନମା ଭାବୁଥିଲା "ଅଭୁଲା ଅତୀତ"କୁ ।

× × × ×

ଆନନ୍ଦର ଲହଡ଼ି ଖେଳୁଛି ଉମାକାନ୍ତ ବାବୁ ଘରେ । ଶୁଭ-ଶଙ୍ଖର ମଙ୍ଗଳ ଧ୍ୱନି, ହୁଳାହୁଳିର କୋଳାହଳ । ଲୋକମାନଙ୍କର ପାଟିତୁଣ୍ଡ । ଫାଟି ପଡ଼ୁଛି ଆକାଶ, ଆଜି ରତ୍ନମାର ବାହାଘର । ଉମାକାନ୍ତ ବାବୁଙ୍କ ତର ନାହିଁ ନିଶ୍ୱାସ ମାରିବାକୁ ।

ଶୁଭ ବିବାହର ମହାସମୟ । ଘୃତାହୁତି ମଧ୍ୟରେ ବ୍ରାହ୍ମଣ ବେଦଧ୍ୱନି । କଲ୍ଲୋଳ ଖେଳ ମଧ୍ୟରେ ହାତଗଣ୍ଠି ପଡ଼ିଲା । ପ୍ରସ୍ତୁ ସମ୍ମୋଜ ସମ୍ପନ୍ନ । ଭଦ୍ର-ବ୍ୟକ୍ତିମାନଙ୍କ ଯଥାମାନ୍ୟ । ବରଯାତ୍ରୀ ମାନଙ୍କର ଭୋଜନ । ଶେଷ ହେଲା । ତୁଟିଲା କୋଳାହଳ । କାନ୍ଦ ବୋବାଳିର କରୁଣ ସୁରନାରେ ରତ୍ନମା ହେଲା ଆଭରଣୀୟା ।—ଶୂନ୍ୟ କୋଠରେ ଭରିହେଲା ଅହ୍ୟ ଅନ୍ଧକାର । ଲୁକ୍କାୟ ହଟାଇ ପିନ୍ଧିଲା ସିନ୍ଦୁର । ଯୋଡ଼ା ବେଣୀ ହେଲା ଝୁଡ଼ା । ପଣତରୁ ଖଣ୍ଡେ । ସେ ପୁଣି ଓଢ଼ଣା । ନହେଲେ ବାଟ ଚାଲିବନି । କଥା କହିବନି । ସ୍ୱାମୀଙ୍କର କଠୋର ଆଦେଶ, ନାସ୍ତି ପ୍ରତି ।

ଆଗରେ ବିରାଟ କର୍ତ୍ତବ୍ୟ । ଭାଙ୍ଗି ପଡ଼ୁଛି ରତ୍ନମା । ପଛ କଥାକୁ ପାଶୋରି ପାରୁନାହିଁ । ତାହା କଣ ଏତେ ସହଜ ? କେତେ ଆପତ୍ତି, ଅଭି-ଯୋଗ । ସବୁ ହେଲା ବୃଥା । କଣ ବା କରିବ ? ଅବଳା ସେ । ପରାଧୀନା । ବୁକୁର ବେଦନା । ଆଖିର ଲୁହ । ତାକୁ ହିଁ ନେଇ, ଗଲା ପରଘରକୁ ।

ଆଖିରେ ଲୁହ ରହୁନ । ସୁକାନ୍ତ ଦେବୀଙ୍କର । କାନ୍ଦୁଛନ୍ତି ପିଲାଙ୍କ ଭଳି । ଅଳଅଳ ଝିଅ ରତମା । ନଅଁଠା ନୁହେଁ କି ଛଅଁଠା ନୁହେଁ, ଗୋଟିଏ । କେତେ ଆଦରରେ ବଢାଇଥିଲେ । ତାହାପାଇଁ ବାଦ, ଅନୁବାଦ, ମାନ, ଅଭିମାନ, କେତେ କଥା । କେତେ ନିର୍ଯାତନା ଶୁଣିଛନ୍ତି ସ୍ୱାମୀଠାରୁ । କିମିତି ବା ଭୁଲିବେ ଏତେ ସହଜରେ । ସାରାଦିନ ପରା ଆଖିର ଲୁହ ହାତରେ ପୋଛୁଥିବେ ।

ସୁକାନ୍ତ ଦେବୀଙ୍କର ଏପରି ଘଟଣାରେ ସାନ୍ତ୍ୱନା ଦେଉଛନ୍ତି ଦୀନବନ୍ଧୁ— ତୁ ଏପରି ହେଲେ ହେବ । ତୁ କଣ ଛୁଆ ହୋଇଛୁ ସୁକ । ଝିଅ ଜନମ ତ ପରେ ଘରକୁ । ତୁ କଣ ତାକୁ ଦେହକ ରଖିଥାନ୍ତୁ । ଆଜି ପରା ଆନନ୍ଦ ଦିନ । ତୁ ତାକୁ ଆଶୀର୍ବାଦ କର । ପଛ କଥାକୁ ପୋଛି ପକା । ତୋହରି ଆଶୀର୍ବାଦରେ ଗଢ଼ି ଉଠୁ ସୁନା ସଂସାର । ଫୁଟି ଉଠୁ ମାତୃ ହୃଦୟର ଅନାବିଳ ପ୍ରେମ । ପର ହେବେ ଆପଣାର । ଆପଣାର ହେବ ସାତପର । ତଥାପି ସେଇ ତାର ସବୁ । ଶଶୁରଘର ତାର ବୈକୁଣ୍ଠ । ଭିଟାମାଟିଠାରୁ ଅଧିକ ।

ଦୀନବନ୍ଧୁଙ୍କର ଆଶ୍ୱାସନାରେ ଶାନ୍ତ ହେଉଥିଲେ ସୁକାନ୍ତ ।

× × × ×

ଜୀବନରେ ଅନେକ ରାତି ଆସେ । ଯାଏ ବି ଅନେକ । ହିସାବ ରଖେ କିଏ ? କୁଆ କା କରେ । ହୁଏ ସକାଳ । ଅନ୍ଧାର କୋଣରେ ଲୁଚିଯାଏ ରାତି କଥା । ଆଗରେ ବିରାଟ କର୍ତ୍ତବ୍ୟ । ଦିନକର କାମ । ମନୁଷ୍ୟ ବାହାରିଯାଏ କର୍ମ କ୍ଷେତ୍ରକୁ । ନ ଖଟିଲେ ବଞ୍ଚିବ କିପରି । ମୁହାଁଖିଆ ପେଟ ଖାଲି ହାଁ । ହାଁ ଖାଁ ଖାଁ । ପୂରାଇବାକୁ ହେବ ତ । ମାପିଲେ ଗୁଣ୍ଡେ, ପିଇବ ସମୁଦ୍ରେ ପାଣି । କାଉଁରୁ ଭଣ୍ଡାର କେଉଁ ନଅଣ୍ଟ । ହାଇରେ ପେଟ । ଏହାପାଇଁ ମନୁଷ୍ୟ ସବୁ କଥା ଭୁଲିଯାଏ । କିନ୍ତୁ ଜୀବନରେ ଗୋଟିଏ ରାତି ଆସେ । ଥରେକପାଇଁ । ଭୁଲି ହୁଏନା ?

ସୁହାଗରାତିର ଆନନ୍ଦ ଠୁଳ ହୁଏ ଏହି ରାତିରେ । କେତେ ମାନ, ଅଭିମାନ, ସ୍ନେହ, ସୁହାଗ । ଦୁଇଟି ଜୀବନ ଆତ୍ମା, ହୁଏ ଏକ । ଜୀବନରେ

ମିଶେ ଅଧର । ଲଭିଯାଏ ଭେଜିଲ ଆଶା ବୁକୁ ତଳ ଜ୍ୱାଳା । ଲୁଚିଯାଏ ବିରହ ବେଦନା ! ଏହି ହୁଏ ଜୀବନର ମଧୁମୟ ବାସରରାତ୍ରି । ଏ ରାତ୍ରି ମନୁଷ୍ୟ ଜୀବନରେ ଥରକପାଇଁ ଆସେ ।

ଦୁପ୍ ଦୁପ୍ ହୋଇ ଜଳେ କୂଳଦୀପ । ସରୁ ଓଢ଼ଣା ତଳେ ଗୋଟିଏ ଆଭରଣୀୟା ନାରୀ । ଲାଜରେ ମୁହଁ ଟେକେ ନାହିଁ । ଆଜି ତାକୁ କିଏ ଜଣେ କହେ, ତୁମେ ପରା ମୋର ଚିରଦିନର ଅଭୁଲା । ଗୁମାନ କଲେ ହେବନା ? ମାନିନୀ । ଏଥର ମାନ ଛାଡ଼ । ଓଢ଼ଣା ଖୋଲ । କିନ୍ତୁ ଅନ୍ୟ ଜଣକ······?

କିଛି କହି ପାରେନା । ଖାଲି ସରମରେ ସଢ଼ି ଯାଏ । ଦେହରେ ଭୋକ । ମୁହଁରେ ଲାଜ । ଅସହ୍ୟଣୀୟ ହୋଇ ଉଠେ । ଆଖିରେ ଆସେ ଲୁହ । ଓଢ଼ଣା-ଟିକୁ ଆହୁରି ଟିକେ ଟାଣିଦିଏ । ଅନ୍ୟ ଜଣକ ଥୟ ଧରି ପାରେନା । ଲାଗିଆସେ ପାଖକୁ । ଜାକି ଧରେ ଛାତିରେ । ଖୋଲିଦିଏ ଓଢ଼ଣା । ପୋଛିଦିଏ ଲୁହ । ସାନ୍ତ୍ୱନା ଦେଇ କହେ—ଛି ଆଜିପରା ଦିନରେ କାନ୍ଦନ୍ତି ? ଆଜିପରା ମଧୁମୟ ବାସରରାତ୍ରି । ଏଥର ସାନ୍ତ୍ୱନା ପାଏ । ପଛ କଥାକୁ ପୋଛି ପକାଏ । କାନ୍ଦୁରା ମୁହଁରେ ଫୁଟେ ହସର କଳିକା । ବାଢ଼ି ଦିଏ ଯାଇତା ଅର୍ଘ୍ୟକୁ । ତା'ପରେ । ଅନେକ କଥା·······। ଆଜି କେତେ ଆନନ୍ଦ ଦେଇ ଆସିଛି । ସେଇ ରାତ୍ରି, ସରୋଜ ଭାଗ୍ୟରେ । ତରୁଣ ସେ । ଫାଟି ପଡ଼ୁଛି ଆନନ୍ଦରେ । ମିଳେଇ ଯାଉଛି ଶିହରଣରେ । କେତେ ଅଜଣା ଆନନ୍ଦ ଉଙ୍କି ମାରୁଛି ବୁକୁତଳେ ।

କିନ୍ତୁ ରତ୍ନମା । ତା ପକ୍ଷରେ ଏଟା ବାସରରାତ୍ରି ନୁହେଁ । ବିଦାୟରାତ୍ରି । ପଛ କଥାକୁ ଭାବି ଭାବି ଝାଉଁଳି ପଡ଼ୁଛି । କେତେ ଆପତ୍ତି, ଅନୁରୋଧ, ମିଳେଇ ଯାଇଛି ପାଣିରେ । ଅନେକ ଦିନ ଅଶାନ୍ତି, ଚୁପି ହୋଇଛି ବୁକୁତଳେ । ଥରକ ପାଇଁ ଯାହାକୁ ଭଲ ପାଇଥିଲି, ଅନେକ ଦୂରରେ । ଗୋଟିଏ କୋଣରେ ଓଢ଼ଣା ଟାଣି ବସିଛି । ଭାସି ଯାଉଛି ଆଖି ଲୁହରେ । ଭାବୁଛି "ଅଭୁଲା ଅତୀତ"କୁ । କଣ କରିବ ସେ । ପ୍ରିୟ ସରୋଜକୁ କଣ ଦେଇ ସନ୍ତୋଷ କରିବ । ଯାଇତା ଅର୍ଘ୍ୟ ଟିକକ ତ ଦେଇଛି ସୁରେଶକୁ । ତେବେ କଣ ସୁରେଶକୁ ଭୁଲି କଳଙ୍କିନୀ ହେବ ସରୋଜ ପାଖରେ । କିନ୍ତୁ ଧର୍ମକୁ ଏଡ଼ାଇ ପାରିବନି । ଏଥିରେ କଣ ତାର ମଙ୍ଗଳ ହେବ । ଧର୍ମକୁ ସାକ୍ଷୀ ରଖି କରିଛି

କରୁଛି । ତେବେ ଉପାୟ ? କିଛି ସ୍ଥିର କରିପାରିଲା ନାହିଁ । ଆଖିରୁ ଛୁଟିଲା ଶ୍ରାବଣୀ ଅଶ୍ରୁ ।

ଚମକି ପଡ଼ିଲା ରତ୍ନମା, କାହାର ପାଦ ଶବ୍ଦ । ସେହି ଦେଖିଲା । ଗୋଟିଏ ନାରୀ । ଆଭରଣୀୟା । ଜରା ମୁରୁମୁରୁ ବାଳ ନଗିଡ଼ି ପଡ଼ୁଛି ଭେଲ । ମୁଣ୍ଡରେ ମେଞ୍ଚେ ସିନ୍ଦୁର । ବିବାହିତା । ହାତରେ କହୁଳିଆ କାଚ । ମଫସଲ । ପୁରୁଣା କାଇଦାରେ ଲୁଗା ପିନ୍ଧିଛି । କୁଞ୍ଚ ନାହିଁ ଫେର । ତୁଳସୀପତ୍ର ମାଳେ, ପଡ଼ିଛି ବେଳରେ । ଆଖିରେ କଜ୍ଜଳ ରେଖା । ସ୍ୱର ରହିଛି ମାଦକ । ଦେଉହସି ଝଣ୍ଡେ । ଟାପରା ହେବ ରତ୍ନମାର । ଗୃହାଣୀ ଆଖିରେ ସେହି ରହିଲା ରତ୍ନମାକୁ । ଅଧା ହସୁଟିକ ମିଳେଇଗଲା ଅଧରରେ । ଟାହଲିଆ କଥାକୁ ବାଁରେଇ କହିଲା— ମାଲେ, ଲାଜ । କହିବନାହିଁ ସେ, ଆମ୍ଭ ସରୋଜ ପାଖରେ । ମିଳେଇ ଯିବ ପାଣିରେ ।

ଆଉ କିଛି କହି ମୁହଁ ଫେରାଇଲା । ପଲଙ୍କ ଉପରେ ଶଜାଇଲା ଶେଯ । ହଠାତ ଆସିଲା, ରତ୍ନମାର ହାତଧରି । ବସାଇଲା ପଲଙ୍କ ଉପରେ । ଉଢ଼ଣୀଟିକୁ ଟାଣି ଦେଇ କହିଲା- ଦଇଦେ ଲଜ୍ୟାବତୀ, ଭାବନା କାହିଁକି, ତୁମ୍ଭ ପୁରକୁ ଆସିବା ପାଇଁ ପରା ସରୋଜ ଆତୁର ବ୍ୟାକୁଳ । ହେଲେ ମୋ ନିକଟରେ ସିନା ଲାଜ । ଯେତେବେଳେ ତାଙ୍କର ପ୍ରଶସ୍ତ ବକ୍ଷରେ ଲାଜ ଧୋଇଥିବ, ସେତେବେଳେ ଏ ଲାଜ ଅଭିମାନ ଭୁଆଡ଼େ ଯିବ । ଖାଲି ଓଢ଼ଣୀ ନୁହେଁ, ଗୁଡ ଲୁଗା ମଧ୍ୟ ଖସିଯିବ ତଳକୁ । ବୁଝିଲ କାଲି ପୁଣି ମତେ କହିବ । ମୁଁ ଯାଉଛି । ସରୋଜ ବାବୁଙ୍କୁ ଡରିବା ଲୋଡ଼ା ନାହିଁ ।

ଏତେ ଗୁଡ଼ାଏ କଥା ଶୁଣି ରତ୍ନମା ନୀରବ ଥାଏ । କରିବ ବା କଣ ? କହିବ ବା କାହାକୁ ? ଖାଲି ମନେମନେ ମରିଗଲା । ସ୍ତ୍ରୀ ମାନେ ପୁଣି ଏମିତି ? ରତ୍ନମା ଆଉ ଭାବି ପାରିଲା ନାହିଁ । ଦରଜା ଅଡେଇ ଭିତରକୁ ଆସିଲେ ନବା- ଗତ ସ୍ୱାମୀ ସରୋଜ ବାବୁ । ପୂରିଲା ନେନେଉ । ଗରିବ ବାଳ କୁଞ୍ଚ କୁଞ୍ଚ । ଡମ୍ଫା ଧାର ପଞ୍ଜ କ୍ଲୋଜ । ବାଙ୍କର ନୁହେଁ । ଅଧରରେ ହସ । ସୁହାଣୀ ଆଖିରେ ମାଦକ । ମିଳେଇ ଗଲା ରତ୍ନମା । ଭୁଲି ଗଲେ ବେଦନା । ଅସହଣୀସୁ ହୋଇ ଉଠିଲା । ଆଖିରୁ ଆସିଲା ଲୁହ । ମୁହଁ ପୋତି ଦେଲା ତଳକୁ । ମନେରେ

କେତେ ଦେବତାଙ୍କୁ ମନାସିଲା । ଆଖି ଆଗରେ ନାଚି ଯାଉଥିଲା "ଅଭୁଲା ଅତୀତ" କଥା ।

ସରୋଜ ଚୁମ୍ବିଲା ରତ୍ନମାକୁ । ସରୁ ଓଢ଼ଣା ତଳେ ପାନ ପତ୍ରର ପରି ମୁହଁ । ଅଞ୍ଜନ ବୋଳା, କଳା କଳା ଡୋଳା, ଏ ପର୍ଯ୍ୟନ୍ତ ଲୁହରେ ଓଦା ହୋଇଛି । ନହେବ କିପରି ? ପର ଘର ହୋଇଛି । ରଙ୍ଗ ଦୋଳି, କୁଆଁରି ଯୁବନେଇଁ, କେତେ ସାଙ୍ଗ, ସାଥି ମେଳ । ପର ହୋଇଛନ୍ତି ଆପଣାର । ତଥାପି ତାଙ୍କୁ ବୁଝାଇବାକୁ ହେବ । । ଶାନ୍ତ ଦେବାକୁ ହେବ । ଲାଗି ଆସିଲା ପାଖକୁ । ମୁହଁରୁ ଓଢ଼ଣାଟିକୁ ଖସାଇ ଦେଲା, ସରୁ ଅଧରଟିକୁ ହଲାଇ ଦେଇ ସରୋଜ କୋମଳ କଣ୍ଠରେ କହିଲା—

ରତ୍ନମା ।

.......................

ଦେଖୁଛ, ମିଟି, ମିଟି ହୋଇ ଜଳୁଛି ଫୁଲଦୀପ । ଦେଉଛି ମିଳନର ସୂଚନା । ଝୁରୁ ଝୁରୁ ସମୀରଣ । ଆଣୁଛି ମଲ୍ଲୀର ମହକ । ଭରି ଦେଉଛି ନବ ଜୀବନର ପହିଲି ଆମୋଦ । ଚାହିଁ ଦେଖିଲ ଚନ୍ଦ୍ର କିପରି ହସୁଛି । ତାରକା ମାଳରେ ଚାହିଁ ରହିଛି, ଆମ୍ଭର ମିଳନକୁ ସ୍ୱାଗତ କରିବା ପାଇଁ । ମୁକ୍ତ ଆକାଶ ତଳେ ବାଦଲ ଗୁଡ଼ିକ ଲୁଚି ଯାଉଛନ୍ତି । ହଁ, ଆଜିଠାରୁ ଜୀବନରେ ବାହାନ୍ତି ଆଜିଠାରୁ ଜୀବନ ବସନ୍ତର ପହିଲିଦିନ । ମନ କୋଇଲି ରୂପ ଡାଳରେ ବସି ପ୍ରେମଗୀତିକା ନ ଗାଇଲେ, ବସନ୍ତ ଋତୁଟା ଖାଲି କୁହୁଡ଼ି ମଧ୍ୟରେ ଲୁଚିଯିବ । ବୁଝିଲ ତୁମେ କିଛିଏ ହସିଲ । ତୁମ ମୁହଁରୁ ପଦେ କଥା ଶୁଣିଲେ, ଦୂର ହେବ ଶତ ବେଦନା ।

ଏତେ ସୁନ୍ଦର କଥାରେ ରତ୍ନମା ଅଧୀର ହୋଇଗଲା । ଅଶ୍ରୁ ଭରା ନୟନରେ କହିଲା—ତୁମେ ପ୍ରଥମେ ମୋର ଗୋଟିଏ କଥା ରକ୍ଷା କରିବ ।

ଆନନ୍ଦରେ ଅଧୀର ହେଲା ସରୋଜ । ରତ୍ନମାର କଥା ଧରକି, ତା ବୁକୁ ଫୁଲେଇରେ ଭରି ଦେଲା, ପହିଲି ମିଳନର ମାଦକ । ସୁନ୍ଦର ସେ । ଲଳିତ ଛଳ ମୁଖ । ଭୁଲୁଥିଲେ ଭଙ୍ଗି ମାରିଲା, ଅମାବାସ୍ୟା ଦୀପିକା । ଅନେକ ବଳରେ ଲୋଭ ସରୋଜ କହିଲା—ରତ୍ନମା ତୁମ୍ଭର ଗୋଟିଏ କଥା ନୁହେଁ । ପ୍ରତ୍ୟେକ କଥା ରକ୍ଷା

ଜଗିବା ମୋର ଧର୍ମ, ଆଉ କର୍ମ । ତୁମ୍ଭେ ପରା ମୋର ଅର୍ଦ୍ଧାଙ୍ଗିନୀ । ନବପ୍ରଣୟିନୀ ସୁହାଗିନୀ । ଆଉ ଚିର ଅଭୁଲା ସାଥୀ । ମୁଁ କୁଳ ଦୀପକୁ ଛୁଇଁ କହୁଛି । ତୁମର ପ୍ରତ୍ୟେକ କଥା ରକ୍ଷା କରିବ ।

ଅଧୈର୍ଯ୍ୟ ହୋଇ ରତ୍ନମା କହିଲା—ନାରୀର ମାନ ରଖିବା ପୁରୁଷର କର୍ତ୍ତବ୍ୟ । ମୁଁ ଅବଳା, ଅସହାୟା । ମୋର ମାନ ରଖିବା ତୁମର କର୍ତ୍ତବ୍ୟ । କିନ୍ତୁ...............

ଆଉ କିଛି କହି ପାରି ଲା ନାହିଁ । ଶୁଖିଗଲା କଣ୍ଠ । ଅଠା ଅଠା ହେଲା ପାଟି । ଏତେବଡ଼ କଥାଟାକୁ ପ୍ରକାଶ କରିବ କିପରି ? ବୁକୁରେ ଶତ ବୃଶ୍ଚିକ । ଆଖି ଲୁହ ହେଲା ଶ୍ରାବଣୀ । ରତ୍ନମାର ଚେହେରାରେ ସରୋଜ ଆଶ୍ଚର୍ଯ୍ୟ ହୋଇ ପଚାରିଲା—

—ଅଟକି ଗଲ କାହିଁକି ? ମୋ ନିକଟରେ ଲାଜ କଣ ?

ଆରମ୍ଭ କଲା ରତ୍ନମା-ଦୁନିଆଁ ଚକ୍ଷୁରେ ତୁମ୍ଭେ ମୋର ସ୍ୱାମୀ, ଆଉ ମୁଁ ତୁମର ସ୍ତ୍ରୀ । କିନ୍ତୁ ପ୍ରକୃତରେ ମୁଁ ତାହା ନୁହେଁ । ମୁଁ ଆଜି ତୁମକୁ କିଛି ଦେଇ ସନ୍ତୋଷ କରି ପାରିବିନି । ମୁଁ କଳଙ୍କିନୀ, ବ୍ୟଭିଚାରିଣୀ, ଦୁଶ୍ଚରିତ୍ରା । ମୁଁ ସମସ୍ତଙ୍କଦ୍ୱାରେ ଆପତ୍ତି ଅଭିଯୋଗ କଲେ । ବୃଥା ହେଲା ସବୁ । କେହି ଶୁଣିଲେ ନାହିଁ ମୋର ଅନୁରୋଧ । ତୁମ ନିକଟରେ ସତ କଥାଟା କହିଲି । ତୁମର ଆଶ୍ରୟ ମୋର ଚିର ବାଞ୍ଛନୀୟ । ତୁମେ ନିରାଶ କଲେ——

ରତ୍ନମା ଆଉ କିଛି କହି ପାରିଲା ନାହିଁ । ଏତେ ଗୁରୁତ୍ୱ ମାରାତ୍ମକ କଥା କହିଲା ପରେ ଅଜ୍ଞାନ ହେଲା । ଢଳି ପଡ଼ିଲା ସରୋଜ କୋଳରେ । ସରୋଜକୁ ଆଉ ବୁଝିବାକୁ ବାକି ରହିଲା ନାହିଁ । ସେ ଶିକ୍ଷିତ । ବି. ଏ. ପାସ କରିଛି । ଜାଣିଲା, ଗୋଟିଏ ଅବଳାର ଅସହାୟ ଅବସ୍ଥାରେ ତାର ନାରୀତ୍ୱରେ ହାତଦେବା ପୁରୁଷର ଅପରାଧ । ପୁରୁଷ ପକ୍ଷରେ ଅବିବେକତାର ପରିଚୟ । ରତ୍ନମା ତାର ସ୍ତ୍ରୀ ନହେଲେ ସୁଦ୍ଧା ତାର ସ୍ତ୍ରୀ । ବିବାହ କରିଛି ଆଗେ ତାର ଶୁଦ୍ଧତାର, ରତ୍ନମାକୁ ଶୋଇଦେଲା ପଲଙ୍କରେ । ମୁହଁରେ ପାଣିଦେଲା କୃତ୍ରିମ ପବନ । ଶୀତଳ ପବନ ଆଉ ସରୋଜର କୃତ୍ରିମ ଚେଷ୍ଟାରେ ରତ୍ନମା ଧିରେ ଧିରେ ଆଖି ଖୋଲିଥିଲା ।

ସୁରେଶର ନବୀନ ଉଦ୍ଦୀପନାଟା, ଫାଙ୍କ ହୋଇଗଲା ପଞ୍ଜରା ତଳେ । ମଉଳି ଗଲା, କେତେ ଧନର ଆଶା, ଆପେ ଆପେ । ନିବାଇ ଦେଲା, ପାଉଳା ନାହିଁ ବାସନା । କ୍ଷଣକ ମଧ୍ୟରେ ଆଖିରେ ଆସିଲା ଅଶ୍ରୁ । ଅଶ୍ରୁଳୋତା ଆଖିରେ ଚାହିଁ ରହିଲା, ଉମାକୁ । ଆଜି ଖବର ଥିଲା, ଏ କାମରୁ ନିଶ୍ଚୟ ଲକ୍ଷପତି । ଏଥିପାଇଁ ଦାୟୀ କିଏ ? ଭାଗ୍ୟ । ମୁଁ ସିନା, ଆସିଲା ଜୀବନ ପଥ । ମୁଁ ଭାବୁଥିଲା ଅନେକ କିଛି କରି ପାରିବାକୁ । ମାତ୍ର ଶପଥ କରୁଛି । ଉମା ତାର ଚରମ ଆଶ୍ରିତ । ପୁଣି ସହିବ କିପରି ? ଭାଗ୍ୟରେ ବାଧା ଅଛି ମନ କ୍ରୋଧ ଚାପି ନେଲା ସୁରେଶ କେବଳ ଉମାକୁ ଚାହିଁ ।

ଆଖିରୁ ଲୁହ ପୋଛି ଦେଲା । ଭାବି ଭାବି ଢଳି ପଡ଼ିଲା ଖଟ ଉପରେ । ତାର ହୃଦୟ ମଧ୍ୟରେ କିଏ ଯେପରି କହି ଦେଲା—

"କପାଳ ଲେଖନ କେବେ ନ ତୁଟଇ ଆନ, ଯେତେବେଳେ ଯା ଘଟିବ,
ସଂସାର ମଧ୍ୟରେ ଘର କରିଥିଲେ, ପଥର ପଡ଼ିଲେ ସହିବ ।"

× × × ×

ଜଳକ୍ଷିଅକୁ ନିବାହ ହେଲା ପରେ, ସ୍ଥିର ହେଲେ ନାହିଁ ଉମାକାନ୍ତ ବାବୁ । ରାଗଟା ତାଙ୍କର ଷୋଳଅଣା ଅଛି ସୁରେଶ ଉପରେ । ପ୍ରତିଶୋଧ ନେବାକୁ ଭୁଲିଲେ ନାହିଁ । କେସ୍ ଦେଲେ କେନ୍ଦୁଝର ଜର୍ଜ କୋର୍ଟରେ । ଏଥିରେ ତାଙ୍କର ଲାଭ କିଛି ହେଲା ନାହିଁ । ମାତ୍ର ଖର୍ଚ୍ଚ ହେଲା କେତେଟଙ୍କା । କ୍ଷତି ହେଲା ସୁରେଶର ।

ଦିନ କେଇଟା ପରେ । ନିମନ୍ତ୍ରଣ ଅର୍ଡ଼ର ପାଇଲା ସୁରେଶ । ହୀନଚରିତ୍ର ବୋଲି । ସୁରେଶ ଏଥର ଭଲ ଭାବରେ ବୁଝିପାରିଲା । ପ୍ରତିଶୋଧ ନେଇଛନ୍ତି ଉମାକାନ୍ତ ବାବୁ । ଅର୍ଡ଼ରଟିକୁ ପଢ଼ିଲା, ଘୂରିଗଲା ଆକାଶ ପାତାଳ । ଅମାନିଆ ଅଶ୍ରୁ, ଓଦା କଲା ଗଣ୍ଡଦେଶ । ବୁକୁରେ କିଏ ଯେପରି ମୁନିଆଁ ଶାବଳଟାଏ ଭୁଷି ଦେଲା । ଦୀର୍ଘ ନିଶ୍ୱାସ ଛାଡ଼ିଲା ସୁରେଶ । ଅନ୍ଧକାର ଦିଶିଲା । ଆଉ ଠିଆ ହୋଇ ପାରିଲା ନାହିଁ । ନିଜକୁ ସମ୍ଭାଳିବା ପାଇଁ ଖଟ ଉପରେ ବସି ପଡ଼ିଲା । ଯେପରି ପାଦତଳୁ ପୃଥିବୀଟା ପାତାଳକୁ ଖସିଗଲା । ଭ୍ରାନ୍ତି ମଧ୍ୟରେ ଆଖିବୁଜି ଢଳି ପଡ଼ିଲା "ଅଭୁଲ ଅମୃତ"କୁ ମନେ ପକାଇ ।

ଶୋଇ ପାରିଲା ନାହିଁ । ଅସ୍ଥିର ପରେ ଅସ୍ଥିର । ଧକ୍କା ଦେଲା ହୃଦୟରେ । କଣ କରିବ ସେ ? ଘରେ ଭାଇ ଭଉଣୀ ବାପା ମାଆ । କେତେ ଆଶା ଯେ ପାଇଥିଲେ ତାଠାରୁ । ଆଜିଠାରୁ ସେ ମଧ୍ୟ ଗଲା । ବିପଦ ପରେ ବିପଦ । କାହିଁକି ? ଗୋପନ ପ୍ରଣୟର ପ୍ରତିଫଳ କଣ ଏଇଆ ? ରତିମାକୁ ଭଲ ପାଇ ଶେଷରେ କଣ ହେବ ସର୍ବହରା । ପୋଡ଼ାମୁହଁ ନେଇ ବାପାଙ୍କୁ କି ଉତ୍ତର ଦେବ ? ତାର ପାଇଁ ଶତ୍ରୁତା ହୋଇଛି ଉମାକାନ୍ତ ବାବୁ ସହିତ । ସାଇ ଲୋକେ ଶୁଣିବେ । ତାଳିମାରି ହସିବେ । ନିନ୍ଦା ଆଉ ଅପବାଦ ମଧ୍ୟରେ ମୁଣ୍ଡ ଟେକି ହେବନି । କାହିଁକି ? ଅପରାଧ କଣ ?

ସବୁ ରାଗ ତୁଟିଲା ହେଲା ଉମାକାନ୍ତ ବାବୁଙ୍କ ଉପରେ । ତେବେ କଣ କୋର୍ଟରେ ଲଢ଼ିବ । ହାତରେ ଯଥେଷ୍ଟ ପ୍ରମାଣ ଅଛି । ଲାଭ କଣ ? କ୍ଷତି ହେବ ରତିମାର । ରତିମା ଯଦି ମୋତେ ଭୁଲି ସୁଖରେ ରହିପାରେ । ତାହେଲେ ମୁଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି, ତାର ଆଗାମୀ ଜୀବନ ସୁଖମୟ ହେଉ । ଭଗବାନ ତାଙ୍କର ଭବିଷ୍ୟତ ପାଇଁ ପୁଷ୍ପବୃଷ୍ଟି କରନ୍ତୁ । ତେବେ ମୁଁ ଏ ପୋଡ଼ା ମୁହଁ ନେଇ ଘରକୁ ଯିବି ? ଶାନ୍ତ ଘରେ ଲାଗିଦେବ ଅଶାନ୍ତିର ବୋମ୍ବ । ନା, ନା ତା କରି ପାରିବ ନାହିଁ ଏଥର ସେ ସ୍ଥିର ହୋଇ ପାରିଲା ନାହିଁ । କାନ୍ଦି ପକାଇଲା ।

ସାନ୍ତ୍ୱନା ଦେବ ବା କିଏ । ଆପଣା ଲୋକତ ଦୂରରେ । ନିଜକୁ ନିଜେ ସାନ୍ତ୍ୱନା ଦେଲା । ଏପରି ଅଧୈର୍ଯ୍ୟ ହେଲେ ଚଳିବ ନାହିଁ । ମନୁଷ୍ୟ ଜୀବନରେ ଉତ୍ଥାନ, ପତନ ଆସେ । ଅନେକ ଦିନ ବାକି ଅଛି । ମୋଦ୍ୱାରା ଅନେକ କାର୍ଯ୍ୟ ଭବିଷ୍ୟତ ବି ଅଛି । ଜନ୍ମ ଦେଇଛନ୍ତି ଭଗବାନ । ତାଙ୍କର ଦୁନିଆଁ । ଏତେବଡ଼ ଦୁନିଆ ମଧ୍ୟରେ ପେଟ ବିକଳରେ କଣ ପୂରିବ ନାହିଁ ? ଭୁଲିଯିବ ଅନେକ କଥାକୁ । ଯେଉଁଠି ନଥିବ, ପିତାମାତାଙ୍କର ସ୍ନେହ, ଅନୁରାଗ, ନାର୍ଯ୍ୟାତନା, ଲାଞ୍ଛନା ଆଉ ରତିମାର......... । ଲେଖି ପାରିଲା ନାହିଁ ସୁରେଶ । ଲୁହ ଆସିଲା । ଆଖିରେ ।

ତାର ବା ଆଉ ଉପାୟ କଣ ? କେବଳ ଆଖିପତା ଲୁହ, ଆଉ ବୁକୁ ଫଟା ବେଦନା । ତାକୁ ହିଁ ସାଥିରେ ଧରି ସର୍ବହରା, ଆଉ ନାଁସ୍ୱ ଉପରେ ।

ସେଦିନ ରାତିରେ ସୁରେଶ କାହାରିକୁ କିଛି ନକହି ଉଦ୍ଦେଶ୍ୟହୀନ ଭାବେ ଆଗେ ଚାଲିଲା, ସରକାରୀ ରାସ୍ତା ଉପରେ । ଦୁନିଆଁ ମଧ୍ୟରେ ଲୁଚି ରହିବା ପାଇଁ ତା'ର ଅନେକ ସ୍ଥାନ ଥିଲା ।

× × × ×

ରତିମା ଆସିଲା ଦିନଠାରୁ ପୁର ଉଠିଛି ବୈରାଗୀ ବାବୁଙ୍କର । ସମସ୍ତେ ଖୁସି ହୋଇଛନ୍ତି ତା'ର ବ୍ୟବହାରରେ । ଅଜାଡ଼ା ସ୍ନେହ ସୋହାଗରେ ବନ୍ଧା ହୋଇଛନ୍ତି ସମସ୍ତେ । ଆପଣା ହୋଇଛନ୍ତି ପର । ସମସ୍ତଙ୍କ ମୁଖରେ ତା'ର ପ୍ରଶଂସା । ସେବାରେ ସମସ୍ତେ ପ୍ରୀତ । କୌଣସିଥିରେ କାହାରିକୁ ନାହିଁ । କାମରେ ଧୁରନ୍ଧର । କେଉଁ ଛାଞ୍ଚରେ ଗଢ଼ି ବାଢ଼ି ଦେଇଛି ।

ସାହିରେ ମଧ୍ୟ ତା'ର କଥା । ସାଇ ଝିଅ ବୋହୂମାନେ ଭୁଲି ପାରୁନାହାନ୍ତି ରତିମାକୁ । ନିତି ଆସୁଛନ୍ତି । ଦି ପହରେ ମାଲତୀ ଦେଈଙ୍କ ଘରେ ହାଟ । ଖୁବ୍ କମ୍ ଦିନରେ ରତିମା ସେମାନଙ୍କୁ ଆପଣାର କରିଛି । ସେମାନେ ରତିମାକୁ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ମାଲତୀ ଦେଈଙ୍କୁ କହୁଛନ୍ତି—

—ହଇଲୋ ସାନ୍ତୁଟି ଅ, ମନ ଚନ୍ଦ୍ରି ଭଗବାନ ତୋହର ଦେଇଛନ୍ତି ସୁନା ଲକ୍ଷ୍ମୀ ବୋହୂଟିଏ ଦେଇଛନ୍ତି । କୌଣସି କାମରେ ଶିଖିବାକୁ ନାହିଁ । ଅମେ ତ ସାଇ ପଡ଼ିଶା । ସାତ ପର । ଆମ୍ଭଙ୍କୁ ତ କୋଟିଏ ଆଦର । ତୁମ୍ଭଙ୍କୁ ବା କେତେ କରୁଥିବ । ଭଗବାନ ତା'ର ମଙ୍ଗଳ କରନ୍ତୁ । ଅହ୍ୟସୁଲକ୍ଷଣୀ ହେଉ । ପାକଳ ବାଳରେ ସିନ୍ଦୂର ଟିକି ।

ରତିମାର ସ୍ନେହ ସୋହାଗରେ ସରୋଜନୀ ଜର ଛୁଉନାହିଁ । ଭାଉଜ ବୋଲି କଣନ୍ଦ । ନଅଁଠା ନୁହେଁ କି ଛଅଁଠା ନୁହେଁ । ଘର ଯୋଗ୍ୟ ହୋଇଛି । ଲାଗିଲାଣି କଣ୍ଡେଶୋଷ ଚପଳତା, ଫୁଟିଲାଣି କାଉଁରୀ ଫୁଲ । ଦେହରେ ଖେଳିଲାଣି ରୂପର ପସରା । ହରିଣୀ ଆଖିରେ ଭରିଲାଣି ମାଦକ । ଜହ୍ନି ଫୁଲ ପରି ଯୌବନ । ଭରିଲା ଅଙ୍ଗ । ହଳୁଆ ମୁହଁଟି କେହିବି ଲୁଚାଇ ଦେବ । କଅଁଳ ଦେହ । ମାଛିଟି ବସିଲେ ମ' ବୋଲି କହେନ । ଥଣ୍ଡା ପାଣିରେ ହାତ ଦିଏନା । ରୂପରେ ଯେପରି ଗୁଣରେ ମଧ୍ୟ ସେହିପରି । ଘରର ସାତ ପାଇଟି । କେଉଁ ଛାଞ୍ଚରେ କିଏ କେତେ ଜାଣନ୍ତି ନାହିଁ ।

ସରୋଜିନୀଙ୍କୁ ଦେଖି ଚେତ ଫେରାନ୍ତି । ମନରେ ଭାବନ୍ତି । ସରୋଜିନୀ ଠିକ୍ ସରୋଜିନୀର କର୍ଣ୍ଣ । ବାଟ ଯିବା ଲୋକ ଚାହିଁ ରହନ୍ତି ଦଣ୍ଡେ । ଗାଁର ଟାପରା ମାନେ, ଟାହୁଲି କରି କହନ୍ତି । ସରୋଜିନୀ ଗୋ କେଉଁ କଳା ଭଅଁର ଗୁନ୍ଥିବ କଇଁଫୁଲ ଉପରେ ବସିବ । ଲଜ୍ଜେଇ ଯାଏ ସରୋଜିନୀ, କିଛି କହି ପାରେନା । ଘଣ୍ଟଣାକୁ ଜାକିଧରେ ମୁହଁରେ । ପଳାଇ ଆସେ ଘରକୁ । ଗୋଟାଏ ଅଜଣା ଆଶା ମିଳେଇଯାଏ ବୁଦ୍ବୁଦ ଭଳି । ହେଲେ ସ୍ୱପ୍ନ ଆସିଲା ଦିନଠାରୁ ନିରୁ ଗୋଡ଼ କାଢ଼ନ୍ତି । ନୂଆଭାଉଜଙ୍କ ପାଖେ ପାଖେ । ସାଙ୍ଗରେ ଗାଧୁଆ, ଖିଆ, ସବୁକଥା । କେତେ ହସ, ପରିହାସ, ସ୍ନେହ, ସୁହାଗ । ଝିଅ ବୋହୂଙ୍କର ଏପରି ଅଠା ପରିହାସରେ ଖୁସି ହୁଅନ୍ତି ମାଳତୀ ଦେବୀ । ଆଉ କହନ୍ତି—ହଇଲୋ ସାନ୍ତ ଝିଅ ଘରଜ୍ଞିକି ମନ୍ତ୍ର ଦେଲୁଣି ଯେ ତୋର କାଖ ଛାଡ଼ୁନାହିଁ । ଆସିଲା ଦିନରୁ ତୋହରି ପାଖେ ପାଖେ ।

ରତ୍ନମା ଟାହୁଲି କରି କହେ—ନାହିଁ ମାଆ, ସରୋଜିନୀ ପରା କାଲି ପୁଣି ପର ଘରକୁ ଯିବେ । କେତେଦିନ ସେ ......। ଏହିପରି କଥାରେ ଲଜ୍ଜେଇ ଯାଏ ସରୋଜିନୀ । ଅଭିମାନ କରି କହେ—ଭାଉଜ ତୁମ ପାଖକୁ ଆଉ ଆସିବିନି । ମୁହଁ ଫଣଫଣ କରି ବସିଯାଏ । ହେଲେ ଆନନ୍ଦରେ ଫାଟିପଡ଼େ । ଉଙ୍କି ମାରେ ଅଜଣା ଆଶା ଅଜଣା ସ୍ୱପ୍ନରେ ।

କଥା ଖାଲି କଥାରେ ରହେ । ଦଣ୍ଡେ ଯାଏ । ନୀରବରେ ରହିପାରେନା ସରୋଜିନୀ । ଓଁଠକୁ ନାଲେଇ ହୁଏ ବୁଲେଇପକା । କାହାରି କଥା କହିବ ଖୋଜିବ ଭାଷା । ସରୋଜିନୀର ଏପରି ଭଙ୍ଗୀ ଦେଖି ରତ୍ନମା ବୁଝିପାରେ । ଆଉ ରତ୍ନମା ହସିଦେଇ କହେ—ନାଇଁଲୋ ସର, ତୁମେ ଆସିଲ, ତୁମେ ସବୁଦିନେ ଏ ଘରେ ଥିବ । ଏଥର ସରୋଜିନୀକୁ ଆହୁରି ଆନନ୍ଦ ଲାଗେ । ସେ ଖିଲିଖିଲି ହସିଦିଏ । ଆଉ କହେ—ତୁମକୁ ଛାଡ଼ି ମୁଁ ଦଣ୍ଡେ ରହିପାରିବି ନାହିଁ ଭାଉଜ ।

ଏହିପରି ସୁଖ ଦୁଃଖରେ ଦିନ କଟେ । କିନ୍ତୁ ରତ୍ନମା ଅନୁଭବେ ଯେଉଁ କାହିଁ କଷ୍ଟ, ଏକଥା କା ଜାଣିବ ଭଏ ? ତଥାପି ସେ ... ହେବ ... ଆନନ୍ଦ ଦେବାପାଇଁ । ଆପଣାର କରିବାପାଇଁ ।

ବେଳେବେଳେ "ଅଭୁଲା ଅତୀତ"କୁ ମନେ ପକାଇ ମ[illegible]

× × × ×

ଧାର୍ ଶିରିବଣ । କୁରୁକୁଟିଆ ମେଘ । ଓଠାଉଛି ତୁହାକୁ ତୁହା । ତାଳି ଦେଉଛି ବେଳେବେଳେ । ବାଦଲ ଫାଙ୍କରେ ମାଦଳ ପିଟୁଛି ଘଡ଼ଘଡ଼ି । ବତୀ ଜଳାଉଛି ବିଜୁଳି । କୁହୁଡ଼ିଆଳିଆ ପବନ । ପିଟୁଛି ମନଇଚ୍ଛା । ଝାଙ୍ଗର ଭୁଇଁରେ ଫୁଟିଛି ଫୁଅ । କାହୁଅ ଗାଁ ଦାଣ୍ଡ । ଫେଣ୍ଟକା ହେଉଛି ଚୂଲ । ପାଣିରେ ଭସି ଯାଉଛି ଫେଣ । ଗାଁ ଛୁଆଙ୍କ ମେଳ । କଅଁଳିଆ ଗୀତ । ଭସି ଯା ମୋର କାଗଜ ଡଙ୍ଗା ।

କେଣ୍ଡୁର ଗଡ଼ା ହୋଇଛି । ଯାଡୁବୁଦା ମୂଳେ ବେଙ୍ଗ । ରାବୁଛି କଅଁ କଅଁ । ଡାକୁଛି ବେଙ୍ଗୁଲି ରାଣୀକୁ । ଭାଙ୍ଗିବ କୁଆଡ଼େ ବାହାଘର । ପୂଜି କରନ୍ତି । ଆଣ୍ଠୁ ବୁଲେ ପାଣିରେ ଲମ୍ଫ ପିଟୁଛି । ଭାରି ଖୁସି । ଖାତିରି ନାହିଁ କାହାରିକୁ ।

ଗାଁ ତୁରପଟେ ସବୁ କ୍ଷେତ । ଲହଡ଼ି ମାରୁଛି ପବନରେ । ଝୁଲୁଛି ସାଇଁ ସାଇଁ । ପାଣି ପଡ଼ୁଛି ଝପର ଝପର । ଘଷିଆ ଡଳେ କ୍ଷେତି ଦୁଆ । ଲାଗିଛି କାମରେ । ପାଣି, ପବନ । ଖାତିରି ନାହିଁ । ସବୁ ଦେହସୁହା । କଣ କରିବ, ସେ ? ନ ଖଟିଲେ ବରଷଟାକୁ ବାହୁବ କପରି ? ତାହାରି ହାତକୁ ତ ଅମରେ ଚାହିଁଛନ୍ତି । ମୂଲିଆ ପରି ଖଟିଲେ ସିନା ସାଆନ୍ତ ହେବ । କଥାରେ ଅଛି— ଖଟିଲେ ସାଆନ୍ତ, ନହେଲେ ମେହନ୍ତ ।

ରତମା ଝରକା ପାଖରେ ବସି ଚାହିଁଥିଲା । ମେଘ ଗୁଡ଼ିଲାଣି ଦାଉ ହାଜିଛି । ପବନଟା ଭାଙ୍ଗି ପକାଉଛି ଗଛ,ପତ୍ର । ଅଣ ହଠାତ୍ ଗୁଡ଼ । ଶୋଇ ପଡ଼ୁଛି ଢେଙ୍ଗା ବାଉଁଶ ଗୁଡ଼ା, ବାସୁଆ ଚଢ଼େଇଟି ଉଡ଼ିଆସିଲା । ବସି ପଡ଼ିଲା ଖଜୁରି ଡାଳରେ । ବସା ନାହିଁ । ଛୁଡ଼ି ପଡ଼ୁଛି ବତାସରେ । ଚାହିଁ ଦେଖିଲା ତଳେ । ଦୁଇଥର ରାବ ଦେଲା । ଏ ଡାଳରୁ ସେ ଡାଳକୁ ଉଡ଼ିଗଲା । ବସି ପାରିଲା ନାହିଁ । ଉଡ଼ାଇ ନେଲା ପବନ ।

ରତମା ଆଉ ଚାହିଁ ପାରିଲା ନାହିଁ । ଲାଗିଗଲା କେଉଁକେଉଁଆ । ବାସୁଆ ଚଢ଼େଇ ପରି ତାର ଜୀବନଟା ଠିକ ମିଳି ଯାଉଛି । ତାର ହାତ ଗଢ଼ା ବସା ଭାଙ୍ଗି ଯାଇଛି ଅଦଉଆ ବତାସରେ । ବାସୁଆ ଚଢ଼େଇପରି ସେ ଏକୋଲା ସେ

ଭଲ ଲାଗୁଛି । କେତେ ଝଡ଼ ଝଞ୍ଜା ସହିବ । ଦୁନିଆରେ ବଞ୍ଚି ରହିବାକୁ ହେଲେ ସବୁ ସିଠେଇ ନେବାକୁ ହେବ । ବାପ୍ପା ଚଢ଼େଇ ପରି । ରତ୍ନମା ଆଉ [illegible] ପାରିଲା ନାହିଁ । ଆଖିରେ ଆସିଲା ଅଶ୍ରୁ । ବୋହିଗଲା ଅମାନିଆ ହୋଇ । କେତେ ଅନେକ ହେଲାଣି ଜଣାନାହିଁ । ସବୁକଥାକୁ ପଛରେ ପକାଇ ସେ ଖୋଜୁଥିଲା "ଅଭୁଲା ଅତୀତକୁ"କୁ ।

ମାଳତୀ ଦେବୀ ଦେଖିଲେ ରତ୍ନମା ଆଖିରେ ଲୁହ । କେତେ କଣ ଖୋଜି ଗଲେ । ସୁନା ଘରେ ଚୁନା । ମନଟା କେମିତି ହେଲା । କୋମଳ କଣ୍ଠରେ ପଚାରିଲେ-ମାଆ କଣ ହୋଇଛି ତୋର । ପୁଅ କିଛି କଟୁ କଥା କହିଛି ।

ନିଜର ପଣତରେ ଲୁହ ପୋଛି ଦେଇ କହିଲେ-ତୁ ଏପରି ମନଦୁଃଖ କଲେ ହେବ । ବେଳ ନଇଁଲାଣି ପରା ସଞ୍ଜ ହେବ । ଧୂପବେଳ । ଉଠିଲୁ ମାଆ ନା ଘରକଥା କିଛି ମନେ ପଡ଼ିଲା ? ଏଇଟା ତୋର କଣ ଘର ନୁହେଁ ? ମୁଁ କଣ ତୋର ମାଆ ନୁହେଁ ? ଲୋ ସର ଆସିଲୁ ତୋ ବୋହୂ ପାଖକୁ । କଣ ହୋଇଛି କହିଲୁ । ମୋରାଣ ।

ମାଳତୀ ଦେବୀ । ମାଆ ବଦଳରେ ମାଆ । କେତେ ଆପଣାର କରିଛନ୍ତି । କେତେ ସ୍ନେହ ଆଦର କୋମଳ କଥାରେ ନରମ କଲିଜା ଥରିଗଲା । ବେଦନା ଭରା ନିଶ୍ୱାସ ନେଲା ରତ୍ନମା । ଶାନ୍ତି ଦେବ ଶାଶୁ ମାଆଙ୍କୁ । ପୋଛି ଦେଲା ଲୁହ ଲୁଚିଗଲା ପଛ କଥା, ବେଦନା ଭରା କଣ୍ଠରେ କହିଲା—ନାଇଁ ମାଆ, କେବେ ବେଳେ ଘରକଥା ମନେ ପଡ଼ିଲେ ଆପେ ଆପେ ଆଖିରେ ଲୁହ ଆସେ ।

ସରୋଜିନୀ ମାଆଙ୍କର କୋମଳ ଡାକରେ ପକାଇ ଆସିଲା । ଖୁସିର ନିକଟକୁ ଦରହସ ଟିକେ ମିଳେଇ ଗଲା ଅଧରରେ । ସରୋଜିନୀକୁ ଦେଖି ମାଳତୀ ଦେବୀ କହିଲେ ବୁଝିଲୁ ସର ତୋ ଖୁସିର କଥା । ମୁଁ ଯାଏଁ ବେଳ ନଇଁଲାଣି । ଦେଖେ ଟିକେ ଗୋରୁ ଗାଈ ମୁନିଆ ମଣ୍ଡାକ ଫେରିବେଣି । ଚାଲି ଗଲେ ମାଳତୀ ଦେବୀ । ସୁଯୋଗ ନେଇ ସରୋଜିନୀ କହିଲା—କହୋ ଖୁସିରେ କଣ ଗୁଡ଼ାଏ ଚିନ୍ତା କରୁଛ ? ଭାଇ ଚିଠି ଦେଇଛନ୍ତି ଆଜି ଆସିବେ । ଦୁଃଖ ନାହିଁ କି ସୁଖର ଭାବ ଯାଉ ସଜ ହୋଇ ଆସ........................

ହସି ଦେଲା ରତମା ସରୋଜନୀର ଟାହୁଲି କଥାରେ । ସ୍ୱର ବଦଳାଇ କହିଲା—

—ଛୁଗୁଲେଇ କଥା ଛାଡ଼ । ତୁମ ଭାଇ ତୁମ ପାଖକୁ ଆସିବେ, ମୋର ସାଆଁ ଆସ କେବେ ? ମୁଁ କଣ ତୁମ୍ଭ ଭାଇପାଇଁ ଚିନ୍ତା କରୁଛି ? ଭାଇ ଚିନ୍ତା କରୁଥିଲି ଅନେକ ଦିନରୁ ଆସିନାହିଁ । ଯାହା ଅସହ୍ୟା ହେଲେ ତୁମ୍ଭେ କଣ ତାକୁ ରଖେଇ ଦେବ ? ତାର ହାତରେ ତୁମର ସବୁବେଳେ କେଶ ।

—ଓହୋ ତୁମ୍ଭର ଯେଉଁ ଭାଇ । ତା ପାଇଁ ପୁଣି ଏତେ ଚିନ୍ତା । ସେପରା ଚିଠି ଦେଇଛନ୍ତି ପରୀକ୍ଷା ସରିଲେ ଆସିବେ । ଏଥର ଆସନ୍ତୁ ଆଉ ଛାଡ଼ିବ ନାହିଁ । ଏଇ ଖୁଣ୍ଟରେ ବାନ୍ଧି ଦେବ ।

—ନାହିଁ ହୋ ଶ୍ରୀକାନ୍ତ ଏଥର ତୁମ ନଣନ୍ଦକୁ ବେଶୀ ପଢ଼ ଦେଲଣି । ମୋ ନଣନ୍ଦକୁ ତାର ଦେଉନାହିଁ । ଏଥର ଆସୁ ଶ୍ରୀକାନ୍ତକୁ ତୁମର ପଣତରେ ବାନ୍ଧି ଦେବା । ତାର ଯିବାକୁ ଆଉ ବାଟ ନଥିବ ।

ସରୋଜନୀ ଆଉ ସମ୍ଭାଳି ପାରିଲା ନାହିଁ । ସରମରେ ସରିଗଲା । ମାଦକ-ଭରା ଚାହାଣୀରେ ଚାହିଁ ରହିଲା ରତମାକୁ । ପଣତଟାକୁ ଟାଣି ଧରିଲା ମୁହଁରେ । ତାହାରି ଭିତରେ ମିଳେଇ ଗଲା ଅଧା ହସ ଖଣ୍ଡିକ । ଅଭିମାନଭରା କଣ୍ଠରେ କହିଲା—ଛିଛି ତୁମ୍ଭର ଏ କି କଥା ? ମାଆ ଶୁଣିଲେ କଣ କହିବେ ? ଛି.......।

—କହିବେ ଝିଅଟି ଜ୍ୱାଇଁଟିଏ ପାଇଛୁ ।

—ଛି.......। ମୁଁ ଆଉ ଆସିବନି ।

ଝିଅ ବୋହୂଙ୍କର ଏପରି ଢଙ୍ଗ ଦେଖି, ମାଲତୀ ଦେବୀ ନ ହସିବେ କିପରି । ଏତ ସଂସାର । ସୁନାଘର । ଏଥିପାଇଁ କବି ଲେଖିଛନ୍ତି—

ବୈକୁଣ୍ଠ ସମାନ ଆହା ଅଟେ ଏହି ଘର
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର ।
ପରସ୍ପର ଥିଲେ ସ୍ନେହ, ସରାଗ
ଘର ନୁହେଁ ସେହି ଅଟେ ସରଗ ।

ଏଥର ମାଳତୀ ଦେବୀ ଆଉ ସମ୍ଭାଳି ନପାରି କହିଲେ—ସରୁ, ସଞ୍ଜ ହେଲଣି । ଧୂପ ବେଳ ଗଡ଼ିଯିବ । ରତ୍ନମାର ମନ ଚଞ୍ଚଳ ହେଲା । ଉଠି ଆସିଲା ସେ । ବତୀ ଲଗାଇଲା । ଧୂପ ଦେଲା । ଠାକୁରଙ୍କୁ ମନାସିଲା । ମନଖୋଲି ଡାକିଲା । ହେଲେ ଠାକୁର କାଣ ଶୁଣୁଛନ୍ତି ?

ରତ୍ନମା ଆଜି ଡେରି କଲା ନାହିଁ । ସରୋଜିନୀଠାରୁ ସରୋଜ ଆସିବା କଥା ଶୁଣି ସେ ଭାରି ଚଞ୍ଚଳ ହୋଇ ଉଠିଛି । ସେଥିପାଇଁ ଘରଆଡ଼େ ଧାଉଁ ବଢ଼ାଇଲା । ଆଗରେ ଅନେକ କର୍ତ୍ତବ୍ୟ । କେତେଦିନ ପରେ ଘରକୁ ଆସିବେ ପତି । ପତି ନୁହେଁ ପରମ ଗୁରୁ । ତାଙ୍କର ସେବା ହିଁ ନାରୀର କର୍ତ୍ତବ୍ୟ ।

ରତ୍ନମା ସେବାକରେ ସରୋଜର ମନନେଇ । ରତ୍ନମାର ପାଦ ସେବାରେ ପ୍ରୀତ ହୁଏ ସରୋଜ । ଏଣୁ ସେ ଅନେକ ସମୟରେ ଟାଉନରୁ ଘରକୁ ଫେରେ । ରତ୍ନମାର ମନ ନେବାପାଇଁ ମନଲାଖି ଜିନିଷ ଆଣେ । ସ୍ନେହ ଦିଏ । ପଛ କଥାକୁ ଭୁଲିବାପାଇଁ କହେ ।

ତାର ବା ଆଉ ଉପାୟ କଣ ? ରତ୍ନମା କଥା ନେଇ ସେ ଅନେକ ସ୍ଥାନରେ ଅନୁସନ୍ଧାନ ନେଇଛି । ମାତ୍ର ସନ୍ତୋଷଜନକ ଖବର ପାଇ ନାହିଁ ।

× × × ×

ଚିନ୍ତାରେ କାଳ ହେଲଣି ସୁମତୀ ଦେବୀଙ୍କର । ପୁଅର ଖବର ନ ପାଇଲେ ଦିନଠାରୁ । ତାଙ୍କୁ ସବୁ ଲାଗୁଛି ଅନ୍ଧକାର । ପିତା ଲାଗୁଛି ଅମୃତ । ଦିନରେ ଥରେ ଖାଇବାକୁ ଭୁଲି ଯାଉଛନ୍ତି । କେତେବେଳେ ହସୁଛନ୍ତି । କାନ୍ଦୁଛନ୍ତି ବା କେତେବେଳେ । ରାସ୍ତାରେ କେହି ଜଣେ ଗଲେ, ଧାଇଁ ଯାଉଛନ୍ତି ପୁଅ, ପୁଅ କହି । ଚମକି ପଡ଼ୁଛନ୍ତି ଅଜଣା ଭୟରେ । ନିଜ ଛାତିକୁ ନିଜେ ଦଳି-ଚକଟୁଛନ୍ତି । ଅନ୍ଧାର ରାତିରେ ଶୋଇଲେ ପୁଅ, ପୁଅ କହି । ଉଠି ପଡ଼ୁଛନ୍ତି । ଆଖିରେ ଚଷମାରେ ଝାଞ୍ଜି ଗଲେଣି । କଳାକାଠ ହେଲେଣି । ଶରୀର ଅସ୍ଥି ପଞ୍ଜର । ନ ହେବ ବା କାହିଁକି ? ପୁଅର ବିଚ୍ଛେଦ, ଯେ ଜନ୍ମ କରିଛି ସେ ଜାଣେ । ଅନ୍ୟକୁ ଦେଖାଇ କରି ଆଖିରେ ନ ଦେଖିଲେ ମନ ଯାହା ହୁଏ, ସେ କଥା ପ୍ରକାଶ କରି ହେବନାହିଁ ଲେଖନୀରେ ।

କଅଁଳ ଗୋଧୂଳି ବେଳ । ସୁମତୀ ଦେଈ ବସିଛନ୍ତି ପିଣ୍ଡା ମୁଣ୍ଡରେ । ଆଖି ଲୁହକୁ ପୋଛୁଛନ୍ତି ହାତରେ । ମାଆର ଏପରି ଅବସ୍ଥାରେ ଶ୍ରେଷ୍ଠ ପିଲମାନେ କାନ୍ଦୁଛନ୍ତି । ଘରେ କେହି ନାହାନ୍ତି । ରତ୍ନାକର ଆଜି କାମରେ ବାହାର ଯାଇଛନ୍ତି । ସରଳା ଭାଇ ପାଇଁ ବେଳେ ବେଳେ ଲୁହ ଢାଳୁଛି । ସାନ୍ତ୍ୱନା ଦେବାକୁ କେହି ନାହାନ୍ତି । ସରଳା ମନକୁମନ ସାନ୍ତ୍ୱନା ଦେଇ ଭାଇ ଭଉଣୀଙ୍କୁ ବୁଝାଇଲା । କିନ୍ତୁ ମାଆଙ୍କୁ ଆଜି ବୁଝାଇ ପାରିଲେ ନାହିଁ । କରିବ ବା କଣ ? ଯେତେ ଡାକିଲେ ବି ସୁମତୀ ଦେଈ ମୁହଁ ଫେରାଇ ନାହାନ୍ତି । ଖାଇବାକୁ ଯାଉନାହାନ୍ତି । ବୁଦ୍ଧି ହଜିଗଲା, ସରଳାର । କାନ୍ଦ ପଳାଇଲା । ମାଆଙ୍କ ନିକଟକୁ ଲାଗି ବସିଲା । ତାର ବା ଉପାୟ କଣ ?

ପଧାନ ଘର ବୁଢ଼ି ବୁଲିଯାଉଥିଲେ । ଆଖି ଫେରାଇ ଚାହିଁଲେ । ଚମକି ପଡ଼ିଲେ ବୁଢ଼ି । ମାଆ ଝିଅ କାନ୍ଦୁଛନ୍ତି ଏକାଠି ବସି । ଯାଇ ପାରିଲେନି । କେମିତି କେମିତି ହେଲା ମନଟା । ପଳାଇ ଆସିଲେ ରତ୍ନାକର ଘରକୁ । ଆଶ୍ଚର୍ଯ୍ୟ ହୋଇ ପଚାରିଲେ ।

କିଲୋ, ସାନ୍ତ ଝିଅ ଭଗବାନଙ୍କ ସଭିଥିରେ ପୂର୍ଣ୍ଣ କରିଛି । ଅସୁବିଧା ନାହିଁ । କେଉଁଥିରେ । କାଲିପରି ବୋହୂ ଆଣିବୁ । କ୍ଷୀର୍ଣ୍ଣ କରିବୁ । କଣ ପୁଣି ହୋଇଛି ତୋର ଯେ ବସି ମାଆ ଝିଅ କାନ୍ଦୁଛ ? ନା ରତ୍ନାକର କିଛି କହିଛି ?

ନାଇଁବେ ମାଉସୀ ବୋହୂ ଆଣିବା ମୋର ସରିଯାଇଛି । ଦୁଃଖ, ହୋଇଛି ସୁଖ ଆଖି ଲୁହକୁ ହାତରେ ପୋଛୁ ପୋଛୁ ଦିନ ସରିବ ନାହିଁ । ସୁନା ଘର କରି ପୁଅ ଚାଲି ଯାଇଛି । କେଉଁ ବୋହୂ ଆଣିବ ଘରକୁ ? ପୁଅ କଣ ଆଉ ଫେରିବ ? ମୁଁ କଣ ତାକୁ ଆଉ ଆଖିରେ ଦେଖିବି ?

—କି କଣ ହେଲା ?

—ହବ ଆଉ କଣ ? ତା ବାପଙ୍କ ଚାକିରୀ ପାଇଁ ମନା କରୁଥିଲେ । ଯାଇ କାଲି, କେଉଁଠି କଣ କରିଛି ଭଗବାନଙ୍କୁ ଜଣା । ତା ବାପା କୁଆଡ଼େ, କଏ କଣ କହିଲା । ସେ ଦିନ ପୁଅ ଘରକୁ ଆସିଥିଲା । ତା ବାପ କଣ ପଦେ କୋରକି କହିଦେଲେ । ସେହିଦିନଠାରୁ ଏକ ମୁହାଁକା ଯାଇଛି । ଘରକୁ ଚିଠି ଦେବୋ ବି ଆସୁନାହିଁ । ତା ବାପ ଡେମିଆ ଗଲେ । ହେଲେ କଣ ପାଇଲେ, ନା କିଛି

ଖବର ମିଳିଲା । ଝାଳି ବିଛଣା ଆଉ ସୁଟକେଶଟାକୁ ସାଙ୍ଗରେ ଧରି ଫେରିଲେ । ସେ ଦିନଠାରୁ ମନକଣ ଠିକ୍ ଅଛି । କେତେ ଆଉ କେତେ କଥା ମନେ ପଡ଼ୁଛି । ରାତିରେ ନିଦ ନାହିଁ । ସତେ କଣ ମୋ ପୁଅ ଆଉ ଫେରିବ ?

—ହଁ ମ ଏଇକଥା ପାଇଁ ଏତେ ଚିନ୍ତା । ପଲିଲେଖା ରାଗନେଇ କୁଆଡ଼େ ଚାଲିଯାଇଛି । ହେଲେ କଣ ଘରକୁ ଫେରିନ ନାହିଁ । ଏଇ କଥା ପାଇଁ ଏତେ ଚିନ୍ତା କଲେ ହେବ । ଘର କରି କା ଘରେ ଦାଲି ଗୋଳା ନାହିଁ । ସଂସାର ମଧ୍ୟରେ ଚଳିବାକୁ ହେଲେ କେତେ ବିପଦ ମୁହେଁଇବାକୁ ପଡିବ । ତୁ ଜାଣିଲା ଲୋକ ହୋଇ ଏପରି କାନ୍ଦିଲେ ହେବନା । ତୋହର ପାଇଁ ସବୁ ମଧ୍ୟ କାନ୍ଦୁଛୁ । ତୁ ଖାଇଲୁଣି ନା ?

ସେ କଣ ଖାଇବାକୁ ମନ କହୁଛନ୍ତି । ସବୁବେଳେ ଖାଲି ଭାଇକଥା ଏତିକି କହୁଁ କହୁଁ ସରଳା ଭେଁ ଭେଁ କରି କାନ୍ଦି ପକାଇଲା ।

ବୁଢ଼ି ଏଥର ଆଉ ସମ୍ଭାଳି ପାରିଲା ନାହିଁ । ନିଜ ଲୁଗା କାନିରେ ଲୁହ ପୋଛି ଦେଇ କହିଲେ—ତୁ କାହିଁକି କାନ୍ଦୁଛୁ । ଯାହା ହବାର ଥିବ ହେବ । ଯା ଗଲୁ ଭାତ ଆଣିଲୁ । ଏଥର ବୁଢ଼ି ସୁମତୀ ଦେବୀଙ୍କର ଲୁହ ପୋଛି ଦେଇ କହିଲେ—

ତୁ ଆସିଲୁ ଗଣ୍ଡେ ଖାଇଦେବୁ । ମୋ ରାଣ । ତୁ ଆଉ ଏପରି ଅଧର୍ମ ହେବୁ ନାହିଁ । ଲୋକେ ଶୁଣିଲେ କଣ କହିବେ ? ଆଜି କାଲି ଲୋକ ପର କୁଆକୁ ଚୁଆ କରୁଛନ୍ତି । ସଜା ମାଉଁସରୁ ପୋକ କାଢ଼ୁଛନ୍ତି । ଭାଇ ଭଗାରିଆ ପର ହେଲେ ଲୋକେ ହସିବେ । ତୁ ଥୟ ଧରି ପୁଅ ତୋହର ପୁଅ । ଯେତେ ଦୂରରେ ଥିଲେ ତୋର । ଦିନେ ହେଲେ ଘରକୁ ଫେରିବ । ନ ଆସି ଯିବ କୁଆଡ଼େ । ହଉ ତୁ ଥୟ ହୋଇ ଦିଟା ଖାଇଲୁ । ଏତେ ଚିନ୍ତାକରି ବା କଣ କରିବୁ ? ରତ୍ନାକର ଆଜି କୁଆଡ଼େ ଯାଇଛି ?

—ତାଙ୍କର କଣ ପୁଅ ଚିନ୍ତା ଅଛି ? ସୁମତୀ ଦେବୀ ଆଉ କିଛି କହୁଥାନ୍ତେ ରତ୍ନାକରଙ୍କୁ ଦେଖି ଚୁପ ହୋଇଗଲେ ରତ୍ନାକରଙ୍କୁ ଦେଖି ବୁଢ଼ି ପ୍ରଶ୍ନ କଲେ—

ଅବେ ରତ୍ନାକର କୁଆଡ଼େ ଯାଇଥିଲୁ ? ଘରେ ଏଣେ କନ୍ଦାକଟା । ତୁ ପୁଅକୁ କଣ ଏପରି କହିଲୁ ଯେ, ପିଲାଟା ରାଗରେ କୁଆଡ଼େ ଯାଇଛି ? ତାର

ପାଇଁ ଝିଅ ମୋର ଝୁରି ଝୁରି ଝଡ଼ି ଗଲାଣି । ପାକଲା ଆମ୍ବ ପରି ମଣିଷଟା ଶୁଖି କଳାକାଠ ହେଲାଣି ।

—କହିବ ଆଉ କଣ ? ଭଲ ମନ୍ଦରେ ପଡେ ମୁଁ କନିହିବ ତ ଆଉ କହିବ କିଏ । ମୁଁ ପରା ତାର ବାପ । ଆଜିକାଲି ପୁଅ କଣ ଦମ୍ଭ କଥା ବୁଝୁଛନ୍ତି । ଟିକିଏ କଥାରେ ବାପକୁ ମାରିବୁ । ଘରଗୁଡ଼ ପକାଇବୁ । ଝିଅ ଜନ୍ମାଇ ଠାରୁ କଳି ଯୁଗରେ ପୁଅ ଜନ୍ମାଇ ବେଶି । ଆଜିକାଲି ପୁଅ ଜନ୍ମ କଲେ ମଲୁ ଜନ୍ମ ନକଲେ ମଲୁ । ମୋ ପୁଅ କଣ, ନା ତୋ ପୁଅ କଣ । ବାପ ମା ଆ ଗୁରୁଜନଙ୍କୁ ଟିକିଏ ମଣି ବୋଲି ମାନୁ ନାହାଁନ୍ତି । ହେଲେ ଫଳଟା ପାଇବେ ।

—ଓହୋ ପ୍ରଭବେଲେ ଗୁଣ କାଢ଼ିଲେ ହେବଟା । ପିଲାଟାର ଖବର କେ ଗଗରେ ଯାଇଛି କେଉଁଠି କଣ କରି ପକାଇଲେ········ ?

ମୁଁ କଣ ଖାଲି ବସିଛି । ଚମ୍ପୁ ଆ ଗଲା, ଖବର ପାଇଲି ନାହିଁ । ଶେଷକୁ କେତେ ଯାଗା ବୁଲିଲି । କୌଣସି ସ୍ଥାନରେ ପାଇଲି ନାହିଁ । ଖବର କାଗଜ, ରେଡ଼ିଓରେ ଦେଲି, ମାତ୍ର ସନ୍ତୋଷଜନକ ଖବର ଆସିବ ନାହିଁ । ମୋର ଆଉ ଉପାୟ କଣ ? ସମସ୍ତେ ତାର ଚିନ୍ତା କରୁଛନ୍ତି । ତା ମାଆ ଚିନ୍ତାରେ ଚିନ୍ତାରେ ମାଟିରେ ମିଶିବାକୁ ହେଲାଣି । ଗାଁ ଭାଇ ଭାଇ ବୋଲି ଦନେକ କାମକୁ ପାଞ୍ଚ ଦନରେ କରୁଛି । ଅନ୍ୟ ଝୁଆତ ଦନଗୁଡ କାନ୍ଦୁ ଛନ୍ତି । କଣ ଲାଭ ଅଛି ।

ମୋତେ କଣ ପୁର ଚିନ୍ତା ଲାଗୁନାହିଁ । ମୁଁ ଯଦ ତାହାଙ୍କ ଚିନ୍ତାରେ ବସି ରହିବ ଆଉ ପାଞ୍ଚଟା ଝୁଆଙ୍କୁ ପିତା ମାରିଦେବ । ଭଗବାନଙ୍କର ଇଚ୍ଛା ଯେ ଯାହା କରିବେ । ମଣିଷ ଚିନ୍ତାକରି କଣ କରିବ ? ଏଣ୍ଡୁଅ ଧାଇଁ ଧାଇଁ ସିଏ ଲୁଦା ମୂଳକୁ । ଆମ୍ଭର କର୍ତ୍ତବ୍ୟ ଯାହା ଆମ୍ଭେ ସାରିଲୁ । ଯେଉଁଣିକି ପୁର ଯଦ ଆମ୍ଭର ପୁଅ ହୋଇଥିବ, ଅମ୍ଭ କୋଳକୁ ଆସିବ, ନ ହେଲେ·····।

ଉହାଙ୍କର ଆଉ କିଛି କହି ପାରିଲେ ନାହିଁ । ମରମ ଦୋହିକଇ ପାଟି ଉଷ୍ମାଟା ବାହାରିଲା । କୋହଟା ସମ୍ଭାଳି ପାରିଲେ ନାହିଁ । ପିଲାଟି ଭଳି ଭେ ଭେ ହୋଇ କାନ୍ଦ ପକାଇଲେ । ବୁଢ଼ି ଉହାଙ୍କରଙ୍କୁ ସାନ୍ତ୍ୱନା ଦେବାକୁ ଯାଇ କହିଲେ—

—ଛି, ତୁ ବୁଝିଲା ହୋଇ ଅବୁଝା ହେଉଛୁ । ତୁ ଏପରି ହେଲେ, ତୁଆମାନେ କଣ ନ ହେବେ ? କ୍ ଭୁନ ହେଲୁ । ତୁ ଜମା କାନ୍ଦେନା । ତାର ଅମଙ୍ଗଳ ହେବ । ସୁର ଦେଶରେ ଦୂରରେ ଥିଲେ ସୁଧା ତୋହର ପୁଅ । ସେ ଦିନେ ହେଲେ ଘରକୁ ଫେରିବ । ତୁ ଭଗବାନଙ୍କୁ ଡାକେ । ତାକୁ ଆଶୀର୍ବାଦ କର ।

ବୁଢ଼ିର କଥାରେ ରତ୍ନାକର ଧୀରେ ଧୀରେ ସାନ୍ତ୍ୱନା ଦେଉଥିଲେ । ସେତେବେଳକୁ ସୂର୍ଯ୍ୟ ମୁଣ୍ଡ ଉପରେ ।

× × × ×

ଚକ୍ରଧା ଷ୍ଟେସନ । ବଡ଼ରେ ନୁହେଁ । ଶ୍ରେଷ୍ଠ ବୋଲି କହିଲେ ମିଛ ହେବ । କେମିତି ଦୋକାନ ବଜାର । କେମିତି କଳ କାରଖାନା । କଳା ହେଉଛି କେମିତି ଧୂଆଁରେ ଆକାଶ । ଫାଙ୍କା ମିଳୁନାହିଁ ଗାଡ଼ି ଯାତାୟତରେ । ଦିନ, ରାତ ସମାନ ହୋଇଛି ବିଜୁଳି ଆଲୋକରେ । ହୁ, ହୁ, ଗହ, ଗହ, ସବୁବେଳେ ।

ସେଦିନ ଟିକେ ବେଶୀ ଥିଲା ଚହଲ । ଫେରୁନାହିଁ କଲିକତା ଗାଡ଼ି । ଦୁଇଘଣ୍ଟା ଲେଟ୍ । ଠିକ୍ ସମୟକୁ । କେତେକପରି ଗୁହଁ ରହିଛନ୍ତି, ଯାତ୍ରୀସମୂହ । କେତେକ ଯିବେ । କେତେକ ବା ଆତ୍ମୀୟ ଅପେକ୍ଷାରେ । ଫାଷ୍ଟ ବେଲ୍ ହୋଇ ଗଲାଣି । ଗାଡ଼ି ଆସିବାର ମୁହୂର୍ତ୍ତେ ବାକି । ସେକେଣ୍ଡ ବେଲ୍ ହେଲା, ଗୁହଁ ଗୁହଁ । ହୋଇପରି ଚାହାଣୀ ବଜାଇ । ପାହାଡ଼ପରି ଠିଆ ହେଲା ପାସେଞ୍ଜରଟା । ପୁଣି ଉଠିଲା କୋଳାହଳରେ । ଗୃଜଲା ବକାକଣା । କେତେ ଓହ୍ଲାଇଲେ; କେତେ ବା ଉଠିଲେ । ହିସାବ ରଖୁଚି କିଏ ?

ସରୋଜ କ୍ୟାନ୍‌ଟି ଧରି ଓହ୍ଲାଇ ଆସିଲା ଗୋଟିଏ ଡବାରୁ । ମିଲ୍‌ର ବିଶେଷ କାମ ନେଇ କଲିକତାରୁ ଫେରିଛି ପାସେଞ୍ଜରରେ । ଗୋଟିଏ ଟ୍ରି ଦୋକାନକୁ ପାଦ ବଢ଼ାଇଲା । କଣ ଗୋଟାଏ ଶବ୍ଦ ? ଫେରି ଗୃହିଁଲା ସରୋଜ । ଜମା ହୋଇଛନ୍ତି ଲୋକଗୁଡ଼ିକ । ମନଟା କେମିତି ହେଲା । ପାଦ ଉଠାଇ ଆଗେଇଗଲା ଘଟଣା ସ୍ଥଳକୁ ।

ଆଶ୍ଚର୍ଯ୍ୟ ହେଲା ସରୋଜ, ଘଟଣାକୁ ଦେଖି । ଚରମାର ବିଶିଷ୍ଟ ରିକ୍ସା ମାଲିକ ବାବାଜୀ ପଟ୍ଟନାୟକ ଗୋଟିଏ ପିଲାକୁ ନିର୍ଘୃଣ ମାଡ଼ ଦେଉଛନ୍ତି । ପ୍ରତିବାଦ କରୁନାହିଁ ପିଲାଟି । ସବୁ ସହି ଯାଉଛି ନିଜର ଅପରାଧ ପାଇଁ । ସରୋଜ ପିଲାଟିକୁ ଚିହ୍ନି ପାରିଲା । ପିଲାଟି କିଏ ନୁହେଁ, ଆଉ ସନ୍ତୋଷ । ତାକୁ ଦିନେ ରିକ୍ସାରେ ମିଲ୍ ପର୍ଯ୍ୟନ୍ତ ନେଇ ଯାଇଥିଲା । ଆଉ ସେହିଦିନ ନଗଦ ପାଞ୍ଚଶହ ଟଙ୍କା ସହିତ, କେତେ ଦରକାରୀ କାଗଜ ଛାଡ଼ି ଦେଇଥିଲା, ତାରି ରିକ୍ସାରେ । ପରଦିନ ସକାଳୁ ପିଲାଟି ଟଙ୍କା ଆଉ କାଗଜ ନେଇ ମିଲ୍‌ରେ ଦେଇ ଆସିଥିଲା । ସରୋଜ ତାକୁ ପୁରସ୍କାର ଦେଇଥିଲା ପାଞ୍ଚଟଙ୍କା । ମାତ୍ର ପିଲାଟି ପ୍ରତିବାଦ କରି କହିଥିଲା—ବାବୁ ଟଙ୍କାର ମାଲିକ ତୁମେ । ମୁଁ ମୋର କର୍ତ୍ତବ୍ୟ ପାଳନ କରିଛି । ଟଙ୍କାର ତ ଅଧିକାରୀ ମୁଁ ନୁହେଁ । ସରୋଜ ପିଲାଟିକୁ ସେଦିନ ଅନେକ ପ୍ରଶଂସା କରିଥିଲା । ତାର ପୁଣି ଆଜି ଏ କଣ ? ନିରୀହ ଉପରେ ପ୍ରହାର । ଶିହରି ଉଠିଲା ସରୋଜ । ପ୍ରତିବାଦ କରି କହିଲା—ହେ ବାବାଜୀ ବାବୁ ରୁହ । କଣ ହୋଇଛି ? ତାକୁ ଏପରି ମାଡ଼ ଦେବାଟା ତ ଠିକ୍ ହୋଇନାହିଁ ।

ବାଘପରି ଗର୍ଜି ଉଠି ବାବାଜୀ ବାବୁ କହିଲେ—ହେବ ଆଉ କଣ ? ଏ ବଦ୍‌ମାସଟା ଏପରି ଲୋକ ବୋଲି ଜାଣିଥିଲେ, ମୁଁ ଏଟାକୁ ରିକ୍ସା ଦେଇ ନଥାନ୍ତି । ଏହି ଚରମା ବଜାରରେ ତ ମୋର ପନ୍ଦରଟି ରିକ୍ସା ଚାଲୁଛି । କାହାର ପେମେଣ୍ଟ ବାକି ନାହିଁ । ଏ ବଦ୍‌ମାସଟା ପାଞ୍ଚଦିନ ହେଲା ଦେଖା ଦେଉନାହିଁ । ଆଜି ତାକୁ ଖୋଜି ଖୋଜି ପାଇଲାବେଳେ କହୁଛି, ଆଜ୍ଞା ରିକ୍ସା ଖରାପ ହୋଇଛି । ଏ ବଦ୍‌ମାସ ମାଡ଼ ନ ଖାଇ କିଏ ଖାଇବ ? କହିଲା । ଏତିକି କହୁଁ କହୁଁ ବାବାଜୀ ବାବୁ ପୁଣି ଗୋଟିଏ ଚାପୁଡ଼ା ଦେଲେ ।

—ପିଲାଟି ସେପରି ନୁହେଁ । କାରଣ ଏହି ପିଲା ଦିନେ ଷ୍ଟେସନରୁ ମତେ ମିଲ୍ ପର୍ଯ୍ୟନ୍ତ ନେଇ ଯାଇଥିଲା । ସେଦିନ ମୋ ବ୍ୟାଗ୍ ସହିତ ନଗଦ ପାଞ୍ଚଶହ ଟଙ୍କା ଛାଡ଼ି ଦେଇଥିଲି ଏହି ରିକ୍ସାରେ । ହେଲେ ପିଲାଟି ନେଇ ପରଦିନ ସକାଳେ ମୋତେ ଆପେ ଆପେ ମିଲ୍‌ରେ ଦେଇ ଆସିଥିଲା । ପାଞ୍ଚଟଙ୍କା ଖୁସିରେ ଦେଲି । ତଥାପି ଆଣିଲା ନାହିଁ । କଣ ଅସୁବିଧା ବହୁତ······।

—କାହିଁକି ? ଅସୁବିଧା ହେଲେ ମୋତେ କହିବା ଦରକାର ତ। ନିଜକୁ ନ୍ୟସ୍ତ ଭୁଲିବାର ମାନେ, ମାତ୍ର ବ୍ୟକ୍ତିତ୍ୱ ଆଉ କଣ ? ପୁଣି ଗୋଟାଏ ହୁଙ୍କାର ଦେଲେ ବାବାଜୀ ବାବୁ।

ସମସ୍ତେ ଛିଡ଼ା ହୋଇ ମାଡ଼ ଦେଖିବାରେ ବ୍ୟସ୍ତ। କାହାର ତୁଣ୍ଡରେ ଆପତ୍ତି ନାହିଁ। ଦୟା ଆସିଲା ସରୋଜ ମନରେ। ଅଶ୍ରୁ ଆସିଲା, ଆଖିରେ। ଅସମ୍ଭାଳ ହୋଇ ସରୋଜ କହିଲା—

—ହେ ବାବାଜୀ ବାବୁ। ତୁମର ବିଚାର ନାହିଁ। ପିଲାଟି ପ୍ରତିବାଦ କରୁନାହିଁ। ତଥାପି ଆପଣ ମାଡ଼ରୁ ବିରତ ନ ହୋଇ ମାରି ଚାଲିଛନ୍ତି। ଏତେ ଅନ୍ୟାୟ ଧର୍ମ ସହିପାରେ। ଆପଣଙ୍କର କେତେଟଙ୍କା ଅଛି ?

—ଦଶଟଙ୍କା।

—ଏତେ ମାତ୍ର। ସାମାନ୍ୟ ଦଶଟଙ୍କା ପାଇଁ ପିଲାଟିକୁ ଆପଣ ଅନେକ ଶାସ୍ତି ଦେଲେଣି।

ସାମନାରେ ସରୋଜକୁ ଦେଖିଲେ ବାବାଜୀ ବାବୁ। ଆଶ୍ଚର୍ଯ୍ୟ ହେଲେ, କୌତୁହଳ। ସରୋଜର ଏପରି ବ୍ୟବହାରରେ କେତେଟା ଲୋକ ସମ୍ଭାଳି ନପାରି କହିଲେ—ସକାଳଟା ମାଳକଗିରି ଦେଖାଇ ହେଉଛି। ଟଙ୍କା ତ ନେଲ, ସକାଳଟାକୁ ଧରି ତା ମାଡ଼ ଦେଇସାରି। କେହି ଜଣେ ବାବାଜୀ ବାବୁଙ୍କୁ ଧରି ଛଡ଼ାଇ ଦେଲା। ଏଥର ବାବାଜୀ ବାବୁଙ୍କର ଦମ୍ଭଟା ମିଳେଇ ଗଲା ପାଣିରେ। ସେ ହାତଯୋଡ଼ି କହି ପକାଇଲେ—ଭାଇ ମୋର ଭୁଲ୍ ହୋଇଛି। ତଥାପି ଛାଡ଼ୁନଥାନ୍ତି। କେତେଟା କଥା ବି ବସି ଯାଇଛି।

କିନ୍ତୁ ପିଲାଟି ସମ୍ଭାଳି ପାରିଲା ନାହିଁ। ଆଖିରୁ ପୋଛିଦେଲା ଲୁହ। ସାନ୍ତ୍ୱନା ଦେଇ କହିଲା, ଭଦ୍ରମାନେ ବାବାଜୀ ବାବୁ ଯେତେବେଳେ ନିଜର ଦୋଷଟାକୁ ଧରି ନେଲେଣି; ତାଙ୍କୁ ଛାଡ଼ିଦିଅ। ତାହାହିଁ ଯଥେଷ୍ଟ। ସେହି ହିଁ କ୍ଷମା। ସେହି ହିଁ ପ୍ରତିଶୋଧ।

ସରୋଜ ପିଲାଟିଠାରୁ ଏପରି କଥା ଶୁଣି ଆଶ୍ଚର୍ଯ୍ୟ ହୋଇ କହିଲା—ଭାଇ ତୁମେ ଏତେ ମହତ୍ ? ଏତେ ମହାନ୍ ?

ଭୁଲ୍ ବୁଝନା ଭାଇ, ଈଶ୍ୱରଙ୍କର ସୃଷ୍ଟିରେ ସମସ୍ତେ ମହାନ୍, ସମସ୍ତେ

ଈଶ୍ୱରଙ୍କର ବରପୁତ୍ର । ସମସ୍ତଙ୍କର ହୃଦୟରେ ପୁରି ରହିଛି ବେଦ ଦୁର୍ଲ୍ଲଭ ଗୁଣ । କିନ୍ତୁ ମୂର୍ଖ ମନୁଷ୍ୟ ତାର ସନ୍ଧାନ ପାଏ ନାହିଁ ।

କେବେ ନୁହେଁ । ଲୋକେ କହନ୍ତି ଈଶ୍ୱର ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ । କିନ୍ତୁ ତାହା କଣ ସବୁ କ୍ଷେତ୍ରରେ ସମାନ ? ଅନେକ କଥା, "ଯେଉଁଟା କି ଅଙ୍ଗେ ଲଗାଇଛି" ପରୀକ୍ଷା କରିଛି, କିନ୍ତୁ ଈଶ୍ୱରଙ୍କର ମଙ୍ଗଳ ଜାଣିହୁଏ ବି ନାହିଁ । ଏତିକିରେ ସରୋଜ "ଅଭୁଲା ଅତୀତ"କୁ ମନେ ପକାଇ ଆଖିରୁ ଲୁହ ପୋଛୁଥିଲା ।"

—ନା, ଅଯାନ୍ତ୍ରିକ ଭଇ, ମନୁଷ୍ୟ ପରମାତ୍ମା ଈଶ୍ୱରର ଭୁଲ୍ ଦେବାଟା ନିହାତି ଗୁରୁତର । ଈଶ୍ୱର ସର୍ବଦା ମଙ୍ଗଳମୟ । ମନୁଷ୍ୟ ନିଜର ଭୁଲ୍‌ଟାକୁ ନ ଦେଖି ସବୁବେଳେ ମାତ୍ମିକ ଅନୁଭବଧାର ଦମ୍ଭ ହୀନ ହୁଏ । ମନୁଷ୍ୟ ଯେତେବେଳେ ନିଜର ଭୁଲ୍‌ଟା ଧରିପାରେ ସେ ନୁହେଁ କ୍ଷମା । ତା ପରେ ଜୀବନ ତାର ଆଗେଇଯାଏ ଚଲି ପଥରେ । କିନ୍ତୁ ମନୁଷ୍ୟ ନିଜର ଭୁଲ୍‌ଟାକୁ ନ ଦେଖି ସେ ନୁହେଁ ଅନ୍ୟର ଦୋଷ । ଏଟା ଆଜିକାଲି ଲୋକଙ୍କର ଗୋଟାଏ ସୁଗୁଣ ହେଲାଣି । ମନୁଷ୍ୟ ଜାଣିବା ଦରକାର ଯେ ଅନ୍ୟର ଦୋଷ ଦେଖିବାହିଁ ଦୁର୍ବଳତାକୁ ହୃଦୟ ମଧ୍ୟରେ ସ୍ଥାନ ଦେବା ଅର୍ଥାତ୍ ମନୁଷ୍ୟ ଯଦି ଅନ୍ୟାସ୍ଥ ଦୋଷ ଦୁର୍ବଳତା ଦେଖେ, ତାହା ତା ଅନ୍ତରରେ ଆନ୍ଦୋଳିତ ହୁଏ । ସେ ଅନ୍ୟର ଦୋଷଟା ଦେଖି ବା କଣ କରିପାରନ୍ତା । ଯଦି ନିଜର ଦୋଷଟାକୁ ମନୁଷ୍ୟ ଅନୁସନ୍ଧାନ କରେ, ତା ହେଲେ ନିଶ୍ଚୟ ଶୋଧନ କରିପାରିବ । ମନୁଷ୍ୟ ତାହା ନ କରି କେବଳ ଦୁଃଖରେ ଅନୁପ୍ରାଣିତ ହେବାପାଇଁ ନିଜର ହଜାରେ ଦୋଷ ମଧ୍ୟରେ ସେ ନୁହେଁ ଅନ୍ୟର ଦୋଷ ଦେଖିବାକୁ । ମନୁଷ୍ୟ ସମାଜର ଶ୍ରେଷ୍ଠ ପ୍ରାଣୀ ହେଲେ ସୁଦ୍ଧା, ସେ ଅନେକ ନୀଚ କାର୍ଯ୍ୟରେ ହାତ ଦିଏ । କାରଣ ସେ ଭାବେ, ମୁଁ ଯାହା କହୁଛି ତାହାହିଁ କଥା, ଆଉ ଯାହା କରୁଛି ତାହାହିଁ କାର୍ଯ୍ୟ । ଏଣୁ ସେ ଆଗପଛ ବିଚାର ନକରି ଅନେକ ଅସତ୍ କାର୍ଯ୍ୟ କରିବସେ । ମନୁଷ୍ୟ ଯଦି ଭାବନ୍ତା ଦିନେ ମୋର ପୂର୍ବପୁରୁଷ ବଣ ଜଙ୍ଗଲରେ ବାସ କରୁଥିଲେ । ଆଉ ଫଳ, ମୂଳକୁ ଆହାର ନିମନ୍ତେ ପେଟ ଭରୁଥିଲେ, ତା ହେଲେ ସେ କେବେହେଲେ ଆଜିର ଡାଳଡ଼ିଆଁ ପାତି ହନୁକୁ ଟେକା ମାରନ୍ତା ନାହିଁ ।

ମନୁଷ୍ୟ ହମାନଙ୍କର ଶ୍ରେଷ୍ଠ ପ୍ରାଣୀ ହେଲେ ହୁଧା ଅନେକର ପଶୁ, ପକ୍ଷୀଙ୍କଠାରୁ ଅନେକ କଥା ତାର ଶିଖିବାକୁ ଅଛି । କାରଣ 'ମନୁଷ୍ୟ ଗୋଟିଏ ସାମାଜିକ ପ୍ରାଣୀ' ( man is a social animal ) ମନୁଷ୍ୟ ହିଁ ସମାଜର ଗୋଟିଏ ପଶୁ । ମାଙ୍କଡ଼କୁ ଢେଳା ମାରିବା ତାର କଣ ଉଚିତ ? ସେହିପରି ଗୋଟାଏ ଖିଆଲରେ ବାବାଙ୍କ ବାବୁ ମୋତେ ଦଣ୍ଡ ମାରିଦେଲେ । ହେଲେ, ସେ ନିଜର ଭୁଲ୍ ବୁଝି ପାରିଛନ୍ତି, ତାହାହିଁ ଯଥେଷ୍ଟ । କିନ୍ତୁ ମୁଁ ଯେ ମାରାତ୍ମକ ଭୁଲ୍ କରିଛି, ତାର ପ୍ରତିଦାନ ଆଜି ମୋତେ ଭୋଗିବାକୁ ପଡ଼ୁଛି । ଏଥିପାଇଁ ମୁଁ ବା କାହାକୁ ଦୋଷ ଦେବି । ହଁ ଭାଇ ତୁମେ ମୋତେ ଦଶଟଙ୍କା ଦେଇ ଯଥେଷ୍ଟ ସାହାଯ୍ୟ କରିଛ । ତୁମର ଅସଲ ପ୍ରକୃତିକୁ ବା ମୁଁ ଜୀବନରେ ପରିଶୋଧ କରିପାରିବି ନାହିଁ । କିନ୍ତୁ ଦଶଟଙ୍କାଟା ପରିଶୋଧ କରିବା ମୋର ନିହାତି ଆବଶ୍ୟକ । ନ ହେଲେ ହୁଏ ତ········

ସରୋଜ ଏତେ ଗୁଡ଼ାଏ ହୃଦୟ ଛିଣ୍ଡା କଥା ଶୁଣି ପଥର ହୋଇଗଲା । ନିର୍ନିମେଷ ନୟନ ଦୁଇଟି ଆବଦ୍ଧ ହେଲା ପିଲାଟି ଉପରେ । ସ୍ଥିର କରି ପାରିଲା ନାହିଁ କିଛି । ଘନୀଭୂତ ହେଲା ସନ୍ଦେହ । ଏପରି ଲୋକ ରିକ୍‌ସା ବାଲା ? ନା···। ସନ୍ଦେହ ଭରା କଣ୍ଠରେ ସରୋଜ ପ୍ରଶ୍ନ କଲା—ଭାଇ ତୁମର ପରିଚୟଟା ପାଇଲେ ମୁଁ ସବୁ ଋଣ ଫେରି ପାଇବି । ଦୟାକରି········

—ଦେଖୁଛନ୍ତି ତ, ମୁଁ ଗୋଟିଏ ରିକ୍‌ସାବାଲା । ଖଟିଖିଆ ମଜୁରିଆ ।

—ନା, ତାହା ହୋଇ ପାରେନା, ଆପଣଙ୍କ କଥା ବାର୍ତ୍ତା ଆଉ ବ୍ୟବହାରରୁ ଅନେକ କିଛି ଜଣାଯାଏ, ହେଲେ ଭାଗ୍ୟର ଖେଳ, ତାଡ଼ନା ଆଜି ତୁମକୁ ରିକ୍‌ସା ଚାଳକ କରିଛି । ଦୟାକରି ପରିଚୟଟା ଦିଅନ୍ତୁ ।

—ଆପଣ କେଉଁ ଜାଣି ଲାଭ ନାହିଁ । ଏତିକି ଜାଣନ୍ତୁ ମୋ ନାମ ହରିଶ । ଆଉ ଏହି ସ୍ୱାଧୀନ ଭାରତର ମୁଁ ଗୋଟିଏ ନାଗରିକ । ତେବେ ଦୟା କରି ଚାଲନ୍ତୁ ଦଶଟଙ୍କା ବଦଳରେ, ପାଞ୍ଚ ସାତଦିନ କାମ କଲେ ଆପଣ ପାଇ ଯିବେ ।

ଚକ୍ଷୋର ହେଲା ସରୋଜ, ପିଲାଟିର କଥାଶୁଣି । କିଂକର୍ତ୍ତବ୍ୟବିମୂଢ଼ ହେଲା ପିଲାଟି

ଦେଖିଛି । ଅନୁମାନ କଲି ପିଲାଟିର ମୁଣ୍ଡ ମଣ୍ଡଳରେ ଯେପରି ଲକ୍ଷେ ଗୋପନୀୟତା ଲୁକାୟିତ ହୋଇଛି ।

× × × ×

ବିତି ଯାଇଛି ଅନେକ ଦିନ । ମନରୁ ଲିଭିନାହିଁ ପିଲାଟିର କଥା । କେମିତି ଲିଭିବ । ବାପା ମାଆଙ୍କର ଜୀବନ୍ତ ସ୍ନେହ ପ୍ରାଣଖୋଲା ଭଲ ପାଇବା ମଧ୍ୟରେ ଯେ ଅଙ୍କୁରୁ ଭେଣ୍ଡା ହୋଇଛି, ତରୁଣ ବୟସରେ ତାଙ୍କଠାରୁ ଦୂରେଇ ରହିଲେ ମନଟା କଣ ହେବ, ସେ ଅନୁଭବ କେବଳ ତାକୁହିଁ ଜଣା । ଦେହରେ ବଞ୍ଚନ୍ତି ବୋଲିଲେ ସୁଖ ଶାନ୍ତି ପାଇ ପାରିବ ନାହିଁ । ଏକଥା ନା ଜାଣିବ କିଏ । ବନପୋଡ଼ି ଆଉ ମନ ପୋଡ଼ି ଏହାର ମଧ୍ୟରେ ଅନେକ ଦୂରତା ।

ଏହି ବିଷୟ ନେଇ ମୁଁ ବେଳେ ବେଳେ ଚିନ୍ତା କରେ । ଜୀବନରେ ସେ ପାଇଲା କଣ ? କେତେ ନୂଆ ଆଶା........ । କେତେ ସ୍ନେହର ସ୍ୱପ୍ନ............ । କେତେ ଅସାର ପରିକଳ୍ପନା............ । ଚିନ୍ତା ମଧ୍ୟରେ ବୁଡ଼ି ରହେ । ଆଖିରେ ଆସେ ଲୁହ । ବୁଝିପାରେ ଉକ୍ତିମାନେ ଦାରୁଣ ଯନ୍ତ୍ରଣା । ସେ ମଣିଷ ହୋଇ ଆଜି ଅମଣିଷ । ପରଦ୍ୱାରରେ ମୁଣ୍ଡ ଝୁକାଏ । ଗୃହରେ ପରାଧୀନ । କାମ ନକଲେ ଖାଇବାକୁ ମିଳିବ ନାହିଁ । କେମିତି ବଞ୍ଚିବ ? ନା ଆତ୍ମହତ୍ୟା କରିବ ? ତାହା ମନେ କରେ, ଜୀବନର କାମନା ବା କଣ ପାଇଛି ଜନ୍ମ ହୋଇ ବା ସେ କେଉଁ ଗୌରବଟା ନେଇଛି ? ନା ବଞ୍ଚିରହିବାକୁ ହେବ । ହଜାରେ ନିର୍ଯ୍ୟାତନା, ଅନନ୍ତ ଲାଞ୍ଛନା ମଧ୍ୟରେ ବଞ୍ଚି ରହିଲେ, ଦିନେ ମୁକ୍ତି ଟିକିଏ ପାଇବ । ସେହି ଟିକିଏ ସୁଖରେ ଭୁଲିଯିବ ଲକ୍ଷେ ନିର୍ଯ୍ୟାତନା ।

ମନେପଡ଼େ ଜାତିର ମୁକ୍ତି କଥା । ଦିନେତ ଶାନ୍ତିର ଶତେ ଜଣଙ୍କର ଶୃଙ୍ଖଳ ଅନ୍ତରେ ପ୍ରଭୁ ପାଳିତ ହୋଇ ବଞ୍ଚି ରହିଥିଲେ । କେବଳ ମାଂସ ହାଡ଼ ପଞ୍ଜରା ଆଉ ମେରୁଦଣ୍ଡକୁ ନେଇ । ସେ ଭାରତ ମହା ସମର ଯେଉଁ ଅସ୍ତ୍ର ଜ୍ୱାଳନା କରିଥିଲେ ସେଥିରେ ଧ୍ୱଂସ ହୋଇଥିଲେ ଇଂରେଜ । ଆଉ ଭାରତ ଇତିହାସରେ ତାହା ଅତୁଳନୀୟ । ମନୁଷ୍ୟ ଜୀବନରେ ଅନେକ ଦୁଃଖ ଆସେ । ସବୁ ପିଠେଇ ନେବାକୁ ହେବ ଶାନ୍ତିର ପରି । ଗଣ୍ଡେ ଖାଇ, ଖଣ୍ଡେ ପିନ୍ଧି ପଡ଼ି ରହିଥିଲେ ଭଗାରେ ଦିନେ ହୃଦୟ ହେବ ସୌଭାଗ୍ୟ ରବି ।

ତେଣୁ ମାଲିକ ମନରେ ଶାନ୍ତି ଦେବା ପାଇଁ ମନ ଇଚ୍ଛା ପରିଶ୍ରମ କରେ ହରି । ଲାଗିଲେ ଦିଏ ଅତୀତ ଦିନକୁ ଭୁଲିଯାଏ ପିଛିଲା କଥାକୁ । ଭୁଲୁଥିଲେ ଯାକାଦିଏ ବିରହ ଯନ୍ତ୍ରଣାକୁ । ହରିଣ ମନକୁ କରେ ହରଣ । ତାର ବା ଆଉ ଉପାୟ କଣ ଥିଲା ?

ଏଣେ ପିଲାଟି ଉପରେ ଖସି ହୋଇଛନ୍ତି ବୈରାଗୀ ବାବୁ । ବିଶ୍ୱାସ ରଟିଛନ୍ତି ଖୋଲାଖି । ଚାକର ବୋଲି ଭାବନ୍ତି ନାହିଁ । ନିଜର ପୁଅ ମନେ କରି ଲଦି ଦେଇଛନ୍ତି ସବୁ ଦାୟିତ୍ୱ । ଖୋଜୁଥିଲେ ଯେଉଁ ପରି ଚାକର । ମନଜାଣି ପାଇଛନ୍ତି । କାମକୁ ହୋଇଛନ୍ତି ଉଦାସ । ବୈରାଗି ବାବୁ ଆଜି ସରୋଜ । ପିଲାଟି ସବୁ ପିଠେଇ ନେଉଛି । ନକନ୍ଦିବା କାର୍ଯ୍ୟରେ ଦେଉଛି ହାତ । ସବୁଥିରେ ନେଉଛି ସୁନାମ ପାଉଛି ପ୍ରଶଂସା ।

ସବୁ କାର୍ଯ୍ୟରେ ଧୁରନ୍ଧର । କଣ୍ଟା ମାପିବା ଉଠି । ବ୍ୟାଙ୍କର ଟଙ୍କା ଜମା କରିବା ଆଉ ଅଣିବା ମାଲ ଉପର ବନ୍ଦ କରିବା, କେଉଁଠି ବନ୍ଦି ହେବ, ପାର୍ଟିଠାରୁ ଟଙ୍କା କେମିତି ଅସିବ, ଇତ୍ୟାଦି ସବୁ କାର୍ଯ୍ୟକୁ ନିଜର ବୁଦ୍ଧି ଖଟାଇ ବୁଲାଉଛି । ମିଲରେ କିପରି ଅଧିକ କାର୍ଯ୍ୟ ହେବ । ସେଥିପାଇଁ କୁଲିଙ୍କର ମନ ନେଇ, କର୍ମଚାରୀଙ୍କର ଧାଡେ, ଧାଡେ ଲାଗି ରହୁଛି । ନକହୁ ନୂଆ ପଇସାଟିଏ ଭକାରିଙ୍କୁ ଦେଉନି ।

ନିଜର ପରି ସବୁକାର୍ଯ୍ୟ କରୁଛି । ବୈରାଗି ବାବୁ କାଗଜ ପତ୍ର ଦାୟିତ୍ୱ ତାହାର ହାତରେ ଦେଇଛନ୍ତି । କୁଲି ପେମେଣ୍ଟ, ମାଲ ବନ୍ଦି ଟଙ୍କା, ତାର ହାତରେ । ଏପରି ମିଲଟାକୁ ହରି ଦାୟିତ୍ୱରେ ଦେଇ ବୈରାଗୀ ବାବୁ ବାହାର ଧନ୍ଦାରେ ଚାଲି ଯାଉଛନ୍ତି । ଅଫିସରେ କାର୍ଯ୍ୟ କରୁଛନ୍ତି । ହରିଣର ପରାମର୍ଶ ନେଉଛନ୍ତି, ପ୍ରତ୍ୟେକ କାର୍ଯ୍ୟରେ । ମିଲର ମାଲିକ ହେଲେ ସୁଧା, ସର୍ବମୋଟ ଚାଳକ ହେଉଛି ହରିଣ ।

ହରିଣର ମନ ହାଲୁକା କରିବା ପାଇଁ ବୈରାଗୀଙ୍କ ବାବୁ ମଧ୍ୟ ବହୁତ ସୁବିଧା ଦଅନ୍ତି । ତା ମନରେ ଦୁଃଖ ହେଲାଭଳି କଥା କହନ୍ତି ନାହିଁ । ଯେତେ ଯେପରି ନିଜର ଜନ୍ମକରା । ସେ ସରୋଜ ଉପରେ ଯେତିକି ସ୍ନେହ, ହରିଣ ମଧ୍ୟ

ସେହି ସ୍ନେହ ସୁହାଗ ପାଏ ଆଉ ବୈରାଗୀ ବାବୁଙ୍କୁ ନିଜ ବାପ ତୁଲ୍ୟ ମାନ୍ୟ କରେ । ଭକ୍ତିକରେ । ଖାଇପିଇ ଭଲରେ ସମୟ କଟେ ।

ଯେତେହେଲେ ପର । ପରଙ୍କୁ ଆପଣାର କଲେ ସୁଦ୍ଧା, ଆପଣା ଲୋକଙ୍କୁ କେହି କଣ, ଜୀବନରେ ଭୁଲିପାରେ । ଅସମ୍ଭବ । ବେଳେ ବେଳେ ହରଣ ଆପଣା ଭାଇ, ଭଉଣୀ, ମାଆ, ବାପାଙ୍କ କଥାକୁ ମନେ ପକାଇ, ମନଇଚ୍ଛା ଲୁହ ଗଡ଼ାଏ । ହେଲେ ଅରଣ୍ୟ ରୋଦନ ହୁଏ ବୃଥା । ଲୁହ ପୋଛି ଦେଇ, ନିଜକୁ ସାନ୍ତ୍ୱନା ଦିଏ ନିଜେ ।

× × × ×

ସହରେ ଘରକୁ ପଳାଇ ଆସିଛି ? ନିରେଖି ଖବର ପାଇ । ଦୁଇଦିନ ହେଲା ଗଲାଣି କିଛି ଖବର ଫେରାଇ ନାହିଁ । ତାହାର ଚିନ୍ତାରେ ସେଦିନ ବୈରାଗୀ ବାବୁ ମଧ୍ୟ ମିଲ କାମ ବନ୍ଦ କରିଦେଲେ । ମନଟା ତାଙ୍କର କେମିତି, କେମିତି । ଏକମାତ୍ର ଜୀବନବନ୍ଧୁ । ପୁଣି ପଣ୍ଡିତ ଯୋଗୀ । ଜାଣି, ଜାଣିଶୁଣି ନାହିଁ । ସେ ପୁଣି ଦୁଇଦିନ ହେଲା କଷ୍ଟ ଭୋଗିଲାଣି, ଡାକ୍ତର ଖାନା ଖଟିଆରେ ସୁଧାର ହେଉ ନାହିଁ । କେତେ ଔଷଧ ପାଣି ଖାଇଲାଣି । କେତେ ଚିକିତ୍ସା ହେଲାଣି, ସବୁ ବୃଥା । ଏହିପରି ଅବସ୍ଥାରେ କାହାର ମନବା ଥୟ ହେବ ।

ମିଲକାମ ବନ୍ଦ । ଗନ୍ଧଳ, ନନ୍ଧଳ ନାହିଁ । କୁଲିମାନେ ପଳାଇଛନ୍ତି ସ୍ୱଗୃହକୁ । କେତେଟା କର୍ମଚାରୀ, ତାଙ୍କର ବା ଯାଏ ଆସେ କଣ । ବେତନଭୋଗୀ ଭଲମନ୍ଦ ଖବର କଣ ରଖିବେ । କାମ ନକଲେ ଫୁର୍ତ୍ତିଟା ବେଶୀ ହେବ ଏଇଟା ତାଙ୍କର ସୌଭାଗ୍ୟ । ହେଲେ ହରଣକୁ ଏଟା ଭଲ ଲାଗେନାହିଁ । କାମ ବନ୍ଦ ହେଲେ, ଦୁଶ୍ଚିନ୍ତା ତାର ବଢ଼ି ଯାଏ । ଅନେକ କଥା ମନେ ପଡ଼େ । ହୃଦୟଟା ହୁଏ ହାହାକାର । ସେ ଖାଲି ବସି ଚିନ୍ତାକରେ........ ।

କଅଁଳ କାଥୁଆ ବେଳ ଗଡ଼ିଗଲାଣି । ବୈରାଗୀ ବାବୁ ବସିଛନ୍ତି ଅଫିସରେ ସରାଗ ନାହିଁ ମନରେ । କଣ ଗୋଟାଏ ଯେପରି ହଜି ଯାଇଛି । କାହାକୁ କିଛି ନ କହି ବସିଛନ୍ତି । ହରଣ ପରାମର୍ଶ ଉଦ୍ଦେଶ୍ୟରେ ଅଫିସ ଆଡ଼େ ଯାଇଥିଲା । ବୈରାଗୀ ବାବୁଙ୍କ ଫିକା ମୁହଁଟା ଦେଖି ହରଗଲା ତୁଣ୍ଡ ଖୋଲିଲା ନାହିଁ । ମନକଥା ଚୁପି, ହୋଇଗଲା ବୁକୁତଳେ । କିଛି ନକହି ପଳାଇ ଆସିଲା ।

ତାର ମନଟା କେମିତି କେମିତି ହୋଇଗଲା । ଯେପରି ତା ପାଇଁ ଆଜି କିଏ କୋଉଠି ଚିନ୍ତା କରୁଛି । ମନ ମଧ୍ୟରେ ଖୋଜୁଛି । ଅନେକ ଅସ୍ଥିରତା ନେଇ ବୁଲି ବୁଲି ଚିନ୍ତାକରେ । ତା ପାଇଁ ଆଜି······ । ନା ତେବେ । ଆଉ କିଛି ଭାବି ପାରିଲା ନାହିଁ ହରି । ଅସହନ୍ତ ବେଦନା ଉଙ୍କି ମାରିଲା ବୁକୁତଳେ । ଆଖି ଆଗରେ ନାଚିଗଲା । କେତେ ଅସାର ସ୍ୱପ୍ନ । କାହିଁକି ? ଏତେ ଦିନ ମଧ୍ୟରେ ଆଜି ପୁଣି ଅମାବାସ୍ୟାରେ ଚନ୍ଦ୍ର ଦେଖା ଯାଉଛି । କିଏ ଖାଲି ଆଖି ଲୁହ ଦେଖି ଯାଉ । ତେବେ କିଏ ମାଆ ଆଜି ମୋହରି ପାଇଁ ପାଗଳୀ ପରି ହେଉଛି । ପୁଅ ପୁଅ କହି ମୁଣ୍ଡ ପିଟୁଛନ୍ତି । ଶ୍ରେଷ୍ଠ ଭାଇ ଭଉଣୀ ମାନେ, ଭାଇ ଭାଇ କହି ଡାକୁଛନ୍ତି । ତାହା ଯଦି ସତ୍ୟ ହୋଇଥାଏ, ତେବେ ନା ସେପରି କିଛି ନୁହେଁ । ବେଳେ ବେଳେ ଅଜଣା ଆନନ୍ଦରେ ପୂରି ଉଠୁଛି ଛାତିଟା । ଯେପରି ଖଣ୍ଡେ କିଏ କାଢ଼ି ନେଇଛି । ପୁଣି ଆନନ୍ଦ ମଧ୍ୟରେ ଆଖିରେ ଅଶ୍ରୁ । ହରି ସ୍ଥିର କରିପାରିଲା ନାହିଁ । କାନ୍ଦି ପକାଇଲା ।

ହରିର ଦୁର୍ବଳତା ଦୂର କରିବା ପାଇଁ ବୈରାଗୀ ବାବୁ ବାହାରି ଆସିଲେ । ଚମକି ପଡ଼ିଲେ ହରିକୁ ଦେଖି । ଦିନେ ସେ ଯାହା ଦେଖି ନଥିଲେ, ଆଜି ପୁଣି ସେ କଥା । ଦୁଃଖ ପରେ ସୁଖ । ହରି ଆଖିରେ ଲୁହ ଦେଖି ପ୍ରମାଦ ଗଣିଲେ ବୈରାଗୀ ବାବୁ । ହରି ମନରେ ସାନ୍ତ୍ୱନା ଦେବାପାଇଁ ନିଜର ଶତ ବେଦନା ମଧ୍ୟରେ ବୈରାଗୀ ବାବୁ ମୁହଁରେ ହସ ଫୁଟାଇ କୋମଳ କଣ୍ଠରେ କହିଲେ—କିରେ ହରି ତୋର ଆଜି କଣ ହୋଇଛି ? କାନ୍ଦୁଛୁ କାହିଁକି ? ତୋଠାରୁ ତ ମୁଁ ଏପରି ଘଟଣା ଦେଖି ନଥିଲି ।

························

କିଛି କହିପାରିଲା ନାହିଁ । କଣ ବା କହି ସାନ୍ତ୍ୱନା ଦେବ ମଉସାଙ୍କୁ ? କିଛି ସ୍ଥିର କରିପାରିଲା ନାହିଁ । ଖାଲି ମୁହଁକୁ ତଳକୁ ପୋତି ଅଧର୍ଯ୍ୟ ହୋଇ ପିଲାଙ୍କ ଭଳି କାନ୍ଦିଲା । ବୈରାଗୀ ବାବୁ ହରିର ଏତେ ଅଧୈର୍ଯ୍ୟ ଦେଖି କିପରି ଧୈର୍ଯ୍ୟ ଧରିବେ । ହରି ନିକଟରେ ବସିପଡ଼ି କହିଲେ—ଆରେ ହରି, ତୋର କଣ ହୋଇଛି କହ । ମୁଁ ପରା ତୋର ଗୋଟେ ବାପ ବଦଳି ବାପ । ତଥେ ତ ମୁଁ କେବେ କଟୁକଥା କହିନାହିଁ । ତତେ ମୁଁ ସବୁଦିନେ ପୁଅପରି ଭାବେ ।

ମୋର ସରୋଜ ଠାରେ ଯେତିକି ସ୍ନେହ ଦେଇଥିଲୁ ତ ତତେ ମୁଁ କିଛି କହିନାହିଁ । ନାଁ ସରୋଜ ତତେ କିଛି କଟୁକଥା କହିଛି ? ଅପମାନ ଦେଇଛି ?

—ନା ମହାଶୟ ସେପରି କିଛି ନୁହେଁ । ହେଲେ ଘର କଥା ଟିକେ ମନରେ ପଡ଼ିଲା ? ମୁଁ ଅସହାୟ ଅବସ୍ଥାରେ ଘରୁ ପାଦ କାଢ଼ିଥିଲି, ମାଆ ହୁଏତ ମୋ ପାଇଁ କେତେ ଦୁଃଖ କରୁଥିବେ, ବାପା ମୋହର ବିଚ୍ଛେଦରେ ଭାଙ୍ଗି ପଡ଼ିବେଣି । ଆଉ ଗୋଟିଏ ମୋର ଭଉଣୀ, ଯେ ବିବାହ ପାଇଁ ଉପଯୁକ୍ତ ହୋଇଥିଲା, ତା କଥା ମନେ..... । ଆଉ କିଛି କହି ପାରିଲା ନାହିଁ, କାନ୍ଦି ପକେଇଲା ।

—ହଉ ଏଇଥି ପାଇଁ ଏତେ ଚିନ୍ତା, ଘରକଥା ମନେ ପଡ଼ିଲା ତର, ଘରକୁ ଯିବୁ, କାହିଁ କହୁ ନାହୁଁକି ? ମୁଁ ତ ତତେ ଅନେକ ଥର କହିଛି ଘରକୁ ଯାଆ । ଆଠ ଦଶଦିନ ରହି ଆସିବୁ, ଯା ଯେତେ ଟଙ୍କା ଦରକାର କହ, ପଠାଇ ଦେବା । ହେଲେ ତୁତ ସେ କଥା କେବେ କାନକୁ ନେଉନାହୁଁ । କହିଲୁ ହରି ଘରକୁ ଯିବା ପାଇଁ ମୁଁ ତତେ କେବେ ପ୍ରତିବାଦ କରିଛି । ଏବେ ତୋର ଘରକୁ ଯିବାକୁ ମନ ହୋଇଛି ଯିବୁ, ତୋର ଘରପାଇଁ ଯେତେ ଟଙ୍କା ଦରକାର ନେଇଯିବୁ, କି ଭଉଣୀ ବିବାହ ପାଇଁ କେତେ ଟଙ୍କା ଦରକାର, ସେଥିପାଇଁ ବି ମୁଁ ରାଜି ଅଛି । ଆରେ, ଘରେ ମାସେ ପନ୍ଦର ଦିନ ରହି, ବାପା ମାଆଙ୍କୁ ଦେଖି ଆସିବୁ । ହେଲେ ନ ଆସିବାର କରିବୁ ନାହିଁ । ଜାଣିଛୁ ତ ତୋ ଉପରେ କେତେ କାମ । କିନ୍ତୁ ଦୁଃଖର କଥା, ମୋର ଏକମାତ୍ର କୁଳବଧୂ ଆଜି ଡାକ୍ତର ଖାନାରେ । ସରୋଜ ଘର ପାଖକୁ ଚିଠି ପାଇଁ ଦୁଇଦିନ ହେଲା ଗଲାଣି, ମାତ୍ର ଖବର..... । ଆଉ କିଛି କହି ପାରିଲେ ନାହିଁ ବୈରାଗୀ ବାବୁ । ଫୋନ୍‌ଟା ବାଜି ଉଠିଲା, ପଳାଇ ଗଲେ ଅଫିସ ଘର ଆଡ଼େ ।

ହରି ଚିନ୍ତା କରୁଥିଲା, ଦୁନିଆଁ ମଧ୍ୟରେ ପୁଣି ଏପରି ଦେବ ଦୁର୍ଲ୍ଲଭ ଲୋକ ଜନ୍ମ ହୋଇଛନ୍ତି ତ ? ନ ହେବ ବା କିପରି ? ସତ ବୋଲି ଗୋଟିଏ ଜିନିଷ ନଥିଲେ କଣ ଦୁନିଆ ଚାଲନ୍ତା । କେଡ଼େ ମହତ ଲୋକ ବୈରାଗୀ ମହାଶୟ ଠିକ୍ ତାଙ୍କର ଅନୁରୂପ ସରୋଜ ବି ।

ହରି ଅନ୍ତ ଆଗକୁ ଭାବି ପାରିଲା ନାହିଁ । ହସି ହସି ବୈରାଗୀ ବାବୁ ଆସୁଛନ୍ତି, ପାଦ ତଳେ ଲାଗୁନାହିଁ । ଆନନ୍ଦ ବିଭୋର ହୋଇ ବୈରାଗୀ ବାବୁ ଦୂରରୁ କହି ପକାଇଲେ—ଆରେ ହରି ଆନନ୍ଦ ଆସିଛିରେ ଘରକୁ, ସରୋଜର ପୁଅ ହୋଇଛି ।

ଏତେ ଗୁଡ଼ାଏ ଆନନ୍ଦ ମଧ୍ୟରେ ହରିର ଦୁଃଖ ବା ରହିବ କେଉଁଠି, କୁଆଡ଼େ ମିଳାଇ ଗଲା, ମୋଟ୍‌ଲା ମୁହଁରେ ହସ ଫୁଟାଇ କହିଲା—ମଉସା ସରୋଜ ଭାଇର ପୁଅ ହୋଇଛି ?

—ହଁ ସେ ବର୍ତ୍ତମାନ ଫୋନ କଲା ଦାସଗୁପ୍ତ ଡାକ୍ତର ଖାନାରୁ । ଆହୁରି ମଧ୍ୟ କହିଛି, ହରି ହାତରେ ନଗଦ ୨୫୦ ଟଙ୍କା ଦେଇ ଏହି ଜିନିଷ ଗୁଡ଼ାକୁ ଦୁଇଟା ବସ୍ତାରେ ପଠାଇବ । ତୁ ଟିକେ ଚଞ୍ଚଳ ହେଲୁ ବାପ ।

—ସେ କଣ ଡାକ୍ତର ଖାନାରେ ଥିବେ ?

—ହଁ, ସେ ତତେ କହି ନଥିବ, ତୁ ଡେରି କଲେ ହେବ ନାହିଁ, ତୁ ବାହାରି ପଡ଼ିଲୁ । ଟଙ୍କା ନେଇ ବଜାରରୁ ଜିନିଷ କିଣି ଦୁଇଟା ବସ୍ତାରେ ପକାଇଲୁ ।

× × × ×

[illegible] ହାଜିରିଲା ହରିଶ୍‌ । ଦାସଗୁପ୍ତ ଡାକ୍ତର ଖାନାକୁ । ଗଲି ଚିହ୍ନିବାକୁ ହେବ । ପଥ ଭୁଲିବ ବୋଲି ସରୋଜ ରାସ୍ତା ପର୍ଯ୍ୟନ୍ତ ଆସିଥାଏ । ଦୁହେଁ ଦୁହିଁଙ୍କୁ ଦେଖି ଖୁସି ହେଲେ । କଥାବାର୍ତ୍ତା ହୋଇ ପାଦ ଉଠାଇଲେ ଡାକ୍ତର ଖାନା ଅଭିମୁଖେ ।

ଅନେକ ଆନନ୍ଦରେ ମାତି ପଡ଼ୁଥାଏ ହରିଶ୍‌ । ପୁଅ ହୋଇଛି ସରୋଜ ଭାଇର, ପୁଣି ପ୍ରଥମ କରି, କେତେ ଆନନ୍ଦ ଉତ୍ସବ ଲାଗି ରହିବ ମଉସା ଘରେ କେତେ ଭଦ୍ରଲୋକ ଆସିବେ, କାମ ମଧ୍ୟରେ ମିଳିବ ନାହିଁ ଫୁରସତ୍ ।

ଫିମେଲ ୱାର୍ଡ୍ । ସରକାରୀ ଖଟିଆ । ସଂଜ୍ଞାହୀନ ଅବସ୍ଥାରେ ପଡ଼ି ରହିଛି ରତମା, କେତେ କଷ୍ଟ ପରେ ଭୋଲ ହୋଇଛି । ମାତୃ ଯନ୍ତ୍ରଣା ଜାଣି ନଥିଲା । ମା ହେବ । ସେତିକି ଆନନ୍ଦ, ସେତିକି କଷ୍ଟ ମଧ୍ୟ । ଏତେ ଯନ୍ତ୍ରଣା ମଧ୍ୟରେ ତାର ଜ୍ଞାନ ଫେରିଲା ନାହିଁ । ସେବା କରୁଛି ଗୋଟିଏ ଧାଇ । କଡ଼କୁ ଶୋଇଛି

ସଦ୍ୟ ଶିଶୁଟି । କାନ୍ଦୁଛୁ କୁଆଁ କୁଆଁ । ହତେ ଯେପରି ମାଆର ଅଜ୍ଞାନ ପାଇଁ ଦୁଃଖ କରୁଛୁ ।

ସରୋଜ ହରଣର ହାତଧରି ଭିତରକୁ ଟାଣିନେଲା । ଆଶ୍ଚର୍ଯ୍ୟ ହେଲା ହରଣ । ପାଦଟା ଥରି ଉଠିଲା । ପାତାଳକୁ ଖସିଗଲା ଭୂମିଟା, ଅନ୍ଧକାର ଦିଶିଲା ଦୁନିଆଁ । ଯେପରି ମୁନିଆଁ ଶାବଳଟାଏ ଛାତିରେ ଭୁଷି ଦେଲା କିଏ ? ହଠାତ୍ ତାର ପାଟିରୁ ବାହାରି ପଡ଼ିଲା—

ରତ୍ନମା, ତୁମେ ଏତେ ତଳକୁ ଖସି ଯାଇ ପାରିଲ ? ହରଣ ଆଉ କିଛି କହିବାକୁ ଯାଉଥିଲା, ପାରିଲା ନାହିଁ । ଗଛ କଟା ଡାଲ ପରି ପଡ଼ିଗଲା ଭୂମିରେ । ଫାଟିଗଲା ତାଳୁ । ଧାର ଛୁଟିଲା ରକ୍ତ । ପକ୍କା ଚଟାଣରେ ହେଲା ମଳା ମଳା । ଜ୍ଞାନ ହରାଇ ହରଣ ପଡ଼ିରହିଲା ତଳେ । ସରୋଜ ବୁଝି ପାରିଲା ହରଣ କେହି ନୁହେଁ । ରତ୍ନମାର ପ୍ରିୟତମ ସୁରେଶ । ରତ୍ନମା ପାଇଁ ସେ ଏତେ ଦିନଯାଏଁ ଲୁଚି ରହିଥିଲା, ହରଣ ଭାବରେ । ରତ୍ନମାକୁ ହଠାତ୍ ଦେଖି ବିକୃତ ଆସିଛି ମାନସିକରେ । ରତ୍ନମା ପାଇଁ ଆଜି ତାର ଏହି ଅବସ୍ଥା । ହେଲେ ବର୍ତ୍ତମାନ ଉପାୟ ? ଦୁଇଥର ହଲାଇ ଦେଲା ହରଣକୁ । ଅବାକ୍ ହେଲା ସରୋଜ । ବୋଲି ପଶିଲା ନାହିଁ ମଥାରେ । ଥମ୍ ଥମ୍ କଣ୍ଠରେ କହିଲା—

କଣ କରିବ ? କଣ କରିବ ? ?

ବିରକ୍ତ ହୋଇ ଉଠିଲା ନର୍ସ ସରୋଜର ଏପରି କଥାରେ । ଗର୍ଜି ଉଠି କହିଲା—ଆପଣ କଣ କରି ପାରିବେ ? ବୋକାଙ୍କ ପରି ହେଉଛନ୍ତି କଣ ? ଶୀଘ୍ର ଯାଇ ଡାକ୍ତରଙ୍କୁ ଡାକନ୍ତୁ । ଘଟଣାଟା ସିରିୟସ ଆଡ଼କୁ ଯାଉଛି । ହୁଏତ.....?

ସରୋଜ ଆଉ ଉତ୍ତରକୁ ଅପେକ୍ଷା ନକରି ପଳାଇଗଲା । ନର୍ସ ବସି ପାରିଲା ନାହିଁ । ଉଠି ଆସିଲା । ମୁଣ୍ଡଟିକୁ ଉଠାଇ ନେଲା ଚଟାଣରୁ । ରକ୍ତଟାକୁ ବନ୍ଦ କରିବା ପାଇଁ ଅନେକ ଚେଷ୍ଟା କଲା । ପାରିଲା ନାହିଁ । ସେ ମଧ୍ୟ ରକ୍ତରେ ଭିଜି ଗଲା । ଧାଇଟି ମନେ ମନେ ଭାବିଲା, ଆଉ କିଛି ସମୟ ପରେ ହୁଏତ ପିଲାଟି ଶେଷ ନିଶ୍ୱାସ ଛାଡ଼ିବ । ଏତେ ଗୁଡ଼ାଏ ରକ୍ତ ଶରୀରରୁ ଗଲେ ମନୁଷ୍ୟ କଣ ବଞ୍ଚି ପାରେ ! ଏତେ ଗୁଡ଼ାଏ ଘଟଣା ଘଟିଲା ପରେ ରତ୍ନମାର ଚେତନା ଏ ପର୍ଯ୍ୟନ୍ତ ଆସି ନଥାଏ ।

ଖବର ପାଇ ଦୌଡ଼ି ଆସିଲେ ଡାକ୍ତର । ପ୍ରମାଦ ଗଣିଲେ ମନେ ମନେ ପେସେଣ୍ଟଟିକୁ ଦେଖି ଦେଇ । ଜିଭଟା ବାହାରକୁ ବାହାରି ପଡ଼ିଲା । ଆଖି ଚାଲିଗଲା କପାଳକୁ । ସେ ଭାବିଲେ ଲୋକଟି ଜୀବନରେ ନଥିବ । ମଥାଟିକୁ ଭୂମି ଉପରୁ ଟେକି ଦେଲେ । ବାହାରିଗଲା, ଆହୁରି ଗୁଡ଼ାଏ ରକ୍ତ ଗଳ ଗଳ ହୋଇ । ସେ ଧର୍ଯ୍ୟହରା ହୋଇ ଦେଖିଲେ, ଧୀରେ ଧୀରେ ସ୍ନାୟୁ ଚାଲୁଛି । ଚଞ୍ଚଳ ହୋଇ କହି ପକାଇଲେ—ଶୀଘ୍ର ଡ୍ରେସିଂ ରୁମକୁ ନେଇ ଆସ ।

ସରୋଜ ଆଉ ସମ୍ଭାଳି ପାରିଲା ନାହିଁ । ଭୋ ଭୋ କାନ୍ଦି ପକାଇଲା ପିଲାଙ୍କ ଭଳି । ତାହାରି ପାଇଁ ଆଜି ଘଟିଲା ଏଇ ଦୁର୍ଘଟଣା । ସେ ଡାକ୍ତର ବାବୁଙ୍କର ହାତ ଧରିପକାଇ କହିଲା :

—ଡାକ୍ତର ବାବୁ ଆପଣ ବଞ୍ଚାନ୍ତୁ ।

—ଆପଣ ଏପରି ଅଧର୍ଯ୍ୟ ହେଲେ କିଛି ହୋଇ ପାରିବ ନାହିଁ । ଏପରି ପେସେଣ୍ଟ ଏଠାରେ ଭଲ ହୋଇ ପାରିବ ନାହିଁ । ତଥାପି ମୁଁ ଚେଷ୍ଟା କରି ବ୍ୟାଣ୍ଡେଜ କରୁଛି, କେବଳ ରକ୍ତ ଗୁଡ଼ାକ ବନ୍ଦ୍ କରିବା ପାଇଁ । କିନ୍ତୁ ଆପଣ ଭଦ୍ରକ କିମ୍ବା କଟକ ମେଡ଼ିକାଲକୁ ନେବାପାଇଁ ବନ୍ଦୋବସ୍ତ କରନ୍ତୁ । ତା ନ ହେଲେ ହୁଏତ............?

ସରୋଜ ଆଉ ଅପେକ୍ଷା କଲା ନାହିଁ ଡାକ୍ତରଙ୍କ କଥାକୁ । ଶୀଘ୍ର ପଳାଇଲା ଫୋନ କରିବା ପାଇଁ ।

.........

ବାପା ?

............

ଶୀଘ୍ର ଗୋଟାଏ ଟ୍ୟାକ୍ସି ପଠାନ୍ତୁ ।

.................

ଦରକାର ନେଇ, ତୁମ୍ଭେ ଯେତେ ଶୀଘ୍ର ପାର ଗୋଟାଏ ଗାଡ଼ି ପଠାଅ ।

.......................?

ଘଟିଛି । ଏତେ ଆଲୋଚନା ସମୟ ନାହିଁ । ତୁମ୍ଭେ ଶୀଘ୍ର ଗାଡ଼ି ପଠାଅ ।

............ ?

ଡାକ୍ତର ଖାନାକୁ ।

ନରେନ୍ଦ୍ର ବାପାଙ୍କର କଥାକୁ ଅପେକ୍ଷା କରି ପାରିଲା ନାହିଁ । କୋଳରେ ଶଯଭରଟାକୁ କଣ୍ଢେଇ ଦେଇ, ଡ୍ରେସିଂରୁମ ଆଡ଼କୁ ପାଦ ଉଠାଇ ଥିଲି ।

× × × ×

ସୁରେଶ୍ ଯେତେବେଳେ ଆଖି ଖୋଲିଲା, ଆଶ୍ଚର୍ଯ୍ୟ ହେଲା ମନେ ମନେ, ବିଶ୍ୱାସ କଲା ନାହିଁ, ନିଜକୁ ନିଜେ । ମୁଣ୍ଡରେ ବ୍ୟାଣ୍ଡେଜ ମନେପଡ଼ିଲେ ଛଟଫଟ ଲାଗିଲା । ବନ୍ଧା ହୋଇଛି ଖଟିଆରେ । ବାଟ ନାହିଁ ହଲିବାକୁ, ଖଟିଆ ଚାରି-ପାର୍ଶ୍ୱରେ ବାପା, ମାଆ, ସାର, ମଉସା ଆଉ ନରେନ୍ଦ୍ର ଭାଇ । ସମସ୍ତଙ୍କ ଆଖିରେ ଅଶ୍ରୁ । ଅନିମେଷ ନୟନରେ ଚାହିଁ ରହିଛନ୍ତି ତାକୁ ।

ଦାରୁଣ ଆଘାତ । ଯନ୍ତ୍ରଣାରେ ଛଟପଟ । କଣ କହିବାକୁ ଯାଉଥିଲା । ଶୁଖି ଗଲା ତଣ୍ଟିଟା । କଥାଟା ଅଟକି ଗଲା କଣ୍ଠ ଭିତରେ । ଆଖିରେ ଲୁହ ଆସିଲା । ହାତ ଠାରିଲା, ଟିକେ ପାଣି । ବ୍ୟସ୍ତ ହୋଇ ପଡ଼ିଲେ ସୁଷମା ଦେବୀ । ନିଜ ଆଖିରୁ ଲୁହ ପୋଛିବେ କଣ ? ପୁଅ ଆଖିରୁ ଲୁହ ପୋଛି, ଦୌଡ଼ି ଦୌଡ଼ି ଟିକିଏ ଲେମ୍ବୁ ପାଣି ନେଇ ପାଟିରେ ଦେଲେ । କୋମଳ କଣ୍ଠରେ ଡାକିଲେ—

—ସୁର, ସୁର !

—ଉଁ........

ଏତେ ଦିନେକେ ଧରା ପଡ଼ିଛି । ଛଦ୍ମ ବେଶଟା ଦୁନିଆଁ ଆଖିକୁ ଏଡ଼ାଇ ପାରିଲା ନାହିଁ । ସେ ଯେଉଁଠାରେ ଆଶ୍ରୟ ନେଇଥିଲା, ସେଇଠିହିଁ ରହିମାଟି ଶାସ୍ତ୍ରଦର । ଆଜି ପ୍ରିୟ ନରେନ୍ଦ୍ର ଭାଇ ହେଉଛନ୍ତି ନରମାରି.....? ସୁରେଶ ଆଉ ଭାବି ପାରିଲା ନାହିଁ । ଝଣ୍ଟିଆ ମୁଣ୍ଡଟା ଓଜନ ହେଲା । ବଦାଣ୍ଡି ହେଲା ଛାତିଟା । ଦୀର୍ଘ ନିଶ୍ୱାସ ଛାଡ଼ି ସୁରେଶ କହିଲା— ମାଆ ଏ ପର୍ଯ୍ୟନ୍ତ ତ ମୁଁ ବଞ୍ଚି ରହିଛି ।

ଫୁଲି ଉଠିଲ ଛାତିଟା । ସୁରଟ ଦେବୀ ମାଅ ଡାକ ଧାଉଛନ୍ତି, ଦୀର୍ଘଦିନ ପରେ ସୁରଠାରୁ । ଏତେ ଦୁଃଖ ମଧ୍ୟରେ ସେ ଗୋଟିଏ ଅଜଣା ଆନନ୍ଦ

ପାଇଲେ । ଅଧୀର ହୋଇ କହିଲେ—ତୁ କାହିଁକି ଏପରି ହେଉଛୁ ସୁର ? ସ୍ଥିର ହୋଇ ଶୋଇ ଯା ଏପରି ହେଲେ ଡାକ୍ତର ବାବୁ ପରା ରାଗିବେ ।

ଜୋତା ଶବ୍ଦ ଶୁଣି ଫେରି ଚାହିଁଲେ ସମସ୍ତେ । ଡାକ୍ତର ବାବୁ ଆସୁଛନ୍ତି । ଅଡ଼େଇ ହୋଇଗଲେ । ଚାହିଁ ରହିଲେ ଡାକ୍ତର ବାବୁଙ୍କୁ ଆକୁଳ ଭରା ନୟନରେ । ସମସ୍ତଙ୍କର ବିରସଭାବ ଦେଖି, ଡାକ୍ତର ବାବୁ ପଚାରିଲେ—କଣ ଚେତନା ଫେରିନାହିଁ ?

ଏକାବେଳେକେ ଆନନ୍ଦ ବିଭୋର ହୋଇ ସମସ୍ତେ କହି ପକାଇଲେ—ହଁ କଥା ବାର୍ତ୍ତା କଲଣି ।

ଆନନ୍ଦ ହେଲେ ଡାକ୍ତର ବାବୁ । ସାର୍ଥକ ହୋଇଛି ତାଙ୍କର ଶ୍ରମଟିକ । ବିଶ୍ୱାସ ନଥିଲା; ବଞ୍ଚିବ ବୋଲି । ଡାକ୍ତର ବାବୁ ଯାଇ ଦେଖିଲେ ଅବସ୍ଥାଟା ଟିକେ ଭଲ ଆଡ଼କୁ ଗତି କରିଛି । ଆଉ ସେପରି କିଛି ନୁହେଁ । ଆରୋଗ୍ୟ ହୋଇ ଯାଇ ପାରେ । ଏଣୁ ଆନନ୍ଦ ହୋଇ ଡାକ୍ତର ବାବୁ କହିଲେ—

ଏପରି ପେସେଣ୍ଟକୁ ମୃତ୍ୟୁ ମୁଖରୁ ଫେରାଇ ଆଣିବା, ମୋ କାର୍ଯ୍ୟ କାଳ ମଧ୍ୟରେ ଏହି ହେଲା ପ୍ରଥମ । ମୋର ଆଦୌ ବିଶ୍ୱାସ ନଥିଲା ଯେ ଏତେ ଶୀଘ୍ର କଥାବାର୍ତ୍ତା କରିବ ବୋଲି । ହେଲେ ତୁମ୍ଭେମାନେ ଏତେ ଆଉ ତା ନିକଟରେ ରୁହନାହିଁ । ତୁମ୍ଭ ମାନଙ୍କୁ ଦେଖିଲେ ତା ମନରେ ଦୁଃଖ ଆସିବ । ସେ କାନ୍ଦି ପାରେ । ଏହା ଫଳରେ ଯଦି ସିଲେଇ ଫାଟିଯାଏ, ସ୍ୱୟଂ ଭଗବାନ ଆସିଲେ ସୁଦ୍ଧା ଆଉ ବଞ୍ଚାଇ ପାରିବେ ନାହିଁ । ଦେଖିଲତ ଅବସ୍ଥା ଭଲ ଆଡ଼କୁ ଆସି ଗଲାଣି । କଥା ବାର୍ତ୍ତା ଆରମ୍ଭ କଲାଣି । ତୁମ୍ଭେମାନେ ବ୍ୟସ୍ତ ନ ହୋଇ ପଳାଇ ଯାଅ, ଜଣେ ଦୁଇଜଣ ରୁହ । ଆଉ ସେପରି କିଛି ଅସୁବିଧା ହେବ ନାହିଁ ।

ସରୋଜ ଝୁରି ହୋଇ କହିଲା—ଆଉ କେତେଦିନ ମଧ୍ୟରେ ସଂପୂର୍ଣ୍ଣ ଆରୋଗ୍ୟ ହେବ ?

ଆରୋଗ୍ୟତ ହେଲାଣି, ଏଣିକି ଆପଣ ଯେତେ ଟଙ୍କା ଖର୍ଚ୍ଚ କରିବେ । ସେତେ ଶୀଘ୍ର ଭଲ ହେବ । କିନ୍ତୁ ଗୋଟାଏ କଥା, ରକ୍ତ କିଛି ନଦେଲେ, ସେ ଏତେ ସହଜରେ ଚଲା ବୁଲା କରି ପାରିବ ନାହିଁ । କି ଶକ୍ତି ଏତେ ଶୀଘ୍ର ଆସିବ

ନାହିଁ । ଗୁଡ଼ାଏ ରକ୍ତ ଚାଲି ଯାଇଛି । ଏତେ ରକ୍ତ ଶରୀରରୁ ଗଲେ ମନୁଷ୍ୟ ବଞ୍ଚି ପାରେନା । ହେଲେ ପିଲାଟି ଭାଗ୍ୟ ବଳରେ ବଞ୍ଚି ଯାଇଛି । ଆପଣ କିଛି ଟଙ୍କା ବନ୍ଦୋବସ୍ତ କରି ରକ୍ତ ନେଇ ଆସନ୍ତୁ । ତା ନ ହେଲେ ଏତେ ଶୀଘ୍ର ଉଠି ପାରିବ ନାହିଁ । ଏହା କହି ଡାକ୍ତରବାବୁ ଚାଲିଗଲେ ।

ଅଧୀର ହୋଇ ପଡ଼ିଲେ ରତ୍ନାକର । ଡାକ୍ତର ବାବୁଙ୍କର ହତାଶିଆ କଥା ଶୁଣି । ପିଲଙ୍କ ଭଳି କାନ୍ଦି କାନ୍ଦି କହିଲେ—ସତରେ କଣ ମୁଁ ସୁରଜ ଫେରି ପାଇବି । ଶେଷରେ ମୋତେ ପତ୍ନୀ ଏଇ ଦୁଃଖ ଦେଖିବାକୁ ଥିଲା ।

ରତ୍ନାକରଙ୍କର ହତାଶ ଦେଖି ସୁମତି ଦେବୀ ଅସ୍ଥିର ପାରିଲେ ନାହିଁ; ତାଙ୍କ ଆଖିରେ ଲୁହ ଆସିଲା, ସରଳା, ସୁମତି ଦେବୀଙ୍କର ପିଠିରେ ମୁହଁଗୁଞ୍ଜି କାନ୍ଦି ପକାଇଲା । ବୀରୁ କାନ୍ଦ କାନ୍ଦ କଣ୍ଠରେ କହିଲା—

ବାପା ତୁମେ ଚିନ୍ତା କର ନାହିଁ, ଭାଇ ପାଇଁ ଆମକୁ ଟଙ୍କା ଦେଇ ରକ୍ତ କିଣିବାକୁ ପଡ଼ିବ ନାହିଁ, ମୁଁ ରକ୍ତ ଦେବି ।

ଆଶ୍ଚର୍ଯ୍ୟ ହୋଇ ରତ୍ନାକର କହିଲେ—ବୀରୁ ?

—ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ବାପା, ଭାଇ ପ୍ରତି ତୁମର ଯେତିକି ସ୍ନେହ ଅଛି, ମୋର ମଧ୍ୟ ସେତିକି ଭକ୍ତି ଅଛି, ଆମେ ପରା ଗୋଟିଏ ନଦୀର ଦୁଇଟି ଧାର । ଗୋଟିଏ ଭଣ୍ଡାରରୁ ଦୁଇଟି ଅଞ୍ଜଳିରେ ଅମୃତ ପାନ କରିଛୁ । ଭାଇ ଭଗାରି ହେଲେ ସୁଦ୍ଧା ସେ ମୋ ନିକଟରେ ପୂଜ୍ୟ, ନମସ୍ୟ ତାଙ୍କ ପାଇଁ ମୁଁ ଜୀବନ ଦେଇପାରେ ।

ବୈରାଗୀ ବାବୁ ରତ୍ନାକରଙ୍କୁ ବୁଝାଇ କହିଲେ, ଆଉ ଏତେ ଅଧୀର ହେବା ଦରକାର ନାହିଁ । ତୁମେ ଏଥର ଅଚିନ୍ତାରେ ଘରକୁ ଯାଅ । ସମସ୍ତେ ପଳାଇ ଆସିଛ, ଘରକଥା ଚିନ୍ତା କର ନାହିଁ । ମୁଁ ଥରେ କହିଚି ହରି ମୋର ସହୋଦର ପରି ଗୋଟିଏ ପୁଅ । ତାହାପାଇଁ ଯାହା ଦରକାର ସେ କଥା ମୁଁ ବୁଝିବି । ତୁମର ଯଦି କିଛି ଟଙ୍କା ପଇସା ଦରକାର ତୁମେ ନେଇ ଯାଅ । କିନ୍ତୁ ଗୋଟିଏ କଥା ଏକୋଇଶିଆକୁ ନିଶ୍ଚୟ ଆସିବ ।

—ନା ଟଙ୍କାରୁ ମୋର କଣ ମିଳିବ, ସୁରୁ ଚିନ୍ତା ତୁମକୁ ଲାଗିଲା, ଆମେ ଯାଉଛୁ, ବୀରୁ ଏକା ରହୁ ।

ସୁମତୀ ଦେବୀ କହିଲେ—କାହିଁକି ? ଘର ଏକୁଟିଆ ରହିବ । ଭଲ, ମନ୍ଦ, ସୁବିଧା, ଅସୁବିଧା ଅଛି । କେତେବେଳେ ବଜାରକୁ ଯିବ, ଆଉ କେତେ କଣ । ସବୁ ମଧ୍ୟ ରହୁ । ଦୁଇ ଚାରିଦିନ ପରେ ପଳାଇବ । ହେଲେ ବାପ ସରୋଜ, ତତେ କେବଳ ସୁରୁ ଚିନ୍ତା ଲାଗିଲା । ଯଦି କିଛି ହୁଏ, ମଟିରେ ଖବର ଦେବୁ ।

—ମାଉସୀ ତୁମେ ଚିନ୍ତା କରନାହିଁ । ଯେତେ ଟଙ୍କା ଖର୍ଚ୍ଚ ହେଲେ ସୁଦ୍ଧା ହରକୁ ଆମ୍ଭେ ଅନାଦର କରିବୁ ନାହିଁ । ଆମ୍ଭେ ଆଉ ଡାକିବାକୁ ଯାଇ ପାରିବୁ ନାହିଁ । କାମ ଦୁଇଦିନ ପୂର୍ବରୁ ସମସ୍ତ ଛୁଆପିଲା ନେଇ ଓଗ୍ରାଲୀରେ ପହଞ୍ଚିବ । ତୁମ୍ଭଙ୍କୁ ରଣ ରହିଲା ।

—ନାରେ ବାପ ରଣ ନସୁମ ପକା ନାହିଁ, ଆମେ ଆସିବୁ ।

—ଆରେ ସରୋଜ, ମୁଁ ଯାଉଛି ମିଲକୁ । ତେଣେ ଦେଖେ । ତୁ ମାଉସୀ, ଆଉ ମଉସାଙ୍କୁ ନେଇଯା ଖୋଇ ପେଇ ଗାଡିରେ ବସାଇଦବୁ ।

× × × ×

ଘରର ପାଦତଳକୁ ବସିଥିଲା ସରଳା । ତରୁଣୀ ସେ । ଶିକ୍ଷିତା, ସୁନ୍ଦରୀ । ଲଜ୍ଜା ଯାଇଛି କଣୋଇ ଚପଳତା । କେତେ ନୂଆ ଆଶା····· । ବସା ବାନ୍ଧି-ଲାଣି ମନେମନେ । ତରୁଣୀ ଜୀବନଟାକୁ ସେ ଅନୁଭବ କଲାଣି । ଆଖିରେ ନାଚିଲାଣି ଅଳସ । ପରଶ ପାଇଁ ସରସ ହେଲାଣି ମନଟା । ନ ହେବ ବା କିପରି ? ବୟସ ତ ହେଲାଣି ।

ବସି ଭାବୁଥିଲା । ସରୋଜ ବାବୁଙ୍କର ଆତ୍ମପ୍ରୀତି ଏତେ ଦାନ କାହିଁକି ? କେଡ଼େ ଭଦ୍ରଲୋକ ସେ ? କେଡ଼େ ସୁନ୍ଦର ତାଙ୍କର ବ୍ୟବହାର । କେଡ଼େ ମଧୁର ତାଙ୍କ ଭାଷା । ଆଉ ଭାବି ପାରିଲାନାହିଁ ସରଳା । ସରୋଜକୁ ଦେଖି ଝାଉଁଇ ପଡ଼ିଲା । ପଣତଟାକୁ ଉଠାଇ ସଜାଡି ପକାଇଲା । ସରୋଜ ଏକ ଧ୍ୟାନରେ ଚାହିଁ ରହିଥାଏ ସରଳାକୁ । କଣେଇଁ ଚାହିଁଲା ସରଳା । ଆଖିରେ ଆଖି ଲାଗିଗଲା । ମିଳନ ହେଲା ଚାରି ଚକ୍ଷୁର । ଚାହିଁ ପାରିଲା ନାହିଁ ସରଳା । ଶରମରେ ଲାଲିମା ଆସି ଠୁଳ ହେଲା ମୁହଁରେ । ଦେହଟା ସିର୍ ସିର୍ ହେଲା । ବୁକୁତଳେ, ଭୁଙ୍କିମାରିଲା, ଗୋଟାଏ ନୂଆ ଆଶା । ମୁହଁଟାକୁ ପୋତିଦେଲା ।

ଶିହରି ଉଠିଲା ସରୋଜ । ସରଳାର ଏପରି ଢଙ୍ଗରେ । ତରୁଣ ସେ । ବିବାହ କରିଛି । କିନ୍ତୁ······। ଟହଲି ଗଲା ମନଟା । ଝଳି ପଡ଼ିଲା, ସଂଯମ ସେତୁ । କେଉଁ ଅଜଣା କୋଣରେ ଜାଗି ଉଠିଲା । ପଦେ କଥା, ଶୁଣିବା; ତା ତୁଣ୍ଡରୁ । ବିହ୍ୱଳ ହୋଇ ସରୋଜ ପଚାରିଲା—

—ଖାଇ ଜଣ ଏମିତି, ବଜାରରୁ ଫେରିନାହିଁ ?

ଗୋଟାଏ ଖିଆଲରେ, ହସ ହସ ମୁହଁରେ ସରଳା କହିଲା—ନାଁ ।

ଆନନ୍ଦ ହେଲା ସରୋଜ । ମିଳେଇଗଲା କ୍ଷଣକେ କୋଣେ । ବନ୍ଧ ଉଠିଲା ଶିରା, ପ୍ରଶିରା । ଗୋଟାଏ ଅକ୍ଷର । ନା ! ତାହାରି ମଧ୍ୟରେ ଏତେ ଆନନ୍ଦ । ଏ ସନ୍ଦେହ ଯେପରି କୁହୁକ······ଧୈର୍ଯ୍ୟ ହେଲା ସରୋଜ । ଆଉ ଦୁଇ ଚାରିପଦ କଥା ହେଲେ······ନାକାଳ ବିଳମ୍ବ ନ କରି ସରୋଜ ରସିକତା ଫୁଟାଇ, କଥାର ଛବି ବଦଳାଇ କହିଲା—

ତୁମ୍ଭେ କିଛି ଖାଇନାହିଁ ବୋଧେ······?

························

ମୋତେ ଲାଜ କରୁଛ ? ନା ମୋ ପରିଶିବାଟା ଭୁଲ୍ ହୋଇଛି ?

ଛାଉଁଳି ପଡ଼ିଲା ସରଳା, ହୃଦୟ ଶିହରା କଥାରେ । ନହୁଲା ଛନ୍ଦରେ ପାରିଲା ମହଲ । ମୁହଁ ଝେକ ଚାହିଁଲା । ଏତେଗୁଡ଼ାଏ କଥା ଶୁଣି ନୀରବ ରହିବ କପରି ? କଣ ବା ଉତ୍ତର ଦେବ ? ସରୋଜ ସରଳାର ମୁହଁକୁ ଚାହିଁ ଅନୁମାନ କଲା, ସରଳା ଚଞ୍ଚଳ ହୋଇ ଉଠିଛି ତା କଥାରେ । ସେ ସରଳା କଥାକୁ ଉପେକ୍ଷା ନକରି କହିଲା—ତା ହେଲେ ମୁଁ ବଜାରରୁ ଜଳଖିଆ ମଗାଇ ଦେଉଛି ?

ଏଥର ସରଳା ସମ୍ଭାଳି ପାରିଲା ନାହିଁ । ତରୁଣ ଆଉ ତରୁଣୀ ନବଜନର କାଇଦାଟାକୁ କଳନା କରିନେଲା । ବୟସ ତ ହୋଇଛି । ଗୋଟାଏ ତରୁଣ ନିକଟରୁ ଏତେଗୁଡ଼ାଏ ହୃଦୟ ଶିହରା କଥା ଶୁଣି ତରୁଣୀଟି କଣ ନୀରବରେ ରହିପାରେ ? ସରଳା ଭାବିଲା, କହିନା, କିଛି ଉତ୍ତର ନ ଦେଲେ ସରୋଜ ବାବୁଙ୍କର ତରୁଣ ପ୍ରାଣରେ ଆଘାତ ଆସିବ । ସରମକୁ ଭୁଲିଗଲା । ଉନ୍ମାଦନା କଣ୍ଠରେ ହସି, ହସି କହିଲା—ଆପଣ ମୋ ପାଇଁ ଏତେ ବ୍ୟସ୍ତ ହୁଅନ୍ତୁ ନାହିଁ ।

ଆପଣଙ୍କ ଦୟା ଆଉ ଦାନରେ ଆଜି ଆମେ, ଆମର ଭାଇଙ୍କୁ ଫେରି ପାଇଛୁ ଏହାହିଁ ଯଥେଷ୍ଟ ।

ଫୁଲି ଉଠିଲା ଓଷ୍ଠଦ୍ୱୟ ସରୋଜର । ସରଳାର ମହୁଲିଆ କଥା ପଦକ ଶୁଣି ସରୋଜ ଅନୁମାନ କଲା, ସରଳା ଗୋଟିଏ ନାୟିକାଭଳି କଥା କହିବାର ଢଙ୍ଗକୁ ଅନୁକରଣ କରିଛି । ସେ ଆନନ୍ଦ ଉଲ୍ଲସିତ ହୋଇ କହିଲା—ମୁଁ ତ କିଛି ସ୍ଥିର କରିନାହିଁ । ମାନବ ଧର୍ମର ବାସ୍ତବତାକୁ ହିଁ ଅନୁକରଣ କରିବା, ପ୍ରତ୍ୟେକ ମାନବର ଧର୍ମ ଆଉ କର୍ତ୍ତବ୍ୟ । ମୁଁ ମଧ୍ୟ ସେଇଆ କରିଛି ।

ଚଞ୍ଚଳ ହୋଇ ଉଠିଲା ସରଳା, ସରୋଜର ଭାବ ପ୍ରବଣ କଥାରେ । କି ସନ୍ତୋଷ ଜନକ ଉତ୍ତର ଦେବ, ସ୍ଥିର କରି ପାରିଲା ନାହିଁ ମନ ମଧ୍ୟରେ । ଆଖିରେ ଭରି ଆସିଲା ମାଦକ । ଅଧରରେ ଉଙ୍କି ମାରିଲା, ପାତଳା ହସ ଟିକିଏ । କଣେଇଁ କଣେଇଁ ଚାହୁଁଥାଏ ସରୋଜକୁ ।

ସରଳାର ଏପରି ଢଙ୍ଗରେ ସରୋଜର ଲୋଭିଲା ଆଖି ଦୁଇଟା ଫେରିଲା ନାହିଁ । ମାଦକ ଭରା ଚାହାଁଣିରେ ସରୋଜ, ଚାହିଁ ରହିଥାଏ । ସରଳାର ଉଛୁଳିଆ ଯୌବନ, ନଟୋଳ ବାହୁ, ବନ୍ଧୁଲି ଅଧରକୁ, ଉତ୍ତର ଅପେକ୍ଷାରେ । ଶତ ସ୍ୱପ୍ନର ଉଜାଣି ସ୍ରୋତରେ ଅମାନିଆ ମନ ତାର ଭାସି ବୁଲିଲା ।

ସନ୍ଧ୍ୟା ସୂର୍ଯ୍ୟଙ୍କର ନାଲି କିରଣ ଗୁଡ଼ିକ, ହସପିଟାଲର ବାତାୟନ ମଧ୍ୟରେ ପ୍ରତିଫଳିତ ହୋଇ, ସରଳାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିବା ସଙ୍ଗେ ସଙ୍ଗେ ସରୋଜର ତୃଷ୍ଣ ହୃଦୟରେ ଭରି ଦେଇଥିଲା; ଶତ ଉନ୍ମାଦନାର ଶିହରଣ ।

ସେ ଚାହିଁଥିଲା ଅନେକ କଥା........... ।

× × × ×

କୋଳାହଳରେ ପୂରି ଉଠିଛି, ବୈରାଗୀ ବାବୁଘର । କାଲି ହେବ ନବଜାତ ଶିଶୁର ନାମ କରଣ ଉତ୍ସବ । ବୈରାଗୀ ବାବୁଙ୍କର ଅନୁରୋଧ କ୍ରମେ ଆତ୍ମୀୟ ମାନେ ପୂର୍ବଦିନରୁ ଆସିଲେଣି । ନିମନ୍ତ୍ରିତ ମଧ୍ୟ ନିଜର ଝିଅ ପିଲା ସହିତ ପୂର୍ବ ଦିନରୁ ପହଞ୍ଚିଛନ୍ତି ।

ସୁମତୀ ଦେବୀ, ଆଜି ରତ୍ନାକରକୁ ଦେଖି ରତ୍ନମା ମନରେ ଯେତିକି ସନ୍ଦେହ ପିଲାଟିକୁ ଦେଖି ସେତିକି ଦୁଃଖ । ପିଲାଟିକୁ ଚାହିଁ ଭାବୁଛି ପଛଲା କଥା । ଠିକ୍

ତାଙ୍କର ମୁହଁ । ତାଙ୍କର ଗଠନ ଚେହେରା । ସେ ଯଦି ଆଜି ପାଖରେ ଆନ୍ତେ,··· ଉତମା ଆଜି ଭାବିପାରେ ନାହିଁ । କୋଧଟାକୁ ସମ୍ଭାଳି ନିଏ ମନ ଭିତରେ । କିପରି ଏତେ ଲୋକଙ୍କ ସମ୍ମୁଖରେ ନିଜର ଦୁର୍ବଳତାଟାକୁ ଦେଖାଇବ । ଏତେ ସୁଖ ମଧ୍ୟରେ ଦୁଃଖ ଦେବ । ସବୁ ଦୁଃଖକୁ ଗୁପି ରଖିଛି । ମନରେ ସରାଗ ନାହିଁ ।

ସନ୍ଧ୍ୟା ହେଲଣି ସରୋଜ ଏଯାଏଁ ଆସିନାହିଁ । ସମସ୍ତଙ୍କ ମନରେ ଦୁଃଖ । ସମସ୍ତେ ଗୋଟିଏ ଘରେ ବସି ଆଲୋଚନାରେ ବ୍ୟସ୍ତ । ବୃଆଟିକୁ ଦେଖି ସୁମତୀ ଦେବୀ ଖୁସି ହୋଇ ଯାଇଛନ୍ତି । କିନ୍ତୁ ସୁକାନ୍ତି ଦେବୀ ସୁମତୀ ଆଉ ଉମାକାନ୍ତ ବାବୁ ରତ୍ନାକରଙ୍କୁ ଦେଖି ଘୃଣାରେ ନାକ ଟେକୁଛନ୍ତି । ରାଗରେ ଜଳି ଯାଉଛନ୍ତି ମନେ ମନେ, କହିବେ ବା କଣ ? ଉପରକୁ ଛେପ ପକାଇଲେ ମୁହଁରେ ପଡ଼ିବ । ତେଣୁ ମନ କଥାକୁ ଚୁପି ରଖିଛନ୍ତି ମନରେ ।

ସରଳାର ବ୍ୟବହାରରେ ଖୁସି ହୋଇଛନ୍ତି ମାଳତୀ ଦେବୀ । ମାତ୍ର ଦୁଇଦିନ ରହିଲେଣି ବାନ୍ଧି ପାରିଛି ସରଳା ସମସ୍ତଙ୍କୁ ନିଜର ଅନ୍ତଡ଼ା ସ୍ନେହ, ସୁହାଗରେ । ପରକୁ ଆପଣାର କରି ପାରିଛି ନିଜର ସେବାରେ । ସରଳା ଉପରେ ମାଳତୀ ଦେବୀ ଭାରି ଖୁସି । ଆଲୋଚନା କରୁ, କରୁ, ମାଳତୀ ଦେବୀ ହୃଦ୍‌କଣ୍ଠାର ସହିତ କହି ପକାଇଲେ ମୋର ଯଦି ଆଉ ଗୋଟିଏ ପୁଅ ଥାଆନ୍ତା, ତାହେଲେ ମୁଁ ସରଳାକୁ ନିଶ୍ଚୟ ବୋହୂ କରିଆନ୍ତି । ସରଳା ଲାଜେଇ ଗଲା ।

ଦୁଆରରୁ ଏକଥା ଶୁଣି ଚମକି ପଡ଼ିଲା ସୁରେଶ । ସରୋଜ ତାର ହାତ ଧରି ଘରକୁ ଆଣୁଛି । ସୁରେଶର ଇଚ୍ଛା ନାହିଁ । ହେଲେ ସରୋଜ ଛାଡ଼ୁ ନାହିଁ । ସରୋଜ ଆଉ ସୁରେଶକୁ ଦେଖି ସମସ୍ତେ ଚମକାଇଲେ । ସରଳା ସରୋଜ ଆଡ଼େ ଚୁହିଁ ମୁହଁରେ ପଣତଟାକୁ ଚାକି ଧରିଲା ଭାଇଙ୍କୁ ଦେଖି ରହି ପାରିଲା ନାହିଁ, ପଳାଇଗଲା । ସରୋଜ ସୁରେଶର ହାତଧରି ଘରକୁ ଟାଣି ନେଇ କହିଲା–

—ଭିତରେ ଘରକୁ ଆସୁନାହୁଁ । ତତେ କଣ କିଏ ମନା କରୁଛି, ଲାଜକଣ ଏଟା କଣ ତୋର ପୁଅ ନୁହେଁ ।

ଠପ୍ ଠପ୍ ହୋଇ ଦୁଇଧାରେ ଲୁହ ତଳକୁ ବୋହିଗଲା । ସୁରେଶ ଆଖି ମଳି, ମଳି ଭିତରକୁ ପାଦ ଦେଲା ।

ଚମକି ପଡ଼ିଲା ରତ୍ନମା । ସୁରେଶଙ୍କୁ ଏପରି ଅସମୟରେ ଦେଖିବ, [illegible] ବିଶ୍ୱାସ କରି ନଥିଲା । କାନ୍ଦି ପକାଇଲା, ଭୋ ଭୋ ହୋଇ । ଘଟଣା କଣ ଜାଣିବା ପାଇଁ ଆସି ସବୁ ଜମା ହୋଇ ଗଲେ । ସୁରେଶ ଅ.ଜ ଠିଆ ହୋଇ ପାରିଲେ ନାହିଁ । ପଳାଇ ଆସୁଥିଲା ବାହାରକୁ ।

ସରୋଜ, ତାର ହାତଧରି ପକାଇ କହିଲା, ପ୍ରିୟ ସୁରେଶ, ଦୁଃଖ କରି-ବାର ଲଭନାହିଁ । ହରିଶ୍ ନାମରେ ଛଦ୍ମ ବେଶ ଧରି ଗୁଡ଼ାଏ ଜୀବନକୁ ତୁମେ ଦୁଃଖ ସାଗରକୁ ଠେଲି ଦେଇଛ । ମୋର ଦୋଷ କ୍ଷମା କରି ତୁମେ ଏଥର ତୁମର ସତୀ ସ୍ତ୍ରୀ ରତ୍ନମାକୁ ଗ୍ରହଣ କର । ଯାହା ପାଇଁ ତୁମର ଏତେ ଦଶା, ତାକୁ ହିଁ ଗ୍ରହଣ କରି ଏଥର ସୁଖି ହୁଅ ।

ସରୋଜଠାରୁ ଏପରି କଥା ଶୁଣିବ, ସୁରେଶ ବିଶ୍ୱାସ କରି ନ ଥିଲା । ନିଜକୁ ଭୁଲିଗଲା ସୁରେଶ । ଆଖିରେ ଅଶ୍ରୁ ଆସିଲା ଜାଣେନା ଆନନ୍ଦ [illegible] ବିଷାଦ ଅଶ୍ରୁ । ସେ ଖାଲି ନିର୍ବୋଧଙ୍କ ପରି ଚାହିଁ ରହିଲା ସରୋଜକୁ । [illegible] ବାବୁ ଆଶ୍ଚର୍ଯ୍ୟ ହେଲେ ସୁରେଶଙ୍କୁ ଦେଖି । ଜଭଟା ଚୁପି ହୋଇଗଲା, ଭାବି-ଲେ । ରାଗଟା ତାଙ୍କର ଖୋଲଣା ଥିଲା ସୁରେଶ ଉପରେ । ମନେ ମନେ ସା- ଖାଇଲେ । ହେଲେ କହିବେ କଣ ? ସରୋଜ କାହାରି କଥାକୁ ଅପେକ୍ଷା ନକରି ଆରମ୍ଭ କଲା—

ସୁରେଶ ତୁମେ ମୋତେ ଭୁଲ ବୁଝନା । ଅନାଦର କରନାହିଁ, ତୁମରି ଅମୂଲ୍ୟ ରତ୍ନଟିକୁ । ଜାଣିରଖ ସୁନା କେବେ ପିତଳ ହୁଏନା । ଚନ୍ଦନରେ କେବେ ମାଛି ବସେନା । ଦୁନିଆଁ ଜାଣେ ରତ୍ନମା ମୋର ସ୍ତ୍ରୀ କିନ୍ତୁ ତାର ପ୍ରତି-ଦାନରେ ମୁଁ ପାଇଛି କଣ ଜାଣ, ଠିକ୍ ଭାଇ ଭଉଣୀର ଅନାବିଳ ପ୍ରେମ । ବୁଝୁ…ଲା ସ୍ନେହ; ସୁହାଗ ସହାନୁଭୂତି । ଆଉ ମଧ୍ୟ ପାଇଛି ପ୍ରାଣ ଖୋଲା ସେବା ତୁମେ ତାଙ୍କୁ ଭୁଲ ବୁଝନା । ସେ ସତୀ, ସାବିତ୍ରୀ, ପତିବ୍ରତା । ଏ ପର୍ଯ୍ୟନ୍ତ, ମୁଁ ତାଙ୍କର ରୋମ ସୁଦ୍ଧା ସ୍ପର୍ଶ କରିନାହିଁ । ଏ ଯେଉଁ ସଦ୍ୟ ଶିଶୁଟି ହୋଇଛି, ଏ ହେଉଛି ତୁମରି ପ୍ରତିଛବି । ତୁମର ମଧୁର ମିଳନର ସନ୍ତକ । ଏଥିରେ ମୋର ରେଖାଏ ମାତ୍ର ଦାଗ ନାହିଁ । ଏତେଦିନଯାଏ ଭଗବାନ ତୁମକୁ ବିଚ୍ଛେଦ କରି ରଖି-ଥିଲେ । ରତ୍ନମାର ଭକ୍ତି ଆଜି ନିଷ୍ଠାରେ ଭଗବାନଙ୍କର ପାଷାଣ ହୃଦୟ ତରଳି

ସିବା, ସଙ୍ଗେ ସଙ୍ଗେ ହୃଦୟକୁ ଦେବତାକୁ ଟାଣି ଆଣିଛୁ ନିଜ ନିକଟକୁ । ତୁମ୍ଭେ ଭୂମିରେ ପଡ଼ି, ନିର୍ବୋଧ ପରି ସତୀ, ସାବିତ୍ରୀଙ୍କୁ ଆଉ ଅନାଦର କରନାହିଁ । ଏତିକି କହୁଁ କହୁଁ ରତମା କୋଳରୁ ଛୁଆଟିକୁ ଆଣି ସରୋଜ ଗୁଞ୍ଜି ଦେଲା ସୁରେଶ ହାତରେ ।

ଏଥର ସମସ୍ତଙ୍କ ଆଖିରେ ଆସିଲା ଅଶ୍ରୁ । ବୈରାଗୀ ବାବୁ ଆଶ୍ଚର୍ଯ୍ୟ ହେଲେ ସରୋଜର କଥାରେ । ଅଶ୍ରୁପୂର୍ଣ୍ଣ ଚକ୍ଷୁରେ ଗର୍ଜି ଉଠି କହିଲେ ସରୋଜ..... ଆଉ କିଛି କହିବା ଆଗରୁ, ସରୋଜ କଥା ଛଡ଼େଇ କହିଲା—

'ବାପା, ଦୁଃଖ କରି ଲାଭ ନାହିଁ । ତୁମ୍ଭେ ତ ଅନେକ ଥର କହିଛ ସୁରେଶ ତୁମ୍ଭର ପୁଅ ବୋଲି । କିନ୍ତୁ ଆଜି ଠାରୁ ଜାଣ ସେ ନିଶ୍ଚୟ ନୁହେଁ ସୁରେଶ । ଆଉ ତୁମ୍ଭର କୁଳବଧୂ ରତମାର ସ୍ୱାମୀ, ଦେବତା । ଆଉ ମୋର ଆଦରର ଭାଇ । ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । କପାଳର ଫଳ, ଆଉ ଭଗବାନଙ୍କର ଖେଳ । ଏହାରି ମଧ୍ୟରେ ଗଢ଼ି ଉଠେ ସୁନା ସଂସାର ।

ରମାକାନ୍ତ ବାବୁ ସମ୍ଭାଳି ପାରିଲେ ନାହିଁ । ପଗଡ଼ି ବାହାରି ପଡ଼ିଲା ମଥାରୁ । ଅଶ୍ରୁପୂର୍ଣ୍ଣ ନୟନରେ ଗର୍ଜି ଉଠି କହିଲେ—ସରୋଜ, ତୁମ୍ଭେ କଣ ତୁମ୍ଭ ଆମ୍ଭ ମଧ୍ୟରେ ଚିରଦିନ ପାଇଁ ଯେଉଁ ବନ୍ଧୁତ୍ୱ ଥିଲା, ତାକୁ ଛିନ୍ନ କରିବାକୁ ଚାହୁଁ ?

ନା ବାପା, ମୁଁ ତାହା ଚାହେଁ ନାହିଁ । କିନ୍ତୁ ତୁମ୍ଭେ ମଧ୍ୟ ଜାଣିବା ଦରକାର ଯେ ଭଲ ପାଇବାର, ଅନାବିଲ ଆକର୍ଷଣ ନିକଟରେ ଧନୀ, ଦରିଦ୍ର, ତଥା, ଉଚ୍ଚ ନୀଚର ଭେଦଭାବକୁ ନେଇ ତୁଳନା କରାଯାଇ ପାରେନା । ତୁମ୍ଭର ଟିକିଏ ଭୁଲରେ ଦୁଇଟି ଅମୂଲ୍ୟ ଜୀବନ, ଦୁଃଖ ଦରିଆର ଲୁଣି ସ୍ରୋତରେ ଭାସି ଯାଉଥିଲେ ।

ଦଇବ ଡିଙ୍ଗି ଆଜି ଆଣି ତାଙ୍କୁ କୂଳରେ ଲଗାଇଛୁ, କେଡ଼େ କରୁଣ । ତୁମ୍ଭେ ଦୁଃଖ ନକରି ଆନନ୍ଦ ଅନୁଭବ କର । କିନ୍ତୁ ତୁମ୍ଭ ଆମ୍ଭର ବନ୍ଧୁତାକୁ

ବନ୍ଧୁତ୍ୱ ରକ୍ଷିବା ପାଇଁ ମୁଁ ମୋର ଏକମାତ୍ର ଭଉଣୀ ସରୋଜିନୀଙ୍କୁ, ମୋର ପ୍ରିୟ ବନ୍ଧୁ ଶ୍ରୀକାନ୍ତ ହାତରେ ଅର୍ପଣ କଲି । ଏତିକି କହି ସରୋଜ, ସରୋଜିନୀର ହାତ ଶ୍ରୀକାନ୍ତ ହାତକୁ ଛନ୍ଦିଦେଲା । ସରୋଜିନୀ ସରମରେ ମୁହଁ ପୋତିଦେଲା । କେହି ପ୍ରତିବାଦ କଲେ ନାହିଁ ।

ଏଥର ଉମାକାନ୍ତ ବାବୁଙ୍କ ରାଗଟା ମିଳେଇ ଗଲା ପାଣି ପରି । ସେ ନିଜର ଭୁଲ ବୁଝିପାରିଲେ । ରତ୍ନାକର ଆଡ଼େ ଚାହିଁ କହିଲେ-ଭାଇ ରତ୍ନାକର, ମୋର ସବୁ ଗର୍ବ ଆଉ ଅହଙ୍କାର ଆଜି ଧୂଳି ହୋଇଛି । ତୁମ୍ଭେ ମୋତେ କ୍ଷମା ଦିଅ । ଏତିକି କହି ଉମାକାନ୍ତ ବାବୁ ରତ୍ନାକରଙ୍କର ହାତ ଧରି ପକାଇଲେ ।

ହସି ହସି ରତ୍ନାକର କହିଲେ—ସେ ସବୁ ଭଗବାନଙ୍କର ଲୀଳା । ଯାହା ହେବାର ଥିଲା ହୋଇଗଲା । ପୂର୍ବକଥାକୁ ମନେ ପକାଇ ଦୁଃଖ କରିବା ମୂର୍ଖତାର ଅବିବେକତା ।

ସୁରେଶ ଆନନ୍ଦରେ ଫାଟି ପଡ଼ିଲା । ଲକ୍ଷେ ପ୍ରଶଂସା କଲା ସରୋଜକୁ । ତଥାପି ତାର ପ୍ରାଣଟା ହା ହା କାର କଲା, ସେ ଚାହିଁଲା, ବୈରାଗୀ ବାବୁ, ମାଳତୀ ଦେବୀଙ୍କ ଆଖିରୁ ଲୁହ ବନ୍ଦ ହୋଇ ନାହିଁ । କିଏ କହି ସନ୍ତୋଷ ଦେବ ତାଙ୍କୁ । କିଏ ବା ଦେଇ ତୁଟିବ ତାଙ୍କ ଋଣ । ଆଖି ଫେରାଇଲା ସରୋଜ ଆଡ଼େ ସରୋଜର ଲୋଭିଲା ଆଖି ଦୁଇଟି ସମସ୍ତ ଏଡ଼ାଇ ଧାଇଁ ଯାଉଛି ସରଳା ନିକଟକୁ । ଅଧୀର ହେଲା ସୁରେଶ । ଚକ୍ଷୁ ହେଲା ଉଜ୍ଜ୍ୱଳ । ଅନ୍ତର ତଳେ ଝଙ୍କି ମାରିଲା ଗୋଟାଏ ନୂଆ ଆଶା । ନିଜର ଶିଶୁଟିକୁ ବଢ଼ାଇଦେଲା ସରଳା ହାତକୁ ସରୋଜକୁ କୁଣ୍ଢାଇ ପକାଇ କହିଲା—

—ପ୍ରିୟ ସରୋଜ, ତୁମର ମୋ ପ୍ରତି ଯେଉଁ ଦାନ, ତାହା ମୁଁ ଜୀବନରେ ଭୁଲି ପାରିବି ନାହିଁ । ତୁମ୍ଭେ ଜୀବନ ବଦଳରେ ଦେଇଛ ଜୀବନ । ତୁମ୍ଭେ ମୋର ଚିରବନ୍ଧୁ । ଏହି ବନ୍ଧୁତ୍ୱକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ମୁଁ ମୋର

ଏକମାତ୍ର ଭଉଣୀ ସରଳାକୁ ରତ୍ନହାର କର କମଳରେ ଟେକି ଦେଲ, ଏହା ହିଁ ରକ୍ତ ଦାନର ଉପଯୁକ୍ତ ପ୍ରତିଦାନ ।

ଆନନ୍ଦରେ ଅଧୀର ହେଲେ ସମସ୍ତେ । ଭୁଲି ଯାଇଥିଲେ "ଅଭୁଲା ଅତୀତ"କୁ

ବାଜ ଉଠିଲା, ଢୋଲ, ଆଉ ମହୁରୀ । ଶୁଭ ଶଙ୍ଖର ମଙ୍ଗଳ ଧ୍ୱନି ମଧ୍ୟରେ ହୁଳ, ହୁଳିର କୋଳାହଳ ମିଳେଇ ଯାଉଥିଲା ଆକାଶ ଗର୍ଭରେ । ତାପରେ.....................?

...ଗତ ଯୁବକ ସଂଘ, ସକ...
ପାଠାଗାର
...୫୨୦୨୬...
...18.2.76...

ଶେଷ

ମୁଦ୍ରାକର—ଶ୍ରୀ [illegible]
ଶ୍ରୀ [illegible] ପ୍ରେସ, [illegible]—କଟକ [illegible]